R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୩୧୮
ତିଥି : ତୃତୀୟା
୨୬ ଅଗଷ୍ଟ ୨୦୨୫, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ
SAMAYA
ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 318
26 Aug 2025, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ବୈତରଣୀ ବନ୍ୟା

# ପାଣିଘେରରେ ଶତାଧିକ ପରିବାର

- ବହୁ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ
- ୪ ପଞ୍ଚାୟତର ୨୫ ସ୍କୁଲକୁ ଛୁଟି
- ୧୮୪୩୩ ଜଣ ଲୋକ ପ୍ରଭାବିତ
- ୬୧୯୧ ଜଣଙ୍କୁ ସ୍ଥାନାନ୍ତରିତ



ଭଦ୍ରକ/ଦୋବଲ/ଧାମନଗର/ଭଣ୍ଡାରୀପୋଖରୀ/ବ୍ୟାସନଗର, ୨୫।୮ (ସବ୍ୟୁ): ବୈତରଣୀ ଓ ତା'ର ଶାଖା ନଦୀ କୋଚିଲା,ଗେଙ୍ଗୁଟିରେ ବନ୍ୟା ଆସି ଧାମନଗର ବ୍ଲକର ବିସ୍ତୃତ ଅଂଚଳ ଜଳମଗ୍ନ କରିଛି । ଧାମନଗର ବ୍ଲକର ବହୁ ଗ୍ରାମ ବନ୍ୟାପାଣି ଘେରରେ ଥିବାବେଳେ ହଜାର ହଜାର ଲୋକ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି । ବୈତରଣୀ ନଦୀର ଆଖୁଆପଦା ଠାରେ ବନ୍ୟାଜଳ ଲଗାତାର ଦୁଇ ଦିନ ଧରି ବିପଦ ସଙ୍କେତର ଉର୍ଦ୍ଧ୍ୱରେ ପ୍ରବାହିତ ହୋଇଥିବାବେଳେ କ୍ରମଶଃ ହ୍ରାସ ପାଇ ସୋମବାର ଅପରାହ୍ନରେ ବିପଦ ସଙ୍କେତର ନିମ୍ନରେ ପ୍ରବାହିତ ହେଉଛି। ନଦୀର ଉପରମୁଣ୍ଡରେ ବନ୍ୟାଜଳ ହ୍ରାସ ପାଉଥିବାବେଳେ ତଳମୁଣ୍ଡରେ କ୍ରମଶଃ ବୃଦ୍ଧିପାଇ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି।

ବୈତରଣୀ ନଦୀ ବାମପାର୍ଶ୍ୱ ବନ୍ଧର ମଲ୍ଲୀମାହାରା, ଗୌରାଙ୍ଗପୁର ଓ ଗେଙ୍ଗୁଟି ନଦୀ ଦକ୍ଷୀଣପାର୍ଶ୍ୱ ବନ୍ଧର ଗାଇଛନ୍ଦା, ମଠମାହାରା, କନକେଇ ଆଦି ଏସକେପ ଗୁଡିକରେ ବନ୍ୟାଜଳ ବାହାରି ଧାମନଗର ବ୍ଲକର ବିସ୍ତୃତ ଅଂଚଳ ବୁଡିଥିବା ବେଳେ ବହୁ ପରିବାର ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ଏହି ଏସକେପ ଗୁଡିକରୁ ବନ୍ୟାଜଳ ପ୍ରବାହିତ ହୋଇ ଦେହୁଡିଆନନ୍ଦପୁର, ଖଡିପଦା, କରଦା, ସୋହଡା, ପଧାନୀ, ନଦୀଗାଁ, ଅର୍ଜ୍ଜୁନପୁର, ଭଟ୍ଟସାହି ଆଦି ପଞ୍ଚାୟତରେ ବନ୍ୟାଜଳ ପ୍ରବେଶ କରିଛି । ବୈତରଣୀ ନଦୀର (୯ ପୃଷ୍ଠାରେ)

## ସୁବର୍ଣ୍ଣରେଖା ବନ୍ୟାସ୍ଥିତି ଗମ୍ଭୀର

ଭୋଗରାଇ, ୨୫।୮ (ସବ୍ୟୁ) : ଝାଡ଼ଖଣ୍ଡ ମାଳାଞ୍ଚଳରେ ଥିବା ଗାଲୁଡିହ ଜଳାଧାରର ୧୩ଟି ଗେଟ ସୋମବାର ବନ୍ଦ କରାଯାଇଥିବା ବେଳେ ସୁବର୍ଣ୍ଣରେଖା ବନ୍ୟାସ୍ଥିତି ଗମ୍ଭୀର ରହିଛି । ରାତିରୁ ସୋମବାର ଅପରାହ୍ନ ୨ ଟା ପର୍ଯ୍ୟନ୍ତ ବନ୍ୟାଜଳ ହ୍ରାସପାଇ ବିପଦ ସଂକେତ ତଳେ ପ୍ରବାହିତ ହେଉଥିବାର କେନ୍ଦ୍ରୀୟ ଜଳ ଆୟୋଗ ସୂଚନା ଦେଇଛନ୍ତି। ଏଭଳି ସ୍ଥିତିରେ ଝାଡ଼ଖଣ୍ଡରେ ବର୍ଷା ହେଉଥିବାରୁ ପୁଣି ଗାଲୁଡିହ ଜଳାଧାର ଗେଟ ଉଠା ପଡା ଅବ୍ୟାହତ ରହିଥିବାର ସେଚବିଭାଗ ଜଣାଇଛନ୍ତି

- ୪ ବ୍ଲକର ଶତାଧିକ ଗାଁ ଜଳବନ୍ଦୀ
- ସ୍ଥିତି ଅନୁଧ୍ୟାନ କଲେ ଜିଲ୍ଲାପାଳ

ଅମାବାସ୍ୟା ତିଥିରେ ସମୁଦ୍ର ବନ୍ୟାପାଣି କମ (୯ ପୃଷ୍ଠାରେ)

## ବନ୍ୟା ପାଣି ଛାଡିବା ମାତ୍ରେ ମିଳିବ କ୍ଷତିପୂରଣ : ମନ୍ତ୍ରୀ

ଭୁବନେଶ୍ୱର, ୨୫।୮ (ସବ୍ୟୁ): ରାଜ୍ୟରେ ବର୍ତ୍ତମାନ ବନ୍ୟା ସ୍ଥିତି ନିୟନ୍ତ୍ରଣରେ ରହିଛି । ଆଗକୁ ବିଭିନ୍ନ ନଦୀରେ ଜଳସ୍ତର ଆହୁରି ଖସିବ । ପ୍ରଭାବିତ ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର ପ୍ରକ୍ରିୟା ଚାଲିଛି । କ୍ଷୟକ୍ଷତି ଆକଳନ କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ସରକାର । ପାଣି ଛାଡୁ ଛାଡୁ କ୍ଷତିପୂରଣ ଦିଆଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ।

ବନ୍ୟାରେ ପ୍ରଭାବିତ ହୋଇଛି ବାଲେଶ୍ୱର, ଯାଜପୁର, ଭଦ୍ରକ, ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲା । ଯାଜପୁର ଜିଲ୍ଲା ଅଧିକ ପ୍ରଭାବିତ ହୋଇଛି । ଯାଜପୁର ଜିଲ୍ଲାରେ ପ୍ରଭାବିତ ହୋଇଛି ୪୬ଟି ଗାଁ ଓ ୧୪ ପଞ୍ଚାୟତ । ସେହିପରି ଭଦ୍ରକ ଜିଲ୍ଲାର ଭଣ୍ଡାରିପୋଖରୀ ବି ପ୍ରଭାବିତ ହୋଇଛି । ଘରକୁ (୯ ପୃଷ୍ଠାରେ)

# ଓଡ଼ିଶା ହେବ ଇଲେକ୍ଟ୍ରୋନିକ୍ସ ହବ୍

ଭୁବନେଶ୍ୱର, ୨୫।୮ (ସବ୍ୟୁ) : ଓଡ଼ିଶା ଇଲେକ୍ଟ୍ରୋନିକ୍ସ କମ୍ପୋନେଟ୍ ମାନୁଫାକ୍ଚରିଂ ନୀତି ୨୦୨୫କୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଓଡ଼ିଶାକୁ ଏକ ଇଲେକ୍ଟ୍ରୋନିକ୍ସ ହବ୍‌ରେ ପରିଣତ କରିବା ପାଇଁ ଏହି ନୀତି ଅଣାଯାଇଛି । ଏହି ନୀତିରେ ଅନେକ ଦୂରଗାମୀ ନିଷ୍ପତ୍ତି ମଧ୍ୟ ରହିଛି । ଉପରୋକ୍ତ ପ୍ରସ୍ତାବ ସମେତ ତିନୋଟି ବିଭାଗର ୪ ପ୍ରମୁଖ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଆଜି ଅନୁମୋଦନ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକର ନିଷ୍ପତି ସମ୍ପର୍କରେ ମୁଖ୍ୟ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ ସୂଚନା ଦେଇଥି ଲେ । ଏହି ଦୂରଦୃଷ୍ଟି ସମ୍ପନ୍ନ ନୀତି ଓଡ଼ିଶାକୁ ବୈଷୟିକ ଜ୍ଞାନ ଓ ଉଦ୍‌ଭାବନ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବରେ ସ୍ଥାପିତ

- ୪ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ
- ନୂଆ ଓଡ଼ିଶା ଇଲେକ୍ଟ୍ରୋନିକ୍ସ କମ୍ପୋନେଟ୍ ମାନୁଫାକ୍ଚରିଂ ନୀତି ଅନୁମୋଦିତ
- ମେଗା ପ୍ରକଳ୍ପ ଲାଗି ସ୍ୱତନ୍ତ୍ର ପ୍ୟାକେଜ୍
- ବିଧାନସଭା ଅଧିବେଶନକୁ ମଞ୍ଜୁର

କରିବାକୁ ଉର୍ଦ୍ଦିଷ୍ଟ । ନୂଆ ନୀତି ଫଳରେ ଆଇଟି/ଆଇଟିଇଏସ୍ କ୍ଷେତ୍ରରେ ୧୦ଲକ୍ଷ ଲୋକଙ୍କ ପାଇଁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ପରିକଳ୍ପନା କରାଯାଇଛି । ଆଇଟି ପାର୍କ, ଆଇଟି ଟାୱାର ଓ ଏସ୍‌ଇଜେଡ୍ ପରି ବିଶ୍ୱସ୍ତରୀୟ ଭିତ୍ତିଭୂମି ବିକାଶ କରିବା ସହ ଗବେଷଣା ଏବଂ ବିକାଶ, ବିଭିନ୍ନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ସମନ୍ୱୟ ଏବଂ ଷ୍ଟାଟଅପ୍ ସହିତ ସହଯୋଗ ମାଧ୍ୟମରେ ବୈଷୟିକ ଉଦ୍‌ଭାବନକୁ ପ୍ରୋତ୍ସାହିତ କରିବାକୁ ଧ୍ୟାନ ଦେଇଥାଏ । କେନ୍ଦ୍ର ସରକାରଙ୍କ ଇଲୋକ୍ଟ୍ରୋନିକ୍ସ ଯନ୍ତ୍ରପାତି ଉତ୍ପାଦନ ପରିଯୋଜନା ସହ ସମନ୍ୱୟ ରଖି ନିବେଷକମାନଙ୍କୁ ପ୍ରଥମ ମେଗା ପ୍ରକଳ୍ପ ଲାଗି ୫୦% ପର୍ଯ୍ୟନ୍ତ ପୁଞ୍ଜି ସବ୍‌ସିଡି କିମ୍ବା ଟର୍ଣ୍ଣଓଭର ଲିଙ୍କ୍ ପ୍ରୋତ୍ସାହନ ମଧ୍ୟରୁ ଗୋଟିଏ ସୁଯୋଗ ମିଳିବ । ଏହି ନୀତି ସାଇବର ସୁରକ୍ଷା,

## ପୂର୍ବାଞ୍ଚଳ ବେସାମରିକ ବିମାନ ପରିବହନ ମନ୍ତ୍ରୀଙ୍କ ସମ୍ମିଳନୀ

# ପୁରୀ ବିମାନବନ୍ଦର ବିଶ୍ୱର ଆଧ୍ୟାତ୍ମିକ ଦ୍ୱାରପଥ ହେବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୫।୮ (ସବ୍ୟୁ): ରାଜ୍ୟ ସରକାରଙ୍କ ପ୍ରୟାସରେ ବି-ମାନ୍ (ବିଲ୍ଡିଂ ଆଣ୍ଡ ମ୍ୟାନେଜମେଣ୍ଟ ଅଫ୍ ଏଭିଏସନ ଆସେଟ୍ସ ଆଣ୍ଡ ନେଟୱାର୍କ) ଅଧୀନରେ କ୍ୟାଡେଟ୍ ପାଇଲଟ୍ ପ୍ରୋଗ୍ରାମ୍ ଆରମ୍ଭ ହେବାକୁ ଯାଉଛି। ଏଥିରେ ଆଦିବାସୀ ଝିଅମାନଙ୍କୁ ପାଇଲଟ ହେବା ପାଇଁ ସ୍ୱତନ୍ତ୍ର ଟ୍ରେନିଂ ଦିଆଯିବ । କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ କିଞ୍ଜରପୁଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବେସାମରିକ ବିମାନ ଚଳାଚଳ ଉପରେ ପୂର୍ବାଞ୍ଚଳ ପରିବହନ ମନ୍ତ୍ରୀମାନଙ୍କ ସମ୍ମିଳନୀକୁ ଉଦଘାଟନ କରି ଏହା କହିଛନ୍ତି ।




ଭୁବନେଶ୍ୱରରେ ବେସାମରିକ

- ଓଡ଼ିଶାର ବିମାନ ଚଳାଚଳ ଭିତ୍ତିଭୂମି ପାଇଁ ସବୁ ପ୍ରକାର ସହଯୋଗ ଦିଆଯିବ: କେନ୍ଦ୍ରମନ୍ତ୍ରୀ
- କ୍ୟାଡେଟ୍ ପାଇଲଟ୍ ପ୍ରୋଗ୍ରାମ୍‌ରେ ଆଦିବାସୀ ଝିଅଙ୍କୁ ଦିଆଯିବ ସ୍ୱତନ୍ତ୍ର ଟ୍ରେନିଂ
- ଢେଙ୍କାନାଳର ବିରାଶୋଳରେ ବିମାନ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା ହେବ

ବିମାନ ଚଳାଚଳ ଉପରେ ପୂର୍ବାଞ୍ଚଳ ପରିବହନ ମନ୍ତ୍ରୀମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏହି ଅବସରରେ ରାଜ୍ୟ ସରକାର ଆଜି(ଶନିବାର) ଦେଶର ପ୍ରମୁଖ ବିମାନ (୯ ପୃଷ୍ଠାରେ)

## ୨୬ ନିଖୋଜ ମହିଳା ଉଦ୍ଧାର

ସମ୍ବଲପୁର, ୨୬।୮ (ସବ୍ୟୁ): ସମ୍ବଲପୁର ଜିଲ୍ଲା ପୋଲିସ ପକ୍ଷରୁ ଅପରେସନ ଅନ୍ୱେଷଣ ହାତକୁ ନିଆଯାଇଛି। ଏହି ଅଭିଯାନ ଜରିଆରେ ୨୬ଜଣ ନିଖୋଜ ମହିଳାଙ୍କୁ ଉଦ୍ଧାର କରାଯାଇଛି। ଗୋବିନ୍ଦପୁର ୭ଜଣ, ହୀରାକୁଦ ୪ଜଣ, କୁଚିଣ୍ଡା, ଯୁଯୋମୁରା ଓ ଧମା ୩ଜଣ ଲେଖାଏଁ, ଜମନକିରା ଓ ନାକଟିଦେଉଳ ୨ଜଣ ଲେଖାଏଁ, ଟାଉନ ଓ କ୍ଷେତରାଜପୁର ଥାନା ଜଣେ ଲେଖାଏଁ ମହିଳାଙ୍କୁ ଉଦ୍ଧାର କରିଛି। ଏଥିସହ ୮ଜଣ ଶିଶୁଙ୍କୁ ମଧ୍ୟ ଉଦ୍ଧାର କରାଯାଇଥିବା ଜଣାପଡିଛି। ଏଥିରେ ୬ଜଣ ନାବାଳିକା ଓ ୨ଜଣ ନାବାଳକ ଅଛନ୍ତି। ହୀରାକୁଦ ଓ ଜମନକିରା ଥାନା ପୋଲିସ ୩ଜଣ ଲେଖାଏଁ ଏବଂ ନାକଟିଦେଉଳ ଓ ସଦର ଜଣେ ଲେଖାଏଁ ଶିଶୁକୁ ଉଦ୍ଧାର କରିଥିବା ପୋଲିସ ସୂତ୍ରରୁ (୯ ପୃଷ୍ଠାରେ)

## ବେଆଇନ୍ ନିଶାଦ୍ରବ୍ୟ କାରବାର ରୋକିବା ଲାଗି ନିର୍ଦ୍ଦେଶ

ଭୁବନେଶ୍ୱର, ୨୫।୮ (ସବ୍ୟୁ) : ରାଜ୍ୟରେ ବୃଦ୍ଧି ପାଉଥିବା ମାଦକଦ୍ରବ୍ୟ ଚୋରାଚାଲାଣ ଓ ନିଶାଦ୍ରବ୍ୟକୁ ରୋକିବା ନେଇ ସରକାର ବଡ ପଦକ୍ଷେପ ନେବାକୁ ଯାଉଛନ୍ତି । ସ୍କୁଲ, କଲେଜ କ୍ୟାମ୍ପସକୁ ଡ୍ରଗ୍ସ ଫ୍ରି କରିବା ସହ ଚଢ଼ାଉ ତଦନ୍ତ ଓ ଦୋଷୀକୁ ଦଣ୍ଡବିଧାନ ସହ ବିଭିନ୍ନ ସଂସ୍ଥାଗତ ସୁଦୃଢ଼ୀକରଣକୁ ଗୁରୁତ୍ୱ ଦିଆଯାଇଛି । ଏହାଛଡା ସଚେତନତା ସୃଷ୍ଟି ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ।

ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏ ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଅବକାରୀ ବିଭାଗ ପ୍ରମୁଖ ସଚିବ ଭାସ୍କରଜ୍ୟୋତି ଶର୍ମା, ୨୦୨୫ ଜୁଲାଇ ସୁଦ୍ଧା ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ତଥ୍ୟ ଦେଇଥିଲେ । ବୈଠକରେ ଅବକାରୀ ବିଭାଗ, ପୋଲିସ ପ୍ରଶାସନ, ଉଚ୍ଚଶିକ୍ଷା ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଓ ସମ୍ପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ବିଶେଷକରି ବିଦ୍ୟାଳୟ, ମହାବିଦ୍ୟାଳୟ (୯ ପୃଷ୍ଠାରେ)

## ହାସ୍ୟ କଳାକାରଙ୍କୁ ସୁପ୍ରିମ୍‌କୋର୍ଟଙ୍କ ଛାଟ

ନୂଆଦିଲ୍ଲୀ, ୨୫।୮ : ହାସ୍ୟ କଳାକାରଙ୍କ ବିଭିନ୍ନ ଟିପ୍ପଣୀ ଓ କଟାକ୍ଷକୁ ନେଇ ସୁପ୍ରିମ୍‌କୋର୍ଟ କ୍ଷୁବ୍ଧ ହୋଇଛନ୍ତି । ସୁପ୍ରିମ୍‌କୋର୍ଟ ଉଲ୍ଲେଖ କରିଛନ୍ତି ଯେ ବ୍ୟବସାୟିକରଣ ଯେତେବେଳେ ଭାଷଣ ଦେଉଛ ସେତେବେଳେ କୌଣସି ବର୍ଗର ଭାବାବେଗକୁ ଆଘାତ କରିପାରିବ ନାହିଁ । ଦିବ୍ୟାଙ୍ଗ ମାନଙ୍କୁ କଟାକ୍ଷ କରିଥିବା ହାସ୍ୟ କଳାକାର ସାମ୍ୟା ରାଇନା, ବିପୁନ ଗୋଏଲ, ବଲରାଜ ପରମଜୀବନ ସିଂହ ଘାଇ, ସୋନାଲି ଠାକୁର ଓ ନିଶାନ୍ତ ଜବଦୀଶ ତନୱାରଙ୍କୁ ସର୍ବସାଧାରଣରେ କ୍ଷମା ମାଗିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲା ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏସ୍‌ଏମ୍‌ଏ ଫାଉଣ୍ଡେସନ୍ ଅଫ୍ ଇଣ୍ଡିଆ ପକ୍ଷରୁ ଦାଖଲ (୯ ପୃଷ୍ଠାରେ)

## ନୂଆଁଖାଇରେ ଭାଇଚାରାର ଅନନ୍ୟ ପରମ୍ପରା

ବଲାଙ୍ଗିର, ୨୫।୮ (ସବ୍ୟୁ): ପଶ୍ଚିମ ଓଡ଼ିଶାର ମହାନ କୃଷି ଭିତ୍ତିକ ପର୍ବ ହେଉଛି ନୂଆଁଖାଇ । ଏହି ପର୍ବ କେବଳ ଯେ କୃଷକ ଓ କୃଷି ଶ୍ରମିକ ମାନଙ୍କ ମଧ୍ୟରେ ସିମୀତ ନଥାଏ । କୃଷକ ନିଜ ଜମିରୁ ଉତ୍ପାଦିତ ପ୍ରଥମ ଧାନ ଫସଲକୁ ( ସରିଆ ଧାନ) ପ୍ରଥମେ ନିଜ ନିଜ ଇଷ୍ଟଦେବୀଙ୍କ ସମର୍ପଣ ପରେ ନିଜ ପରିବାର ସହ ନୂଆଁ ଖାଉଥିବା ପରମ୍ପରା ପ୍ରାୟ ପଶ୍ଚିମ ଓଡ଼ିଶାର ବିଭିନ୍ନ ଗ୍ରାମ ଓ ସହର ଠାରେ ଦେଖିବାକୁ ମିଳିଥାଏ । କିନ୍ତୁ ବଲାଙ୍ଗିର ଜିଲ୍ଲା ବେଲପଡ଼ା ବ୍ଲକ

# ଏକାଠି ଖାଆନ୍ତି ଦୁଇ ଗାଁର ୪ ଶହ ପରିବାର



ଏହା ପରେ ଗ୍ରାମର ସମସ୍ତ ଅଧବାସୀଙ୍କୁ ଏକାଠି ନୂଆଁଖାଇବା ପାଇଁ ସୂଚନା ଦିଆଯାଇଥାଏ । ନୂଆଁଖାଇ ଦିନ ଦୁଇ ଗାଁର ଲୋକ ଗ୍ରାମ ମନ୍ଦିର ସମ୍ମୁଖରେ ଏକାଠି ଧାଡ଼ିବାନ୍ଧି ବସୁଥିବା ବେଳେ ଉଭୟ ଗାଁର ଗୌନ୍ତିଆ ଜଳିଆର ଲଳିତ ମୋହନ ବୁଡ଼େକ ଓ ଡ଼ାହିମାଲର ଗୌନ୍ତିଆ ବାଙ୍କ ବିହାରୀ ବୁଡ଼େକ କୁରେପତ୍ରରେ ନୂଆଁ ପରସିଥାନ୍ତି । ନୂଆଁ ଖାଇବା ପରେ ମନ୍ଦିରରେ ଠାକୁରଙ୍କୁ ମୁଣ୍ଡିଆ ମାରିବା ପରେ ଆରମ୍ଭ ହୋଇଥାଏ ଭେଟ୍ ଘାଟ୍ ପର୍ବ । ପରମ୍ପରା ଅନୁସାରେ ବୟସରେ ଯେଉଁମାନେ ସାନ ବୟସ୍କ ମାନଙ୍କୁ ମୁଣ୍ଡିଆ (୯ ପୃଷ୍ଠାରେ)

# ନବୀନଙ୍କୁ ଭେଟିଲେ ରାଜ୍ୟପାଳ

ଭୁବନେଶ୍ୱର, ୨୫।୮ (ସବ୍ୟୁ) : ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଆଜି ସାକ୍ଷାତ କରି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି । ଡିହାଇଡ୍ରେସନ୍ କାରଣରୁ ନବୀନ କିଛିଦିନ ତଳେ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛି । ଏବେ ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ପାଇଁ ଜଣକ ପରେ ଜଣେ ବିଶିଷ୍ଟ ବ୍ୟକ୍ତି ନବୀନ ନିବାସ ଯାଉଛନ୍ତି ।

ଆଜି ରାଜ୍ୟପାଳ ନବୀନ ନିବାସ ଯାଇ ନବୀନଙ୍କୁ ସାକ୍ଷାତ କରି ପ୍ରାୟ ୨୦ ମିନିଟ୍ ପର୍ଯ୍ୟନ୍ତ ସହାର୍ଦ୍ଦପୂର୍ଣ୍ଣ ଆଲୋଚନା କରିଥିଲେ । ସ୍ୱାସ୍ଥ୍ୟାବସ୍ଥାର (୯ ପୃଷ୍ଠାରେ)





## ଆଜି ଜନ୍ମଦିନ
# ଶିବବ୍ରତ ଦାସ

ତତ୍କାଳୀନ ମୟୂରଭଞ୍ଜ ରାଜ୍ୟର ପ୍ରଥମ ଶିକ୍ଷା ନିର୍ଦ୍ଦେଶକ ତଥା କବି ସଚ୍ଚିନ୍ଦ୍ର ଦାସ ଓ ମାତା କୁମୁଦିନୀ ଦାସଙ୍କର କୋଳ ମଣ୍ଡନ କରି ଶିବବ୍ରତ ବାଲେଶ୍ୱର ସହର ଅନ୍ତର୍ଗତ ସୁନହଟରେ ୧୯୩୦ ମସିହା ଅଗଷ୍ଟ ୨୬ରେ ଭୂମିଷ୍ଠ ହୋଇଥିଲେ । ସେ ଥିଲେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର ଭଣଜା । ଛାତ୍ର ଜୀବନରୁ ମାମୁଙ୍କ ପ୍ରଭାବରେ ସେ ଗୀତ ଲେଖିବା ଆରମ୍ଭ କରିଥିଲେ । ସେ ରେଭେନ୍ସା କଲେଜରେ ପାଠ ପଢୁଥିବା ବେଳେ ବିଶିଷ୍ଟ କବି ଓ ଗୀତିକାର ଜୀବନାନନ୍ଦ ପାଣିଙ୍କ ସଂସ୍ପର୍ଶରେ ମଧ୍ୟ ଆସିଥିଲେ । ତାଙ୍କର ଆଉ ଜଣେ ମାମୁଁପୁଅ ଭାଇ ଡକ୍ଟର ପାର୍ଥସାରଥୀ ମହାପାତ୍ର ମଧ୍ୟ ଜଣେ ଜଣାଶୁଣା ଗୀତିକାର ଥିଲେ । ତାଙ୍କ ପ୍ରଭାବରେ ମଧ୍ୟ ଶିବବ୍ରତ ଗୀତ ରଚନା କରିଥିଲେ । ପ୍ରଥମେ ସେ ହାସ୍ୟରସାତ୍ମକ କବିତା ରଚନା କରୁଥିଲେ । ପରେ ଚଳଚ୍ଚିତ୍ରରେ ତାଙ୍କ ରଚିତ ଗୀତଗୁଡ଼ିକ ବେଶ୍ ଆଦୃତ ହୋଇଥିଲା । ସେ ଜଣେ ପୋଲିସ୍ ଅଫିସର ଭାବେ ଗୁଳିଚାଳନା ପ୍ରତିଯୋଗିତାରେ ପ୍ରଥମ ହେବା ସହ ସୁନ୍ଦର ଭାବେ ଗୀତ ଲେଖି ଶ୍ରୋତାଙ୍କୁ ମୁଗ୍ଧ କରିପାରୁଥିଲେ । 'ନଦୀର ନାମ ଅଳସ କନ୍ୟା' ତାଙ୍କର ପ୍ରସିଦ୍ଧ ସଂଗୀତ ଯାହା କଣ୍ଠଶିଳ୍ପୀ ଚିତ୍ତ ଜେନା ଗାଇଥିଲେ । କଟକ ଆକାଶବାଣୀରେ ତାଙ୍କ ଗୀତସବୁକୁ କଣ୍ଠଶିଳ୍ପୀ ଅକ୍ଷୟ ମହାନ୍ତି, ପ୍ରଫୁଲ୍ଲ କର, ସିକନ୍ଦର ଆଲାମ ଓ ପ୍ରଣବ ପଟ୍ଟନାୟକ ସୁଲଳିତ କଣ୍ଠରେ ବୋଲି ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ତାଙ୍କ ପତ୍ନୀ ସୁବାସିନୀ ଦେବୀ, ପୁତ୍ର ବାବି, କନ୍ୟା ମାମି ଓ ଜାମାତା ଶିବନାରାୟଣ ପଟ୍ଟନାୟକ ତାଙ୍କ ସ୍ମୃତି ରକ୍ଷା ପାଇଁ ପ୍ରତିବର୍ଷ ଭୁବନେଶ୍ୱରରେ ସଂଗୀତ ସନ୍ଧ୍ୟା କରୁଥିବା ଜଣାଯାଏ । ୮ ସେପ୍ଟେମ୍ବର ୧୯୮୮ରେ ତାଙ୍କର ଭଦ୍ରକ ଠାରେ ଦେହାନ୍ତ ହୋଇଥିଲା ।

## ସୋସିଆଲ କୋଟ୍ସ



"ମୁଁ ମୋ ନିଜ ଆକାଉଣ୍ଟ ହିଁ ବ୍ୟବହାର କରି ପାରୁନି । ଲିଙ୍କଡ୍‌ଇନ୍‌କୁ ଲାଗୁଛି ମୋର ସେ ଆକାଉଣ୍ଟ ଟି ଫେକ୍ , ତେଣୁ ସେ ଆକାଉଣ୍ଟଟି ବ୍ୟାନ୍ ହୋଇଯାଇଛି ।

ଶ୍ରଦ୍ଧା କପୁର, ଅଭିନେତ୍ରୀ



"ସବୁବେଳେ ଜଣେ ଅଭିନେତ୍ରୀ ୟଙ୍ଗ ଦେଖାଯିବେ ସେଭଳି କିଛି କଥା ନାହିଁ । ଆପଣମାନେ କିଭଳି କାଜୋଲଙ୍କ ବଡିକୁ ଜୁମ କରିବାର ସାହସ କରିଲେ । ସମସ୍ତଙ୍କର କିଛି ନା କିଛି ପ୍ରାଇଭେସି ରହିଛି ।

ମିନି ମାଥୁର, ଅଭିନେତ୍ରୀ



"କିଛି ପୋଡକାଷ୍ଟରେ ଏଭଳି ଅଭିନେତାଙ୍କୁ ଡାକୁଛନ୍ତି ଯେଉଁମାନେ ଅନେକ ଦିନ ହେବ ଇଣ୍ଡଷ୍ଟ୍ରୀରୁ ଦୂରରେ ଅଛନ୍ତି । ଏହି ଅଭିନେତାମାନେ ପୋଡକାଷ୍ଟକୁ ଆସି ଅନ୍ୟମାନଙ୍କ ବିରୋଧରେ ବିଷ ଓଗାଳୁଛନ୍ତି ।

କରଣ ଜୋହର, ଫିଲ୍ମମେକର

ପ୍ରତିବର୍ଷ ଅଗଷ୍ଟ ୨୬ ତାରିଖରେ ପାଳିତ ହୋଇଥାଏ ମହିଳା ସମାନତା ଦିବସ । ଏହି ଦିବସର ମୂଳ ଉଦ୍ଦେଶ୍ୟ ମହିଳାଙ୍କୁ ତାଙ୍କର ଅଧିକାର ସମ୍ପର୍କରେ ସଚେତନ କରିବା ସହିତ ସେମାନଙ୍କୁ ନିଜ ଅଧିକାର ପାଇଁ ଲଢେଇ କରିବା ପାଇଁ ଶସକ୍ତି କରିବା । ଏହି ଦିବସ ପାଳନ ୧୯୭୧ ମସିହାରେ ଆମେରିକାରୁ ଆରମ୍ଭ ହୋଇଥିଲା । ଏହାକୁ ଆମେରିକାରେ ଖୁବ ଧୁମଧାମରେ ପାଳନ କରାଯାଇଥାଏ । ଏହି ଅବସରରେ ବିଭିନ୍ନ ଅନୁଷ୍ଠାନରେ ମହିଳାଙ୍କ ବିଭିନ୍ନ ଅଧିକାର ନେଇ ସୂଚନା ଦିଆଯାଇଥାଏ । ପ୍ରତିବର୍ଷ ଏହି ଦିନଟିକୁ ବିଭିନ୍ନ ଥିମ୍‌ରେ ପାଳନ କରାଯାଇଥାଏ, ଯେଉଁ ଥିମ୍ ଗୁଡିକ ମହିଳାଙ୍କ ଉଦ୍ଦେଶ୍ୟରେ ରହିଥାଏ । ମହିଳା କିପରି ସମସ୍ତ କ୍ଷେତ୍ରରେ ସଶକ୍ତି ହେବେ ସେ ନେଇ ଏହି ଦିନରେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ସଚେତନତା କରାଯାଇଥାଏ । ଏହି ଦିନଟିକୁ ମହିଳାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯାଇଥାଏ ।

## ମହିଳା ସମାନତା ଦିବସ



## ମୁଖ୍ୟ ଆକର୍ଷଣ କଫନ୍‌ରେ ଥିବା ସାଧୁ

ଥାଇଲାଣ୍ଡର କୋ ସାମୁଇ ଆଇଲାଣ୍ଡରେ ରହିଛି ୱାଟ୍ ଖୁନାରାମ ମନ୍ଦିର । ଏଠାରେ ରହିଛି ଜଣେ ସାଧୁଙ୍କର ସମାଧି ଯାହା ଅବିକଳ ଜୀବନ୍ତ ଭଳି ଦୃଶ୍ୟ ହୋଇଥାଏ । ସୂଚନା ଅନୁସାରେ ଏହି ସାଧୁ ଜଣଙ୍କ ୫୦ ବର୍ଷ ପୂର୍ବରୁ ୭୯ ବର୍ଷ ବୟସରେ ଧ୍ୟାନ କରୁଥିବା ଅବସ୍ଥାରେ ମୃତ୍ୟୁ ହୋଇଥିଲା । ସାଧୁଙ୍କର ଶରୀର ୧୯୭୩ରେ ମିଳିବା ପରେ ଏହାକୁ ଏକ ଗ୍ଲାସ୍ କଫିନରେ ସମାଧି ଦିଆଯାଇଥିଲା । ଏହି କଫିନ୍‌ରେ ସେ ଧ୍ୟାନ ମୁଦ୍ରାରେ ରହିଥିବା ଦେଖିବାକୁ ମିଳୁଛି । ଏଠାରେ ସେ ବର୍ତ୍ତମାନ ପର୍ଯ୍ୟନ୍ତ ଖୁବ ସତେଜ ଥିବା ଦେଖିବାକୁ ମିଳୁଛି । ତେବେ ତାଙ୍କ ଶରୀର ଉପରେ ଅନେକ ପରୀକ୍ଷା କରାଯାଇଥିବାର ସୂଚନା ରହିଛି, ଯେଉଁ ଅନୁସାରେ ତାଙ୍କର ବ୍ରେନ୍‌ର ଟିସୁ ସହିତ କିଛି ଅଙ୍ଗ ଏବେ ବି ସୁସ୍ଥ ଅବସ୍ଥାରେ ରହିଛି । ତାଙ୍କ ଆଖିକୁ ଲୁଚାଇବାପାଇଁ ଏକ ସନ୍‌ଗ୍ଲାସ ତାଙ୍କୁ ପିନ୍ଧାଯାଇଛି । ଏହି ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁ ତାଙ୍କର ଦର୍ଶନ କରିଥାଆନ୍ତି । ଏହା ବର୍ତ୍ତମାନ ଏଠାର ମୁଖ୍ୟ ଆକର୍ଷଣ ପାଲଟିଛି ।



## ଇତିହାସ

୧୩୦୩– ଚିତ୍ତୋରଗଡ ଉପରେ ଆଲ୍ଲାଉଦ୍ଦୀନ ଖିଲିଜ୍‌ଙ୍କ କବ୍‌ଜା ।

୧୬୭୬– ବ୍ରିଟେନ୍‌ର ପ୍ରଥମ ପ୍ରଧାନମନ୍ତ୍ରୀ ରବର୍ଟ ୱାଲପୋଲ୍‌ଙ୍କ ଜନ୍ମ ।

୧୯୧୦– ଭାରତରତ୍ନ ସମ୍ମାନିତ ମଦର ଟେରେଶାଙ୍କ ଜନ୍ମ ।

୧୯୧୦– ପ୍ରସିଦ୍ଧ ଆମେରିକୀୟ ଦାର୍ଶନିକ ତଥା ମନୋବୈଜ୍ଞାନିକ ୱିଲିୟମ୍ ଜେମ୍ସଙ୍କ ପରଲୋକ ।

୧୯୨୦– ଆମେରିକାରେ ମହିଳାମାନଙ୍କୁ ମତାଧିକାର ମିଳିଲା ।

୧୯୨୮– ହୀରୋ ସାଇକେଲ୍‌ର ସହସଂସ୍ଥାପକ ତଥା ସମାଜସେବୀ ଓମ୍ ପ୍ରକାଶ ମୁଞ୍ଜାଲଙ୍କ ଜନ୍ମ ।

୧୯୫୫୬– ପ୍ରସିଦ୍ଧ ରାଜନେତ୍ରୀ ତଥା ସଞ୍ଜୟ ଗାନ୍ଧୀଙ୍କ ପତ୍ନୀ ମେନକା ଗାନ୍ଧୀଙ୍କ ଜନ୍ମ ।

୧୯୯୯– ୪୦୦ ମିଟର ଦୌଡରେ ମାଇକେଲ୍ ଜନ୍‌ସନ୍‌ଙ୍କ ବିଶ୍ୱ ରେକର୍ଡ ।

୨୦୦୮– ତେଲୁଗୁ ଫିଲ୍ମ ସୁପରଷ୍ଟାର୍ ଚିରଞ୍ଜିବୀ ନୂତନ ପାର୍ଟି ପ୍ରଜା ରାଜ୍ୟମ୍‌ର ଉଦ୍‌ଘାଟନ କଲେ ।

## ଜିତିବାର ଲକ୍ଷ୍ୟ ରହିଛି



ଆରମ୍ଭ ହୋଇଛି ରିଆଲିଟି ଶୋ ବିଗ୍ ବସ, ଯାହାକୁ ନେଇ ଅନେକ ଆଲୋଚନା ବର୍ତ୍ତମାନ ସୋସିଆଲ ମିଡିଆରେ ଜାରି ରହିଛି । ଏଥିରେ ଚଳିତଥର ଅଭିନେତ୍ରୀ ଅଶନୁର କୌରଙ୍କୁ ଦେଖିବାକୁ ମିଳୁଛି । ତେବେ ବିଗ୍‌ବସ୍ ଯିବା ଆଗରୁ ଅଶନୁରଙ୍କ ଏକ ସାକ୍ଷାତକାର ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ବିଗ୍ ବସ୍ ଯିବା ଆଗରୁ ସେ ଶୋକୁ ନେଇ ନିଜ ଷ୍ଟାର୍ଟେଜି ଏହି ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ସେ ଖୁବ ସାଙ୍ଗ ପ୍ରିୟ, ହେଲେ ଯଦି ଟ୍ରୁ ଫ୍ରେଣ୍ଡସିପ ତାଙ୍କୁ ଘର ଭିତରେ ମିଳିବ ତେବେ ସେ ଖୁବ ନିଷ୍ଠାର ସହ ଏହି ଫ୍ରେଣ୍ଡସିପ୍‌କୁ ରଖିବେ ବୋଲି ମତ ଦେଇଛନ୍ତି । ସେହିଭଳି ବିଗ୍‌ବସ୍‌ରେ ଟିଷ୍ଟିବାକୁ ଫ୍ରେଣ୍ଡସିପର ଅତନ୍ତ୍ୟ ଆବଶ୍ୟକ ରହିଥିବା ଅଶନୁର ପ୍ରକାଶ କରିଛନ୍ତି । ସେହିଭଳି ଶୋ ଜରିଆରେ ସେ ଦର୍ଶକଙ୍କ ହୃଦୟ ସହିତ ବିଜେତା ହେବା ଲକ୍ଷରେ ଏଥିରେ ଏଣ୍ଟ୍ରି କରିଥିବା ମତ ଦେଇଛନ୍ତି। ବଗ୍‌ବସ୍‌କୁ ସେ ପଲିଟିକ୍ସ ନୁହେଁ ବରଂ ହୃଦୟରୁ ଖେଳିବେ ବୋଲି ଏହି ସାକ୍ଷାତକାରରେ ମତ ଦେଇଛନ୍ତି । ଅଶନୁରଙ୍କ ବିଗବସ ଏଣ୍ଟ୍ରି ତାଙ୍କ ଫ୍ୟାନଙ୍କୁ ଖୁବ ଖୁସି ପ୍ରଦାନ କରିଛି । ସମସ୍ତେ ତାଙ୍କର ବିଗ୍‌ବସ୍ ଜର୍ଣ୍ଣି ଦେଖିବାକୁ ଅପକ୍ଷା କରି ରହିଛନ୍ତି ।

## କିଲୋମିଟର ପିଛା ୪୨୫ ଟଙ୍କା

ନିକଟରେ ସୋସିଆଲ ମିଡିଆରେ ଉବେର କ୍ୟାବ ସର୍ଭିସର ପ୍ରାଇସ୍ ଚାର୍ଟ ଖୁବ ଭାଇରାଲ ହେବାରେ ଲାଗିଛି । ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ପୋଷ୍ଟ ଅନୁସାରେ ବାଙ୍ଗାଲୋରରେ ବର୍ଷା ସମୟରେ ଗୋଟିଏ କି.ମିକୁ ୪୨୫ ଟଙ୍କା ଭଡା ପଡୁଥିବାର ଦେଖିବାକୁ ମିଳିଛି । ଯାହା ଗ୍ରାହକଙ୍କୁ ଖୁବ ଆଶ୍ଚର୍ଯ୍ୟ କରିଛି, ଏହି ସର୍ଭିସ ଲୋକଙ୍କ ଅସୁବିଧାର ଫାଇଦା ଉଠାଉଥିବା ସୋସିଆଲ ମିଡିଆରେ ଅନେକ ମତ ଦେଇଛନ୍ତି । ଏତେ କମ ରାସ୍ତାକୁ ଏତେ ଅଧିକ ଭଡା ସୋସିଆଲ ମିଡିଆରେ ଆଲୋଚନାର ବିଷୟ ପାଲଟିଛି । ୟୁଜର୍ସମାନେ ଏହାକୁ ନାପସନ୍ଦ କରିବା ସହିତ ଉବେରକୁ ଟ୍ରୋଲ କରୁଥିବା ଦେଖିବାକୁ ମିଳିଛି ।



## ମୌସୁମୀ ପରିଧାନ

ମୌସୁମୀ ବା ମନସୁନ୍ କହିଲେ ବ୍ରାଇଟ୍ ଓ ହାପି କଲରକୁ ବୁଝାଇଥାଏ । ଏହି ଦିନେ ୱାର୍କ ଫ୍ରମ ହୋମ ହେଉ କିମ୍ବା ଅଫିସ ସବୁୟାଗାରେ ବ୍ରାଇଟ୍ କଲର ଦେଖିବାକୁ ମିଳିଥାଏ । ମନସୁନ୍‌ର ଗ୍ରିନେରୀ ସହ ବ୍ରାଇଟ୍ କଲର ବେଶ ମ୍ୟାଚ କରିଥାଏ । ତେବେ ଆସନ୍ତୁ ଜାଣିବା ଏହି ଦିନେ ନିଜର ୱାଡରବକୁ କିଭଳି ସଜାଇ ରଖିବେ ।

**ରଫଲସ୍–** ରଫଲସ୍ ଷ୍ଟାଇଲ ସବୁବେଳେ ଟ୍ରେଣ୍ଡରେ ରହିଥାଏ । ହେଲେ ମନସୁନରେ ରଫଲ୍ସର ଚାହିଦା ବେଶ ଅଧିକା ବଢିଯାଇଛି । ଏହାର ବିଭିନ୍ନ ପ୍ରକାର ରହିଛି ଯେପରି ସ୍କର୍ଟ ଓ ଟପ୍ସ, ଗାଉନ୍, ଶାଢୀ ଆଦି ଅନେକ । ଏହା ପାର୍ଟିରେ ଆପଣଙ୍କୁ ଏକ ଡିଫରେଣ୍ଟ ଓ ଏଲିଗାଣ୍ଟ ଲୁକ ଦେଇଥାଏ । ତେଣୁ ମନସୁନ୍‌ରେ ପାର୍ଟି କରିବାକୁ ଚାହୁଁଥିଲେ ଏହାକୁ ଆପଣ ଫାଷ୍ଟ ଚଏସ୍‌ରେ ରଖିପାରିବେ । ଏହା ବେଶ ହାଲୁକା ହୋଇଥିବାରୁ ପିନ୍ଧିବାକୁ ମଧ୍ୟ ଭଲ ଲାଗିଥାଏ ।

**ମୋନକ୍ରୋମ–** ରଫଲ୍ସ ପରେ ମୋନକ୍ରମ ଡିଜାଇନ ମନସୁନରେ ଟ୍ରେଣ୍ଡ୍ ସାଜିଛି । ଏହି ଡିଜାଇନର ପ୍ୟାଣ୍ଟ ଯୁବତୀଙ୍କର ବେଶି ପସନ୍ଦ ଆସୁଛି । ଏହାର ବିଭିନ୍ନ ରଙ୍ଗ ବଜାରରେ ଉପଲବ୍ଧ । ସେହିଭଳି ଅନେକ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସରମାନେ ମଧ୍ୟ ଏହି ମୋନକ୍ରୋମକୁ ଷ୍ଟାଇଲ କରୁଥିବାର ଦେଖିବାକୁ ମିଳୁଛି ।

**ଫ୍ଲୋରାଲ–** ମନସୁନ ଓ ଫ୍ଲୋରାଲ ପ୍ରିଣ୍ଟର ସମ୍ପର୍କ କାହିଁ କେଉଁ ଦିନରୁ । ମନସୁନ ଆସିଲେ ସମସ୍ତେ ଫ୍ଲୋରାଲ ପ୍ରିଣ୍ଟକୁ ଖୋଜିଥାଆନ୍ତି । ଏହାର ପ୍ରିଣ୍ଟ ଓ ରଙ୍ଗ ଆପଣଙ୍କ ମନସୁନ୍ ଷ୍ଟାଇଲ୍‌କୁ ଆହୁରି ଆଟ୍ରାକ୍ଟିଭ କରିଥାଏ । ତେଣୁ ମନସୁନ ଆସିଲେ ସମସ୍ତଙ୍କ ୱାର୍ଡରବରେ ଫ୍ଲୋରାଲ ପ୍ରିଣ୍ଟର ପୋଷାକ ଦେଖିବାକୁ ମିଳିଥାଏ । ଏହି ପ୍ରିଣ୍ଟରେ ବିଭିନ୍ନ ଡିଜାଇନ୍ ଯଥା ସ୍କର୍ଟ, ଗାଉନ୍, ଡ୍ରେସ,ଟପ୍ ଆଦି ମିଳିଥାଏ ।

**ଜିନ୍ସ–** ଏହା ସବୁଠାରୁ ପୁରୁଣା ହେଲେ ଏହାକୁ ମଧ୍ୟ ମନସୁନ୍ ଫ୍ୟାଶନରେ ଆଡ୍ କରିହେବ । ଜିନ୍ସରେ ଆପଣ ବେଲବଟମ୍ ଷ୍ଟାଇଲକୁ ଆପଣାଇ ମନସୁନ୍‌ରେ ରେଟ୍ରୋ ଲୁକ୍ କ୍ରିଏଟ୍ କରିପାରିବେ । ଏହି ଲୁକ୍ କ୍ଲାସିକ୍ ସହିତ ଏଲିଗାଣ୍ଟ ହୋଇଥାଏ । ବର୍ତ୍ତମାନ ମନସୁନରେ ଏହାର ଅଧିକ କ୍ରେଜ ଦେଖିବାକୁ ମିଳୁଛି । ସବୁ ବର୍ଗର ଲୋକ ଏହାକୁ ପସନ୍ଦ କରିବା ସହିତ ବିଭିନ୍ନ ପାର୍ଟିରେ ମଧ୍ୟ କ୍ୟାରୀ କରୁଥିବାର ଦେଖିବାକୁ ମିଳିଥାଏ ।



### ମୁଖ୍ୟମନ୍ତ୍ରୀଙ୍କ ସହ କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀଙ୍କ ଆଲୋଚନା

# ଓଡିଶାରେ ସମବାୟ ବିକାଶ ପାଇଁ ବିଭିନ୍ନ ପ୍ରସ୍ତାବ ରଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଆଜି ଲୋକସେବା ଭବନରେ କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀଙ୍କ ସହିତ ଓଡିଶାରେ ସମବାୟ କ୍ଷେତ୍ରର ଅଭିବୃଦ୍ଧି ବିଷୟରେ ଆଲୋଚନା କରିଛନ୍ତି । ଏହି ବୈଠକରେ ରାଜ୍ୟରେ ସମବାୟ କ୍ଷେତ୍ରର ଅଗ୍ରଗତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା । ଏଥି ସହିତ ସମବାୟ କ୍ଷେତ୍ରରେ ହାସଲ କରାଯାଇଥିବା ସଫଳତା ଗୁଡିକ ମଧ କେନ୍ଦ୍ର ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା ।



ବୈଠକରେ ମୁଖ୍ୟମନ୍ତ୍ରୀ ପ୍ୟାକ୍ସର ଋଣ ପରିଶୋଧ ସମୟସୀମାକୁ ୫ ବର୍ଷରୁ ୧୦ ବର୍ଷକୁ ବୃଦ୍ଧି କରିବା, ବଡମ୍ବା ଏବଂ ବଲାଙ୍ଗୀରର ଚିନିକଳକୁ କାର୍ଯ୍ୟକ୍ଷମ କରିବା, ଗୋପାଳପୁର ଠାରେ ଜାତୀୟ ତ୍ରିଭୁବନ ସମବାୟ ବିଶ୍ୱ ବିଦ୍ୟାଳୟର ଏକ ସାଟେଲାଇଟ୍ ସେଣ୍ଟର ପ୍ରତିଷ୍ଠା, ପ୍ରତି ଜିଲ୍ଲା ତଥା ସବ୍‌ଡିଭିଜନରେ ଶୀତଳ ଭଣ୍ଡାର ଏବଂ ପଣ୍ୟାଗାର ସ୍ଥାପନ, କୃଷକ ଉତ୍ପାଦକ ସଂଗଠନ (ଋଚଙ) ବୃଦ୍ଧି କରିବା, ସମସ୍ତ ନୂତନ ପ୍ରାଥମିକ କୃଷି ସମବାୟ ସମିତି ଗୁଡିକ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ଆଦି ବିଷୟରେ ସମବାୟ ରାଷ୍ଟ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି କେନ୍ଦ୍ର ସରକାରଙ୍କ ସହଯୋଗ ଓ ସମର୍ଥନ କାମନା କରିଥିଲେ ।

କେନ୍ଦ୍ର ମନ୍ତ୍ରୀ ଓଡିଶା ସରକାରଙ୍କ ସମବାୟ କ୍ଷେତ୍ରର ବିକାଶ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସନ୍ତୋଷବ୍ୟକ୍ତ କରି କହିଥିଲେ ଯେ ଭାରତ ସରକାର ବିଭିନ୍ନ ରାଜ୍ୟରେ ସମବାୟ ବିକାଶ ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି । କିଛି ରାଜ୍ୟକୁ ମଧ ପାଇଲଟ ପ୍ରୋଜେକ୍ଟ ଭାବେ ଗ୍ରହଣ କରାଯାଇଛି । ସେ ସବୁ ରାଜ୍ୟ ଗୁଡିକର କାର୍ଯ୍ୟପ୍ରଣାଳୀକୁ ଅନୁଧ୍ୟାନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ଏଥି ସହିତ ଓଡିଶା ସରକାରଙ୍କ ପକ୍ଷରୁ ସମବାୟ ବିକାଶ ପାଇଁ ଯାହା ଆବଶ୍ୟକ ହେବ କେନ୍ଦ୍ର ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇଦେବେ ବୋଲି ସେ କହିଥିଲେ ।

ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସମବାୟ ସଚିବ ରାଜେଶ ପ୍ରଭାକର ପାଟିଲ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଟ, କେନ୍ଦ୍ର ସରକାରଙ୍କ ଯୁଗ୍ମ ସଚିବ ରମଣ କୁମାର, ଆନନ୍ଦ ଝା ଏବଂ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ଓ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ପାଠପଢା ସହାୟତା ବାହାନାରେ ୨୦ଲକ୍ଷ ଠକେଇ, ୨ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ପାଠପଢାରେ ସହାୟତା କରିବା ବାହାନା କରି ୨୦ଲକ୍ଷ ଟଙ୍କା ଠକି ନେଇଥିବା ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ତମାଣ୍ଡୋ ଥାନା ପୋଲିସ । ଗିରଫ ଦୁଇଜଣ ହେଲେ ଆଶିଷ ରଞ୍ଜନ ନାୟକ (୩୨) ଓ ଶୁଭମ୍ ଭଟ୍ଟ (୨୫) । ଦୁଇଜଣଙ୍କ ନିକଟରୁ ଠକେଇ ସମ୍ପର୍କିତ କାଗଜପତ୍ର ଜବତ ହୋଇଥିବା ପୋଲିସ କହିଛି ।

ମାର୍କଣ୍ଡ ମହାକୁଡଙ୍କୁ ତାଙ୍କ ପୁଅର ପାଠପଢାରେ ସହାୟତା କରିବା ବାହାନା କରିଥିବା ଆଶିଷ ରଞ୍ଜନ ନାୟକ ଭୁବନେଶ୍ୱରରେ ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ସ୍ଥାନ ସଂରକ୍ଷିତ ରଖିବା ପ୍ରତିଶ୍ରୁତି ଦେଇଥିଲା ଅଭିଯୋଗକାରୀ । ପ୍ରତିଶ୍ରୁତିକୁ ବିଶ୍ୱାସ କରି ଅଭିଯୋଗକାରୀ ଅଭିଯୁକ୍ତ ଆଶିଷକୁ ୨ଲକ୍ଷ ୬୦ ହଜାର ଟଙ୍କା ଦେଇଥିଲେ । ସ୍ଥାନ ସଂରକ୍ଷଣ କାର୍ଯ୍ୟରେ ସହାୟତା କରିବା ଲାଗି ଅଭିଯୁକ୍ତ ଆଶିଷ ଶୁଭମ୍ ଭଟ୍ଟ ନାମକ ଅନ୍ୟ ଜଣେ ଅଭିଯୁକ୍ତଙ୍କ ସହ ଯୋଗାଯୋଗ କରିଥିଲା । ତାଙ୍କୁ ୧ଲକ୍ଷ ୮୦ ହଜାର ଟଙ୍କା ଦେଇଥିଲା । ଉଭୟ ଅଭିଯୁକ୍ତ ଅଭିଯୋଗକାରୀଙ୍କୁ ଆଶ୍ୱାସନା ଦେଇଥିଲେ ଯେ, ଶିକ୍ଷାନୁଷ୍ଠାନରେ ପ୍ରବେଶ ପ୍ରକ୍ରିୟା ଶେଷ ହୋଇଛି । ପରେ ଅଭିଯୁକ୍ତ ଆଶିଷ ଗୋଟିଏ ବର୍ଷ ହଷ୍ଟେଲ ଓ ଖାଦ୍ୟ ଖର୍ଚ୍ଚ ପାଇଁ ୧ଲକ୍ଷ ୩୫ ହଜାର ଟଙ୍କା ଦାବି କରିଥିଲା । ଯାହା ଅଭିଯୋଗକାରୀ ତାଙ୍କୁ ଫୋନ୍ ପେ'ମାଧ୍ୟମରେ ଦେଇଥିଲେ ।

ଏପ୍ରିଲ୍ ୨୩ ତାରିଖ ଦିନ ଅଭିଯୋଗକାରୀ ତାଙ୍କ ପୁଅର ହଷ୍ଟେଲରେ ରହିବା ଲାଗି ସେହି ନିର୍ଦ୍ଦିଷ୍ଟ ଶିକ୍ଷାନୁଷ୍ଠାନକୁ ଯାଇଥିଲେ । ଶିକ୍ଷାନୁଷ୍ଠାନର ପ୍ରଶାସନିକ ମୁଖ୍ୟଙ୍କ ଠାରୁ ବୁଝିଥିଲେ ଯେ, ତାଙ୍କ ପୁଅ ଦେବାଶିଷ ନାମରେ କୌଣସି ଟଙ୍କା ଶିକ୍ଷାନୁଷ୍ଠାନକୁ ଦିଆଯାଇନାହିଁ । ଏହା ପରେ ଉଭୟ ଅଭିଯୁକ୍ତଙ୍କୁ ସାକ୍ଷାତ କରି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ ମଧ ତାଙ୍କ ନିକଟରୁ କୌଣସି ସନ୍ତୋଷଜନକ ଉତ୍ତର ପାଇନଥିଲେ । ଉପାୟଶୂନ୍ୟ ହୋଇ ତମାଣ୍ଡୋ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଦୁଇଜଣ ଯାକ ୨୦/୩୦ଜଣ ପାଠ ପଢିବା ଆଶାୟୀଙ୍କ ଠାରୁ ୨୦ଲକ୍ଷ ଟଙ୍କା ଠକି ନେଇଥିବା ବେଳେ ନିର୍ଦ୍ଦିଷ୍ଟ ସେହି ଶିକ୍ଷାନୁଷ୍ଠାନ ନାମରେ ସେମାନଙ୍କୁ ନକଲି ରସିଦ ମଧ ଦେଇଥିଲେ । ପୋଲିସ ଏହି ପ୍ରମାଣ ପାଇବା ପରେ ଅଭିଯୁକ୍ତ ଆଶିଷ ଓ ଶୁଭମ୍‌କୁ ସୋମବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ଦୁହିଁଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ଖଣ୍ଡାରେ ଆକ୍ରମଣ, ଦୁଇ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଖଣ୍ଡାରେ ଆକ୍ରମଣ କରି ଶିବଶଙ୍କର ସାହୁଙ୍କୁ ଗୁରୁତର କରିବା ଅଭିଯୋଗରେ ପାହାଳ ଥାନା ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ବଳରାମ ବେହେରା (୨୩) ଓ ବିଶାଳ ବିଶ୍ୱାଳ (୨୦) । ଆକ୍ରମଣରେ ସମ୍ପୃକ୍ତ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରିଛି ।

ମାର୍ଚ୍ଚ ୧୯ ତାରିଖ ଦିନ ସନ୍ଧ୍ୟାବେଳେ ଅଭିଯୋଗକାରୀ ଶିବପ୍ରସାଦ ସାହୁ ତାଙ୍କର କିଛି ବନ୍ଧୁମାନଙ୍କ ସହ କର୍ପିଓ ଗାଡିରେ କାମରୁ ଫେରୁଥିବା ବେଳେ ପାହାଳ ଆସୋଟେକ୍ ପ୍ରାଇଡ୍ ନିକଟରେ କୌଣସି ଜରୁରୀ କାମ ପାଇଁ ଅଟକି ଥିଲେ । ଅଭିଯୋଗକାରୀ ଗାଡି ନିକଟରୁ ଦୂରରେ ଥିବା ଏକ ସ୍ଥାନକୁ ଯାଇଥିବା ସମୟରେ ହଠାତ୍ ୬ଜଣ ଦୁର୍ବୃତ୍ତ ବାଇକ୍‌ରେ ତାଙ୍କୁ ପିଛା କରି ଆକ୍ରମଣ କରିଥିଲେ । ସେମାନଙ୍କ ମଧ୍ୟରୁ ୩ଜଣ ଅଭିଯୋଗକାରୀଙ୍କୁ ପିଛା କରି ନିକଟସ୍ଥ ଏକ ଦୋକାନ ଭିତରେ ଖଣ୍ଡାରେ ଆକ୍ରମଣ କରିଥିଲେ । ଖଣ୍ଡା ଚୋଟ ତାଙ୍କ ମୁଣ୍ଡ ଓ ହାତରେ ଲାଗିବାରୁ ଗୁରୁତର କ୍ଷତ ସୃଷ୍ଟି ହୋଇଥିଲା । ଆକ୍ରମଣ ସମୟରେ ରବିନ ଶତପଥୀ ବୋଲି ଜଣେ ଯୁବକଙ୍କୁ ଲୋକମାନେ ଧରିଥିଲେ । ବୁବୁନ ରାଉତ ଓ ସତ୍ୟପ୍ରକାଶ ରାଉତ ସେମାନଙ୍କୁ ପଠାଇଥିବା ଲୋକମାନଙ୍କୁ କହିଥିଲା ।

ପୂର୍ବରୁ ସେମାନଙ୍କ ମଧ୍ୟରେ ଏକ ଗଣ୍ଡଗୋଳ ହୋଇଥିଲା । କାରଣ ଇଗଲ କ୍ଲବ୍‌ରେ ଏକ ଜନ୍ମଦିନ ପାର୍ଟିକୁ ନେଇ ଗଣ୍ଡଗୋଳ ହେବାରୁ ମଞ୍ଚେଶ୍ୱର ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପ୍ରତ୍ୟାହାର କରିବାକୁ ସେମାନେ ଧମକ ଦେଇଥିଲେ । ସେ ଏତଲା ପ୍ରତ୍ୟାହାର ନକରିବାରୁ ତାଙ୍କୁ ପିଛା କରି ହତ୍ୟା କରିବାକୁ ଚେଷ୍ଟା କରିଥିବା ଦୁଇ ଅଭିଯୁକ୍ତ କହିଥିବା ପୋଲିସ ସୂଚନା ଦେଇଛି । ଗିରଫ ଦୁଇ ଅଭିଯୁକ୍ତ ବଳରାମ ଓ ବିଶାଳକୁ କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଦୁହିଁଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ଅବକାରୀ ଚଢ଼ାଉ: ମଦ ସହ ପୋଚ ନଷ୍ଟ

ଆଠଗଡ ,(ସବ୍ୟୁ): ସୋମବାର ଆଠଗଡ଼ ଅତିରିକ୍ତ ତହସିଲଦାର ସମରେନ୍ଦ୍ର ଭଟ୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ତିଗିରିଆ ଥାନା ଅନ୍ତର୍ଗତ ପଣସପାଟଣା ରେ ଅବକାରୀ ବିଭାଗ, ପୋଲିସ ବିଭାଗ, ଅବକାରୀ ଗୁଇନ୍ଦା ବିଭାଗ ଏକ ବଡ ଧରଣ ର ମିଳିତ ଚଡାଉ କରାଯାଇ ଥିଲା । ଉକ୍ତ ଚଡାଉ ରେ ସର୍ବମୋଟ ୨୨୦୫ ଲିଟର ଚୋରା ଦେଶୀ ରନ୍ଧା ମଦ ସହ ୧୯୧୪୫ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ ପୋଚ ଉଦ୍ଧାର କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି ।ଏ ବାବଦରେ ୬ ଗୋଟି ମାମଲା ରୁଜୁ କରା ଯାଇଥିବା ବେଳେ କାହାକୁ ଗିରଫ କରାଯାଇନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ଏହି ଚଡାଉ ରେ ଅତିରିକ୍ତ ତହସିଲଦାର ସମରେନ୍ଦ୍ର ଭଟ୍ଟ ଙ୍କ ସହିତ ଆଠଗଡ଼ ଅବକାରୀ ନିରୀକ୍ଷକ ରବି ନାରାୟଣ ପ୍ରଧାନ , ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ନିରୀକ୍ଷକ ଅଭିରାମ ସାହୁ ,ଉପ ନିରୀକ୍ଷକ ଅରୁଣ ଭୋଇଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀ ମାନେ ସାମିଲ ହୋଇଥିଲେ ।

### କୋଟସାମଲାଇ ଏବଂ ବାଘୁଆପଲ୍ଲୀକୁ ପାତାଳୀ ଶ୍ରୀକ୍ଷେତ୍ର କୁହାଯିବା ନେଇ ବିବାଦ

# ଦେବୋତ୍ତର କମିସନରଙ୍କୁ ଜବାବ ଦାଖଲ ନିର୍ଦ୍ଦେଶ

କଟକ,(ସବ୍ୟୁ): ସୋନପୁର ଜିଲ୍ଲାର କୋଟସାମଲାଇ ଏବଂ ବାଘୁଆପଲ୍ଲୀକୁ ପାତାଳୀ ଶ୍ରୀକ୍ଷେତ୍ର କୁହାଯାଇ ପାରିବ ନାହିଁ ବୋଲି ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା( ଏଏସ୍‌ଆଇ କହିଛି । ଏହି ଦୁଇଟି ସ୍ଥାନକୁ ପାତାଳୀ ଶ୍ରୀକ୍ଷେତ୍ର ବୋଲି ହେଉଥିବା ଦାବିକୁ ପ୍ରତ୍ନତାତ୍ତ୍ୱିକ ଦୃଷ୍ଟିରୁ ଗ୍ରହଣ କରାଯାଇ ପାରିବ ନାହିଁ ବୋଲି ଏଏସ୍‌ଆଇ କହିବା ପରେ ଏହାକୁ ରାଜ୍ୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ସମର୍ଥନ ଜଣାଇଥିଲା । ଏଏସ୍‌ଆଇର ଏଭଳି ନିଷ୍ପତ୍ତିକୁ ଚାଲେଞ୍ଜ କରି ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା । ହାଇକୋର୍ଟ ଏହି ମାମଲାର ପ୍ରାଥମିକ ଶୁଣାଣି କରି ରାଜ୍ୟ ଦେବୋତ୍ତର କମିସନରଙ୍କୁ ନୋଟିସ୍ ଜାରି କରିଛନ୍ତି । ଯେହେତୁ ଏହା ଧାର୍ମିକ ଅନୁଷ୍ଠାନର ସତ୍ତାକୁ ନେଇ ପ୍ରଶ୍ନ ଉଠିଛି ସେଭଳି କ୍ଷେତ୍ରରେ ଦେବୋତ୍ତର କମିସନର ଜବାବ ରଖିବା ଆବଶ୍ୟକତା ରହିଛି ବୋଲି ହାଇକୋର୍ଟ ମତ ଦେଇଛନ୍ତି । ସନାତନ ଦାନାୟକ ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ କେ.ଆ ମହାପାତ୍ର ଏବଂ ଜଷ୍ଟିସ୍ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ଶୁଣାଣି ଅକ୍ଟୋବର ୧୫କୁ ଧାର୍ଯ୍ୟ ହୋଇଛି ।


ଆ ବେ ଦ ନ କା ରୀ ମା ନେ ପିଟିସନ୍‌ରେ ଦର୍ଶାଇଛନ୍ତି ଯେ, ମୋଗଲମାନଙ୍କ ଆକ୍ରମଣ ସମୟରେ ମହାପ୍ରଭୁ ଜଗନ୍ନାଥ ସୋନପୁର ଜିଲ୍ଲାରେ ପାତାଳୀ ହୋଇଥିଲେ ବୋଲି ସମଗ୍ର ରାଜ୍ୟବା ଜାଣନ୍ତି । ସୋନପୁରର ଦୁଇଟି ସ୍ଥାନ କୋଟସାମଲାଇ ଏବଂ ବାଘୁ ଆପଲ୍ଲୀକୁ ପାତାଳୀ ଶ୍ରୀକ୍ଷେତ୍ର ବୋଲି ଦାବି କରାଯାଇଥାଏ । ରାଜ୍ୟ ସରକାର କୋଟସାମଲାଇ ପାତାଳୀ ଶ୍ରୀକ୍ଷେତ୍ରଳ ଉନ୍ନତୀକରଣ ପାଇଁ ୨୮କୋଟି ଟଙ୍କା ମଞ୍ଜୁର କରିଥିଲେ । ବାଘୁଆପଲ୍ଲୀ ପୂଜା କମିଟି ସେମାନଙ୍କ କ୍ଷେତ୍ର ପାତାଳୀ ଶ୍ରୀକ୍ଷେତ୍ର ବୋଲି ଦାବି କରି ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିଲା । ଉଭଳ କ୍ଷେତ୍ର ମଧ୍ୟରୁ କେଉଁ କ୍ଷେତ୍ର ପ୍ରକୃତ ପାତାଳୀ ଶ୍ରୀକ୍ଷେତ୍ର ତାହାର ଏକ ଯାଞ୍ଚ କରାଯାଉ ବୋଲି କୁହାଯାଇଥିଲା । ଏହାକୁ ଆଧାର କରି ରାଜ୍ୟ ସରକାର ଏଏସ୍‌ଆଇକୁ ତଦନ୍ତ କରି ରିପୋ ଦେବାକୁ ଅନୁରୋଧ କରିଥିଲେ । ଏଏସ୍‌ଆଇ ପକ୍ଷରୁ ଏକ ୬ଜଣିଆ କମିଟି ଗଠନ କରାଯାଇଥିଲା । ଏହି ୬ଜଣିଆ କମିଟି ଯାଞ୍ଚ କରି ଯେଉଁ ରିପୋର୍ଟ ଦେଇଥିଲା ସେଥିରେ ଦୁଇଟି ଯାଇ କ୍ଷେତ୍ର ପାତାଳୀ ଶ୍ରୀକ୍ଷେତ୍ର ନୁହେଁ ବୋଲି ସ୍ପଷ୍ଟ ଉଲ୍ଲେଖ କରିଥିଲା । ଏହାକୁ ରାଜ୍ୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ମଧ ସମର୍ଥନ ଜଣାଇଥିଲା ।

ଫ ଳ େ ର ଆ ବେ ଦ ନ କା ରୀ ମା ନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସେମାନେ ପିଟିସନ୍‌ରେ ଦର୍ଶାଇଛନ୍ତି ଯେ, ମହାପ୍ରଭୁ ଜଗନ୍ନାଥଙ୍କୁ ମୋଗଲ ଆକ୍ରମଣ ବେଳେ ତାଙ୍କୁ ଏହି ସ୍ଥାନ ଆଣି ରଖାଯାଇଥିବା କଥା ପୁରାଣ ବିଦିତ ।

### ଗୁଡ଼ାରୀ ବ୍ଲକ୍ ଅଧକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରୋସିଡିଂ ରଦ୍ଦ ପାଇଁ ଗୁଣପୁର ବିଧାୟକଙ୍କ ମାମଲା

# ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନୋଟିସ୍

କଟକ(ସବ୍ୟୁ) : କୋରାପୁଟ ଜିଲ୍ଲା ଗୁଡ଼ାରୀ ବ୍ଲକ୍ ଅଧକ୍ଷା ଲକ୍ଷ୍ମୀ ଶବରଙ୍କ ବିରୋଧରେ ଆଗତ ଅନାସ୍ଥା ସମ୍ପୂର୍ଣ୍ଣ ରଦ୍ଦ କରିବା ଲାଗି ଗୁଣପୁର ବିଧାୟକଙ୍କ ପକ୍ଷରୁ ହୋଇଥିବା ମାମଲାରେ ହାଇକୋର୍ଟ ଆଜି ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ଲାଗି ନୋଟିସ୍ ଜାରି କରିଛନ୍ତି । ଗୁଣପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ରାଧାକୃଷ୍ଣ ପଟ୍ଟନାୟକ ଏହି ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀ ବିଧାୟକ ଶ୍ରୀ ଗମାଙ୍ଗ ପିଟିସନ୍‌ରେ ଦର୍ଶାଇଛନ୍ତି ଯେ, ଯେତେବେଳେ କୌଣସି ବ୍ଲକ୍ ଅଧକ୍ଷଙ୍କ ବିରୋଧରେ ଅନାସ୍ଥା ଆଗତ କରାଯାଏ ସେତେବେଳେ ବିଧାୟକ ଏ ସାଂସଦଙ୍କୁ ମଧ ଏ ସଂକ୍ରାନ୍ତରେ ଅବଗତ କରାଯାଏ । ଉଭୟ ଏହି ପ୍ରକ୍ରିୟାରେ ସାମିଲ୍ ହୋଇ ଭୋଟ୍ ଦେଇଥାନ୍ତି । କାରଣ ଉଭୟ ସାଂସଦ ଏବଂ ବିଧାୟକ ବ୍ଲକ୍ କମିଟିର ଜଣେଜ ସଦସ୍ୟ । ୨୦୦୯ର ଏକ ନିୟମ ଅନୁଯାୟୀ, ଯେତେବେଳେ ଲୋକସଭା ଅବା ବିଧାନସଭା ଚାଲୁଥିବ ସେହି ସମୟରେ କୌଣସି ବ୍ଲକ୍ ଅଧକ୍ଷଙ୍କ ବିରୋଧରେ ଅନାସ୍ଥା ଆଗତ ହୋଇପାର୍ଟି ନାହିଁ । ଏହି ସମୟରେ ପାର୍ଲାମେଣ୍ଟ ଚାଲୁଥିବାବେଳେ ସ୍ଥାନୀୟ ଉପ ଜିଲ୍ଲାପାଳ ଗତ ଜୁଲାଇ ୨୪ରେ ଗୁଡ଼ାରୀ ବ୍ଲକ୍ ଅଧ୍ୱକ୍ଷା ଲକ୍ଷ୍ମୀ ଶବରଙ୍କ ବିରୋଧରେ ଅନାସ୍ଥା ଆଣିଥିଲେ । ଏହି ଅନାସ୍ଥ ଚାଲେଞ୍ଜ କରି ଅଧକ୍ଷା ପୂର୍ବରୁ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ । ହାଇକୋର୍ଟ ସେହି ମାମଲାରେ ଅନାସ୍ଥାର ଫଳାଫଳ ଉପରେ ରହିତାଦେଶ ଜାରି କରିଛନ୍ତି । ଏବେ ବିଧାୟକ ପକ୍ଷରୁ ରୁଜୁ ମାମଲାରେ ଉକ୍ତ ଅନାସ୍ଥାକୁ ସମ୍ପୂର୍ଣ୍ଣ ରଦ୍ଦ ପାଇଁ ପ୍ରାର୍ଥନା କରାଯାଇଛ ।



# କର୍ଣ୍ଣାଟକ ଦକ୍ଷତା ବିକାଶ ଓ ଉଦ୍ୟୋଗ ବିଭାଗ ମନ୍ତ୍ରୀଙ୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ



କୋଣାର୍କ,(ସବ୍ୟୁ): ସୋମବାର ଅପରାହ୍ନରେ କର୍ଣ୍ଣାଟକ ରାଜ୍ୟର ଦକ୍ଷତା ବିକାଶ ଓ ଉଦ୍ୟୋଗ ବିଭାଗ ମନ୍ତ୍ରୀ ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିଛନ୍ତି । କର୍ଣ୍ଣାଟକ ରାଜ୍ୟର ଦକ୍ଷତା ବିକାଶ ଓ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଶରନ ପ୍ରକାଶ ଆର ପାଟିଲ ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟ ମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ପହଞ୍ଚିବା ପରେ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ଓ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ ରଞ୍ଜନ ସେଠୀ ପ୍ରମୁଖ ପୁଷ୍ପ ଗୁଚ୍ଛ ଦେଇ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ପରେ ପରେ ମନ୍ତ୍ରୀ ଶ୍ରୀ ପାଟିଲ ବିଶ୍ୱ ଐତିହ୍ୟ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିଥିଲେ । ସରକାରୀ ସ୍ୱୀକୃତି ପ୍ରାପ୍ତ ଗାଇଡ ବିଶ୍ୱେଶ୍ୱର ଦାସ ମନ୍ତ୍ରୀ ଶ୍ରୀ ପାଟିଲଙ୍କୁ ସୂର୍ଯ୍ୟ ମନ୍ଦିରର ଇତିହାସ, ଐତିହ୍ୟ, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ସମ୍ପର୍କରେ ବିଶଦ ଭାବରେ ଅବଗତ କରାଇଥିଲେ । ସୂର୍ଯ୍ୟ ମନ୍ଦିର ପରିଦର୍ଶନ ସମୟରେ କର୍ଣ୍ଣାଟକ ରାଜ୍ୟର ମନ୍ତ୍ରୀ ଶ୍ରୀ ପାଟିଲ ମନ୍ଦିରର କଳାକୃତି ଓ ସ୍ଥାପତ୍ୟ ବିଶ୍ୱ ଅନନ୍ୟ ବୋଲି ଅଭିହିତ କରିବା ସହ ବିମୋହିତ ହୋଇଥିଲେ । ଏହି ଗ୍ରସ୍ତ ସମୟରେ କୋଣାର୍କ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା ।

### ଏସ୍‌ସିବି ନନ୍‌ଟ୍ରମା କାଜୁଆଲିଟିରେ ରୋଗୀଙ୍କୁ ମିଳିଲାନି ସେବା

# ଚାଲିଗଲା ଜୀବନ, ପରିସରରେ ଉତ୍ତେଜନା

କଟକ,(ସବ୍ୟୁ):ଏସ୍‌ସିବି ନନ୍‌ଟ୍ରମା କାଜୁଆଲଟିରେ ରୋଗୀଙ୍କୁ ମିଳିଲାନି ଉପଯୁକ୍ତ ସେବା । ଇସିଜି କରିବାକୁ କର୍ମଚାରୀ କାଜୁଆଲଟିରେ ମନା କରିବାରୁ ଏହି ପରୀକ୍ଷା ପାଇଁ ଦୀର୍ଘ ସମୟ ଅପେକ୍ଷା କରି ରୋଗୀ ଜଣଙ୍କର ମୃତ୍ୟୁ ହୋଇଛି । ରୋଗୀ ମୃତ୍ୟୁ ପରେ ଉକ୍ତ କାଜୁଆଲଟି ଉତ୍ତେଜନା ପ୍ରକାଶ ପାଇଥିଲା । ଏପରିକି କାଜୁଆଲଟି ପରିସରରେ ପ୍ରାୟ ଦୁଇ ଘଣ୍ଟାରୁ ଅଧିକ ସମୟ ଧରି ମୃତଦେହ ରଖାଯାଇଥିଲା । ମେଡିକାଲରେ ଗୁରୁତର ରୋଗୀଙ୍କୁ ଏଭଳି ହଟହଟା କରିବା ସହ ରୋଗୀଙ୍କୁ ମୃତ୍ୟୁ ମୁଖକୁ ପଠାଯାଉଥିବା ମୃତକଙ୍କ ପରିବାର କହିଛନ୍ତି ।

କଟକ ଯୋବ୍ରା ଅଞ୍ଚଳର ଜନୈକ ରୋଗୀ ଛାତିରେ ଯନ୍ତ୍ରଣା ହେବା ସହ ଠିକ୍ ଭାବେ ନିଶ୍ୱାସ ନ ନେଇ ପାରିବାରୁ ସୋମବାର ଏସ୍‌ସିବିର ନନ୍‌ଟ୍ରମା କାଜୁଆଲଟିକୁ ଚିକିତ୍ସା ପାଇଁ ଆସିଥିଲେ । ରୋଗୀ ଜଣଙ୍କୁ ଡାକ୍ତର ଦେଖିବା ପରେ ପ୍ରଥମେ ଅକ୍ସିଜେନ ଲଗାଯାଇଥିଲା ଏବଂ ପରେ ଇସିଜି କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ । ହେଲେ ଇସିଜି କରିବାକୁ ରୋଗୀ ଜଣକର ପରିବାର ଲୋକ ଯାଇ ଉକ୍ତ କାଜୁଆଲଟି ପରିସରରେ ଥିବା ଇସିଜି ଗୃହରେ ପଚାରିବାରୁ ସେଠାରେ ଥିବା କର୍ମଚାରୀ ଇସିଜି କରିବାକୁ ମନା କରିଥିଲେ । ଇସିଜି ନ ହେବାରୁ ରୋଗୀ ଜଣକ ଡାକ୍ତର ଦେଖାଇବାରୁ ମଧ୍ୟ ବଞ୍ଚିତ ରହିଥିଲେ ଏବଂ ଦୀର୍ଘ ସମୟ ଇସିଜି ପାଇଁ ଅପେକ୍ଷା କରିବା ପରେ ରୋଗୀ ଜଣକର ମୃତ୍ୟୁ ହୋଇଥିଲା ।

# ଶ୍ରୀ ମନ୍ଦିରରେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କଲେ ନୂତନ ପୁରୀ ଏସ୍‌ପି ପ୍ରତୀକ ସିଂ

ପୁରୀ, (ସବ୍ୟୁ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପୁରୀ ଜିଲ୍ଲା ନୂତନ ଏସପି ଭାବେ ନବ ନିଯୁକ୍ତ ଆଇପିଏସ୍ ପ୍ରତୀକ ସିଂ ଦାୟିତ୍ୱ ନେବା ପୂର୍ବରୁ ସୋମବାର ପୂର୍ବାହ୍ନରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରିଛନ୍ତି । ଶ୍ରୀ ସିଂ ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ଜିଲ୍ଲା ପୋଲିସର ବରିଷ୍ଠ ଅଧିକାରୀ ଏବଂ ସେବାୟତମାନେ ସ୍ୱାଗତ କରିଥିଲେ । ପୋଲିସ ଅଧିକାରୀମାନେ ଶ୍ରୀ ସିଂଙ୍କୁ ଶ୍ରୀମନ୍ଦିରକୁ ପାଛୋଟି ନେଇ ଥିଲେ । ଶ୍ରୀ ସିଂ ମନ୍ଦିର ଭିତରକୁ ଯାଇ ରତ୍ନସିଂହାସନରେ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିଥିଲେ । ମହାପ୍ରଭୁଙ୍କ ଦର୍ଶନ କରିବା ପରେ ନିଜ ପ୍ରତିକ୍ରିୟାରେ ଏସପି ଶ୍ରୀ ସିଂ କହିଛନ୍ତି ପୁରୀରେ ଏସପି ଭାବରେ ନିଯୁକ୍ତି ହେବା ମୋ ପାଇଁ ବହୁତ ସୌଭାଗ୍ୟର କଥା । ମହାପ୍ରଭୁଙ୍କର ଆଶୀର୍ବାଦ ନେଇ ଆଗାମୀ କାର୍ଯ୍ୟ ଆରମ୍ଭ କରିବାକୁ



ଲକ୍ଷ୍ୟ ରଖିଛି । ଶ୍ରୀମନ୍ଦିରର ସୁରକ୍ଷା, ଶୃଙ୍ଖଳିତ ଦର୍ଶନ ଏବଂ ପର୍ଯ୍ୟଟକଙ୍କ ସୁରକ୍ଷା ପୋଲିସର ମୁଖ୍ୟ ପ୍ରାଥମିକତା କାର୍ଯ୍ୟ ହେବ ବୋଲି ସେ କହିଛନ୍ତି । ସେହିପରି ପୁରୀ ଜିଲ୍ଲାର ଆଇନ ଶୃଙ୍ଖଳା ସ୍ଥିତି ବଜାୟ ରଖିବା ପାଇଁ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହିତ ଆଲୋଚନା କରି ସମସ୍ତ ପ୍ରକାର ପଦକ୍ଷେପ ନିଆଯିବ ବୋଲି ଏସପି ଶ୍ରୀ ସିଂ କହିଛନ୍ତି । ଆସନ୍ତା କାଲି ପୂର୍ବାହ୍ନରେ ଶ୍ରୀ ସିଂ ଜିଲ୍ଲା ପୋଲିସ କାର୍ଯ୍ୟାଳୟ ରେ ଏସପି ତଥା ଡିଆଜି ପିନାକ ମିଶ୍ର ଙ୍କ ଠାରୁ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିବେ ।

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ୬ ଦିନିଆ ସ୍ୱାସ୍ଥ୍ୟ ଶିବିର

କଟକ, (ସ୍ୱପ୍ର): ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଶ୍ରୀ ଶ୍ରୀ ଆୟୁର୍ବେଦ ବିଜ୍ଞାନ




ଓ ଗବେଷଣା ଚିକିତ୍ସାଳୟ ପକ୍ଷରୁ ଆରବିଏଲ ବ୍ୟାଙ୍କ ସହାୟତାରେ ଏକ ୬ ଦିନିଆ ସ୍ୱାସ୍ଥ୍ୟ ଶିବିର ସୋମବାର ଆୟୁର୍ବେଦ ଚିକିତ୍ସାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି । ବ୍ୟାଙ୍କର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଆର୍) କାର୍ଯ୍ୟକଳାପ "ଧନ୍ୱନ୍ତରୀ' ଆନୁକୂଲ୍ୟରେ ଏହା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହେଉଛି । ଏହାକୁ ବ୍ୟାଙ୍କର କ୍ଲଷ୍ଟର ମୁଖ୍ୟ ସନ୍ଦିପ ପାଲ୍, ଶାଖା ପ୍ରବନ୍ଧକ ଷ୍ଟାଲିନ୍ ବେହେରା ଓ କୁମାର ମହାନ୍ତିଙ୍କ ଉପସ୍ଥିତିରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଉଦ୍‌ଘାଟନ କରିଥିଲେ । ଏହି ସ୍ୱାସ୍ଥ୍ୟ ଶିବିରରେ ସମ୍ପୂର୍ଣ୍ଣ ରକ୍ତପରୀକ୍ଷା (ସିବିସି), ରକ୍ତ ଶର୍କରା, କୋଲେଷ୍ଟେରଲ୍, ଥାଇରଏଡ୍, ଭିଟାମିନ୍-ବି୧୨ ଓ ଡି ୩ ସାଙ୍ଗକୁ ରକ୍ତଚାପ ପରୀକ୍ଷା କରାଯାଉଛି । ଏଥିସହ ଚକ୍ଷୁ ପରୀକ୍ଷା କରାଯାଇ ବିନାମୂଲ୍ୟରେ ଚଷମା ମଧ୍ୟ ଉପଲବ୍ଧ କରାଯାଉଛି । ଏହି ସ୍ୱାସ୍ଥ୍ୟ ଶିବିର ଆସନ୍ତା ଅଗଷ୍ଟ ୩୦ ତାରିଖ ପର୍ଯ୍ୟନ୍ତ ଶ୍ରୀ ଶ୍ରୀ ଆୟୁର୍ବେଦ ଚିକିତ୍ସାଳୟର 'ବି' ବ୍ଲକ ପରିସରରେ ଚାଲିବ । ପ୍ରଥମ ଦିନରେ ବିଶ୍ୱବିଦ୍ୟାଳୟର ପ୍ରାୟ ଦୁଇଶହ କର୍ମଚାରୀ ଏଠାରେ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିବା ବେଳେ ସମୁଦାୟ ୬ ଦିନରେ ଏହି ସଂଖ୍ୟା ପନ୍ଦର ଶହ ଛୁଇଁପାରେ ବୋଲି ଆୟୋଜକଙ୍କ ପକ୍ଷରୁ ଆକଳନ କରାଯାଇଛି ।

## ଦାଦନ ଶ୍ରମିକ ହ୍ରାସ ନେଇ ଗଠିତ

# ଉଚ୍ଚସ୍ତରୀୟ ଟାସ୍କଫୋର୍ସର ତୃତୀୟ ବୈଠକ

ଭୁବନେଶ୍ୱର (ସବ୍ୟୁ): ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଦାଦନ ଶ୍ରମିକ ହ୍ରାସ ନେଇ ଗଠିତ ଉଚ୍ଚସ୍ତରୀୟ ଟାସ୍କଫୋର୍ସର ତୃତୀୟ ବୈଠକ ଅନୁଷ୍ଠିତ ହୋଇଛି । ପୂର୍ବ ବୈଠକରେ ଦାଦନ ପାଇଁ ପ୍ରବାସ ଯାଉଥିବା ପଛର କାରଣ ଏବଂ ସମାଧାନ ଅଧ୍ୟୟନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏବଂ ଏହି ସର୍ଭେ କରିବା ପାଇଁ ଦି ନଜ୍ ଫାଉଣ୍ଡେସନ୍‌କୁ ଦାୟିତ୍ୱ ଦିଆଯାଇଥିଲା। ସର୍ଭେ ଏବଂ ସରକାରଙ୍କ ପାଖରେ ଉପଲବ୍ଧ ତଥ୍ୟ ଆଧାରରେ ଦାଦନ ଶ୍ରମିକ ପ୍ରବାସକୁ ରୋକିବା ପାଇଁ ଓଡ଼ିଶା ପିଭିଟିଜି ଜୀବିକା ମଡେଲ ଏବଂ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଭଳି ପ୍ରଭାବଶାଳୀ ଜୀବିକା ପ୍ରଣାଳୀ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରବାସୀ ଶ୍ରମିକମାନଙ୍କୁ ସେମାନଙ୍କର ଦକ୍ଷତା ବୃଦ୍ଧି କରିବା ପାଇଁ ତାଲିମ ଦିଆଯିବ। ବର୍ତ୍ତମାନ ସମୟରେ ଚାଲୁଥିବା ବିଭିନ୍ନ ସରକାରୀ ଜନକଲ୍ୟାଣକାରୀ ଯୋଜନା ଯଥା ଏମଜିନରେଗା, ସୁଭଦ୍ରା,



କୃଷକମାନଙ୍କୁ ଇନପୁଟ୍ ସହାୟତା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, କାମଧେନୁ ଯୋଜନା, ଛେଳି ପାଳନ, ବୃକ୍ଷରୋପଣ କାର୍ଯ୍ୟକ୍ରମ ଇତ୍ୟାଦି ଚାଲୁ ରହିଛି। ସରକାର ପ୍ରବାସ ପ୍ରବଣ ଜିଲ୍ଲା ଏବଂ ବ୍ଲକର ପ୍ରତ୍ୟେକ ପରିବାରକୁ ଏହି ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ୧୦୦ ପ୍ରତିଶତ କଭରେଜ୍ ସୁନିଶ୍ଚିତ କରିବେ। ଏହି ଉଦ୍ଦେଶ୍ୟରେ ସାଚୁରେସନ୍ ଡ୍ରାଇଭ୍ କରାଯିବ ଏବଂ ବିଭିନ୍ନ ବିଭାଗର ଅଧିକାରୀ, ସଚିବ ଉପରୋକ୍ତ ଯୋଜନା ଗୁଡିକର ୧୦୦ ପ୍ରତିଶତ କଭରେଜ୍ ପ୍ରମାଣିତ କରିବେ।

ଖରିଫ୍ ଏବଂ ରବି ଋତୁରେ ଚାଷୀମାନଙ୍କୁ ଇନପୁଟ୍ ସହାୟତା କାର୍ଯ୍ୟକାରୀ ହେବା ଯୋଗୁଁ ପ୍ରବାସ ହାର କିଛିମାତ୍ରାରେ ହ୍ରାସ ପାଇଛି। ପରିବାରଗୁଡ଼ିକର ଆୟ ବୃଦ୍ଧି କରିବା ସହିତ ଦାଦନ ଶ୍ରମିକ ହାର ହ୍ରାସ, ଶ୍ରମିକ ସର୍ଦ୍ଦାରମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଏକ କମିଟି ଗଠନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହି କମିଟି ପ୍ରବର୍ତ୍ତନ ଅଧିକାରୀ, ପୋଲିସ ଅଧିକାରୀ, ରେଳ ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନ ସହିତ ସମନ୍ୱୟ ରଖି ମିଶନ ମୋଡ଼ରେ କାର୍ଯ୍ୟ କରିବ ।

ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ସୁରେଶ ପୂଜାରୀ, ଗ୍ରାମ୍ୟଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ଗଣଶିକ୍ଷା, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ପଛୁଆ ବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଜଙ୍ଗଲ ଓ ପରିବେଶ, ଶ୍ରମ ଏବଂ ରାଜ୍ୟବୀମା କର୍ମଚାରୀ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମାନ୍ୟବର ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ, ଏମ୍‌ଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ପ୍ରମୁଖ ସଚିବ, ଅର୍ଥ, କୃଷି ଓ କୃଷକ ସଶକ୍ତିକରଣ, ପଞ୍ଚାୟତିରାଜ ଓ ପାନୀୟଜଳ, ଡିଜି, ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ, ରେଳ, ନଜ୍ ଫାଉଣ୍ଡେସନର କାର୍ଯ୍ୟକର୍ତ୍ତା, ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକରେ ଯୋଗ ଦେଇଥିଲେ।

# ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

ପୁରୀ, (ସବ୍ୟୁ): ବୀରନରସିଂହପୁର ଗ୍ରାମର ଗ୍ରାମବାସୀମାନଙ୍କର ମିଳନୋତ୍ସବ କମିଟି ପକ୍ଷରୁ ଗତ ମାସ ଏହା ୨୭ ତାରିଖରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଓ ଚଳିତ ମାସ ରବିବାର ୨୪ ତାରିଖରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଭୁବନେଶ୍ୱରରେ ଅବସ୍ଥାନ କରୁଥିବା ଗ୍ରାମର ଡାକ୍ତର ସନ୍ତୋଷ କୁମାର ମିଶ୍ର , ଡାକ୍ତର ବନଲତା ମିଶ୍ର ଓ ଡାକ୍ତର ବିରଜା ଶଙ୍କର ରଥ ଯୋଗଦେଇଥିଲେ । ଏହି ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ସକାଳ ୯ଟା ଠାରୁ ଦିନ ୨ଟା ପର୍ଯ୍ୟନ୍ତ ଚାଲିଥିଲା । ଏଥିରେ ବୀରନରସିଂହପୁର ତଥା ଆଖପାଖ ଗ୍ରାମମାନଙ୍କରୁ ଗତ ମାସ ପ୍ରଥମ ଶିବିରରେ ୭୮ ଜଣ ଓ ଗତ ରବିବାରରେ ଅନୁଷ୍ଠିତ ଦ୍ୱିତୀୟ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିରରେ ୧୧୭ ଜଣ ରୋଗୀ ଯୋଗ ଦେଇଥିଲେ । ଏହି ଶିବିରରେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ରକ୍ତଚାପ , ମଧୁମେହ ଓ ରକ୍ତରେ ହିମୋଗ୍ଲୋବିନ ମାତ୍ରାର ପରୀକ୍ଷା କରାଯିବା ସହ ବୋନ ମିନେରାଲ ଡେନସିଟି ପରୀକ୍ଷଣ ମଧ୍ୟ ନିଃଶୁଳ୍କ କରାଯାଇ ରୋଗୀମାନଙ୍କୁ ବିନା ମୂଲ୍ୟରେ ଔଷଧ ବିତରଣ କରାଯାଇଥିଲା ।

# ଆନନ୍ଦପୁର ବିକାଶ ପରିଷଦ ର ସାଧାରଣ ସମିତି ବୈଠକ

ଭୁବନେଶ୍ୱର (ସବ୍ୟୁ): ଆନନ୍ଦପୁର ବିକାଶ ପରିଷଦ ର ସାଧାରଣ ସମିତି ବୈଠକ ଭୁବନେଶ୍ୱର ରେ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱରରେ ରହୁଥିବା ଆନନ୍ଦପୁର ଉପଖଣ୍ଡ ର ବହୁ ନାଗରିକ ଏହି ବୈଠକ ରେ ଯୋଗ ଦେଇଥିଲେ । ସମଗ୍ର କେନ୍ଦୁଝର ଜିଲ୍ଲା ଓ ବିଶେଷ କରି ଆନନ୍ଦପୁର ଉପଖଣ୍ଡ ର ବହୁ ସରକାରୀ ଯୋଜନା ସହ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ବିଷୟ ରେ ଆଲୋଚନା କରାଯାଇ ଥିଲା । ଆନନ୍ଦପୁର ଉପଖଣ୍ଡ ରେ ନୂତନ ରେଳ ଲାଇନ ସଂଯୋଗ, ଆନନ୍ଦପୁର ଉପଖଣ୍ଡ ଦେଇ ଯାଇଥିବା ତେପନ ନମ୍ବର ରାଜ୍ଯ ରାଜପଥ କୁ ଜାତୀୟରାଜପଥ ରେ ପରିଣତ କରିବା, ଆନନ୍ଦପୁର ରେ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ ସ୍ଥାପନ, ଅତିରିକ୍ତ ସୁପରିଟେଣ୍ଡେଣ୍ଟ ପୋଲିସ କାର୍ଯ୍ୟାଳୟ,ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ , ଆନନ୍ଦପୁର ମହାବିଦ୍ୟାଳୟକୁ ସରକାରୀ ମହାବିଦ୍ୟାଳୟ ଭାବେ ଘୋଷଣା କରିବା , ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା କୁ ସୁପର ସ୍ପେସିଆଲିଟି ସହିତ ଟ୍ରମା କେୟାର ସେଣ୍ଟର ସ୍ଥାପନ, ହାଟଡିହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କୁ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ରେ ପରିଣତ କରିବା, ଆନନ୍ଦପୁର ଉପଖଣ୍ଡ ରେ ଥିବା ପର୍ଯ୍ୟଟନ ସ୍ଥଳୀ ମାନଙ୍କର ବିକାଶ ଓ ଅନ୍ୟାନ୍ୟ ବିଷୟ ରେ ଆଲୋଚନା ହୋଇଥିଲା । ସର୍ବସମ୍ମତି କ୍ରମେ ଏହି ବିଷୟ ରେ ରାଜ୍ୟସରକାର ଙ୍କୁ ଏକ ଦାବୀପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଉକ୍ତ ଆଲୋଚନାରେ ଗୋସ୍ୱାମୀ ଗୋଲାମ ଦେବତା, ପ୍ରମୋଦ କୁମାର ରାଉତ, ଅରୁଣ କୁମାର ମହାନ୍ତି, ସଂଜୟ କୁମାର ପଟ୍ଟନାୟକ,ନିର୍ମଳ କୁମାର ନାୟକ, ନରେନ୍ଦ୍ର କୁମାର ନାୟକ, ନନ୍ଦ କିଶୋର ବିଶ୍ୱାଳ,ରତିକାନ୍ତ ପଟନାୟକ, କ୍ଷମାକର ସ୍ୱାଇଁ, ନବ ପଟ୍ଟନାୟକ, ପ୍ରଭୁ କୁମାର ପଣ୍ଡିତ, ଆକୁଳି ଚରଣ ଜେନା , ଅନିରୁଦ୍ଧ ଚକ୍ର, ବୀରଭଦ୍ର ବିଶ୍ୱାଳ, ସୁକାନ୍ତ ରାଉତ, ଧନେଶ୍ୱର ସା ,ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଆପୋଲୋରେ ନର୍ସ ନିର୍ଦ୍ଦେଶିତ କ୍ଲିନିକ୍ ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ) : ସ୍ଥାନୀୟ ଆପୋଲୋ ହସ୍‌ପିଟାଲରେ ରାଜ୍ୟର ପ୍ରଥମ ନର୍ସ ନିର୍ଦ୍ଦେଶିତ କ୍ଲିନିକ୍ ଉଦ୍‌ଘାଟିତ ହୋଇଛି । ସୋମବାର ହସ୍‌ପିଟାଲର ସିଓଓ ଡ. ଆଲୋକ ଶ୍ରୀବାସ୍ତବ ଏହି କ୍ଲିନିକ୍‌ର ଉଦ୍‌ଘାଟନ କରିଥିଲେ । ରାଜ୍ୟରେ ଏପରି ଏକ ନିଆରା ଦୃଷ୍ଟିଭଙ୍ଗି ନେଇ ନର୍ସ ନିର୍ଦ୍ଦେଶିତ କ୍ଲିନିକ୍ ଖୋଲିବା ପ୍ରଥମ ବୋଲି ହସ୍‌ପିଟାଲ ପକ୍ଷରୁ ସୂଚନା ମିଳିଛି । ଆପୋଲୋ ନର୍ସିଙ୍ଗ ଗ୍ରୁପ୍‌ର ନିର୍ଦ୍ଦେଶିକା ଡ. ଉଷା ବାନାର୍ଜୀଙ୍କ ନେତୃତ୍ୱ ଓ ମାର୍ଗ ଦର୍ଶନରେ ଏହି କ୍ଲିନିକ୍‌ଟି କାର୍ଯ୍ୟ କରିବ । ଏହି କ୍ଲିନିକ୍‌ରେ ହସ୍‌ପିଟାଲାର ଅଭିଜ୍ଞ ବରିଷ୍ଠ ନର୍ସମାନେ ରୋଗୀମାନଙ୍କୁ ଚିକିତ୍ସା ପଦ୍ଧତି, ଡାକ୍ତରଙ୍କ ପରାମର୍ଶ ଅନୁସାରେ ନିୟମିତଭାବେ ଔଷଧ ସେବନ ଓ ଡିସ୍‌ଚାର୍ଜ ପରେ ଘରେ ରହି ଡାକ୍ତରଙ୍କ ମାର୍ଗଦର୍ଶନକୁ ଅନୁପାଳନ କରିବାକୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିବେ



। ଏହି କ୍ଲିନିକ୍‌ରେ ରେଜିଷ୍ଟାର୍ଡ ଏବଂ ଆଡଭାନ୍ସ ନର୍ସମାନେ ରୋଗୀମାନଙ୍କର ଚିକିତ୍ସା ପୂର୍ବ ଏବଂ ଚିକିତ୍ସା ପରର ବିଭିନ୍ନ କାଉଁସିଲିଂ କରିବେ । ଆପୋଲୋର ଏପରି ଏକ ଅଭିନବ ପଦକ୍ଷପ ଚିକିତ୍ସାରେ ରୋଗୀମାନଙ୍କୁ ବେଶ୍ ସହାୟ ହେବ ବୋଲି ହସ୍‌ପିଟାଲର ସିଓଓ ଡା. ଶ୍ରୀବାସ୍ତବ ଉଦ୍‌ଘାଟନ ଅବସରରେ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ହସ୍‌ପିଟାଲର ସମସ୍ତ ନର୍ସ, ବିଭିନ୍ନ ବିଭାଗର ଡାକ୍ତର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

### ବିପର୍ଯ୍ୟୟ ମୁକାବିଲା ନିମନ୍ତେ ପ୍ରସ୍ତୁତ ରହିବେ ହସ୍ପିଟାଲ

# ଦକ୍ଷତା ବିକାଶ ତଥା କ୍ଷମତା-ନିର୍ମାଣ ଅଭିଯାନର ନେତୃତ୍ୱ ନେଉଛି ଏମ୍ସ ଭୁବନେଶ୍ୱର

ଭୁବନେଶ୍ୱର, (ସବ୍ୟୁ): ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ବିପର୍ଯ୍ୟୟ ପରିଚାଳନା ପ୍ରକୋଷ୍ଠ ସହିତ ମିଳିତ ଭାବରେ ଏମ୍ସ ଭୁବନେଶ୍ୱର ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତି ପାଇଁ ହସ୍ପିଟାଲ ପ୍ରସ୍ତୁତି ଉପରେ ଏକ ଛଅ ଦିନିଆ କ୍ଷମତା-ନିର୍ମାଣ ତାଲିମ ଶିବିର ସଫଳତାର ସହିତ ଆୟୋଜିତ କରିଛି। ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ସହିତ ହସ୍ପିଟାଲଗୁଡ଼ିକୁ ବିପର୍ଯ୍ୟୟ ସମୟରେ ପ୍ରଭାବଶାଳୀ ଢଙ୍ଗରେ ମୁକାବିଲା କରିବାରେ ସାହାଯ୍ୟ କରିବା ପାଇଁ ଏହି କାର୍ଯ୍ୟକ୍ରମକୁ ସଂରଚନା କରାଯାଇଥିଲା। ଓଡ଼ିଶା, ମେଘାଳୟ, ପଶ୍ଚିମବଙ୍ଗ ଏବଂ ଆସାମର ବରିଷ୍ଠ ସ୍ୱାସ୍ଥ୍ୟସେବା ଅଧିକାରୀମାନେ ଏହି ତାଲିମରେ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀଙ୍କ ମଧ୍ୟରେ ବରିଷ୍ଠ ପରାମର୍ଶଦାତା, ଜିଲ୍ଲା ଚିକିତ୍ସା ଅଧିକାରୀ, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ, ବରିଷ୍ଠ ଚିକିତ୍ସା ଅଧିକାରୀ, ହସ୍ପିଟାଲ ପ୍ରଶାସକ ଏବଂ ପରିଚାଳକମାନେ ସାମିଲ ଥିଲେ। ଏଭଳି ଅଭିନବ ପଦକ୍ଷେପର ଗୁରୁତ୍ୱ ଉପରେ ଆଲୋକପାତ କରି,




ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର(ଡ.) ଆଶୁତୋଷ ବିଶ୍ୱାସ କହିଛନ୍ତି ଯେ, "ବିପର୍ଯ୍ୟୟ ସମୟରେ ହସ୍ପିଟାଲଗୁଡ଼ିକ ହେଉଛନ୍ତି

ଜୀବନରେଖା। ସେମାନଙ୍କର ପ୍ରସ୍ତୁତି ଏବଂ ନିରନ୍ତରତା ଯୋଜନାକୁ ସୁଦୃଢ଼ କରିବା ନିଶ୍ଚିତ କରେ ଯେ ଯେତେବେଳେ ଏହାର ସବୁଠାରୁ ଅଧିକ ଆବଶ୍ୟକତା ଥାଏ ସେତେବେଳେ ଲୋକଙ୍କ ପାଖରେ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ପହଞ୍ଚିଥାଏ। ଏହି କାର୍ଯ୍ୟକ୍ରମ ଦେଶରେ ବିପର୍ଯ୍ୟୟ-ପ୍ରତିରୋଧୀ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ନିର୍ମାଣ କରିବା ଦିଗରେ ଏକ ପଦକ୍ଷେପ ଥିଲା। ଉଦ୍‌ଘାଟନ ସମାରୋହରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ, ମେଡିକାଲ ଅଧୀକ୍ଷକ ଡ. ଦିଲୀପ କୁମାର ପରିଡା, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, ନୋଡାଲ ଅଧିକାରୀ ଡ. ଜୟନ୍ତ କୁମାର ମିତ୍ରଙ୍କ ସମେତ ବହୁ ବରିଷ୍ଠ ତାଲିମଦାତାଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତାଲିମରେ ଏକ ବ୍ୟାପକ ମଡ୍ୟୁଲ ଅନ୍ତର୍ଭୁକ୍ତ ଥିଲା, ଯେଉଁଥିରେ ହସ୍ପିଟାଲ ବିପର୍ଯ୍ୟୟ ପରିଚାଳନା ନୀତି, ହସ୍ପିଟାଲ ଜରୁରୀକାଳୀନ ଘଟଣା ପ୍ରତିକ୍ରିୟା ପ୍ରଣାଳୀ, ବିପର୍ଯ୍ୟୟ ପରିଚାଳନା ଆଇନ, ଟ୍ରାଇଜିଂ, ଲଜିଷ୍ଟିକ୍ସ, ଯୋଗାଯୋଗ, ଅଗ୍ନି ନିରାପତ୍ତା, ମକ୍ ଡ୍ରିଲ୍, ମନସ୍ତାତ୍ତ୍ୱିକ ସାମାଜିକ ଯତ୍ନ, ହସ୍ପିଟାଲ ଖାଲି କରିବା, ସେବାର ନିରନ୍ତରତା ଏବଂ ସ୍ୱାଭାବିକତାକୁ ଫେରିବା। ଅଂଶଗ୍ରହଣକାରୀମାନେ ବ୍ୟବହାରିକ ଅଭିଜ୍ଞତା ହାସଲ କରିବା ପାଇଁ ଭୁବନେଶ୍ୱରରେ ଓଡ଼ିଶା ବିପର୍ଯ୍ୟୟ ରାପିଡ୍ ଆକ୍ସନ୍ ଫୋର୍ସ (ଓଡ୍ରାଫ) ବେସ୍ ର କ୍ଷେତ୍ର ପରିଦର୍ଶନରେ ମଧ୍ୟ ଅଂଶଗ୍ରହଣ କରିଥିଲେ। ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତି ପାଇଁ ଜାତୀୟ କ୍ଷମତା-ନିର୍ମାଣ କାର୍ଯ୍ୟକ୍ରମରେ ତାଲିମପ୍ରାପ୍ତ, ଏମ୍ସ ଭୁବନେଶ୍ୱରର ଅଧ୍ୟାପକ, ଏହି କାର୍ଯ୍ୟକ୍ରମର ତାଲିମ ପ୍ରଦାନ କରିଥିଲେ। ପ୍ରଥମ ଥର ପାଇଁ ଏମ୍ସ ଭୁବନେଶ୍ୱର ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଛି, ଏବଂ ଏହା ସମଗ୍ର ଭାରତରେ ହସ୍ପିଟାଲ ବିପର୍ଯ୍ୟୟ ପ୍ରସ୍ତୁତିକୁ ବୃଦ୍ଧି କରିବା ପାଇଁ ଜାତୀୟ ପଦକ୍ଷେପ ଅଧୀନରେ ଚତୁର୍ଥ ତାଲିମ କାର୍ଯ୍ୟକ୍ରମ ଥିଲା।

# ବିଫଳତା ଲୁଚାଇବାକୁ ବିଜେପି ବିଧାୟକଙ୍କ ଅବାଞ୍ଛିତ ମନ୍ତବ୍ୟ: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ବିଜେପି ବିଧାୟକ ସରୋଜ ପାଢ଼ୀ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜୁ ଜନତା ଦଳ ପ୍ରତି ଦେଇଥିବା ଅରୁଚିକର ଓ ଅଶାଳୀନ ମନ୍ତବ୍ୟ ଉପରେ ବିଜୁ ଜନତା ଦଳ ପ୍ରତିକ୍ରିୟା ଦେଇ, ସରକାରଙ୍କ ବିଫଳତାକୁ ଲୁଚାଇବାକୁ ବିଧାୟକ ଏପରି ଅବାଂଛିତ ମନ୍ତବ୍ୟ ଦେଇଛନ୍ତି । ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତୁମ୍ବନାଥ ପଣ୍ଡା ଓ ଦଳର ମିଡିଆ ସଂଯୋଜକ ତଥା ମୁଖପାତ୍ର ଡ଼ ଲେନିନ ମହାନ୍ତି, ବିଧାୟକ ସରୋଜ ପାଢ଼ୀ ଓ ବିଜେପି ଉପରେ ବର୍ଷିଥିଲେ । ଶ୍ରୀ ପଣ୍ଡା କହିଥିଲେ ଯେ, ଆସିକା ବିଧାୟକ ବିଭିନ୍ନ ଅସାମାଜିକ କାର୍ଯ୍ୟ ଯଥା ଜୁଆ ଖେଳ ଭଳି ଘୃଣ୍ୟ କାମରେ ଲିପ୍ତ ଥିବା ରେକର୍ଡ ରହିଛି । ୨୦୨୨ ମସିହାରେ ଶ୍ରୀ ପାଢ଼ୀ ଜୁଆ ଖେଳରେ ସମ୍ପୃକ୍ତି ପରେ ନିରୁଦ୍ଦିଷ୍ଟ ହୋଇଯାଇଥିଲେ, ଯାହାପରେ ତାଙ୍କ ପରିବାର ସଦସ୍ୟ ପୋଲିସ୍‌ରେ ଅଭିଯୋଗ କରିଥିଲେ । ଏହାର କିଛିଦିନ ପରେ ସେ ରାମେଶ୍ୱରରୁ ଉଦ୍ଧାର ହୋଇଥିଲେ । ସେତେବେଳେ ନିଜର ମାନସିକ ସ୍ଥିତି ଠିକ୍ ନଥିବା ସେ ଗଣମାଧ୍ୟମକୁ କହିଥିଲେ । ବିଧାୟକ ହେବା ପରେ, ବାଲି ମାଫିଆଙ୍କ ଠାରୁ ଜୋରଜବରଦସ୍ତି ଚାନ୍ଦା ମାଗୁଥିବାର ଅଡ଼ିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ଏହିଭଳି ଜଣେ ବ୍ୟକ୍ତିଙ୍କୁ, ବିଜୁ ଜନତା ଦଳ ଓ ଓଡ଼ିଶାର ଲୋକପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ବିରୋଧରେ ଅଶାଳୀନ ଓ ଅରୁଚିକର ମନ୍ତବ୍ୟ ଦେବା ପାଇଁ ବିଜେପି ମନୋନୀତ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ ।

ଡ଼ ମହାନ୍ତି କହିଥିଲେ ଯେ, ଗତ ୧୪ ମାସରେ ରାଜ୍ୟରେ ବିଜେପି ଶାସନରେ ସମସ୍ତ କ୍ଷେତ୍ରରେ ବିଫଳତା ଶିଖର ଛୁଇଁଛି । ଦୀର୍ଘ ୧୫ ଦିନ ହେଲା ଅମଲା ଆନ୍ଦୋଳନ ଯୋଗୁଁ ରାଜ୍ୟବାସୀ ହନ୍ତସନ୍ତ ହେଉଥିବା ବେଳେ, ରାଜସ୍ୱ ମନ୍ତ୍ରୀ ଏଥିରେ ବିଜେଡିର ସମ୍ପୃକ୍ତି ଅଭିଯୋଗ କରିଛନ୍ତି, ଯାହା ତାଙ୍କ ହତାଶାଭାବର ପରିଚୟ ଦେଉଛି । ନିଜର ବିଫଳତାକୁ ଲୁଚାଇବାକୁ ଯାଇ ବିଜୁ ଜନତା ଦଳ ଉପରେ ଏହିଭଳି ଅଶାଳୀନ ଓ ଅରୁଚିକର ମନ୍ତବ୍ୟ ଦେବା ପାଇଁ ଉଦ୍ୟମ କରିଛି ବିଜେପି ବୋଲି ବିଜେଡ଼ି କହିଛି। ଏହା ବିଜେପିର ହତାଶାଭାବର ପରିଚୟ । ଡ଼ ମହାନ୍ତି ଆହୁରି କହିଥିଲେ, ଭି.କେ ପାଣ୍ଡିଆନ ରାଜନୀତିରୁ ସନ୍ନ୍ୟାସ ଘୋଷଣା କରିଛନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରୁ ନୁହଁ । ତେଣୁ ଭି.କେ ପାଣ୍ଡିଆନଙ୍କୁ ନେଇ କୁତ୍ସିତ ରାଜନୀତି ନ ହେଉ ।

# ଶିଶୁ ସୁରକ୍ଷା ଆୟୋଗଙ୍କ ଦୁଇ ଦିନିଆ ଗଞ୍ଜାମ ଗସ୍ତ



ବ୍ରହ୍ମପୁର, (ସବ୍ୟୁ): ଶିଶୁ ମାନଙ୍କୁ ମାନସିକ ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ ଓ ବିକାଶ ଦିଗରେ ସମସ୍ତଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଦାଇତ୍ୱ ରହିଛି । ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଖାଦ୍ୟ ଖାଇବା ଠାରୁ ଆରମ୍ଭ କରି ଗ୍ରାଉଣ୍ଡ ଜିରୋରୁ କାର୍ଯ୍ୟ ଆରମ୍ଭ କରାଯିବ । ସମସ୍ତ ଅଙ୍ଗନଓ୍ୱାଡ଼ି କେନ୍ଦ୍ର ଶିଶୁ ମାନଙ୍କୁ କି ପ୍ରକାର ବ୍ୟବସ୍ଥା କରାଯାଇଛି । ସେମାନଙ୍କ ଖାଦ୍ୟପେୟ ଓ ପରିବେଶ ପରିଚ୍ଛିନ୍ନ କିଭଳି ଭାବେ ରହିଛି ତା ଉପରେ ଗୁରୁତ୍ୱ ଦେବା ସହିତ ସମସ୍ତ ଶିକ୍ଷା ଅନୁଷ୍ଠାନ ଠାରୁ ଆରମ୍ଭ କରି ଛାତ୍ରାବାସ ପରିବେଶ ଖାଦ୍ୟ ଖାଇବା ଉପରେ ଏହାର ଉପରେ ଏହି ଦୁଇ ଦିନ ମଧ୍ୟରେ ଆନୁସାଙ୍ଗିକ ଭାବେ ସେଠାରେ ପହଞ୍ଚି ପରିସ୍ଥିତି ଉପରେ ଦୃଷ୍ଟି ଦିଆଯିବା ବୋଲି ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ବବିତା ପାତ୍ର ଆଜି ସ୍ଥାନୀୟ ଷ୍ଟେସନ ରୋଡ ସ୍ଥିତ ସର୍କିଟ ହାଉସ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମତବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଯେ ତାଙ୍କର ଗଞ୍ଜାମ ଏବଂ ପ୍ରଥମ ଥର ପାଇଁ ଗଞ୍ଜାମ ଜିଲ୍ଲାକୁ ଦୁଇ ଦିନିଆ ଗଞ୍ଜାମ ଗସ୍ତରେ ଆସିଥିବା ବେଳେ ଶିଶୁ ମାନଙ୍କ ସୁରକ୍ଷା ଓ ବିକାଶ ନିମନ୍ତେ ପ୍ରଥମେ ସେଠାରେ ପହଞ୍ଚି ପରିସ୍ଥିତିର ସମୀକ୍ଷା କରିବା ପରେ ଏହାର ଉପରେ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ ସେହି ସମ୍ପର୍କରେ ଆଲୋଚନା ହେବ ବୋଲି ସେ କହିଛନ୍ତି । ଶିଶୁ ଆୟୋଗ ଏସି ରୁମରେ ନରହି ଶିଶୁ ମାନଙ୍କ ବିକାଶ, ସୁରକ୍ଷା, ଶିକ୍ଷା ସ୍ୱାସ୍ଥ୍ୟ ଭଳି ସବୁ ବିଷୟରେ ଉପରେ ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି । ଆଜି ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପି ପୃଷ୍ଟି, ଡିସିପି ଓ ରାଜଶ୍ରୀ ଦାସଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ ।

## ୫ ବର୍ଷୀୟ ଶିଶୁକୁ ଅପହରଣ, ବଳାତ୍କାର ଓ ହତ୍ୟା ମାମଲା

# ସମ୍ପର୍କୀୟ ମାମୁଁଙ୍କୁ ଆଜୀବନ ଜେଲ୍



ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲା ପାଟପୁର ଥାନା ଅଞ୍ଚଳର ଜଣେ ୫ ବର୍ଷୀୟ ଶିଶୁକୁ ଅପହରଣ, ବଳାତ୍କାର ପରେ ହତ୍ୟା ମାମଲାରେ ଅଭିଯୁକ୍ତ ସମ୍ପର୍କୀୟ ମାମୁଁକୁ ଆଜୀବନ ଜେଲ ଦଣ୍ଡ ହୋଇଛି। ଘଟଣା ଘଟିବାର ୧୨୦ ଦିନ ମଧ୍ୟରେ ବ୍ରହ୍ମପୁର ସ୍ୱତନ୍ତ୍ର ପୋକସୋ ଅଦାଲତର ଜଜ୍ ଏହି ବହୁ ଚର୍ଚ୍ଚିତ ମାମଲାର ଚୂଡାନ୍ତ ରାୟ ପ୍ରକାଶ କରି ଅଭିଯୁକ୍ତ କାଳିଆ ନାହାକ ଓରଫ ଷଣ୍ଢ କାଳିଆ(୨୭)କୁ ବଞ୍ଚିଥିବା ଯାଏଁ ଜେଲ ଦଣ୍ଡରେ ଦଣ୍ଡିତ କରିବା ସହ ୨୫ ହଜାର ଟଙ୍କା ଜୋରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ପିଡିତା ନାବାଳିକାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜଜ୍ ଜିଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶଯେ, ଏପ୍ରିଲ ମାସ ୨୫ ତାରିଖରେ ସନ୍ଧ୍ୟା ୭ଟା ବେଳେ ଏହି ୫ ବର୍ଷର ନାବାଳିକା ଜଣଙ୍କ ନିଜ ଘର ସମ୍ମୁଖରେ ଖେଳୁଥିଲେ। ଏହି ସମୟରେ ଅଭିଯୁକ୍ତ କାଳିଆ ତାଙ୍କୁ କୁରକୁରେ ଖାଇବାକୁ ଦେବ ବୋଲି କହି ଗାଁରେ ଥିବା ଏକ ନିର୍ମାଣାଧୀନ ଅଙ୍ଗନୱାଡି କେନ୍ଦ୍ରକୁ ଡାକି ନେଇଥିଲା । ସେଠାରେ ନାବାଳିକାଙ୍କୁ ବଳାତ୍କାର କରିଥିଲା ଧରା ପଡିଯିବା ଭୟରେ ହତ୍ୟା କରି ଦେଇଥିଲା ।ଏହାପରେ ନାବାଳିକାଙ୍କ ମୃତଦେହକୁ ସେହି ନିର୍ମାଣାଧୀନ କୋଠା ଭିତରେ ଫୋପାଡି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। କିଛି ସମୟ ପରେ ନାବାଳିକା ଜଣଙ୍କ ଘର ନିକଟରେ ନଥିବା ଜାଣି ପରିବାର ଲୋକେ ଖୋଜାଖୋଜି କରିଥିଲେ। ହେଲେ ତାଙ୍କ ପତ୍ତା ମିଳିନଥିଲା। ତା' ପରଦିନ ସକାଳୁ ପରିବାର ଲୋକେ ପାଟପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ବେଳେ ନାବାଳିକାଙ୍କ ମୃତଦେହ ଉକ୍ତ ଅଙ୍ଗନବାଡି କୋଠାରୁ ଠାବ ହୋଇଥିଲା। ଶବ ବ୍ୟବଛେଦ ପରେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରି ଫିଙ୍ଗି ଦିଆଯାଇଥିଲା। ଏହାପରେ ପୁଲିସ ଏକ ଅପହରଣ, ବଳାତ୍କାର ଓ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପୁଲିସ ଅଭିଯୁକ୍ତ କାଳିଆକୁ ଗିରଫ କରି ଅଦାଲତ ଚାଲାଣ କରିଥିଲା। ଗିରଫ ପରଠାରୁ ସେ କାରାଗାରରେ ରହୁଥିଲେ। ଏହି ମାମଲାର ତଦନ୍ତକାରୀ ଅଧିକାରୀ ଶୁଭଲକ୍ଷ୍ମୀ କଂହର ଚାର୍ଜସିଟ ଦାଖଲ କରିଥିବା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ବେହେରା ତଥ୍ୟ ପ୍ରମାଣ ସଂଗ୍ରହ କରିବାରେ ସହଯେଗା କରିଥିଲେ। ସେହିପରି ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର ନିଜେ ଏହି ଘଟଣାର ତଦାରଖ କରୁଥିଲେ। ଅଦାଲତରେ ମାମଲାର ବିଚାରଣା ବେଳେ ମୋଟ ୨୦ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ ହୋଇଥିଲା । ଉପଯୁକ୍ତ ତଥ୍ୟପ୍ରମାଣ ଓ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅଦାଲତର ଜଜ୍ ପ୍ରଣତୀ ପଟ୍ଟନାୟକ ଆଜି ଉପରୋକ୍ତ ରାୟ ପ୍ରକାଶ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

# ସୁରକ୍ଷିତ ଭାବେ ପୂଜା ଓ ଉତ୍ସବ ପାଳନ ପାଇଁ ଟିପିଏସ୍ଓଡିଏଲ୍‌ର ସୁରକ୍ଷା ପରାମର୍ଶ

ବ୍ରହ୍ମପୁର, (ସବ୍ୟୁ): ପାର୍ବଣ ଋତୁ ଆରମ୍ଭ ହେବାକୁ ଯାଉଥିବା ବେଳେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିଏସ୍ଓଡିଏଲ୍) ଦକ୍ଷିଣ ଓଡ଼ିଶାର ଉପଭୋକ୍ତା ଓ ଜନସାଧାରଣଙ୍କୁ ସୁରକ୍ଷିତ ଓ ଦାୟିତ୍ୱପୂର୍ଣ୍ଣ ହିସାବରେ ପୂଜା, ପର୍ବପର୍ବାଣୀ ତଥା ଉତ୍ସବ ପାଳନ କରିବାକୁ ଅନୁରୋଧ କରିଛି । ଯେକୌଣସି ଉତ୍ସବ ସମାଜର ପ୍ରତ୍ୟେକ ବର୍ଗକୁ ଏକତ୍ରିତ କରିଥାଏ । ଟିପିଏସ୍ଓଡିଏଲ୍ ଏଇ ଅବସରରେ ନିରବଚ୍ଛିନ୍ନ ଓ ଭରସାଯୋଗ୍ୟ ବିଜୁଳି ଯୋଗାଣ କରିବା ପାଇଁ ବ୍ୟବସ୍ଥା କରିଛି ଯାହା ଦ୍ୱାରା ବିନା କୌଣସି ବାଧାରେ ସୁରକ୍ଷିତ ଭାବରେ ପୂଜା ଓ ଉତ୍ସବ ପାଳନ ହୋଇପାରିବ । ଏଥିସହିତ ବିଦ୍ୟୁତ ସୁରକ୍ଷା ନିୟମ ପାଳନ କରିବାରେ କୌଣସି ଅବହେଳା ନକରିବା ପାଇଁ କମ୍ପାନୀ ସମସ୍ତଙ୍କୁ ଆହ୍ୱାନ ଦେଇଛି । ଏହି ସମୟରେ ପୂଜା ଓ ଉତ୍ସବକୁ ସୁରକ୍ଷିତ ଭାବରେ ପାଳନ କରିବା ପାଇଁ ଟିପିଏସ୍ଓଡିଏଲ୍ ତରଫରୁ ପୂଜା ମଣ୍ଡପ, ସାମୁଦାୟିକ କାର୍ଯ୍ୟକ୍ରମ ଏବଂ ସାଂସ୍କୃତିକ ସମାରୋହ ପାଇଁ ଅସ୍ଥାୟୀ ବିଦ୍ୟୁତ ସେବା ସଂଯୋଗ ଯୋଗାଇ ଦେଉଛି । ଏହି ସେବା ଟିପିଏସ୍ଓଡିଏଲ୍ ଅନ୍ତର୍ଭୁକ୍ତ ସମସ୍ତ ସେକ୍ସନ, ସବଡିଭିଜନ ଏବଂ ଡିଭିଜନ ଅଫିସ କିମ୍ବା ଏହାର ବିଦ୍ୟୁତ ସେବା ନମ୍ବର ଦ୍ୱାରା ଯୋଗାଇ ଦିଆଯାଉଛି । ଉତ୍ସବ ଆୟୋଜକମାନଙ୍କୁ କେବଳ ସ୍ୱୀକୃତିପ୍ରାପ୍ତ ଲାଇନମ୍ୟାନଙ୍କ ଦ୍ୱାରା ସାଜସଜ୍ଜା ତଥା ଓ୍ୱାଏରିଂ ଆଦି କରାଇବାକୁ ଅନୁରୋଧ କରାଯାଇଛି । ଯାହାଦ୍ୱାରା ସମସ୍ତ ବିଦ୍ୟୁତ ସଂଯୋଗ ଓ ବିଦ୍ୟୁତ ଉପକରଣ ସୁରକ୍ଷା ନିୟମର ମାନକକୁ ପ୍ରତିପାଳନ କରୁଥିବା ନିଶ୍ଚିତ କରେ । କମ୍ପାନୀ ଗ୍ରାହକମାନଙ୍କୁ ସରଳ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ସତର୍କତା ଅବଲମ୍ବନ କରିବାକୁ ଅନୁରୋଧ କରିଛି । ବିଦ୍ୟୁତ ତାରକୁ ଭଲଭାବେ ଯାଞ୍ଚ କରାଯିବା, ଛିଣ୍ଡା ବିଦ୍ୟୁତ ତାର ତଥା ଭଙ୍ଗା ପ୍ଲଗଗୁଡ଼ିକୁ ତୁରନ୍ତ ବଦଳାଇବା ଏବଂ ଉପଯୁକ୍ତ ଆର୍ଥିଂ ଅତ୍ୟନ୍ତ ଜରୁରୀ ବୋଲି କମ୍ପାନୀ ପକ୍ଷରୁ ଜାରି ହୋଇଥିବା ସୁରକ୍ଷା ନିୟମାବଳୀରେ କୁହାଯାଇଛି । ଗୋଟିଏ ସକେଟରେ ଏକାଧିକ ପ୍ଲଗ୍ ବ୍ୟବହାର କରିବା ତଥା ଅଧିକ ଲୋଡ୍ ଦେବା, ନିମ୍ନମାନର ବିଦ୍ୟୁତ ଉପକରଣ ବ୍ୟବହାର କରିବା ବିପଦପୂର୍ଣ୍ଣ ହୋଇପାରେ । ସେହିପରି ମୁଣ୍ଡ ଉପର ଦେଇ ଯାଇଥିବା ବିଦ୍ୟୁତ ତାରରେ କୌଣସି ସାଜସଜ୍ଜା ନକରିବା ତଥା ଏସବୁରୁ ନିବୃତ୍ତ ରହିବା ପାଇଁ କମ୍ପାନୀ ତରଫରୁ କୁହାଯାଇଛି । ବିସର୍ଜନ ସମୟରେ ସତର୍କ ରହିବା ପାଇଁ ମଧ ଟିପିଏସ୍ଓଡିଏଲ୍ ତରଫରୁ ଜୋର ଦିଆଯାଇଛି । ବିଜୁଳି ତାର, ବିଦ୍ୟୁତ ଖୁଣ୍ଟ, ଟ୍ରାନ୍ସଫର୍ମରଠାରୁ ସୁରକ୍ଷିତ ଦୂରତା ଅବଲମ୍ବନ କରିବା ବିଶେଷକରି ବାଣ ଫୁଟାଇବା ସମୟରେ ବୈଦ୍ୟୁତିକ ଉପକରଣ, ମୁଣ୍ଡ ଉପର ଦେଇ ଯାଇଥିବା ବିଦ୍ୟୁତ ତାରଠାରୁ ଦୂରେଇ ରହିବା ପାଇଁ କୁହାଯାଇଛ । ଯେକୌଣସି ବିଦ୍ୟୁତ ସମ୍ବନ୍ଧୀୟ ସମସ୍ୟାର ସମ୍ମୁଖୀନ ହେଲେ ଉପଭୋକ୍ତାଙ୍କୁ ସହାୟତା ପ୍ରଦାନ କରିବା ପାଇଁ କମ୍ପାନୀର ଫ୍ୟୁଜ କଲ ସେଣ୍ଟର କିମ୍ବା ୨୪ସ୭ ଗ୍ରାହକ ସେବା ଟୋଲ-ଫ୍ରି ନମ୍ବର ୧୯୧୨ କିମ୍ବା ୧୮୦୦୩୪୫୬୭୯୭ ରେ ତୁରନ୍ତ ଜଣାଇବାକୁ ଅନୁରୋଧ କରାଯାଇଛି । ପୂଜା ଓ ଉତ୍ସବ ପାଳନ ସମୟରେ ଉପଭୋକ୍ତାଙ୍କୁ ସହାୟତା ପ୍ରଦାନ କରିବା ଓ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ କମ୍ପାନୀ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ରହିଛି । ଏହି ପାର୍ବଣ ଋତୁ ଅବସରରେ ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ଶୁଭେଚ୍ଛା ଜଣାଇବା ସହିତ କହିଛନ୍ତି ପ୍ରତ୍ୟେକ ଉତ୍ସବ ହେଉଛି ଆନନ୍ଦ ଓ ଏକତାର ସମୟ । ଟିପିଏସ୍ଓଡିଏଲରେ ଆମର ପ୍ରାଥମିକତା ହେଉଛି ଏକ ସୁରକ୍ଷିତ ଓ ଭରସାଯୋଗ୍ୟ ପରିବେଶ ସୃଷ୍ଟି କରିବା ଯାହାଦ୍ୱାରା ଲୋକମାନେ ଆନନ୍ଦ ଓ ଶାନ୍ତିର ସହକାରେ ଉତ୍ସବ ପାଳନ କରିପାରିବେ । ଆମେ ସମସ୍ତଙ୍କୁ ପୂଜା ଓ ଉତ୍ସବ ପାଳନ ସମୟରେ ସୁରକ୍ଷା ନିୟମ ପାଳନ କରିବାକୁ ଅନୁରୋଧ କରୁଛୁ । ଯାହାଦ୍ୱାରା ସମସ୍ତଙ୍କ ପାଇଁ ଏହି ପାର୍ବଣ ଋତୁ ସୁରକ୍ଷିତ ଓ ଉଜ୍ଜ୍ୱଳମୟ ହୋଇପାରିବ ।

# ପିସିପୁର ବିଦ୍ୟାଳୟରେ ପୂଜା ପାଇବେ ଛାତ୍ରଙ୍କ ହାତ ତିଆରି ଗଣେଶ ମୂର୍ତ୍ତି



ବାରିପଦା, (ସବ୍ୟୁ) : ସମସ୍ତ ବିଦ୍ୟାଳୟରେ ବଜାରରୁ କିଣାଯାଇଥିବା ମୂର୍ତ୍ତି ପୂଜା ପାଇଥାନ୍ତି। ମାତ୍ର ଗତ କିଛିବର୍ଷ ଧରି ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଉଭୟ ଗଣେଶ ଓ ସରସ୍ୱତୀ ପୂଜାରେ ଛାତ୍ରଙ୍କ ହାତତିଆରି ମୂର୍ତ୍ତି ପୂଜା ପାଇଆସୁଛନ୍ତି। ୭ବର୍ଷ ତଳେ ପ୍ରଥମେ ଆଦିତ୍ୟ ହାଁସଦାଃଙ୍କ ଭିତରେ ଚିତ୍ର ଓ ମାଟିରେ ଖେଳନା ତିଆରି କରିବାର ପ୍ରତିଭାକୁ ଲକ୍ଷ୍ୟକରିଥିଲେ ତତ୍କାଳୀନ ପ୍ରଧାନ ଶିକ୍ଷକ ସୋମନାଥ ସିଂହ ଓ ପରବର୍ତ୍ତୀ ସମୟରେ କଳା ଶିକ୍ଷକ ମହେଶ୍ୱର ମାର୍ଣ୍ଡିଙ୍କ ଦିଗଦର୍ଶନରେ ଆଦିତ୍ୟଙ୍କ ହାତତିଆରି ଗଣେଶ ଓ ସରସ୍ୱତୀ ମୂର୍ତ୍ତି ବିଦ୍ୟାଳୟରେ ପୂଜା ପାଇଥିଲେ। ପରେ ଆଦିତ୍ୟଙ୍କୁ ସାହାଯ୍ୟ କରୁଥିବା ଆଶିଷ ବିଶ୍ୱାଳଙ୍କ ହାତତିଆରି ମୂର୍ତ୍ତି ଏବଂ ଗତବର୍ଷ ଠାରୁ ଦେବାଶିଷ ଗିରିଙ୍କ ତିଆରି ମୂର୍ତ୍ତି ପୂଜା ପାଇଆସୁଛନ୍ତି। ପିଲାମାନଙ୍କ ମଧ୍ୟରେ ଅନେକ ପ୍ରତିଭା ରହିଛି ହେଲେ ଠିକ ସମୟରେ ପରଖି ତାର ବିକାଶ ପାଇଁ ଉପଯୁକ୍ତ ପଦକ୍ଷେପ ନେଲେ ତାହା ଲୋକଲୋଚନକୁ ଆସିପାରିବ ବୋଲି ବର୍ତ୍ତମାନର ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ ପ୍ରକାଶ କରିଛନ୍ତି। ପ୍ରକାଶ ଥାଉକି ଏହି ବିଦ୍ୟାଳୟ ତଥା ଛାତ୍ରାବାସର ଶିକ୍ଷକ ଓ ଶିକ୍ଷୟିତ୍ରୀ, ଓ୍ୱାର୍ଡେନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ମାନେ ନୃତ୍ୟ, ଡ୍ରାମା, ଯୋଗ, ଜିମନାଷ୍ଟିକ ଓ ଖେଳାକୁଦରେ ଜିଲ୍ଲା, ରାଜ୍ୟ ଓ ଜାତୀୟ ସ୍ତରରେ ନିଜର ପ୍ରତିଭାର ପରିଚୟ ଦେଇ ବିଦ୍ୟାଳୟ ପାଇଁ ସୁନାମ ଆଣିପାରିଛନ୍ତି।

# ୧୦ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବାରିପଦା, (ସବ୍ୟୁ) : ବାରିପଦା ଗୋଷ୍ଠୀ ଶିକ୍ଷା ବିଭାଗ ଅନ୍ତର୍ଗତ ତୁଳସୀଚଉରା ଆଞ୍ଚଳିକ ସାଧନ କେନ୍ଦ୍ରର ବିଭିନ୍ନ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏମ୍‌ଟିକେ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ତୁଳସୀଚଉରା ଆଞ୍ଚଳିକ ସାଧନକର୍ମୀ ଭବାନୀ କୁମାର ସିଂହଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ବି ଆର ସି ସି ତପସ୍ୱିନୀ ଦାଶ, ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ମୟୂରଭଞ୍ଜ ଶିକ୍ଷକ ସମନ୍ୱୟ ସମିତି ଅଧ୍ୟକ୍ଷ ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ, ବ୍ଲକ ସମନ୍ୱୟ ସମିତି ସଭାପତି ପ୍ରଦୀପ କୁମାର ନାଥ, ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବବିତା ବିଶ୍ୱାଳ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କର ଦୀର୍ଘଦିନର କର୍ମମୟ ଜୀବନ ଉପରେ ଆଲୋକପାତ କରିବା ସହ ସୁଖମୟ ଜୀବନ କାମନା କରିଥିଲେ ଓ ଏହି ଅବସରରେ କବିତା ସାହୁ, ବନଲତା ଦଣ୍ଡପାଟ, ଉର୍ମିଳା ମୁଦି, ନିରୁପମା ବେହେରା, ମଧୁମିତା ଦାସ, ପ୍ରେମିକା ଲେଙ୍କା, ରଂଜିତା ଓତା, ଅଞ୍ଜନା ବାରିକ, ଆବ୍ରାହମ ହୁସେନ ଓ ଗୁଲାମ ଅହମ୍ମଦ ମୋଟ ୧୦ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ତନୁଜା ଷଢଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟରେ ଜାତୀୟ ଅନ୍ତରିକ୍ଷ ଦିବସ

ପାରଳାଖେମୁଣ୍ଡି, (ସବ୍ୟୁ): ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟରେ ଅଫ୍ ଟେକ୍ନୋଲୋଜି ଏଣ୍ଡ ମ୍ୟାନେଜମେଣ୍ଟ (ସି.ୟୁ.ଟି.ଏମ୍.), ପାରଳାଖେମୁଣ୍ଡି ଠାରେ ଜାତୀୟ ଅନ୍ତରିକ୍ଷ ଦିବସ-୨୦୨୫ ଉତ୍ସାହମୟ ଭାବରେ ପାଳନ କରାଗଲା । ଏହି ଅବସରରେ ପ୍ରତିଷ୍ଠିତ ବୈଜ୍ଞାନିକ, ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଏକତ୍ରିତ ହୋଇ ଭାରତର ଅନ୍ତରିକ୍ଷ ସଫଳତା ଓ ସାମାଜିକ, ପରିବେଶୀୟ ଓ ବିଶ୍ୱସ୍ତରୀୟ ସମସ୍ୟା ସମାଧାନରେ ସ୍ପେସ୍ ଟେକ୍ନୋଲୋଜିର ଭୂମିକାକୁ ଆଲୋକପାତ କଲେ । ଏହି କାର୍ଯ୍ୟକ୍ରମଟି ସିଭିଲ ଇଞ୍ଜିନିଅରିଂ ବିଭାଗ ଦ୍ୱାରା, ସେଣ୍ଟର ଫର ଡାଟା ସାଇନ୍ସ ଏଣ୍ଡ ମେସିନ ଲର୍ନିଙ୍ଗ ଓ ସ୍କୁଲ ଅଫ ଇଞ୍ଜିନିଅରିଂ ଏଣ୍ଡ ଟେକ୍ନୋଲୋଜି ସହଯୋଗରେ ଆୟୋଜିତ ହୋଇଥିଲା । ଏହାପରେ ଡଃ, ପ୍ରଫୁଲ୍ଲ କୁମାର ପଣ୍ଡା, ଡିନ୍, ଏସ୍.ଓ.ଇ.ଟି., ସଭାକୁ ସ୍ୱାଗତ କରି,ୟୁନିଭରସିଟିର ନୂତନତ୍ୱ, ଗବେଷଣା ଓ ପ୍ରଯୁକ୍ତିମୂଳକ ଶିକ୍ଷାକୁ ଆଗେଇ ନେବାରେ ଦୃଢ଼ ପ୍ରତିବଦ୍ଧତା ବ୍ୟକ୍ତି କରିଥିଲେ । ପରେ ଡଃ, ରାଜୀବ କୁମାର ମାଝୀ, ବିଭାଗୀୟ ମୁଖ୍ୟ, ସିଭିଲ ଇଞ୍ଜିନିଅରିଂ, ଅନ୍ତରିକ୍ଷ ପ୍ରଯୁକ୍ତିର ବହୁମୁଖୀ ପ୍ରୟୋଗ - ଭୂବିଜ୍ଞାନ, ଜଳବାୟୁ ଅଧ୍ୟୟନ ଓ ସୃଷ୍ଟିର ପାୟାସ୍ଥିତିକା ଗଠନ ବିଷୟକୁ ଉଲ୍ଲେଖ କରିଥିଲେ ।

# ନାବାଳିକା ଗଣଦୁଷ୍କର୍ମ ମାମଲାରେ ୨ ଯୁବକଙ୍କୁ ଆଜୀବନ ଜେଲ୍

ବାରିପଦା, (ସବ୍ୟୁ) : ନାବାଳିକା ଗଣ ଦୁଷ୍କର୍ମ ମାମଲାର ବିଚାର କରି ସ୍ୱତନ୍ତ୍ର ପୋକୋସୋ କୋର୍ଟ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରତିମା ପାତ୍ର ଅଭିଯୁକ୍ତ ସମୟ ମୁର୍ମୁ(୩୩) ଓ ମଟୁ ମୁର୍ମୁ(୩୩)ଙ୍କୁ ଆଜୀବନ କାରାଦଣ୍ଡ ସହ ୫୦ହଜାର ଟଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅଧିକ ଏକବର୍ଷ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପି.ପି ଅଭିନ୍ନ କୁମାର ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ। ଘଟଣାରୁ ପ୍ରକାଶ ଯେ, ୨୦୨୧ ମସିହା ଏପ୍ରିଲ ୬ତାରିଖ ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅଞ୍ଚଳର ଜଣେ ନାବାଳିକା ତାଙ୍କ ଘର ନିକଟସ୍ଥ ବିଲକୁ ସନ୍ଧ୍ୟା ବେଳେ ଯାଇଥିବାବେଳେ ନାବାଳିକାକୁ ଏକୁଟିଆ ପାଇ ସମୟ ମୁର୍ମୁ ଓ ମଟୁ ମୁର୍ମୁ ଜୋରଜବରଦସ୍ତ ଦୁଷ୍କର୍ମ କରିଥିଲେ। ଏନେଇ ଘଟଣାର ବିଷୟରେ କାହାକୁ ଜଣାଇଲେ ନାବାଳିକାଙ୍କୁ ଜୀବନରୁ ମାରିଦେବାର ଧମକ ମଧ୍ୟ ଦେଇଥିଲେ। ଏନେଇ ପୀଡିତା ନାବାଳିକାଙ୍କ ପରିବାର ପକ୍ଷରୁ ଅଭିଯୋଗ କ୍ରମେ ଉଦଳା ଥାନାରେ ୧୨୫/୨୧ ମାମଲା ରୁଜୁ ହୋଇ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ସୋମବାର ୨୨ଜଣ ସାକ୍ଷୀ ପ୍ରମାଣକୁ ଭିତ୍ତି କରି ଅଦାଲତ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ଏଥିସହ ପୀଡିତାଙ୍କୁ କ୍ଷତିପୂରଣ ବାବଦରେ ୬ଲକ୍ଷ ଟଙ୍କା ଜିଲ୍ଲା ଆଇନ୍ ସହାୟତା କର୍ତ୍ତୃପକ୍ଷଙ୍କୁ ପୈଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ସ୍ୱାୟତ ଶାସନ ଦିବସରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ

ପାରଳାଖେମୁଣ୍ଡି, (ସବ୍ୟୁ): ସ୍ୱାୟତ ଶାସନ ଦିବସ ଅବସରରେ ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସ୍ଥିତ ଏସକେସିଜି କଲେଜ ପଡ଼ିଆ ଠାରେ ମୁନସିପାଲ କାଉନସିଲ -୧୧ ସହ ପାରଳାଖେମୁଣ୍ଡି ମିଡ଼ିଆ -୧୧ ମଧ୍ୟରେ ଏକ ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ ମ୍ୟାଚ ଆୟୋଜନ କରାଯାଇଥିଲା । ଏଥିରେ ପାରଳା ବିଧାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ମ୍ୟାଚର ଉଦଘାଟନ କରିଥିଲେ । ଏଥିରେ ବିଧାୟକ ସମସ୍ତଙ୍କୁ ଉତ୍ସାହିତ କରିବା ସହ କ୍ରିକେଟ ଖେଳି କ୍ରିକେଟର ମଜା ନେଇଥିଲେ । ଏହି ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚରେ ବିଧାୟକ ସହିତ ଜିଲ୍ଲା ବିଜେଡି ସଭାପତି ପ୍ରଦୀପ କୁମାର ନାୟକ, ପୌରପରିଷଦ ଅଧକ୍ଷା ଶ୍ରୀମତୀ ନିର୍ମଳା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବଉଳଗାଁରେ ପଞ୍ଚାସ୍ତରୀୟ ଜନଶୁଣାଣୀ



ଛତ୍ରପୁର, (ସବ୍ୟୁ): ଛତ୍ରପୁର ପଞ୍ଚାୟତସମିତି ପକ୍ଷରୁ ବଉଳଗାଁ ଠାରେ ଗ୍ରାମ ପଞ୍ଚାୟତସ୍ତରୀୟ ଜନ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ୨୨ଟି ଅଭିଯୋଗର ଶୁଣାଣୀ ହୋଇଥିବା ବେଳେ ସେଥିରୁ ୨୦ଟି ବ୍ୟକ୍ତଗତ ଏବଂ ୨୦ଟି ସାମୁହିକ ରହିଥିଲା । ପ୍ରାୟ ରାସନକାର୍ଡ, ପ୍ରଧାନମନ୍ତ୍ରୀ ଯୋଜନାରେ ଗୃହ, ଭତ୍ତା ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଅଭିଯୋଗ ଗୁଡିକ ଦେଖିବାକୁ ମିଳିଥିଲା । ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ଅତିରିକ୍ତ ଉପଜିଲ୍ଲାପାଳ ରୀନା ନାୟକ ନୋଡାଲ ଅଫିସର ଭାବେ ଯୋଗଦେଇଥିବା ବେଳେ ଛତ୍ରପୁର ବିଡିଓ ସମ୍ବିତ ସଂଗ୍ରାମଜିତ ସାହୁଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଏନ୍‌ଏସି ପକ୍ଷରୁ ସ୍ୱଚ୍ଛତା ସଚେତନତା ଶୋଭାଯାତ୍ରା ଓ ପଥପ୍ରାନ୍ତ ନାଟକ

ବୁଗୁଡା, (ସବ୍ୟୁ): ବୁଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଆସନ୍ତା ସ୍ୱାୟତ ଶାସନ ଦିବସ ପାଳନ ଉପଲକ୍ଷେ ସ୍ୱଚ୍ଛତା ସଚେତନତା ଶୋଭାଯାତ୍ରା ଓ ପଥପ୍ରାନ୍ତ ନାଟକ ପରିବେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଗରିମା ଯୋଜନା ଆନୁକୁଲ୍ୟରେ ମୁଖ୍ୟ ପରିମଳ କର୍ମଚାରୀଙ୍କ ସୁରକ୍ଷା ଓ ମର୍ଯ୍ୟାଦା ପାଇଁ ସ୍ଥାନୀୟ ନୂଆଁ ବସଷ୍ଟାଣ୍ଡ ପରିସରରେ ମହେଶ୍ୱର ନାଟ୍ୟ ସେବା ପରିଷଦର କଳାକାରଙ୍କ ଦ୍ୱାରା ଜନସଚେତନତାମୂଳକ ପଥପ୍ରାନ୍ତ ନାଟକ ପରିବେଷଣ ହୋଇଥିଲା ବେଳେ ତାହା ଲୋକଙ୍କୁ ବହୁତ ପ୍ରଭାବିତ କରିଥିଲା । ସେହିପରି ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀଙ୍କ ସମେତ ଏସଏଚଜି ମହିଳା, ସ୍ୱଚ୍ଛସାଥୀ, ସଫେଇ ଓ ଅନ୍ୟ କର୍ମଚାରୀଙ୍କୁ ନେଇ ଏକ ସ୍ୱଚ୍ଛତା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ।

# ସ୍ୱର୍ଗତ ବିପିନ ବିହାରୀ ଶତପଥୀଙ୍କ ଶ୍ରଦ୍ଧାଞ୍ଜଳି ସଭା

ବ୍ରହ୍ମପୁର, (ସବ୍ୟୁ): ଓଡିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ଗଞ୍ଜାମ ଶାଖା କବିସୂର୍ଯ୍ୟନଗର ବ୍ଲକ ସଭାପତି ସ୍ୱର୍ଗତ ବିପିନୀ ବିହାରୀ ଶତପଥୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଜିଲ୍ଲା ସଭାପତି ପ୍ରଦୀପ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ଶତପଥୀ ଜଣେ ଦକ୍ଷ ସଂଗଠକ, ସୁବକ୍ତା, ଆଦର୍ଶ ଶିକ୍ଷକ, ସମାଜସେବୀ, ରାଜନେତା ଓ ସମାଜ ସଂସ୍କାରକ । ସେ ସର୍ବଦା ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମରତ ଥିଲେ । ସେ କବିସୂର୍ଯ୍ୟନଗରର ବ୍ଲକ ଅବସରପ୍ରାପ୍ତ ସଂଘର ସଭାପତି ଭାବେ ଦୀର୍ଘ ଦିନରୁ ସେବା କରି ଅନେକ ଲୋକହିତକର କାର୍ଯ୍ୟ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବିଷୟ ବହୁ ଅବସରପ୍ରାପ୍ତ କର୍ମକର୍ତ୍ତା ଶୋକ ପ୍ରକାଶ କରି ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ । ଉକ୍ତ ଶୋକ ସଭାରେ ଜିଲ୍ଲା ସମ୍ପାଦକ ଅଶୋକ କୁମାର ଦଳାଇ, ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ରାଜେନ୍ଦ୍ର କୁମାର ପଣ୍ଡା ଓ ବିଭୂତି ଭୂଷଣ ଜେନା, ସହ ସମ୍ପାଦକ ମିହିର କାନ୍ତ ମହାପାତ୍ର, ଜିଲ୍ଲା ଉପସଭାପତି ସୁବାସ ଚନ୍ଦ୍ର ମିଶ୍ର, ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ଇ କନ୍ୟା କୁମାରୀ ଓ କବିରାଜ ସାହୁ, ଉପଦେଷ୍ଟା କୃଷ୍ଣ ମୂର୍ତ୍ତି, ପୀତବାସ ମହାପାତ୍ର, ଉପେନ୍ଦ୍ର ନାୟକ, ଉପଦେଷ୍ଟା କାମ ରାଜୁ ମହାରଣା ଓ ରାଜ୍ୟ ସମ୍ପାଦକ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା ଉପସ୍ଥିତ ରହି ନୀରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ସଭାପତି ପ୍ରଦୀପ କୁମାର ସାହୁ ସମ୍ପାଦକ ଅଶୋକ କୁମାର ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ ।

# ପଞ୍ଚାୟତସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ

ବୁଗୁଡ଼ା, (ସବ୍ୟୁ) : ବୁଗୁଡ଼ା ବ୍ଲକର କରଚୁଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗ୍ରାମପଞ୍ଚାୟତ ସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ତହସିଲଦାର ତାପସ ରାଉତ, ବିଡିଓ ଦୁତିକୃଷ୍ଣ ପାତ୍ର, ଏବିଡିଓ ଧର୍ମରାଜ ପରିଡା, କରଚୁଲି ପଞ୍ଚାୟତ ସରପଞ୍ଚ ରବି ନାଇକ ଓ ସମିତି ଶ୍ରୀହର୍ଷ ପ୍ରଧାନ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଏ ଅବସରରେ ୬୬ଟି ଅଭିଯୋଗ ଶୁଣାଯାଇଥିବା ବେଳେ ସେଥିମଧ୍ୟରୁ ୬୧ଟି ବ୍ୟକ୍ତିଗତ ଏବଂ ୫ଟି ଗୋଷ୍ଠୀଗତ ଅଭିଯୋଗ ରହିଥିଲା । ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ବିଭିନ୍ନ ବିଭାଗର ସରକାରୀ କର୍ମଚାରୀମାନେ ସହଯୋଗ କରିଥିଲେ ।

# ଶକ୍ତିଶ୍ୱର ବଜାର ଓ ବିଡ଼ି କଲେଜ ପରିସର ଜଳମଗ୍ନ



ନିଶ୍ଚିନ୍ତକୋଇଲି,(ସବ୍ୟୁ) :ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ନରେଣପୁର ପଞ୍ଚାୟତ ବାଣୀନଗର ଠାରେ ଥିବା ଶକ୍ତିଶ୍ୱର ବଜାର ଏବଂ ଏହା ସନ୍ନିକଟ ବଲ୍ଲଭାଦେବୀ ମହିଳା କଲେଜ ପରିସରରେ ଜଳମଗ୍ନ ହୋଇଛି । ବର୍ଷା ଆରମ୍ଭରୁ ଶକ୍ତିଶ୍ୱର ବଜାର ମଧ୍ୟରେ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଦକ୍ଷିଣେଶ୍ୱର କାଳୀ ମନ୍ଦିର ପର୍ଯ୍ୟନ୍ତ ବର୍ଷାଜଳ ଜମି ରହିଥିବାରୁ ଲୋକମାନେ ଚଳପ୍ରଚଳ ପାଇଁ ନାହିଁ ନଥିବା ହଇରାଣ ହେଉଛନ୍ତି । ଏହାଛଡ଼ା ବଜାରର ଡାହାଣ ପାର୍ଶ୍ୱରେ ରହିଥିବା ଦୋକାନ ଗୁଡ଼ିକର ସମ୍ମୁଖରେ ବର୍ଷାଜଳ ଲହଡ଼ି ମାରୁଥିବାରୁ ବ୍ୟବସାୟରେ କାରବାର ମଧ୍ୟ ଏକପ୍ରକାର ବନ୍ଦ ହୋଇଯାଉଛି । ଏହି ବର୍ଷାଜଳ ଜମିବା ଫଳରେ ବଜାର ମଧ୍ୟରେ ବିଭିନ୍ନ ଅଳିଆ ଆବର୍ଜନା ପଚିସଢ଼ି ନର୍ଦ୍ଦମା ପାଲଟିଛି । ଫଳରେ ବଜାର ପରିସର ରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେବା ସହିତ ମଶା,ମାଛି ଓ ସରିସୃପ ମାନଙ୍କର ପାଦୃର୍ଭାବ ଦେଖାଦେଇଛି । ରାସ୍ତା ନିର୍ମାଣ ବେଳେ ଠିକାଦାର ଏହି ବଜାର ପରିସରରେ ରାସ୍ତାକୁ ସଠିକ୍ ଭାବେ ନକରି ନିଚା କରିଦେଇଥିବାରୁ ବର୍ଷା ଜଳ ନିଷ୍କାସନ ନହୋଇ ପାରିବାରୁ ଏଭଳି ଅବସ୍ଥା ଉପୁଜିଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ସମସ୍ୟାକୁ ସମାଧାନ କରିବା ପାଇଁ ବଜାରର ବ୍ୟବସାୟୀ ମାନେ ଦାବି କରିଛନ୍ତି । ଏହାଛଡ଼ା ଏହି ବଜାର ପାଖକୁ ଲାଗି ରହିଥିବା ବଲ୍ଲଭାଦେବୀ ମହିଳା ମହାବିଦ୍ୟାଳୟରେ ମଧ୍ୟ ଅନୁରୂପ ଅବସ୍ଥା ଦେଖାଦେଇଛି । ଟିକିଏ ବର୍ଷା ହେଲେ ଏହି କଲେଜ ପରିସରରେ ୧ଫୁଟ ଉଚ୍ଚତାର ଜଳ ଜମି ରହୁଛି । କଲେଜ ଫାଟକ ପାଖରୁ ପାର୍କ ପର୍ଯ୍ୟନ୍ତ ଜଳ ଜମି ରହୁଥିବା ବେଳେ ସାଇକେଲ ଷ୍ଟାଣ୍ଡ ଭିତରେ ମଧ୍ୟ ଜଳ ଭର୍ତ୍ତି ହୋଇ ରହୁଛି । ଫଳରେ ଏହି କଲେଜରେ ଅଧ୍ୟୟନ କରୁଥିବା ୮ଶହରୁ ଅଧିକ ଛାତ୍ରୀ ଏବଂ ୬୦ରୁ ଉର୍ଦ୍ଧ୍ୱ କର୍ମଚାରୀ କଜେଲ ଭିତରକୁ ଯିବା ପୂର୍ବରୁ ଜୋତା, ଚପଲକୁ ହାତରେ ଧରି ପାଣି ମଧ୍ୟରେ ପଶି ଯାତାୟତ କରୁଛନ୍ତି । ଷ୍ଟାଣ୍ଡରେ ବର୍ଷା ଜଳ ଭର୍ତ୍ତି ହୋଇ ରହିଥିବାରୁ ସାଇକେଲ.ବାଇକ୍ ଓ ସ୍କୁଟି ଗୁଡ଼ିକ ରଖିବା ପାଇଁ ଛାତ୍ରୀ ଓ ଷ୍ଟାଫମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କଲେଜ ପରିସର ମଧ୍ୟରେ ପାର୍କ ନିର୍ମାଣ କରାଯିବା, ଚାରି ପଟରେ ପାଚେରୀ ନିର୍ମାଣ କରାଯିବା ଏବଂ ହଷ୍ଟେଲକୁ ଢଳେଇ ରାସ୍ତା ନିର୍ମାଣ କରାଯିବାରୁ ପରିସରରୁ ବର୍ଷା ଜଳ ନିଷ୍କାସନ ହେବାରେ ବାଧା ଉପୁଜୁଛି । ଯାହାଦ୍ୱାରା ଟିକିଏ ବର୍ଷା ହେଲେ କଲେଜ ପରିସର ଜଳମଗ୍ନ ହୋଇ ରହୁଛି । ଫଳରେ ଛାତ୍ରୀ, ଅଧ୍ୟାପକ ,ଅଧ୍ୟାପିକା ଓ କର୍ମଚାରୀ ମାନେ କଲେଜ ପରିସରରେ ଚଳପ୍ରଚଳ ପାଇଁ ହାନସ୍ତା ହେଉଛନ୍ତି । ଏହି ସମସ୍ୟା ଦୀର୍ଘ ଦିନ ହେବ ଲାଗିରହିଲେ ମଧ୍ୟ ଏହାର ସମାଧାନ ପାଇଁ କେହି ଦୃଷ୍ଟି ଦେଉନାହାଁନ୍ତି । ତୁରନ୍ତ ଉକ୍ତ ସମସ୍ୟାର ସମାଧାନ ପାଇଁ କଲେଜ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

# କାଣୀ ନଦୀରେ ୧୦୦ଫୁଟରୁ ଉର୍ଦ୍ଧ୍ୱ ଘାଇ, ୨୦ ହଜାରରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ

ଦଶରଥପୁର/ମଙ୍ଗଳପୁର(ସବ୍ୟୁ) : ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ବୈତରଣୀ ନଦୀରେ ବନ୍ୟା ଜଳ ବୃଦ୍ଧି ପାଇଛି । ଯାହା ଫଳରେ ବୈତରଣୀ କାଣୀ ନଦୀରେ ତୃତୀୟ ଥର ବନ୍ୟା ଆସିଛି । ଉକ୍ତ ବନ୍ୟା ଚଳିତ ବର୍ଷର ସବୁଠୁ ବଡ଼ ବନ୍ୟା । ଏହି ବନ୍ୟା ଆସି ଲୋକଙ୍କ ହସ ଖୁସି ଛଡେଇ ନେଇଛି । ଭାଂଗିଲା ନଦୀ ବନ୍ଧ ଗୋ ଗୋ ଗର୍ଜନ କରି ଘରେ ପଶିଲା ବନ୍ୟା ପାଣି । କୁଆଡେ ଯିବେ କେମିତି ଯିବେ ଚିନ୍ତା କରିବା ପୂର୍ବରୁ ଘରେ ପଶିଲା ପାଣି । ଏମିତି ଦୁଃଖ ଆସିଛି ଦଶରଥପୁର ବ୍ଲକ ମଲ୍ଲାକାପୁର, କଣ୍ଟା ପଞ୍ଚାୟତ ଅହିୟାସ ଦରଗା ନିକଟରୁ । ବୈତରଣୀ ର ଶାଖା କାଣୀ ନଦୀରେ ୧୦୦ଫୁଟରୁ ଉର୍ଦ୍ଧ ବନ୍ଧ ଭାଂଗିଲା ପୁଣି ରାତି ୪ଟାରେ । ଦଶରଥପୁର ବ୍ଲକ ଅନ୍ତର୍ଗତ ଅହିୟାସ ପଞ୍ଚାୟତର ବଙ୍ଗଳା ବାଡିରେ ଏକ ଘାଇ ସୃଷ୍ଟି ହୋଇ ଦଶରଥପୁର ବ୍ଲକର ୨୧ ଟି ପଞ୍ଚାୟତ ପ୍ରଭାବିତ ହୋଇଛି । ଦଶରଥପୁର ବ୍ଲକର କଣ୍ଟପା, ମଲିକାପୁର, ଯୟନ୍ତରା, କଟିକଟା,ଚରପଦା, ସୁଣ୍ଡୁଆ, ତୁତୁରାଅଣ୍ଡା, ଛତିଶା, ମଙ୍ଗଳପୁର, ନିଜାମପୁର, ଦରପୁର, କୟାଁ, କମାରଡିହ, ଖାନନଗର, ଥାଲକୁଡି, ଜାଫରପୁର ଆଦି ପଞ୍ଚାୟତ ଗୁଡିକ ବନ୍ୟା ଜଳରେ ପ୍ରଭାବିତ ହୋଇଛି । ଉକ୍ତ ୨୧ ଟି ପଞ୍ଚାୟତରେ ୧୮୪୩୩ ଜଣ ଲୋକ ପ୍ରଭାବିତ ହୋଇଛନ୍ତି । ଘାଇ ହେବାପରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର,ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ,ଦଶରଥପୁର ବିଡ଼ିଓ ଆକାଶ ପଟ୍ଟନାୟକ,ଯାଜପୁର ଜିଲ୍ଲା ବିଜେପି ପୂର୍ବତନ ସଭାପତି ଗୌତମ ରାୟ, ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର,ଭାଗିରଥି ସାହୁ, ବିରଜା ମଲ୍ଲିକ ପ୍ରମୁଖ ବନ୍ୟା ପାଣି ଘେରରେ ପଶି ଲୋକଙ୍କ ସମସ୍ୟା ବୁଝିଥିଲେ ।

# ସାଲେପୁରକୁ ଏନ ଏ ସି ମାନ୍ୟତା ନ ଦେବା ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ




ସାଲେପୁର ,(ସବ୍ୟୁ) :ରାଜ୍ୟ ସରକାର ୭ଟି ଜିଲ୍ଲା ର ୧୨ଟିସ୍ଥାନକୁ ଏନ ଏ ସି ମାନ୍ୟତା ଦେବା ପାଇଁ ଘୋଷଣା କରିବା ପରେ ସାଲେପୁର ସହର ଏନ ଏ ସି ରୁ ବାଦ ପଡିଥିବା ପ୍ରତିବାଦରେ ସାଲେପୁର କଂଗ୍ରେସ ଦଳ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ସାଲେପୁରକୁ ନ୍ୟାର୍ଯ୍ୟଦାବି ପାଇଁ ସୋମବାର କଂଗ୍ରେସ ନେତା ଆକ୍ୟୁବ ଖାଁଙ୍କ ନେତୃତ୍ୱରେ କଟକ ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ପ୍ରଦୀପ୍ତ କୁମାର ଦାସ ଙ୍କ ଉପସ୍ଥିତିରେ ମଧୁମଣ୍ଡପ ପାଖରୁ ଏକ ରାଲି ବାହାରି ସାଲେପୁର ବଜାର ପରିକ୍ରମା କରି ସାଲେପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ବହୁ କର୍ମୀ ଏହି ବିକ୍ଷୋଭରେ ସାମିଲ ହୋଇ ରାଜ୍ୟ ସରକାର ଓ ବିଜୁ ଜନତା ଦଳ ଉପରେ ନାରାବାଜି ଦେଇଥିଲେ । ସାଲେପୁର ସହର ଏକ ବହୁ ପୁରାତନ ସହର ହୋଇଥିବା ବେଳେ ଏହାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ତାଲିକାରୁ ବାଦ ଦେବା କେବଳ ରାଜନୈତିକ ଆକ୍ରୋଶ ମନୋଭାବ ବୋଲି ବହୁ ନେତା ମତବ୍ୟକ୍ତ କରିଥିଲେ । ଏହି ଅବସରରେ ସାଲେପୁରକୁ ଏନ ଏ ସି ମାନ୍ୟତା ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂ କୁ କଂଗ୍ରେସ ନେତାମାନେ ପ୍ରଦାନ କରିଥିଲେ । ଏହି ବିକ୍ଷୋଭରେ ସୟଦ ସଫିଉଲ ଆଲାମ, ସରୋଜ କର,ଅଶ୍ୱିନୀ ଦାସ,ସେକ ଫିର ବକ୍ସ,ବିସ୍ମୟ ରଞ୍ଜନ ଭୂୟାଁ, ଅଜିତ କୁମାର ପଣ୍ଡା, ଚିତ୍ତରଞ୍ଜନ ରାଉତରାୟ,ମହମ୍ମଦ ଏକ୍ରାମ,ମହମ୍ମଦ କମିରୁଦ୍ଦି,ଏମଡି ଟ୍ରଫିକ ଏଲାହ,ସୟଦ ଏହେମଦ ଅଲ୍ଲୀ, ସୁରଜ ଖାନ,ନାରାୟଣ ଭୋଇ,ଅନୁରୁଦ୍ଧି ମହାନ୍ତି ରୁପକ କୁମାର ଭୂୟାଁ, ସୁରେନ୍ଦ୍ର ମହାରଣା,ସୁଦାମ ବାରିକଙ୍କ ସମେତ ବହୁ କଂଗ୍ରେସର ଯୁବ କର୍ମୀ,ମହିଳା ଓ କଲେଜ ଛାତ୍ରୀ ଛାତ୍ର ଯୋଗ ଦେଇଥିଲେ ।

# ସୋୟାବିନ ମେସିନ ବସେଇବାକୁ କହି କୋଟିଏ ଟଙ୍କା ହଡପ

କେନ୍ଦ୍ରାପଡା,(ସବ୍ୟୁ) :କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ କେରେଡାଗଡ ବାଲିସାହି ପାଟଣା ଗ୍ରାମର ଶତାଧିକ ମହିଳା ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର ମଲିକଙ୍କୁ ଭେଟି ସୋୟାବିନ ମେସିନ ବସେଇବାକୁ କହି ସେହି ଗ୍ରାମର ସ୍ୱାମୀ ସ୍ତ୍ରୀ କୋଟିଏ ଟଙ୍କା ହଡପ କରିଥିବା ନେଇ ଯାଇଥିବା ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ, ସେହି ଗ୍ରାମର ମମତା ମାଝି ସ୍ୱାମୀ–ସଂଜୟ ମାଝି ଏହି ଦୁଇ ଜଣ ସ୍ଥାନୀୟ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ମାନଙ୍କୁ ବୁଝାଇ ଏଠାରେ ସୋୟାବିନ ଫ୍ୟାକ୍ଟି ବସିଲେ ତୁମର ରୋଜଗାର ହେବ ବୋଲି କହି ଏମାନଙ୍କ ଠାରୁ ପ୍ରାୟ କୋଟିଏ ଟଙ୍କା ନେଇ ଯାଇଥିବା ଅଭିଯୋଗ କରିଛନ୍ତି । ଏହି ମହିଳା ମାନେ ସ୍ୱୟଂ ସହାୟିକା ଗୋଷ୍ଠୀର ଟଙ୍କା ଓ ଧାର ଉଧାର କରି ଏମାନଙ୍କୁ ଟଙ୍କା ଦେଇଥିଲେ । ଏହି ବ୍ୟକ୍ତି ଜଣକ ଉକ୍ତ ଟଙ୍କାରେ ନିଜ ଜାଗାରେ ଘର କରି ସୋୟାବିନ ଫ୍ୟାକ୍ଟିର ନକରି ନେଇଥିବା ଟଙ୍କା ଫେରାଉ ନଥିବା ଅଭିଯୋଗ କରି ଟଙ୍କା ଫେରସ୍ତ ପାଇବା ପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି । ଅତିରିକ୍ତ ଜିଲ୍ଲାପାଳଙ୍କ ସହ ଆଲୋଚନା ସମୟରେ ଶାନ୍ତିଲତା ସ୍ୱାଇଁ, ଫୁଲରାଣି ମାଝି, ରୂପାଲୀ ମାଝି, ଅନିତା ଭୂୟାଁ, ମୀନା ମାଝି, କବିତା ମାଝି ପ୍ରମୁଖଙ୍କ ସହ ଶତାଧିକ ମହିଳା ଉପସ୍ଥିତ ଥିଲେ ।

# ରୟାଲ୍ ଗାର୍ଡେନ୍ ଅଞ୍ଚଳରେ ଆକ୍ରମଣ

ବ୍ୟାସନଗର,(ଜିପ୍ର): ପାଣିକୋଇଲି ଥାନା ୨୦ ନଂ ଜାତୀୟ ରାଜପଥ ପାର୍ଶ୍ୱ ଆଲିଆ ନିକଟ ରୟାଲ ଗାର୍ଡ଼େନରେ କିଛି ଦୁର୍ବୃତ୍ତ ପ୍ରମୋଦ କୁମାର ସାହୁ ନାମକ ଯୁବକକୁ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଛି । ଅଭିଯୋଗ ପରେ ପୁଲିସ ୧୬୯/୨୫ରେ ମାମଲା ରୁଜୁ କରି ତଦନ୍ତ କରୁଛି । ପ୍ରମୋଦ କରିଥିବା ଅଭିଯୋଗରେ କୁହାଯାଇଛି ଯେ, ମାସାଓ୍ୱାର ଅଲି ଖାନଙ୍କ ପୁଅ ମୁସରଫ୍ ଅଲି ଖାନ ଓ ମୁସରଫ୍ ଅଲି ଖାନଙ୍କ ପୁଅ ମୋକିମ୍ ଅଲି ସହିତ ଆଉ ୫ଜଣ ଅଜଣା ବ୍ୟକ୍ତି ତାଙ୍କୁ ଓ ତାଙ୍କ ସହଭାଗୀ ଆଫାକ୍ ଅହମଦ ଓ ଜଲାଲୁଦ୍ଦିନ୍ ଖାନଙ୍କୁ ଆକ୍ରମଣ କରିଥିଲେ। ପ୍ରମୋଦ କହିବା ଅନୁସାରେ, ରୟାଲ୍ ଗାର୍ଡେନ୍ ଅଂଚଳରେ ତାଙ୍କ କାର୍ଯ୍ୟାଳୟ ଥିବା ସ୍ଥାନରେ ବାରମ୍ବାର ଚୋରି ଘଟଣା ଘଟୁଥିଲା। କିଛିଦିନ ପୂର୍ବରୁ କାର୍ଯ୍ୟାଳୟରୁ ଏସି, ଇନ୍‌ଭର୍ଟର୍ ସହିତ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିଲା ଓ ସାମ୍ପ୍ରତିକ ଦିନରେ ଗୋଟିଏ ମୋଟର ବାଇକ୍ ମଧ୍ୟ ଚୋରି ହୋଇଥିଲା। ସନ୍ଦିଗ୍ଧ ଚଳଚଳାହଟ୍‌କୁ ନେଇ ପଚାରିଲା ବେଳେ, ସେମାନେ ଅଚାନକ ଆମକୁ ଆକ୍ରମଣ କଲେ । ଏହାସହିତ, ଆହତଙ୍କୁ ଲକ୍ଷ୍ୟ କରି ଭୁଲ୍ ଅଭିଯୋଗ ମଧ୍ୟ ରୁଜୁ କରାଯାଇଥିବା ଉଲ୍ଲେଖ କରାଯାଇଛି। ପୁଲିସ୍ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରୟାଲ୍ ଗାର୍ଡେନ୍ ଅଂଚଳରେ ପୂର୍ବରୁ ଘଟିଥିବା ଚୋରି ଘଟଣାଗୁଡିକର ତଦନ୍ତ ଜାରୀ ରହିଛି । ତେବେ ସଂପୃକ୍ତ ରୟାଲ ଗାର୍ଡ଼େନ ଅଂଚଳରେ ବିଭିନ୍ନ ସମୟରେ ଚୋରି ସହ ଅରାଜକତା ଘଟୁଥିବାରୁ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇ ଦେବାକୁ ଅଂଚଳବାସୀ ଦାବି କରିଛନ୍ତି ।

# ବ୍ରାହ୍ମଣୀରେ ବନ୍ୟା: ନଦୀ କୂଳିଆ ବାସିନ୍ଦା ଆତଙ୍କିତ

ଧର୍ମଶାଳା,(ସବ୍ୟୁ): ବ୍ରାହ୍ମଣୀ ଓ ତାର ଶାଖା ନଦୀ ଗୁଡିକରେ ତୃତୀୟ ବନ୍ୟାଜଳ ଆସିବା ଫଳରେ ନଦୀ କୂଳିଆ ଲୋକେ ଆତଙ୍କିତ ହୋଇପଡିଛନ୍ତି । ଉପର ମୁଣ୍ଡରେ ବର୍ଷା ଲାଗିରହିବା ଫଳରେ ରେଙ୍ଗାଲିର ୩ ଗୋଟି ଗେଟ ଖୋଲାଯାଇଛି । ପୂର୍ବରୁ ରେଙ୍ଗାଲିର ୨ ଗୋଟି ଗେଟ ଖୋଲାଯାଇଥିବା ବେଳେ ଆଜି ଭୋରରୁ ଗୋଟଏ ଗେଟ ଖୋଲାଯାଇଛି । ସେହିପରି ସମଲ ବ୍ୟରେଜର ୧୦ ଗୋଟି ଗେଟ ଖୋଲାଯାଇଛି । ଫଳରେ ଆଜି ସନ୍ଧ୍ୟା ୭ଟା ସୁଦ୍ଧା ବ୍ରାହ୍ମଣୀ ନଦୀର ଜେନାପୁର ଠାରେ ୬୩.୭୦ ମିଟରରେ ବନ୍ୟାଜଳ ପ୍ରବାହିତ ହେଉଛି ଏବଂ ଏହା କ୍ରମଶ ବୃଦ୍ଧି ପାଉଥିବା ବେଳେ ଆଜି ଭୋର ସମୟରେ ରେଙ୍ଗାଲି ଡ୍ୟାମର ଖୋଲାଯାଇଥିବା ଗୋଟିଏ ଗେଟର ପାଣି କାଲି ସକାଳ ସୁଦ୍ଧା ଜେନାପୁର ନିକଟରେ ପହଁଚିବ । ଫଳରେ ବନ୍ୟା ଜଳ ବୃଦ୍ଧି ପାଇ ଜେନାପୁର ଠାରେ ବିପଦ ସଙ୍କେତ ଥିବା ୬୭ ଫୁଟ ପାଖାପାଖି ଯିବାର ଆଶଙ୍କା କରାଯାଉଛି । ତେବେ ଉପରମୁଣ୍ଡରେ ବର୍ଷା ପରିମାଣ ନକମିଲେ ରେଙ୍ଗାଲି ଡ୍ୟାମର ଆଉ ଏକ ଗେଟ ଖୋଲାଗଲେ ବନ୍ୟା ହେବାର ଆଶଙ୍କା କରାଯାଇଛି । ଏହି ବନ୍ୟାରେ ବିଶେଷ କରି ତଳିଆ ଅଂଚଳ ଗୁଡିକ ବିଶେଷ ଭାବରେ ପ୍ରଭାବିତ ହେବାର ସମ୍ଭାବନା ଦେଖାଦେଇଛି । ତେବେ ନଦୀ କୂଳିଆ ଲୋକମାନେ ସଜାଗ ରହିବାକୁ ଜିଲ୍ଲାପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ବ୍ରହ୍ମଣୀ ନଦୀରେ ଚଳିତ ବର୍ଷ ଏକ ବଡଧରଣର ବନ୍ୟା ହେବା ନେଇ ଆଶଙ୍କା କରାଯାଇଛି ।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ପାଣିକୋଇଲି,(ସବ୍ୟୁ): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର କୋରେଇ ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲ ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଥିଲେ । ମୋଟ ୯୯ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୭୦ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୫ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨୪ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୨୫ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା ।

# ଅବ୍ୟବସ୍ଥା ଘେରରେ ଚାଲିଛି ତଳ ନହଙ୍ଗ ପ୍ରାଥମିକ ବିଦ୍ୟାଳୟ

ମାହାଙ୍ଗା,(ସବ୍ୟୁ): ମାହାଙ୍ଗା ବ୍ଲକରେ ପ୍ରାଥମିକ ଶିକ୍ଷାବ୍ୟବସ୍ଥା ଭୁଷୁଡି ପଡିଛି । ବିଷୟ ଭିତ୍ତିକ ଶିକ୍ଷକ ଅଭାବରୁ ଛାତ୍ର ଛାତ୍ରୀମାନେ ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି । ଅପରପକ୍ଷରେ ଚର୍ଚ୍ଚା ହେଉଛି ଯେ ବଡ ବଡ ସରକାରୀ କର୍ମଚାରୀ, ଅଧିକାରୀ, ରାଜନେତା ଓ ବ୍ୟବସାୟୀମାନେ ନିଜ ପିଲାଙ୍କର ଉନ୍ନତ ଭବିଷ୍ୟତକୁ ଚିନ୍ତାକରି ବେସରକାରୀ ବିଦ୍ୟାଳୟରେ ପାଠ ପଢାନ୍ତି । ହେଲେ ସରକାରୀ ଶିକ୍ଷାନୁଷ୍ଠାନ କିଭଳି ଚାଲିଛି ତାହାର ଉଦାହରଣ ପାଲଟିଛି ମାହାଙ୍ଗା ବ୍ଲକ ଭଉଁରିଆ ପଂଚାୟତ ଅନ୍ତର୍ଗତ ତଳ ନହଙ୍ଗ ପ୍ରାଥମିକ ବିଦ୍ୟାଳୟ । ବିଦ୍ୟାଳୟର ଶ୍ରେଣୀ ଗୃହରୁ ପାଣି ବୋହିବା ଓ ବିଦ୍ୟାଳୟର ଫାଟକ ନଥିବା ଯୋଗୁ ଛାତ୍ର ଛାତ୍ରୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏଠାରେ ପ୍ରକାଶ ଯେ ଶିକ୍ଷାର ପ୍ରସାର ପାଇଁ ଉକ୍ତ ବିଦ୍ୟାଳୟଟି ଗ୍ରାମର ଜଣେ ଆଧାତ୍ମିକ ବ୍ୟକ୍ତି ସ୍ୱର୍ଗତ ଗିରିଧାରୀ ରାଉତ ଜମିଦାନ କରି ୧୯୭୫ ମସିହାରେ ୧ରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲିଥିଲେ । ଏବେ ଶିଶୁ ବାଟିକାକୁ ମିଶାଇ ୬ଟି ଶ୍ରେଣୀ ରହିଛି । ୪୫ ଜଣ ଛାତ୍ର ଛାତ୍ରୀମାତ୍ର ଗୋଟିଏ ବଖରାରେ ପାଠ ପଢୁଛନ୍ତି । ରୋଷେଇ ଘରଟି ଭାଙ୍ଗିରୁଜି ଯାଇଥିଲା ବେଳେ ବର୍ଷାପାଣି ଛାତରୁ ପଡି ସେଠାରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି । ବିଦ୍ୟାଳୟରେ ଥିବା ପାଇଖାନାଟି ଭାଙ୍ଗିରୁଜି ଯାଇଥିଲା ବେଳେ ନଳକୂପଟି ଠିକ୍ ଭାବରେ କାର୍ଯ୍ୟ କରୁନାହିଁ । ଉକ୍ତବିଦ୍ୟାଳୟ ୨୦୨୦ ମସିହାରେ ନିକଟସ୍ଥ ରାଧାକୃଷ୍ଣ ନୋଡାଲ ଉପ୍ରା ବିଦ୍ୟାଳୟ ଦ୍ୱାରା ଛାତ୍ର ଛାତ୍ରୀମାନଙ୍କୁ ପୋଷାକ ସାମଗ୍ରୀ ବଣ୍ଟନ କରାଯାଉଥିଲା ବେଳେ ଦୀର୍ଘ ୫ ବର୍ଷ ଧରି ବିଦ୍ୟାଳୟକୁ ସମସ୍ତ ସରକାରୀ ଗ୍ରାଣ୍ଟପ୍ରଦାନ କରାଯାଉନଥିବାର ଅଭିଯୋଗ ହେଉଛି । ଏ ସଂପର୍କରେ ବହୁବାର ଶିକ୍ଷା ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାଁନ୍ତି । ତୁରନ୍ତ ଏହି ବିଦ୍ୟାଳୟର ଉନ୍ନତି ପାଇଁ ସରକାରୀ ସ୍ତରରେ ଆସୁଥିବା ସମସ୍ତ ଅନୁଦାନ ପ୍ରଦାନ କରିବା ପାଇଁ ମାନ୍ୟବର ବିଧାୟକ ମାହାଙ୍ଗା ଓ ଶିକ୍ଷାବିଭାଗ ପଦକ୍ଷେପ ନେବାକୁ ଅଭିଭାବକ ଓ ଗ୍ରାମବାସୀ ମହଲରେ ଦାବି ହେଉଛି ।

# ସମାଜ ସେବୀଙ୍କ ପରଲୋକରେ ଶୋକ

ନିଶ୍ଚିନ୍ତକୋଇଲି,(ସବ୍ୟୁ): ନିଶ୍ଚିନ୍ତକୋଇଲି ବ୍ଲକ ଜନାର୍ଦ୍ଦନପୁର ଗ୍ରାମପଂଚାୟତ ଖଣ୍ଡଗିରି ଗ୍ରାମର ପୁରୁଖା ଜନତା ଦଳ କର୍ମୀ ଉତମ ଚନ୍ଦ୍ର ପାତ୍ର(୭୭)ଙ୍କ ପରଲୋକ ହୋଇଛି । ସେ ଦୀର୍ଘ ଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପଡ଼ି ଶଯ୍ୟାଶାୟୀ ଥିଲେ। ସେ ଜନତା ଦଳ ସମୟରୁ ଜଣେ ଆଗ ଧାଡିର କର୍ମୀ ହିସାବରେ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କର ଏକାନ୍ତ ଅନୁଗତ ଥିଲେ। ତାଙ୍କର ବିୟୋଗରେ ବରିଷ୍ଠ ନେତା ବିଜୟ ମହାପାତ୍ର, ସୁବାଷ ଦାସ,ସୀତାଂଶୁ ପଣ୍ଡା,ରାଜକିଶୋର ପାତ୍ର ,ବସନ୍ତ ପଣ୍ଡା,ମିଟୁ ସାମଲ, ଅଶୋକ ସାହୁ, ଧରଣୀଧର ନାୟକ, ଚିନ୍ମୟ ପାତ୍ର,ଅନିନ୍ଦ୍ୟ ପରିଡା,ନିରଞ୍ଜନ ପାତ୍ର ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଗଭୀର ଶୋକବ୍ୟକ୍ତ କରିବା ସହ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ତାଙ୍କର ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ୍ୟ ଶ୍ମଶାନରେ ଦାହ କରାଯାଇଥିଲା। ତାଙ୍କର ଜ୍ୟେଷ୍ଠପୁତ୍ର ସୁଧାଂଶୁ ମୁଖାଗ୍ନି ଦେଇଥିଲେ।

# ଅସୁରକ୍ଷିତ କଟକ-ପାରାଦୀପ ରାସ୍ତା, ଗାଈଗୋରୁଙ୍କ ଦୈରାତ୍ମ୍ୟ

ରଘୁନାଥପୁର,(ସବ୍ୟୁ): କଟକରୁ- ପାରାଦୀପ ରାଜରାସ୍ତାର ରଘୁନାଥପୁରଠାରେ ନିତିଦିନ ସଂଧ୍ୟାବେଳେ ବୁଲା ଗାଈଗୋରୁଙ୍କ ଦୈରାତ୍ମ୍ୟ ଯାତ୍ରୀ ଓ ଚାଳକମାନଙ୍କ ପାଇଁ ଭୟଙ୍କର ସମସ୍ୟା ସୃଷ୍ଟି କରିଛି । ଅନ୍ଧାର ହେଲେ ରାସ୍ତାରେ ସାମ୍ନାକୁ ଆସୁଥିବା ଗାଈ–ବୃଷଭକୁ ଦେଖି ବହୁତ ସମୟରେ ଗାଡ଼ିଚାଳକମାନେ ନିୟନ୍ତ୍ରଣ ହାରାଇ ଦୁର୍ଘଟଣାରେ ପଡୁଛନ୍ତି । ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ, ଗୋଚାରଣ ସୁବିଧା ନଥିବାରୁ ପ୍ରାୟତଃ ଗାଈଗୋରୁମାନେ ରାସ୍ତାକୁ ଚାଲି ଆସୁଥିବାବେଳେ ବହୁ ଦୁଗ୍ଧ ଚାଷୀ ଅଣ୍ଡିରା ବାଛୁରୀକୁ ଛାଡ଼ି ଦେବାରୁ ଏଭଳି ଦୁରାବସ୍ଥା ସୃଷ୍ଟି ହୋଇଛି । ବିଶେଷକରି ସଚେତନତା ଅଭାବ ଓ ପଶୁମାଲିକମାନଙ୍କ ଅବହେଳା ଏହି ସମସ୍ୟାକୁ ଆଉ ବଢ଼ାଇଦେଇଛି । ସ୍ଥାନୀୟଲୋକମାନଙ୍କ କହିବାନୁଯାୟୀ , ସନ୍ଧ୍ୟା ୭ଟା ପରେ ଏହି ରାସ୍ତାରେ ଚାଲିବାଟା ବହୁତ କଷ୍ଟକର । ଏଥିପାଇଁ ରାସ୍ତା ପାଖରେ ସଚେତନତା ସୂଚନା ପଟି, ପଶୁମାଲିକମାନଙ୍କୁ ନିୟମିତ ଜୋରିମାନା ଓ ପଶୁପାଳନ ବିଭାଗଙ୍କ ଖାସ ବ୍ୟବସ୍ଥା କରାଯିବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଏପରି ସମୟରେ ଗାଡ଼ି ଚାଳକମାନେ ସନ୍ଧ୍ୟାବେଳେ ସତର୍କ ହୋଇ ଏହି ରାସ୍ତାରେ ସୀମିତ ଗତିରେ ଗାଡ଼ି ଚଲାଇଲେ ଅନାବଶ୍ୟକ ଦୁର୍ଘଟଣାକୁ ରୋକା ଯାଇପାରିବ ବୋଲି ବରିଷ୍ଠ ନାଗରିକ ମାନେ ଚାଳକ ମାନଙ୍କୁ ସତର୍କ କରିବା ସହିତ ଜିଲ୍ଲା ପ୍ରଶାସନ ଏଥିପ୍ରତି ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଛନ୍ତ ।

# ପେଣ୍ଠରୁ ୮ ଫୁଟ ୨ ଇଞ୍ଚର ବଉଳା କୁମ୍ଭୀର ଉଦ୍ଧାର

ରାଜନଗର,(ସବ୍ୟୁ) :ରାଜନଗର ବ୍ଲକ ହାତିନା ପଞ୍ଚାୟତ ପେଣ୍ଠ ଗ୍ରାମର ରବୀନ୍ଦ୍ର ମହାନ୍ତିଙ୍କ ପୋଖରୀରୁ ଆଜି ୮ ଫୁଟ ୨ ଇଞ୍ଚର ଏକ ଅଣ୍ଡିରା ବଉଳା କୁମ୍ଭୀର ଉଦ୍ଧାର କରାଯାଇଛି । କୁମ୍ଭୀରକୁ ପୋଖରୀରୁ ଉଦ୍ଧାର କରାଯାଇ ଭିତରକନିକା ଜାତୀୟ ଉଦ୍ୟାନର ଗୁପ୍ତି ନିକଟସ୍ଥ ହବାଳି କ୍ରିକରେ ଛଡାଯାଇଛି । କୁମ୍ଭୀରଟି ନିକଟସ୍ଥ ନାଳରୁ ପୋଖରୀ ମଧ୍ୟକୁ ଚାଲି ଆସିଥିବା ଅନୁମାନ କରାଯାଉଛି । ଡିଏଫଓ ଭରଦରାଜ ଗାଓଁଙ୍କର ଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ତ୍ରିଦୀପ ପ୍ରଧାନ , ସବିତାବେହେରା, ,ଚନ୍ଦନ ମଳିକ, ସଂଜୟ ସେଠୀ, ଦୋଳଗୋବିନ୍ଦ ନାୟକ , ଦୁର୍ଯ୍ୟୋଧନ ଦାସ , ରଞ୍ଜନ ସେଠୀ , କଳାକାର ବେହେରା ପ୍ରମୁଖ ବନ କର୍ମଚାରୀ ମାନେ ପରିଶ୍ରମ କରି କୁମ୍ଭୀରଟି କୁ ଉଦ୍ଧାର କରିଥିଲେ । ୪ ଦିନ ତଳେ କୁମ୍ଭୀର ତାଙ୍କ ଛେଳି କର୍ମଚାରୀମାନେ ପହଞ୍ଚି ପୋଖରୀରେ କୁମ୍ଭୀର ଭାସୁଥିବା ଦେଖିଥିଲେ । କର୍ମଚାରୀ ମାନେ ଜାଲ ବିଛାଇ କୁମ୍ଭୀରକୁ ଧରିବାରେ ସଫଳ ହୋଇଛନ୍ତି ।

# ଋଣ ଖିଲାପକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବ କେନ୍ଦ୍ରାପଡା ଅର୍ବାନ ବ୍ୟାଙ୍କ


କେନ୍ଦ୍ରାପଡା,(ସବ୍ୟୁ) : କେନ୍ଦ୍ରାପଡା ଅର୍ବାନ କୋ–ଅପରେଟିଭ ବ୍ୟାଙ୍କ ଋଣ ଖିଲାପକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବ ବୋଲି ନିଷ୍ପତି ଗ୍ରହଣ କରିଛି । ଏହି ସମବାୟ ବ୍ୟାଙ୍କ ନିଜର କାର୍ଯ୍ୟ ଦକ୍ଷତା ପ୍ରତିପାଦନ କରି ସଫଳତା ହାସଲ କରିଥିବା ବେଳେ ଏହାର ଏନପିଏ କୁ କମ କରିବା ନିମନ୍ତେ ଋଣ ନେଇ ପରିଶୋଧ କରୁ ନଥିବା ଖିଲାପକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ନିଷ୍ପତି ନେଇ କାର୍ଯ୍ୟ ଆରମ୍ଭ କରିଥିବା ସୂଚନା ମିଳିଛି । ଏନପିଏ ଆଦାୟ ପାଇଁ ଆରବିଆଇ ର ସେରଫିଏସସି ଆକ୍ଟ ୨୦୦୨ ଧାରା ୧୩(୧୨) ଅନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଖିଲାପକାରୀଙ୍କ ଠାରୁ ସମୂଳ ସୁଧ ସହିତ ଆଇନଗତ ଖର୍ଚ୍ଚ ବହନ କରିବା ନିମର୍ଟେ ବ୍ୟାଙ୍କ ପ୍ରଶାସନ ନୋଟିସ୍ ଜାରି କରିଛି । ଋଣ ବାବଦକୁ ବନ୍ଧକ ଥିବା ସମ୍ପତିକୁ ନିଲାମ କରାଯାଇ ୨୦୨୪–୨୫ ଆର୍ଥିକ ବର୍ଷର ୪ ମାସ ମଧ୍ୟରେ ୨ଜଣ ଖିଲାପକାରୀଙ୍କ ସମ୍ପତି ନିଲାମ କରାଯାଇଛି । ଅନ୍ୟ ଖିଲାପକାରୀଙ୍କ ବିରାଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବ୍ୟାଙ୍କ ତରଫରୁ ସୂଚନା ଦିଆଯାଇଛି ।

# ଜାରକାକୁ ଏନଏସି ଘୋଷଣା ଦାବିରେ କଂଗ୍ରେସର ଗଣଧାରଣା



ଧର୍ମଶାଳା, ( ସ ବ୍ୟୁ): ଧର୍ମଶାଳା ବ୍ଲକ ଜାରକା ଅଂଚଳକୁ ଏନଏସି ଘୋଷଣା ଦାବିରେ ଧର୍ମଶାଳା କଂଗ୍ରେସ କମିଟି ପକ୍ଷରୁ ଆଜି ଫ୍ଲାଏ ଓଭର ବ୍ରିଜ ତଳେ ସକାଳ ୯ଟାରୁ ଦିନ ୨ଟା ପର୍ଯ୍ୟନ୍ତ ଗଣଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ତଥା କଂଗ୍ରେସ ନେତା କିଶାନ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଗଣଧାରଣାରେ ଯୋଗଦେଇ ରାଜ୍ୟ ସରକାର ତୁରନ୍ତ ଜାରକାକୁ ଏନଏସି ଘୋଷଣା କରିବାକୁ ଦାବି କରିଥିଲେ। ବ୍ଲକ ସୂଚନା ମୁତାବକ ୧୯୮୯ ମସିହାରେ ବିଧାୟକ କାଙ୍ଗାଳି ଚରଣ ପଣ୍ଡାଙ୍କ ନେତୃତ୍ୱରେ କଂଗ୍ରେସ ସରକାର ସମୟରେ ଜାରକାକୁ ବିଜ୍ଞାପିତ ଅଂଚଳ ପରିଷଦ (ଏନଏସି) କରାଯିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ତାହା କାର୍ଯ୍ୟକାରୀ ହୋଇପାରି ନଥିଲା। ସେହିପରି ୧୯୯୮ ମସିହାରେ ବ୍ଲକ ଅଧ୍ୟକ୍ଷ କିଶାନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଦ୍ୱିତୀୟ ଥର ପାଇଁ ଜାରକାକୁ ଏନଏସି ମାନ୍ୟତା ପ୍ରଦାନ ନେଇ ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କରିଥିଲେ। ହେଲେ ତାହା କାର୍ଯ୍ୟକାରୀ ନହୋଇ ନାଲି ଫିତା ତଳେ ବନ୍ଧା ହୋଇ ରହିଯାଇଥିଲା। ୨୦୨୪ ମସିହା ରାଜ୍ୟରେ ବିଜେଡ଼ି ସରକାର ସମୟରେ ଜାରକାକୁ ଏନଏସି (ବିଜ୍ଞାପିତ ଅଂଚଳ ପରିଷଦ) ଘୋଷଣା କରାଯିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ରାଜ୍ୟରେ ବିଜେପି ସରକାର ଆସିବା ପରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୧୨ଗୋଟି ନୂଆ ବିଜ୍ଞାପିତ ଅଂଚଳ ପରିଷଦ ଗଠନ ପାଇଁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପୂର୍ବରୁ ପ୍ରକାଶିତ ବିଜ୍ଞପ୍ତି ତାଲିକା ମଧ୍ୟରୁ ଜାରକା ଅଂଚଳକୁ ଏନଏସ ମାନ୍ୟତା ପ୍ରଦାନ କରିବାରୁ ବାଦ ଦିଆଯାଇଛି। ଏହାର ପ୍ରତିବାଦରେ ଆଜି କଂଗ୍ରେସ ଦଳ ପକ୍ଷରୁ ଗଣଧାରଣା ଓ ପ୍ରତିବାଦ ସଭା କରାଯାଇ ରାଜ୍ୟ ସରକାରଙ୍କ ନିଷ୍ପତିକୁ ଦୃଢ଼ ବିରୋଧ କରାଯିବା ସହ ଜାରକା ଅଂଚଳକୁ ତୁରନ୍ତ ଏନଏସି ଘୋଷଣା କରିବାକୁ ଦାବି କରାଯାଇଛି। ସଂଯୋଜକ ପ୍ରଫୁଲ୍ଲ କୁମାର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗଣଧାରଣାରେ ବରିଷ୍ଠ କଂଗ୍ରେସ ନେତା ବସନ୍ତ କୁମାର ପରିଡ଼ା,ପୂର୍ଣ୍ଣଚନ୍ଦ୍ର ତରାଇ,ନରୋରୋମ ନାୟକ, ନକୁଳ ଜେନା, ବାବୁଲି ମଲିକ, ଯୁବନେତା ସଂଜୟ କୁମାର ରାଉତ, ଦୀପକ ବଳ, ଅମରେନ୍ଦ୍ର ସାମଲ ,ମିହିର ଖୁଂଟିଆ,ଉଗ୍ରସେନ ମହାନ୍ତି, ପ୍ରଭାତ ରାଉତ, ସାଗର ପାଳ, ବିଶ୍ୱରଞ୍ଜନ ଜେନା ପ୍ରମୋଦ ମହାନ୍ତି , ନୀଳମଣି ସ୍ୱାଇଁ, ନାରାୟଣ ରାଉତ,ଭାନୁପ୍ରତାପ ସ୍ୱାଇଁ, ଗଗନ ବିହାରୀ ସ୍ୱାଇଁ, ସେକ ଇକବଲ, ଦେବାଶିଷ ପରିଡ଼ା,କାର୍ତ୍ତିକ ସାହୁ,କେଶବ ମଲ୍ଲିକ ଓ ସେକ ଇଦୋ ପ୍ରମୁଖ ଯୋଗଦେଇ ଜାରକାକୁ ତୁରନ୍ତ ଏନଏସି ଘୋଷଣା କରିବାକୁ ଦାବି କରିବା ସହ ସରକାରଙ୍କ ବିରୁଦ୍ଧରେ ନାରାବାଜି କରିଥିଲେ।

# ତ୍ରିଭେନ୍ଦ୍ରମରେ ତିନି ଦିନିଆ ବରିଷ୍ଠ ସାମ୍ବାଦିକ ଫୋରମ ଜାତୀୟ ସମ୍ମିଳନୀ: ୫ ଦାବି ଉପସ୍ଥାପିତ



ଭୁବନେଶ୍ୱର,(ସବ୍ୟୁ):କେରଳର ତ୍ରିଭେନ୍ଦ୍ରମ୍ ଠାରେ ତିନି ଦିନିଆ ବରିଷ୍ଠ ସାମ୍ବାଦିକ ଫୋରମର ଜାତୀୟ ସମ୍ମିଳନୀ ଉଦଯାପିତ ହୋଇଯାଇଛି । ସିନିଅର ଜର୍ଣ୍ଣାଲିଷ୍ଟ ଫୋରମ ଅଫ ଇଣ୍ଡିଆ ଓ କେରଳ ରାଜ୍ୟ ବରିଷ୍ଠ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ତ୍ରିଭେନ୍ଦ୍ରମ୍ ଥାଇକର୍ଡ ସ୍ଥିତ ଅତିଥି ଭବନରେ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା । ଏହି ସମ୍ମିଳନୀକୁ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ଉଦଘାଟନ କରିଥିଲେ । ଜୀବନର ମୂଲ୍ୟବାନ ସମୟକୁ ଉତ୍ସର୍ଗକରି ସାମ୍ବାଦିକ ମାନେ ସମାଜ ପାଇଁ ଯେଭଳି କଷ୍ଟସାଧ ଓ ବିରଳ ସେବା ଯୋଗାଇ ଦେଉଛନ୍ତି ତାହା ଅତୁଳନୀୟ । ତେଣୁ କେରଳ ସରକାର ବରିଷ୍ଠ ସାମ୍ବାଦିକ ମାନଙ୍କୁ ନିୟମିତ ମାସିକ ପେନସନ ଦେବା ସହିତ ସପରିବାର ସେମାନଙ୍କ ପାଇଁ ବିଭିନ୍ନ ପ୍ରକାର କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି । କେରଳ ରାଜ୍ୟ ପରି ଦେଶର ସମସ୍ତ ରାଜ୍ୟ ସରକାର ସାମ୍ବାଦିକ ମାନଙ୍କୁ ମାସିକ ପେନହନ ଦେବା ସହ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବା ଓ ଦେଶରେ ସାମ୍ବାଦିକ ମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଜାତୀୟ ପେନସନ ନିତି ଲାଗୁ କରାଯିବା ଉପରେ ଶ୍ରୀ ବିଜୟନ ଗୁରୁତ୍ୱାରୋପ କରିଥିଲେ । ଏହି ସମ୍ମିଳନୀରେ କେରଳ ସମେତ ଦେଶର ୨୧ଟି ରାଜ୍ୟ ଓ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳରୁ ୪ଶହରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗଦେଇଥିଲେ । ସମ୍ମିଳନୀ ଉଦଘାଟନ ପୂର୍ବରୁ ଏକ ଆନ୍ତର୍ଜାତୀୟ ଫଟୋ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ଏହାକୁ କେରଳ ସରକାରଙ୍କ ବରିଷ୍ଠ ମନ୍ତ୍ରୀ ଏମ ବି ରାଜେଶ ଉଦଘାଟନ କରିଥିଲେ! ଫୋରମର ସଭାପତି ଆଲେକଜାଣ୍ଡାର ସାମଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରଥମ ଅଧିବେଶନରେ କେରଳ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଜି ଆର ଅନିଲ ,ସାଂସଦ ଅଦୋର ପ୍ରକାଶ,ଶଶୀ ଥରୁର ଅତିଥି ଭାବେ ଯୋଗଦେଇଥିଲେ । ସେହିପରି ଦ୍ୱିତୀୟ ଦିନରେ କେରଳ ବିରୋଧୀ ଦଳ ନେତା ଭି ଡି ସତିସନ ଯୋଗଦେଇ ଦେଶରେ ବରିଷ୍ଠ ସାମ୍ବାଦିକ ମାନଙ୍କ ପାଇଁ ସ୍ୱତନ୍ତ୍ର ପେନସନ ଓ ସ୍ୱାସ୍ଥ୍ୟ ବିମା ଯୋଜନା ଲାଗୁକରିବା ପାଇଁ ମତ ରଖିଥିଲେ । ଉଦଯାପନ ଉତ୍ସବରେ ଗୋଆ ଓ ମିଜୋରାମର ପ୍ରାକ୍ତନ ରାଜ୍ୟପାଳ ପି ଏସ ଶ୍ରୀଧରନ ପିଲାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମିଳନୀର ଡେଲିଗେସନ ସେସନରେ ଓଡିଶାରେ କାର୍ଯ୍ୟରତ ଓ ବରିଷ୍ଠ ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା ହେବା ସହିତ ବେଣୁଧର ପଣ୍ଡାଙ୍କ ନେତୃତ୍ୱରେ ଓଡିଶା ପ୍ରତିନିଧି ସର୍ବଶ୍ରୀ ବର୍ଙ୍କିମଚନ୍ଦ୍ର ନାୟକ,ପୂର୍ଣ୍ଣଚନ୍ଦ୍ର ନାୟକ,ପ୍ରଶନ୍ନ ତ୍ରିପାଠୀ, ବିଶ୍ୱଜିତ ନାୟକ,ରବିନ୍ଦ୍ର ସାମଲ ,ଲମ୍ବୋଦର ଦଳବେହେରା,ଅସିତ ମହନ୍ତ,କାହ୍ନୁ ନନ୍ଦ,ଉମାଶଂକର କର ପ୍ରମୁଖ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୟନଙ୍କୁ ଶାକ୍ଷାତ କରି ଓଡିଶା ଓ କେରଳରେ ସାମ୍ବାଦିକ ମାନଙ୍କୁ କି ପ୍ରକାର ସରକାରୀ ସହାୟତା ପ୍ରଦାନ କରାଯାଉଛି ସେ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଜାତୀୟ ସମ୍ମିଳନୀରେ ଦେଶରେ ବରିଷ୍ଠ ସାମ୍ବାଦିକ ମାନଙ୍କ ସାମାଜିକ ଓ ଆର୍ଥିକ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଜାତୀୟ ପେନହନ ଓ ସ୍ୱାସ୍ଥ୍ୟବିମା ଯୋଜନା ପ୍ରଣୟନ କରିବା ସହ ଯାତ୍ରା ସମୟରେ ସମସ୍ତ ସାମ୍ବାଦିକଙ୍କୁ ପୂର୍ବପରି ରେଳ ଭଡାରେ ୫୦ଭାଗ ରିହାତି ପ୍ରଦାନ ସହ ୫ଟି ଦାବି ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏ ସମ୍ପର୍କରେ ଖୁବଶୀଘ୍ର ପ୍ରଧାନମନ୍ତ୍ରୀଙ୍କୁ ଫୋରମର ନେତାମାନେ ଶାକ୍ଷାତ କରି ଦାବି ସମ୍ପର୍କରେ ଆଲୋଚନା କରିବାକୁ ନିଷ୍ପତ୍ତି ହୋଇଥିଲା । ଏହି ସମ୍ମିଳନୀରେ ସିନିଅର ଜର୍ଣ୍ଣାଲିଷ୍ଟ ଫୋରମ ଅଫ ଇଣ୍ଡିଆ(ଏସଜେଏଫଆଇ)ର ନୂତନ ସଭାପତି ଭାବେ ଦିଲ୍ଲୀର ସଂଜୀବ ଦୀକ୍ଷିତ ଓ ସାଧାରଣ ସମ୍ପାଦକ ଭାବେ କେରଳର ଏନ ପି ଚକୋଟୀ ର୍ନିବାଚିତ ହୋଇଥିଲେ ।

# ବେଷ୍ଟକାର ଉଚ୍ଚ ବିଦ୍ୟାଳୟ : ଦଣ୍ଡମୁକ୍ତ ଅଞ୍ଚଳରେ ଦଣ୍ଡ



ଫୁଲ ନଖରା,(ସବ୍ୟୁ): ୟାଳିଶମୌଜା ଅନର୍ଗତ ବେଷ୍ଟକାର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରି ଖଣ୍ଡେଇ ଙ୍କ ନାମରେ ଆସିଛି ସାଙ୍ଘାତିକ ଅଭିଯୋଗ । ଦଣ୍ଡ ମୁକ୍ତ ଅଞ୍ଚଳକୁ ଦଣ୍ଡଯୁକ୍ତ ଅଞ୍ଚଳ କରି ନିରୀହ ଶିଶୁଙ୍କ ଦେଇଛନ୍ତି କଷ୍ଟ । ଅଭିଯୋଗ ଅନୁଯାୟୀପ୍ରାର୍ଥନା କ୍ଲାସ ପରେ ଏକ ନୀତିବାଣୀ କ୍ଲାସ ଆରମ୍ଭ କରିଥିଲେ ପ୍ରଧାନଶିକ୍ଷୟତ୍ରି । ନୀତିବାଣୀ କହିସାରିବା ପରେ ପିଲାମାନେ ତାକୁ ବାଖ୍ୟା କରୁଥିଲେ । ଗତ ଶନିବାର ଦିନ ଶିକ୍ଷୟତ୍ରୀ କହିଥିବା ନୀତିବାଣୀଟିକୁ ସଂସ୍କୃତରେ ବାଖ୍ୟା କରିବାକୁ କହିଥିଲେ। ହେଲେ ପିଲାମାନେ ସ୍ପଷ୍ଟ ଭାବରେ କହି ପାରିନଥିଲେ । ଏଥିରେ ଉତକ୍ଷିପ୍ତ ହୋଇ ପ୍ରଧାନ ଶିକ୍ଷୟତ୍ରୀ ସମସ୍ତଙ୍କୁ କାନ ଧରିଆଣ୍ଠେଇବାକୁ କହିଥିଲେ । ଶ୍ରେଣୀ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ସମସ୍ତ ଶିଶୁ ସେହି ପ୍ରାର୍ଥନା ସଭାରେ ଆଣ୍ଠେଇ ଥିଲେ । ଏହିସମୟରେ କିଛି ହିନ୍ଦୀ ରଖିଥିବା ପିଲା ନ ଆଣ୍ଠେଇ ହିନ୍ଦୀ ନେଇ ସଂସ୍କୃତରେ କିଭଳି କହିବୁ ବୋଲି ପ୍ରଶ୍ନ କରିଥିଲେ । ହେଲେ ସେ କିଛି ନଶୁଣି ସମସ୍ତଙ୍କୁ ଦଣ୍ଡ ଦେଇଥିଲେ । ତେବେ ଶିକ୍ଷା ବିଭାଗ ଦାରାହୋଇଥିବା ଦଣ୍ଡମୁକ୍ତ ଅଞ୍ଚଳରେ କିଭଳି ସବୁ ନିୟମ ଭୁଲି ପ୍ରଧାନଶିକ୍ଷୟତ୍ରି ନିଜ ଦବଙ୍ଗ ଗିରି ଚଳାଇଲେ ତାହା ଏବେ ବିଭାଗୀୟପଦାଧିକାରୀଙ୍କ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସୂଚନା ଯୋଗ୍ୟ ଯେ ପୂର୍ବ ବିଦ୍ୟାଳୟରେ ଥିବା ବେଳେ ଏବଂ ଏହି ବିଦ୍ୟାଳୟରେମାତ୍ର ଦୁଇମାସ ନ ପୁରୁଣୁ ଏହି ପ୍ରଧାନ ଶିକ୍ଷୟତ୍ରିଙ୍କ ବିରୁଦ୍ଧରେ ବହୁ ଅଭିଯୋଗ ହୋଇଛି । ସବୁବେଳେଚର୍ଚ୍ଚା ରେ ରହୁଥିବା ଏହି ପ୍ରଧାନଶିକ୍ଷୟତ୍ରି ଅତୀତରେ ବିଭାଗ ଦାରା ନିଲମ୍ବନ ମଧ ହୋଇଛନ୍ତି ।

## ଛଣଗିରି ସୁନା ଦୋକାନରୁ ଲୁଟ୍ ଘଟଣା

# ଏସ୍‌ପିଙ୍କ ତତ୍ତ୍ୱାବଧାନରେ ସକ୍ରିୟ ୫ ଟିମ୍,ଏକାଧିକ ସନ୍ଦିଗ୍ଧଙ୍କୁ ଜେରା

ନିରାକାରପୁର,(ସବ୍ୟୁ): ରବିବାର ଦିନ ସାଢ଼େ ଗୋଟାଏ ସମୟରେ ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ଛଣଗିରି ସ୍ଥିତ ସାଇ ସୋନୁ ଅଳଙ୍କାର ରୁ ୧୧ କେଜି ସୁନା ଓ ୫ କେଜି ରୂପା ଅଳଂକାର ଲୁଟ ଘଟଣା ଖୋର୍ଦ୍ଧା ରେ ନୂତନ କରି ଯୋଗଦାନ କରିଥିବା ଏସପି ବିବେକାନନ୍ଦ ଶର୍ମା ପାଇଁ ଚ୍ୟାଲେଞ୍ଜ ହୋଇଛି। ତେଣୁ ସେ ନିଜେ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଡକାୟତମାନଙ୍କୁ ଧରିବା ପାଇଁ ଜାଲ ବିଛାଇବାକୁ ଉଦ୍ୟମ କରୁଛନ୍ତି। ସମୁଦାୟ ୫ ଟି ପୁଲିସ ଟିମ ଅନୁସନ୍ଧାନ ପ୍ରକ୍ରିୟାରେ ଆପ୍ରାଣ ଉଦ୍ୟମ କରୁଛନ୍ତି। ରବିବାର ଦିନ ଘଟଣାସ୍ଥଳରେ ଏସପି ନିଜେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରି ସମସ୍ତ ଦିଗକୁ ଅନୁଧାନ କରୁଥିବାବେଳେ ଆଜି ସକାଳୁ ଜଂକିଆ ଥାନାରେ ଏସପି ବିବେକାନନ୍ଦ ଶର୍ମା, ଏସ ଡି ପି ଓ ନିହାର ରଞ୍ଜନ ପ୍ରଧାନ ଓ ଆଇଆଇସି ସୁଶାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଏକାଧିକ ସନ୍ଦିଗ୍ଧ ମାନଙ୍କୁ ଥାନାକୁ ଆଣି ପଚରାଉଚରା କରୁଥିବା ଜଣାପଡିଛି। ସେହିପରି ସୋମବାର ଦିନ ସାଇ ସୋନୁ ଅଳଙ୍କାର ମାଲିକ ପୁଷ୍ପ ରଞ୍ଜନ ସାହୁ ଓ ତାଙ୍କ ସମସ୍ତ କର୍ମଚାରୀ ଏସପିଙ୍କୁ ଦେଖା ହୋଇ ଲୁଟେରାମାନଙ୍କୁ ଧରିବା ପାଇଁ ଦାବି କରିଥିବାବେଳେ ଭୁବନେଶ୍ୱର ଅଳଙ୍କାର ବ୍ୟବସାୟୀ ସଂଘ ସଭାପତି କେ ବଦ୍ରିନାରାୟଣ ସୁବୁଦ୍ଧି ତୁରନ୍ତ ପଦକ୍ଷେପ ନେଇ ଡକାୟତ ଙ୍କୁ ଧରିବା ସହିତ ଲୁଟ ଅଳଙ୍କାର ଉଦ୍ଧାର କରିବା ପାଇଁ ଏକ ଦାବିପତ୍ର ଜଂକିଆ ଥାନା ଅଧିକାରୀଙ୍କୁ ପ୍ରଦାନ କରିଥିବା ଜଣାପଡିଛି। ସେହିପରି ସେ ସମସ୍ତ ସୁନା ଅଳଙ୍କାର ବ୍ୟବସାୟୀ ମାନଙ୍କୁ କୌଣସି ଲୋକ ଠାରୁ ଚୋରା ସୁନା ଅଳଙ୍କାର କ୍ରୟ କରି ନ ରଖିବାକୁ ଅପିଲ କରିଛନ୍ତି। ପୋଲିସ ସବୁ ଦିଗକୁ ଅନୁଧାନ କରି ଡକାୟତମାନଙ୍କୁ ଧରିବାକୁ ଚେଷ୍ଟା କରୁ ଥିବା ସୂଚନା ମିଳୁଛି। ପ୍ରକାଶ ଥାଉ କି ସୁପରିକଳ୍ପିତ ଭାବରେ ରବିବାର ଦିନି ୮ ଜଣ ଲୁଟେରା ୪ ଟି ପଲସର୍ ବାଇକରେ ଆସି ବୋମା ଓ ଗୁଳି ଫୁଟାଇ ଦୋକାନ କର୍ମଚାରୀ , ସ୍ଥାନୀୟ ଲୋକଙ୍କୁ ଭୟଭୀତ କରି ପ୍ରାୟ ୧୧ କୋଟି ଟଙ୍କାର ସୁନା ଗହଣା ଲୁଟି ନେଇ ପଳାଇଛନ୍ତି। ତା ସହିତ ଜଣେ ଯୁବକଙ୍କୁ ଗୁଳି ଚଳାଇବାରୁ ସେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି ।

## ୧୫ ବର୍ଷରେ ଟେନଷ୍ଟାର ଫାଉଣ୍ଡେସନର ଗଣେଶ ପୂଜା

# ଚଳିତ ବର୍ଷ ଆକର୍ଷଣ ସାଜିବ ୧୩ ଫୁଟର ବାଲ ଗଣେଶ

ଖଣ୍ଡପଡ଼ା, (ସବ୍ୟୁ): ଖଣ୍ଡପଡ଼ା ସହରାଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଟେନଷ୍ଟାର ଫାଉଣ୍ଡେସନର ଗଣେଶ ପୂଜା ଚଳିତଥର ଏହି ପୂଜା ୧୫ ବର୍ଷରେ ପଦାର୍ପଣ କରିଥିବା ବେଳେ ଚଳିତ ବର୍ଷ ମୁଖ୍ୟ ଆକର୍ଷଣ ସାଜିବ ୧୩ ଫୁଟର ବାଲ ଗଣେଶ ଗଣେଶ ମୂର୍ତ୍ତୀ। ଏଥିପାଇଁ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବା ଫାଉଣ୍ଡେସନର ସଭାପତି ଭବାନି ଶଙ୍କର ମହାନ୍ତି ସୂଚନା ପ୍ରଦାନ କରିଛନ୍ତି। ଖେଣ୍ଡପଡ଼ା ସହରାଞ୍ଚଳ ଅଧୀନ ୮ନଂ ୱାର୍ଡ଼ କୁମ୍ଭାରସାହିର ୨୨ ବର୍ଷୀୟ ଯୁବ କାରିଗର ସଂଗ୍ରାମ କେଶରୀ ରାଉତ ଏହି ମୂର୍ତ୍ତି ତିଆରି କରୁଥିବା ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଯୁବଶିଳ୍ପୀ ସଂଗ୍ରାମଙ୍କ ପ୍ରଚେଷ୍ଟାରେ ଏହି ମୂର୍ତ୍ତି ନିର୍ମାଣ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଜୀବନ୍ତ କରିବାକୁ ଶେଷ ସ୍ପର୍ଶ ଦିଆଯାଉଥିବା ନେଇ କମିଟି କହିଛି। ଅନ୍ୟପକ୍ଷରେ ଟେନଷ୍ଟାର ଫାଉଣ୍ଡେସନ ପକ୍ଷରୁ ଚଳିତ ବର୍ଷ ଗଣେଶ ପୂଜା ଉତ୍ସବ ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଭଷାଣ ଉତ୍ସବକୁ ମହାଆଡମ୍ବର ସହକାରେ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଥିବା ସୂଚନା ରହିଛି। ଗଣେଶ ପୂଜା ଅବସରରେ ୨ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବାସହ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି। ସେହିପରି ପାରମ୍ପରିକ ବାଦ୍ୟଯନ୍ତ୍ର ସାହାର୍ଯ୍ୟରେ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ଫାଉଣ୍ଡେସନ ସଭାପତି ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି।

# ବାର୍ଷିକ ପୂଜ୍ୟପୂଜା ମହୋତ୍ସବ

ଟାଙ୍ଗୀ,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅଧିନସ୍ଥ ମଙ୍ଗଳାଯୋଡି ପଞ୍ଚାୟତ ଭଜାଗଡ଼ ମଦର ଷ୍ଟାର ବାସୁଦେବ ସେବା ଓ ଶିକ୍ଷା ସଂସ୍ଥାନ ଆନୁକୂଲ୍ୟରେ ସପ୍ତମ ବାର୍ଷିକ ପୂଜ୍ୟ ପୂଜା ମହୋତ୍ସବ ଭଜାଗଡ଼ ସ୍ଥିତ ମା ବୁଢୀ ତାରା ଶକ୍ତିପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ସମାଜସେବୀ ତଥା ପିପୁଲସ ଫୋରମ ର ଅଧ୍ୟକ୍ଷ ଡ଼ଃ ସଞ୍ଜୟ ପଟନାୟକ ମୁଖ୍ୟ ଅତିଥି, ଆଇନ ଜୀବୀ ନାରାୟଣ ମହାପାତ୍ର ମୁଖ୍ୟ ବକ୍ତା, ପୂର୍ବତନ ସେନା ଅଧିକାରୀ ଯୁବ ଉଦ୍ୟୋଗୀ ବିଜୟ କୁମାର ପ୍ରଧାନ, ଅବସର ପ୍ରାପ୍ତ ଅଧ୍ୟକ୍ଷ ବାଳକୃଷ୍ଣ ମିଶ୍ର, ଖୋର୍ଦ୍ଧା ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ ଓ ନାଚୁଣୀ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ସୁରେନ୍ଦ୍ର କୁମାର ଜେନା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ସମାଜରେ ନୈତିକ ମୂଲ୍ୟବୋଧ ଦ୍ରୁତ ଗତିରେ ଅବକ୍ଷୟ ହେବା ସହ ପୂଜ୍ୟପୂଜାରେ ଚରମ ବ୍ୟତିକ୍ରମ ପରିଲକ୍ଷିତ ହେଉଛି ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେଛାତ୍ରଛାତ୍ରୀ ମାନେ ଅତିଥିଙ୍କ ସମେତ ସେମାନଙ୍କ ପିତାମାତାଙ୍କ ପଦପୂଜା କରି ଫୁଲଚନ୍ଦନ ଦେଇ ଉତ୍ତରୀୟ ପ୍ରଦାନ କରିବାର ଅପୂର୍ବ ଦୃଶ୍ୟ ପରିବେଶକୁ ଭାବମୟ କରିଦେଇଥିଲା।ଏହି ସଂସ୍ଥାନ ର ମୁଖ୍ୟ ଅଧାପକ ଜଦ୍ଦେଶ୍ୱର ଜୁଝାରସିଂହ ଉଦେଶ୍ୟ ଜ୍ଞାପନ କରିଥିବା ବେଳେ ପ୍ରଧାନ ଶିକ୍ଷକ ଶ୍ୟାମ ସୁନ୍ଦର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଏହାପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତାକର୍ଷକ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶତାଧିକ ପିତାମାତା ଯୋଗଦେଇ କାର୍ଯ୍ୟକ୍ରମକୁ ଋଦ୍ଧିମନ୍ତ କରିଥିଲେ।

# ପଠାଣି ସାମନ୍ତ କଲେଜ ପାଠାଗାର ଗୃହ ନିର୍ମାଣର ଶିଳାନ୍ୟାସ



ଖଣ୍ଡପଡ଼ା,(ସବ୍ୟୁ): ଖଣ୍ଡପଡା ପଠାଣି ସାମନ୍ତ ମହାବିଦ୍ୟାଳୟର ନୂତନ ପାଠାଗାର ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ ସ୍ଥାପନ କରାଯାଇଛି । ସୋମବାର ପୂର୍ବାହ୍ନରେ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଇଂ.ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ ସ୍ଥାପନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ସ୍ୱଚ୍ଛସଲୀଳା ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକ ଲୋକସଭା ସାଂସଦଙ୍କ ନୟାଗଡ଼ ଜିଲ୍ଲା ପ୍ରତିନିଧି ଗୟାଧର ପରିଡ଼ା, ଭାପୁର ବ୍ଲକ ପ୍ରତିନିଧି ତୋଫାନ ପ୍ରଧାନ,ବାଇଗୁଣିଆ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ନାରାୟଣ ମହାରଣା, ଭାପୁର ବ୍ଲକ ଉନ୍ନୟନ ଅଧିକାରୀ ସାରଦା ପ୍ରସନ୍ନ ପଣ୍ଡା, ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ ଉନ୍ନୟନ ନିଗମ ଲିଃ.ର ସହ ପରିଚାଳକ ଶୁଭେନ୍ଦୁ କୁମାର ମହାନ୍ତି ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏଥିପାଇଁ ୯୫ଲକ୍ଷ ଟଙ୍କାର ଆର୍ଥିକ ବ୍ୟବସ୍ଥା କରାଯାଇଥିବା ବେଳେ ମୋଟ ଅଟକଳ ୭୨ ଲକ୍ଷ ଟଙ୍କାରେ ଏହି ନୂତନ ପ୍ରକଳ୍ପର ନିର୍ମାଣ କରାଯିବ ବୋଲି ବିଭାଗ ପକ୍ଷରୁ ପ୍ରକାଶ ପାଇଛି।

# ଅବକାରୀ ଚଢ଼ାଉ ମଦ ସହ ପୋଚ ନଷ୍ଟ

ଆଠଗଡ ,(ସବ୍ୟୁ): ସୋମବାର ଆଠଗଡ଼ ଅତିରିକ୍ତ ତହସିଲଦାର ସମରେନ୍ଦ୍ର ଭଞ୍ଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ତିଗିରିଆ ଥାନା ଅନ୍ତର୍ଗତ ପଣସପାଟଣା ରେ ଅବକାରୀ ବିଭାଗ, ପୋଲିସ ବିଭାଗ, ଅବକାରୀ ଗୁଇନ୍ଦା ବିଭାଗ ଏକ ବଡ ଧରଣ ର ମିଳିତ ଚଡାଉ କରାଯାଇ ଥିଲା। ଉକ୍ତ ଚଡାଉ ରେ ସର୍ବମୋଟ ୨୨୦୫ ଲିଟର ଚୋରା ଦେଶୀ ରନ୍ଧା ମଦ ସହ ୧୯୧୪୫ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ ପୋଚ ଉଦ୍ଧାର କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି ।ଏ ବାବଦରେ ୬ ଗୋଟି ମାମଲା ରୁଜୁ କରା ଯାଇଥିବା ବେଳେ କାହାକୁ ଗିରଫ କରାଯାଇନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏହି ଚଡାଉ ରେ ଅତିରିକ୍ତ ତହସିଲଦାର ସମରେନ୍ଦ୍ର ଭଞ୍ଜ ଙ୍କ ସହିତ ଆଠଗଡ଼ ଅବକାରୀ ନିରୀକ୍ଷକ ରବି ନାରାୟଣ ପ୍ରଧାନ , ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ନିରୀକ୍ଷକ ଅଭିରାମ ସାହୁ ,ଉପ ନିରୀକ୍ଷକ ଅରୁଣ ଭୋଇ , ସୌମ୍ୟ ରଞ୍ଜନ ମାଝୀ ,ବାପି ସାହୁ ଦିବ୍ୟଜ୍ୟୋତି ସତ୍ୟପ୍ରକାଶ , ତିଗିରିଆ ଥା । ସହକାରୀ ଉପ ନିରୀକ୍ଷକ ରବୀନ୍ଦ୍ର କୁମାର ସାମନ୍ତରାୟ, ବିକାଶ ଚନ୍ଦ୍ର ବିଶ୍ୱାଳ ଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀ ମାନେ ସାମିଲ ହୋଇଥିଲେ।

# ସମିତି କାର୍ଯ୍ୟାଳୟରେ ଓମ୍‌ଫେଡ ପାର୍ଲର ଉଦ୍‌ଘାଟିତ



ବାଲିପାଟଣା ,(ସବ୍ୟୁ): ଏହି ବ୍ଲକ ଅନ୍ତର୍ଗତ ଗାରେଡ଼ିପଞ୍ଚାଣ ଓ ସରାଟ ସେବା ସମବାୟ ସମିତି କାର୍ଯ୍ୟାଳୟରେ ଓମଫେଡ ସାମଗ୍ରୀ ବିକ୍ରୟ କେନ୍ଦ୍ର ସହିତ ଜନ ସେବା କେନ୍ଦ୍ର ଓ ନାଫେଡ ବଜାର ସୁବିଧା ଉପଲବ୍ଧ ହୋଇଛି । ସୋମବାର ଅପରାହ୍ନରେ କେନ୍ଦ୍ର ସରକାରଙ୍କ ଯୁଗ୍ମ ସଚିବ ଆନନ୍ଦ କୁମାର ଝ । ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି ।ଏହି ସେବା ଯୋଗାଇବା ଦାରା ସମିତି ମାନଙ୍କର କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇବା ସହିତ ସମିତି ସଭ୍ୟ ଓ ସ୍ଥାନୀୟ ଜନସାଧାରଣ ଏହାଦ୍ୱାରା ଉପକୃତ ହେବେ ବୋଲି ସେ କହିଛନ୍ତି।କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ସମବାୟ ନିବନ୍ଧକ ସିଦ୍ଧାର୍ଥ ଦାସ,ରାଜ୍ୟ ଯୁଗ୍ମ ସଚିବ ବିଶ୍ୱରଂଜନ ଦାସ,ସହ ନିବନ୍ଧକ ଅଳକାନନ୍ଦା ଜେନା,ବାଲିପାଟଣା ଶାଖା ଅଧିକାରୀ ସାରଥୀ ଶତପଥୀ,ଭୁବନେଶ୍ୱର ମଣ୍ଡଳ ସହ ନିବନ୍ଧକ ପ୍ରକାଶ କୁମାର ସେଠୀ,ବାଲିପାଟଣା ମଣ୍ଡଳ ଦିବ୍ୟ ରଞ୍ଜନ ପ୍ରଧାନ ଉପସ୍ଥିତ ଥିଲେ। ଗାରେଡ଼ିପାଞ୍ଚଣ ସେବା ସମବାୟ ସମିତି ଠାରେ ସଭାପତି ଅଭିମନ୍ୟୁ ନାୟକ, ସମ୍ପାଦକ ସୁନିଲ କୁମାର ପଣ୍ଡା ଓ ପରିଚାଳନା ସମିତି ସଭ୍ୟ ସଭ୍ୟା ମାନେ ସେମାନଙ୍କୁ ସାଗତ କରିଥିଲେ। ସରକାରଙ୍କ ତରଫରୁ ପ୍ରାଥମିକ ସମିତି ମାଧ୍ୟମରେ ଚାଷୀମାନଙ୍କୁ ଉନ୍ନତ ଚାଷ ପଦ୍ଧତି ପାଇଁ ତାଲିମ ପ୍ରଦାନ ସହିତ ଅର୍ଗାନିକ ଫାର୍ମିଂ ପାଇଁ ଜ୍ଞାନ କୌଶଳ ପ୍ରଦାନ କରାଯାଇପାରିବ । ଗୁଜୁରାଟ ପରେ ଏହି ସମିତି ଏକ ମଡେଲ ଭଳି କାମ କରୁଥିବାରୁ କେନ୍ଦ୍ର ସଚିବ ଏହାର ପ୍ରଶଂସା କରିଥିଲେ।

# ପଞ୍ଚାୟତ ସମିତି ସାଧାରଣ ବୈଠକ

ଆଠଗଡ଼ ,(ସବ୍ୟୁ): ଆଠଗଡ଼ ପଞ୍ଚାୟତ ସମିତି ର ୧୨ ତମ ବୈଠକ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ଆଚାର୍ଯ୍ୟ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ମଲ୍ଲିକ , ମଣ୍ଡଳ ଉନ୍ନୟନ ଅଧିକାରୀ ଆକାଶ କୁମାର ପଣ୍ଡା, ଅତିରିକ୍ତ ମଣ୍ଡଳ ଉନ୍ନୟନ ବିଷ୍ଣୁପ୍ରିୟା ସାହୁ, ମଣ୍ଡଳବିତ୍ତ ଅଧିକାରୀ ନବ କୁମାର କଟକିଆ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ କିରଣ କୁମାର ମଲ୍ଲିକ,ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ପାଲୋ , ଙ୍କ ସହିତ ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ /ସଦସ୍ୟା , ପଞ୍ଚାୟତ ସମିତି ସଭ୍ୟ /ସଭ୍ୟା, ସମସ୍ତ ସରପଞ୍ଚ ଏବଂ ସମସ୍ତ ବିଭାଗୀୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଏହି ବୈଠକରେ ବିକଶିତ ଗାଁ ବିକଶିତ ଓଡିଶାର ପ୍ରକଳ୍ପ ଗୁଡିକ କିପରି ଗ୍ରାମ ସଭାରେ ପାରିତ ହୋଇ କାର୍ଯ୍ୟକାରୀ ହେବ, ଅନ୍ତ୍ୟୋଦୟ ଗୃହ ଯୋଜନା ଓ ଆବାସ ଯୋଜନାର ସର୍ଭେ, ବ୍ଲକ ପଞ୍ଚାୟତ ବିକାଶ ଯୋଜନାର ପ୍ରକଳ୍ପ ଚୟନ କରାଯାଇ ଏହାର ଅନୁମୋଦନ ଆଦି ବିଷୟରେ ଆଲୋଚନା ହୋଇଥିଲା।

# ସଫେଇ କଲେ ଗ୍ରାମବାସୀ : ଟଙ୍କା ନେବେ ଠିକାଦାର, ଅଧିକାରୀ



ବଳଙ୍ଗା, (ସବ୍ୟୁ): ବଳଙ୍ଗା ଡି ସି –୩୪ ସଫେଇ ଅଳିଆ ଓ ଅନାବନା ଗଛ ପତ୍ରରେ ଭର୍ତ୍ତି ହୋଇ ଜଙ୍ଗଲରେ ପରିପୂର୍ଣ୍ଣ ହୋଇଯାଇଛି।ଫଳରେ ଚାଷୀମାନଙ୍କ ବିଲରେ ଅଣ୍ଟାଏ ପାଣି ଥିବାବେଳେ ପାଣି ନିଷ୍କାସନ ପାଇଁ କେବଳ ଏହି ସଫେଇ ଉପରେ ନିର୍ଭର କରୁଥିବାବେଳେ ସଫେଇରେ ଜଙ୍ଗଲ ହୋଇ ଥିବାରୁ ପାଣି ଯିବା କଷ୍ଟକର ହୋଇପଡୁଛି। ସଫେଇ ସଫା କରିବା ବିଳମ୍ବ ହେବାରୁ ଆଖପାଖର ଗ୍ରାମବାସୀମାନେ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଜଣାଇବା ପରେ କାମ ନ ହେବାରୁ ବାଧ ହୋଇ ଚାଷୀମାନେ ଏକତ୍ର ହୋଇ ସଫେଇ ସଫା କରିଛନ୍ତି। ଚାଷୀମାନେ ଅଭିଯୋଗ କରିଛନ୍ତି ଯେ ଆମେମାନେ କାମ କଲୁ କିନ୍ତୁ ବିଭାଗୀୟ ଅଧିକାରୀ ଓ ଠିକାଦାର ଏହି କାମକୁ ଦେଖେଇ ବିଲ କରିନେବେ ବୋଲି ଆମକୁ ସନ୍ଦେହ ହେଉଛି।ଏ ସଂପର୍କରେ ବିଭାଗୀୟ ଯନ୍ତ୍ରୀ ମନୋରଞ୍ଜନ ରାଉତଙ୍କୁ ପଚାରିରେ ପ୍ରକାଶ କରିଛନ୍ତି ଯେ ଆମେ ସଫା କରିଚାଲିଛୁ।

# ଅବସରପ୍ରାପ୍ତ ଶିକ୍ଷକ ସଂଘ ବୈଠକ

ଡେଲାଙ୍ଗ ,(ସବ୍ୟୁ): ଡେଲାଙ୍ଗ ହାଟସ୍ଥିତ ପ୍ରାଥମିକ ଶିକ୍ଷକ ସଂଘ ପ୍ରକୋଷ୍ଠ ପରିସରରେ ଅବସରପ୍ରାପ୍ତ ଶିକ୍ଷକ ସଂଘର ବୈଠକ ଅନୁଷ୍ଠିତ ହୋଇଯଇଛି। ଅବସରପ୍ରାପ୍ତ ଶିକ୍ଷକ ସଂଘ ସଭାପତି ପ୍ରହଲ୍ଲାଦ ସାଇଁ ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକ ଅଭିନାନନ୍ଦ ପ୍ରଧାନ,ଗୋଲକ ବିହାରୀ ବରାଳ, ମିଟୁକିଶୋର ପ୍ରଧାନ, ପ୍ରଦୀପ ସାଇଁ, ଦୁର୍ଯୋଧନ ସାହୁ, ନିରଞ୍ଜନ ସାହୁ, ସୁରେନ୍ଦ୍ର ସାହୁ, ସବିତା ରଥ,ରମେଶ ପ୍ରଧାନ, ଉଦୟନାଥ ମେଣ୍ଟା, ମହେଶ୍ୱର ସାଇଁ ପ୍ରାକ୍ତନ ବିଇଓ ଯୁଧିଷ୍ଠିର ପରିଡ଼ା,ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଦିଗମ୍ବର ରଥ, ସମ୍ପାଦକ ପ୍ରଶାନ୍ତ ଦାସ, ସନ୍ତୋଷ ମିଶ୍ର , ସୂର୍ଯ୍ୟ ନାରାୟଣ ସେଠୀ ପ୍ରମୁଖ ଯୋଗଦେଇ ଶିକ୍ଷକ ଓ ଶିକ୍ଷା ସମ୍ବନ୍ଧୀୟ ମୂଲ୍ୟବୋଧଭିତ୍ତିକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ସଂଘ ସମ୍ପାଦକ ଅନନ୍ତ ଚରଣ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏଥିରେ ସବୁ ସରକାରୀ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପେନ ସନ ଭୁକ୍ତ କରିବା, ନିୟମାନୁସାରେ ୨୦୧୧ ପୂର୍ବରୁ ନିଯୁକ୍ତି ପାଇଥିବା ସୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଓଟିଇଟି ପରୀକ୍ଷା ବାତିଲ କରିବା ପାଇଁ ସରକାରଙ୍କୁ ଅନୁରୋଧ କରାଯାଇଥିଲା।ସ୍କିମାଟିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିୟମିତ କରିବା ପାଇଁ ଘୋଷଣା କରାଯାଇଥିବାରୁ ଓ ପ୍ରଧାନ ମନ୍ତ୍ରୀ ଆୟୁଷ୍ମାନ ବୟ ବନ୍ଦନା ଯୋଜନା କାର୍ଯ୍ୟକାରୀ ପାଇଁ ନିର୍ଦ୍ଦେଶନାମା ଜାରି ହୋଇଥିବାରୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ସଂଘ ତରଫରୁ ପ୍ରଶଂସା କରାଯାଇଥିଲା। ଗୋପାଳ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲାବେଳେ ପରିଚାଳନାରେ ରମେଶ ଚନ୍ଦ୍ର ବଳବନ୍ତରାୟ, ହରେକୃଷ୍ଣ ପାତ୍ର,ପ୍ରଦୀପ ସେଠୀ ସହଯୋଗ କରିଥିଲେ। ଦିଗମ୍ବର ରଥଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଡ଼େଲାଙ୍ଗ ବ୍ଲକର ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗ ଦେଇ ସଂଘ ଗୃହରେ ଶୌଚାଳୟ, ପାଣିଟାଙ୍କି ଓ ପାଚେରୀ ନିର୍ମାଣ ସମ୍ବନ୍ଧୀୟ ସମସ୍ୟା ଦୂରୀଭୂତ ପାଇଁ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା।

# ଶ୍ରୀ ରଙ୍ଗନାଥ ଦେବଙ୍କ ସପ୍ତପୁରୀ ଅମାବାସ୍ୟା

ବାଲୁଗାଁ,(ସବ୍ୟୁ): ଶକ୍ତି କ୍ଷେତ୍ର ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀ ଓ ଶ୍ରୀ ରଙ୍ଗନାଥ ଦେବଙ୍କ ପରମ୍ପରା ଅନୁଯାଇ ରୀତି ନୀତିରେ ବିଭିନ୍ନ ପର୍ବ ପର୍ବାଣୀ ପାଳିତ ହୋଇ ଆସୁଅଛି । ରାଜ୍ୟର ପ୍ରସିଦ୍ଧ ତନ୍ତ୍ରପୀଠ ମା'ଭଗବତୀ ଓ ଶ୍ରୀ ରଙ୍ଗନାଥ ଦେବଙ୍କ ପୀଠରେ ଶନିବାର ସପ୍ତପୁରୀ ଅମାବାସ୍ୟା ପରମ୍ପରା ଅନୁଯାୟୀ ପାଳିତ ହୋଇ ଯାଇଛି। ଭାଦ୍ରବ ମାସର ଅମାବାସ୍ୟାକୁ ସପ୍ତପୁରୀ ଅମାବାସ୍ୟାତଥା କୁଶୋପ୍ତାଟିନୀ ଅମାବାସ୍ୟା ଭାବେ ପାଳିତ ହେଉଅଛି। ଜଗତର ନାଥ ଜଗନ୍ନାଥ ଆରାଧ ଦେବତାଙ୍କୁ ଅନୁକରଣ କରି ବାଣପୁର ଭଗବତୀ କ୍ଷେତ୍ରରେ ମା'ଭଗବତୀ ଓ ଶ୍ରୀ ରଙ୍ଗନାଥ ଦେବଙ୍କ ପୀଠରେ ଏହି ସପ୍ତପୁରୀ ଅମାବାସ୍ୟାର ବିଶେଷ ପୂଜା ନିତୀ ଅନୁଯାୟୀ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସକାଳୁ ଦ୍ୱାର ଫିଟା, ଅଙ୍ଗରାଗ, ମାଜଣା ପରେ ମହାପ୍ରସାଦ ଲାଗି, ବଲ୍ଲଭ ମଙ୍ଗଳାର୍ପଣ, ବେଶ ପରେ ସାଧାରଣ ଦର୍ଶନ, ଶଙ୍କୁଡ଼ି ଧୂପ, ଦିବା ପହୁଡ଼, ପରେ ସଂଧ୍ୟାରେ ନିଶଙ୍କୁଡ଼ି, ଆଳତୀ କରାଯାଇଥିବା ସହ ରାତ୍ରରେ ସେବାୟତ ମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ସାତ ପ୍ରକାରର ପୁର ଦେଇ ସପ୍ତପୁରୀ କାକରା ପୀଠାକୁ ଭୋଗ ଲାଗି କରାଯାଇଥିଲା। ଏହ ସପ୍ତପୁରୀ କାକରା ପୀଠାକୁ ଭୋଗ ସପ୍ତପୁରୀ ତାଡ ଭାବେ ଜନମାନସରେ ବେଶ ଜଣାଶୁଣା।

## ଆସ ସ୍କୁଲ ଯିବା ଅଭିଯାନ

# ସ୍କୁଲ ଗଲେ ୪ ଛାତ୍ରଛାତ୍ରୀ, ନାମଲେଖା ଅପେକ୍ଷାରେ ୫




କୋଣାର୍କ,(ସବ୍ୟୁ): ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍କୁଲ ବାହାରେ ଥିବା ୬ବର୍ଷରୁ ୧୮ବର୍ଷ ୟସ୍କ ପିଲାମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ 'ଆସ ସ୍କୁଲ ଯିବା' ଅଭିଯାନ ଆରମ୍ଭ ହୋଇଛି। ଅଭିଭାବକଙ୍କ ସଚେତନତାର ଅଭାବ, ଦାରିଦ୍ର୍ୟ, ସ୍ୱାସ୍ଥ୍ୟଗତ ସମସ୍ୟା, ସ୍ଥାନାନ୍ତର ପ୍ରଭୃତି ସମସ୍ୟା ଯୋଗୁଁ ଅନେକ ପିଲା ଅଧାରୁ ସ୍କୁଲ ଛାଡିଛନ୍ତି। ବୟସ ହୋଇଯାଇଥିଲେ ମଧ କେତେକ ପିଲା ସ୍କୁଲ ମାଟି ମାଡ଼ି ନାହାନ୍ତି। ଏହି ପରିପ୍ରେକ୍ଷୀରେ ଡ୍ରପ ଆଉଟ ଏବଂ ମୋଟେ ସ୍କୁଲ ଆସିନଥିବା ପିଲାମାନଙ୍କୁ ସ୍କୁଲରେ ନାମ ଲେଖାଇ ସେମାନଙ୍କର ଶିକ୍ଷା ଅଧିକାରକୁ ସାବ୍ୟସ୍ତ କରି ପାଇଁ ଭୈରବ ନୋଡାଲ ୟୁପିଏସ କ୍ଲଷ୍ଟରସ୍ତରୀୟ କମିଟି ପକ୍ଷରୁ ଜାରି ରହିଥିବା ପ୍ରଚେଷ୍ଟାରେ ସଫଳତା ମିଳିଥି ଜଣାଯାଇଛି। କ୍ଲଷ୍ଟରସ୍ତରୀୟ କମିଟିର ଆବାହକ ସିଆରସିସି ରବୀନ୍ଦ୍ରନାଥ ବାହିନୀପତିଙ୍କ ନିୟମିତ କାଉନସେଲିଂ ଫଳରେ ଡ୍ରପ ଆଉଟ ଥିବା ୪ଜଣ ଛାତ୍ରଛାତ୍ରୀ ସ୍କୁଲରେ ନାମ ଲେଖାଇଛନ୍ତି। ସ୍କୁଲ ଯିବାକୁ ଇଚ୍ଛୁକ ଥିବା ଆଉ ୫ଜଣ ଛାତ୍ରଛାତ୍ରୀ ନାମ ଲେଖାଇବା ଅପେକ୍ଷାରେ ଅଛନ୍ତି। ପାରିବାରିକ କଳହରେ ପ୍ରଭାବିତ ହୋଇ ମୋଟେ ସ୍କୁଲ ଯାଇ ନଥିବା ୮ବର୍ଷର ଶିଶୁ ନିଖିଳ ଦାସ ଓ ଡ୍ରପଆଉଟ ବାଳିକା ପୂର୍ଣ୍ଣିମା ଦାସଙ୍କ ନାମ ଭୈରବ ନୋଡାଲ ୟୁପିଏସ, ଲିପା ଦାସଙ୍କ ନାମ ଦାମୋଦର ।ଳିକା ଉଚ୍ଚ ବିଦ୍ୟାଳୟ ଏବଂ ଶୁଭ୍ରଜିତ୍ ବରାଳଙ୍କ ନାମ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠରେ ଲେଖାଯାଇଛି। କାଉନସେଲିଂ ପରେ ସ୍କୁଲ ଯିବା ପାଇଁ ଇଚ୍ଛୁକ ଥିବା ଆଉ ୫ଜଣ ପିଲାଙ୍କ ନାମ ଲେଖାଇ। ନିମନ୍ତେ ବ୍ଲକସ୍ତରୀୟ କମିଟିର ସହଯୋଗ ଲୋଡ଼ା ଯାଇଥିବା ଜଣାଯାଇଛି। ଅଭିଭାବକଙ୍କ ସଚେତନତା ଅଭାବରୁ ସ୍କୁଲ ଯାଉନଥିବା ପିଲାମାନଙ୍କୁ ପୁନଃ ସ୍କୁଲ ଫେରାଇ ଆଣିବା ନିମନ୍ତେ ନିୟମିତ କାଉନସେଲିଂର ଆବଶ୍ୟକତା ରହିଛି । 'ଆସ ସ୍କୁଲ ଯିା ଅଭିଯାନ'କୁ ତ୍ୱରାନ୍ୱିତ କରିବା ଦିଗରେ ଗୋପ ବିଇଓ ପ୍ରମୋଦ କୁମାର କରଙ୍କ ନିୟମିତ ମାର୍ଗଦର୍ଶନ ଯୋଗୁଁ ଏହା ସମ୍ଭବ ହୋଇପାରିଥା ସିଆରସିସି ଶ୍ରୀ ବାହିନୀପତି ପ୍ରକାଶ କରିଛନ୍ତି।

# ଗର୍ଜିଲେ ଠିକାଦାର : କାମ ଦିଅ, ବକେୟା ଦିଅ

ଭୁବନେଶ୍ୱର, (ସବ୍ୟୁ) : ରାସ୍ତାକୁ ଓହ୍ଲାଇଲେ ଇଲେକଟ୍ରିକାଲ ଓ ସିଭିଲ ଠିକାଦାର । ନିର୍ମାଣ ସଦନ ଆଗରେ ଗର୍ଜିଲେ । ୨ ମାସର ବକେୟା ଦିଅ , କାମ ବି ଦିଅ । ଇଆଇସି ଅଫିସ ଏବଂ ଚିଫ ଇଞ୍ଜିନିୟର ଅଫିସ ଘେରାଉ କରି ନିଜର ଦୁଃଖ ଜଣାଇଲେ । ଏ ନେଇ ଅଲ ଓଡିଶା ଇଲେକଟ୍ରିକାଲ କଣ୍ଟ୍ରାକଟରସ ଆସୋସିଏସନ ଏବଂ ଅଲ ଓଡିଶା ଠିକାଦାର ମହାସଂଘ ପକ୍ଷରୁ ଏକ ଦାବି ପତ୍ର ମୁଖ୍ୟମନ୍ତ୍ରୀଙ୍କ ସମେତ ପୂର୍ତ୍ତ ବିଭାଗ ମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି ।

ବୈଦ୍ୟୁତିକ କାମ ସହ ନିର୍ମାଣ କାମକୁ ସରଳ କରିବା ପାଇଁ ତଥା ସ୍ୱଚ୍ଛତା ଆଣିବା ପାଇଁ ସରକାର ୱାମିସ ପୋର୍ଟାଲ ମାଧ୍ୟମରେ ଇ–ଟେଣ୍ଡର ବ୍ୟବସ୍ଥା କରିଛନ୍ତି । ଏହି ଇ–ଟେଣ୍ଡର ମାଧ୍ୟମରେ ଠିକାଦାରଙ୍କୁ କାମ କରିବାକୁ ବାଧ କରାଯାଉଛି । ହେଲେ ଏହି ପୋର୍ଟାଲର ଅସ୍ୱାସ୍ଥ୍ୟକର ଏବଂ ଜଟିଳ ନିୟମାବଳୀ ଯୋଗୁଁ ଠିକାଦାରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକଶ ପାଇଛି । କାରଣ ଇ–ଟେଣ୍ଡର କାମ କରିବା ଦ୍ୱାରା ସରକାରୀ ଏବଂ ବେସରକାରୀ ସ୍ତରରେ ହେଉଥିବା ବୈଦୁତିକ ଓ ନିର୍ମାଣ କାମ ତୁରନ୍ତ ଏବଂ ଜରୁରୀକାଳୀନ ଭିତ୍ତିରେ ହୋଇପାରିବ ନାହିଁ । ଏହା ବ୍ୟତୀତ ଅନେକ ସ୍ଥାନୀୟ ଠିକାଦାର କାମ ହରେଇବାର ଆଶଙ୍କା ମଧ ରହିଛି । ତାଛଡା ପୋର୍ଟାଲ ଅପଡେଟ ହେବା ପରେ ଏହାର ଜଟିଳ ବ୍ୟବସ୍ଥା ଯୋଗୁ ଠିକାଦାରମାନେ କାମ କରିବାର ଦୁଇ ମାସ ହୋଇ ଯାଇଥିଲେ ବି ଆଜିଯାଏ ସେମାନଙ୍କର ପ୍ରାପ୍ୟ ପାଇପାରି ନାହାନ୍ତି । ଇଲେକ୍ଟ୍ରିକ–ସିଭିଲ ମିଳିତ ଠିକାଦାର ସଂଘର ଅଭିଯୋଗ କରିଛନ୍ତି , ସରକାର ଏହି ଆପ ଆଣିବା ପୂର୍ବରୁ ବାସ୍ତବ ଚିତ୍ର ପରଖି ନାହାନ୍ତି । କାରଣ ରାଜ୍ୟରେ ପ୍ରାୟ ୧୦୦୦୦ ଲାଇସେନ୍ସପ୍ରାପ୍ତ ବୈଦ୍ୟୁତିକ ଓ ସିଭିଲ ଠିକାଦାର ସରକାରଙ୍କ ଆବାସିକ ଏବଂ ଅଣ–ଆବାସିକ କୋଠାର ସମସ୍ତ ପ୍ରକାରର ବୈଦ୍ୟୁତିକ–ନିର୍ମାଣ କାମ କରି ଆସୁଛନ୍ତି । ଏହି ଠିକାଦାରମାନେ ଅଧିକାଂଶ ସମ୍ବେଦନଶୀଳ ସ୍ଥାନରେ ପହଂଚି ବିପଦପୂର୍ଣ୍ଣ ତଥା ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ପାଇଁ ତ୍ୱରିତ ସେବା ପ୍ରଦାନ କରିଥାନ୍ତି । ଏହି ଲାଇସେନ୍ସପ୍ରାପ୍ତ ବୈଦ୍ୟୁତିକ ଠିକାଦାରଙ୍କ ଯୋଗୁ ଅନେକ କାମ ସହଜରେ ହୋଇପାରିବା ସହ ଏହା ଦ୍ୱାରା ବୃହ ପରିମାଣର ସ୍ଥାନୀୟ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି ଏବଂ ବୈଦ୍ୟୁତିକ ଦକ୍ଷତାକୁ ପ୍ରୋତ୍ସାହନ ମିଳୁଛି । ହେଲେ ଏହି ଠିକାଦାରମାନେ ବିଦ୍ୟୁତ୍ କ୍ଷେତ୍ରରେ ଆବଶ୍ୟକୀୟ କାର୍ଯ୍ୟ ସମାପ୍ତ କରିବା ସତ୍ତ୍ୱେ ସରକାର ଏହିସିଧାସଳଖ ଠିକାଦାର ନିଯୁକ୍ତି ବ୍ୟବସ୍ଥାକୁ ବନ୍ଦ କରି ଦେଇଛନ୍ତି । ୱାମିସ ପୋର୍ଟାଲରେ ଇ–ଟେଣ୍ଡର କରି ଠିକାଦାର ନିଯୁକ୍ତି ଦେଉଛନ୍ତି । ଏହାଦ୍ୱାରା ରାଜ୍ୟର ଲାଇସେନ୍ସ ପ୍ରାପ୍ତ ଇଲେକ୍ଟ୍ରିକାଲ ଏବଂ ସିଭିଲ ବିଙ୍ଗସର ପ୍ରାୟ ୧୦ ହଜାର ଠିକାଦାର କାମ ହରାଇବା ଆଶଙ୍କା କରିଛନ୍ତି । ଖାଲି ଠିକାଦାର କାମ ହରାଇବେ ନାହିଁ, ଏହି ଜଟିଳ ବ୍ୟବସ୍ଥା ଯୋଗୁ ସରକାର ମଧ ଜରୁରୀକାଳୀନ କାମ ଠିକ ଭାବେ ଠିକ ସମୟରେ କରି ପାରିବେ ନାହିଁ ।

ତେଣୁ ସରକାର ଏହି ବ୍ୟବସ୍ଥାର ସରଳିକାରଣ କରିବା ସହିତ ସ୍ଥାନୀୟ ଠିକାଦାରଙ୍କ ପ୍ରତି ଉଚିତ ନ୍ୟାୟ କରିବାକୁ ମିଳିତ ଠିକାଦାର ସଂଘ ପକ୍ଷରୁ ଦାବି କରାଯାଇଛି । ଏହା ଦ୍ୱାରା ସମାଜରେ ସବୁ ବର୍ଗର ଠିକାଦାରମାନେ ସରକାରୀ କାମକୁ ତ୍ୱରାନ୍ୱିତ କରାଇବାର ସୁଯୋଗ ସୃଷ୍ଟି ହେବ ।

(ଶ୍ରୀମଭଗବଦ୍ ଗୀତା ୧୮/୨୩)

-ମୋକ୍ଷଯୋଗଃ-

(ଶ୍ରୀଭଗବାନୁବାଚ )

**ନିୟତଂ ସଙ୍ଗରହିତମ୍‌ରାଗଦ୍ୱେଷତଃ କୃତମ୍ ।**
**ଅଫଳପେପ୍‌ସୁନା କର୍ମ୍ମ ଯତ୍ତଦ୍ ସାତ୍ତ୍ୱିକମୁଚ୍ୟତେ ।। ୨୩ ।।**

( ଇଦାନୀଂ ତ୍ରିବିଧଂ କର୍ମ୍ମାହ ତ୍ରିଭିଃ)-ଅଫଳପ୍ରେପ୍ସୁନା (ନିଷ୍କାମେନ କର୍ତ୍ତ୍ରା) ନିୟତଂ (ନିତ୍ୟତୟା ଅବଶ୍ୟକର୍ତ୍ତବ୍ୟତୟା ବିହିତଂ), ସଙ୍ଗ ରହିତଂ (ଅଭିନିବେଶଶୂନ୍ୟଂ, ସଂସାରାସକ୍ତିରହିତଂ), ଅରାଗଦ୍ୱେଷତଃ କୃତଂ (ପୁତ୍ରାଦିପ୍ରୀତ୍ୟା ଶତ୍ରୁଦ୍ୱେଷେଣ ବା ଯତ୍ କୃତଂ ନ ଭବତି ତାଦୃଶଂ) ଯତ୍ କର୍ମ୍ମ, ତତ୍ ସାତ୍ତ୍ୱିକଂ ଉଚ୍ୟତେ ।।୨୩ ।।

ମୁଖ୍ୟ ସମ୍ପାଦକଙ୍କ ଲେଖନୀରୁ

# ଦଳୀୟ ବନାମ ମିଳିତ ଶାସନ

ରାଜ୍ୟରେ ପ୍ରାୟ ଅର୍ଦ୍ଧ ଶତାବ୍ଦୀରୁ ଉର୍ଦ୍ଧ୍ୱକାଳ ସବୁଠାରୁ ପୁରାତନ ଦଳ କଂଗ୍ରେସ ଶାସନ କରିଥିଲା । କେନ୍ଦ୍ରରେ ମଧ୍ୟ କଂଗ୍ରେସ ଶାସନ ସେହି ସମୟ ମଧ୍ୟରେ ଚାଲିଥିଲା । ମାତ୍ର ୧୯୬୭ ବେଳକୁ ରାଜ୍ୟରେ କଂଗ୍ରେସ ବିପକ୍ଷରେ ଏକ ଶକ୍ତିଶାଳୀ ମିଳିତ ଶାସନ ସମ୍ଭବ ହୋଇଥିଲା । ତତ୍କାଳୀନ ବିଜୁ ପଟ୍ଟନାୟକ ଓ ବୀରେନ ମିତ୍ରଙ୍କ ନେତୃତ୍ୱରେ ଚାଲିଥିବା କଂଗ୍ରେସ ଶାସନ ଦୁର୍ନୀତି କାରଣରୁ ବଦନାମ ହୋଇଥିଲା । ଲୋକେ ପରିବର୍ତ୍ତନ ଚାହିଁଲେ । ଫଳରେ ନିର୍ବାଚନ ମେଣ୍ଟ ଯୋଗୁଁ ସ୍ୱତନ୍ତ୍ର-ଜନକଂଗ୍ରେସର ମିଳିତ ମନ୍ତ୍ରିମଣ୍ଡଳ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ଓ ଉପ-ମୁଖ୍ୟମନ୍ତ୍ରୀ ପବିତ୍ର ମୋହନ ପ୍ରଧାନଙ୍କ ନେତୃତ୍ୱରେ ଗଢ଼ି ଉଠିଥିଲା । ସ୍ୱତନ୍ତ୍ର ଦଳ ଏକ ଜାତୀୟ ରାଜନୈତିକ ଦଳ ହୋଇଥିଲେ ମଧ୍ୟ ଓଡ଼ିଶାରେ ସେହି ଦଳର ନେତୃତ୍ୱ ନେଇଥିଲେ ତତ୍କାଳୀନ 'ପାଟଣା ମହାରାଜା' ଭାବେ ପରିଚିତ ରାଜେନ୍ଦ୍ର ନାରାୟଣ ସିଂହଦେଓ । ଅବଶ୍ୟ ଜନକଂଗ୍ରେସ ଦଳର ତତ୍କାଳୀନ ନେତା ହରେକୃଷ୍ଣ ମହତାବଙ୍କ ନିର୍ଦ୍ଦେଶ ଅନୁସାରେ ଜନକଂଗ୍ରେସ ଦଳ ସରକାରରେ ଥିଲେ । ଦୀର୍ଘ ଚାରିବର୍ଷରୁ ଉର୍ଦ୍ଧ୍ୱ କାଳ କଂଗ୍ରେସର କୁଶାସନ ବିରୋଧରେ ଏହି ମିଳିତ ସରକାର ଶାସନ କରି ଆସିଥିଲେ ମଧ୍ୟ ଉଭୟ ଦଳରେ ମନୋମାଳିନ୍ୟ ଘଟିବା କାରଣରୁ ସେମାନେ ପୁରା ପାଞ୍ଚ ବର୍ଷ ପାଇଁ ଶାସନ କ୍ଷମତାରେ ରହି ପାରି ନଥିଲେ ।

ଓଡ଼ିଶାରେ ଆରମ୍ଭରୁ, ଅର୍ଥାତ୍ ପ୍ରାକ୍-ସ୍ୱାଧୀନତା କାଳରେ, ୧୯୩୭ରେ କଂଗ୍ରେସ ସରକାର ଗଠନ କରିବାକୁ ବିଭିନ୍ନ କାରଣରୁ ଅନିଚ୍ଛୁକ ହେବାରୁ ବିଶ୍ୱନାଥ ଦାସଙ୍କ ନେତୃତ୍ୱରେ ଶାସନ କରିବା ସମ୍ଭବ ହୋଇ ନଥିଲା ଏବଂ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ନେତୃତ୍ୱରେ ମିଳିତ ସରକାର ଗଠିତ ହୋଇଥିଲା । ସେ ତା ୧/୪/୧୯୩୭ରୁ ତା ୧୯/୭/ ୧୯୩୭ ପର୍ଯ୍ୟନ୍ତ ଓଡ଼ିଶାର ପ୍ରଧାନମନ୍ତ୍ରୀ ଥିଲେ । ପ୍ରାକ୍ ସ୍ୱାଧୀନତା କାଳରେ ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କୁ ପ୍ରଧାନମନ୍ତ୍ରୀ ବୋଲି ସେତେବେଳେ କୁହା ଯାଉଥିଲା । ଏହା ପରେ କଂଗ୍ରେସ ଦଳ ପକ୍ଷରୁ ବିଶ୍ୱନାଥ ଦାସ ତା ୧୯/୭/୨୯୩୭ ରୁ ପ୍ରଧାନମନ୍ତ୍ରୀ ହୋଇ ତା ୪/୧୧/୧୯୩୯ ପର୍ଯ୍ୟନ୍ତ ରହିଥିଲେ । ମାତ୍ର ସେହି ସମୟରେ ନିର୍ବାଚିତ ଓଡ଼ିଶା ସରକାରଙ୍କ ମତାମତ ନ ନେଇ ତତ୍କାଳୀନ ବ୍ରିଟିଶ ସରକାର ଭାରତକୁ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସାମିଲ କରିବାରୁ କଂଗ୍ରେସ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁସାରେ ବିଶ୍ୱନାଥ ଦାସ ୧୯୩୯ ମସିହା ନଭେମ୍ବର ୪ ତାରିଖରେ ଇସ୍ତଫା ପ୍ରଦାନ କରିଥିଲେ । ଫଳରେ ୧୯୩୯ରୁ ୧୯୪୧ ପର୍ଯ୍ୟନ୍ତ ଓଡ଼ିଶାରେ ରାଜ୍ୟପାଳଙ୍କ ଶାସନ ଜାରି ହୋଇଥିଲା । ସେତେବେଳେ 'ଭାରତ ଛାଡ଼' ଆନ୍ଦୋଳନରେ ସାମିଲ ହୋଇଥିବାରୁ ଇଂରେଜ ସରକାର କଂଗ୍ରେସକୁ ବେଆଇନ ବୋଲି ଘୋଷଣା କରିଥିଲେ । କଂଗ୍ରେସ ନେତାମାନଙ୍କୁ ବ୍ରିଟିଶ ପୋଲିସ ଗିରଫ କରି ନେଲେ । ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ୧୯୪୧ରୁ ୧୯୪୪ ଯାଏଁ ମିଳିତ ମନ୍ତ୍ରିମଣ୍ଡଳ ଗଠନ କରି ପୁନର୍ବାର ପ୍ରଧାନମନ୍ତ୍ରୀ ହୋଇଥିଲେ । ମାତ୍ର ମନ୍ତ୍ରିମଣ୍ଡଳରେ ମତଭେଦ କାରଣରୁ ପାରଳା ମହାରାଜା ୧୯୪୪ ଜୁନ୍ ମାସରେ ଇସ୍ତଫା ଦେବାରୁ ଓଡ଼ିଶା ବିଧାନସଭାକୁ ଭାଙ୍ଗି ଦିଆଯାଇ ପୁଣି ରାଜ୍ୟପାଳଙ୍କ ଶାସନ ଜାରି କରାଯାଇଥିଲା ।

ପ୍ରକୃତରେ ବିଜେଡି ଓ ବିଜେପିର ମିଳିତ ମେଣ୍ଟ ସରକାର ୨୦୦୦ମସିହାରୁ ଆରମ୍ଭ ହୋଇ ପ୍ରାୟ ୨୦୦୯ ପର୍ଯ୍ୟନ୍ତ ଚାଲିଥିଲା । ଏହା ପରେ ବିଜେଡ଼ି ୨୦୨୪ ପର୍ଯ୍ୟନ୍ତ ଆଞ୍ଚଳିକ ଦଳ ଭାବେ ଏକାକୀ ସରକାର ଗଠନ କରି ରହିଥିଲା । ୨୦୨୪ ସାଧାରଣ ନିର୍ବାଚନରେ ବିଜେଡି ଓ ବିଜେପି ମେଣ୍ଟ ମିଳିତ ସରକାର ଗଠନ କରିବେ ବୋଲି ପ୍ରଚାର କରାଯାଉଥିଲା । ମାତ୍ର ତାହା ସମ୍ଭବ ହୋଇ ନଥିଲା । ତେଣୁ ବିଜେଡିକୁ ହରାଇ ବିଜେପି ଏକାକୀ ଏବେ ରାଜ୍ୟରେ ସରକାର ଗଠନ କରି ପାରିଛି । କେନ୍ଦ୍ରରେ କିନ୍ତୁ ବିଜେପି ଲୋକସଭାରେ ଅଧିକ ସଂଖ୍ୟାରେ ନିର୍ବାଚିତ ହୋଇଥିଲେ ମଧ୍ୟ ଅନ୍ୟାନ୍ୟ ଦଳ ସହ ମେଣ୍ଟ ସ୍ଥାପନ କରି ଶାସନ କ୍ଷମତାରେ ରହିଛି ।

ସ୍ୱର୍ଗୀୟ ଅଟଳ ବିହାରୀ ବାଜପେୟୀ କେନ୍ଦ୍ରରେ ବିଭିନ୍ନ ଦଳ ମେଣ୍ଟ କରି ମିଳିତ ସରକାର ଗଠନ ପାଇଁ ସବୁବେଳେ କହି ଆସୁଥିଲେ । ଫଳରେ ଇନ୍ଦିରା ଗାନ୍ଧି ଦେଶରେ ଏମରଜେନ୍ସି ଜାରି କରିବା ପରେ ଅଣ କଂଗ୍ରେସ ସରକାର ଓ ମିଳିତ ସରକାର ପାଇଁ ପଥ ପରିଷ୍କୃତ ହୋଇଥିଲା । ଏବେ ସେହି ଧାରାରେ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାର ଚାଲିଛି । ସେହି ଧାରାରେ ମଧ୍ୟ ରାହୁଲ ଗାନ୍ଧି ଲୋକସଭାରେ ବିରୋଧୀ ଦଳର ନେତା ହୋଇ ପାରିଛନ୍ତି ।

ଏବେ ଓଡ଼ିଶାରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିଜେପି ଏକାକୀ ଚାଲିଥିଲେ ମଧ୍ୟ ମିଳିତ ମେଣ୍ଟର ସରକାର ଗଠନ ବିଷୟରେ, ବିଶେଷ କରି ବିଜେପି ଓ ବିଜେଡି ମଧ୍ୟରେ ମେଣ୍ଟ ସରକାର ହେବା ନେଇ ବେଶ୍ ଆଲୋଚନା ଚାଲିଛି । ଏହା ସମ୍ଭବ ହୋଇ ପାରେ, ହୋଇ ମଧ୍ୟ ନପାରେ ।

## ଭାବ ବନ୍ଧନ

**ଭଗବାନ ସବୁ ବନ୍ଧନରୁ ସମ୍ପୂର୍ଣ୍ଣ ମୁକ୍ତ, କିନ୍ତୁ ସେ ଭକ୍ତର ଭାବ ବନ୍ଧନରେ ସଦା ଯୁକ୍ତ**

*ଲେଖକ-ଡ. ପ୍ରଦୀପ କୁମାର ଚୌଧୁରୀ*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ସହରୀ ବନ୍ୟା ଓ ଭୁବନେଶ୍ୱର, ଗତି କୁଆଡ଼େ ?



**କମଳଜିତ ଦାସ**

ଥରେ ପ୍ରାତଃଭ୍ରମଣରେ ସହରର ବିଶିଷ୍ଟ ସ୍ଥପତି ଜଣାଶୁଣା ଇଞ୍ଜିନିୟର ଶ୍ରୀଯୁକ୍ତ ପାଣିଗ୍ରାହୀଙ୍କ ସହ ଦେଖାହେଲା । ଯେହେତୁ ସମ୍ପର୍କ ଅନେକ ଦିନର, ଦେଖାହେଲେ ବିଭିନ୍ନ ସମୟରେ, ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୁଏ, କେବଳ ପାରିବାରିକ ସାମାଜିକ ଜୀବନକୁ ନେଇ ନୁହେଁ , ଅନେକ ସମୟରେ ଦେଶ, ରାଜ୍ୟ, ଜାତୀୟ, ଅନ୍ତର୍ଜାତୀୟ ପ୍ରସଙ୍ଗକୁ ନେଇ ମଧ୍ୟ ଆଲୋଚନା ହୁଏ । ଶ୍ରୀଯୁକ୍ତ ପାଣିଗ୍ରାହୀଙ୍କ ସହ ମୋର ସମ୍ପର୍କ ପ୍ରାୟ ଦୁଇଦଶନ୍ଧିର, ପ୍ରଥମେ କଟକରେ ଆଉ ତାପରେ ଭୁବନେଶ୍ୱରରେ । ସମସାମୟିକ ଆମେ ଦୁହେଁ ସମ୍ପର୍କର ଘନିଷ୍ଠତା ଓ ସମାନ ସାମାଜିକ, ସାଂସ୍କୃତିକ ଅବସ୍ଥାରେ ଉଭୟ ବଢ଼ିଥିବାରୁ ଆଲୋଚନା ସମୟରେ ସମସାମୟିକ ସମାଜିକ, ରାଜନୈତିକ ଓ ସାଂସ୍କୃତିକ ଅବସ୍ଥାକୁ ନେଇ ହୋଇଥାଏ । ଉଭୟ ଏହି ଆଲୋଚନାର ମଧ୍ୟ ଆନନ୍ଦ ନେଇଥାଉଁ ।

ସେଦିନର ଆଲୋଚନା ଆରମ୍ଭରେ, ଶ୍ରୀଯୁକ୍ତ ପାଣିଗ୍ରାହୀଙ୍କ ପ୍ରଶ୍ନ ଥିଲା ଖୁବ୍ ରୋଚକ ଓ କୌତୁହଳପୂର୍ଣ୍ଣ । ମୋତେ ପଚାରିଲେ, 'ଆଛା ! କହିଲେ ଗୋଟେ କଥା, ମୁଁ ପ୍ରାୟ ୨୦୧୫ ମସିହାରୁ ଖବରକାଗଜରେ ଗୋଟିଏ ସମ୍ବାଦକୁ ବାରମ୍ବାର ପଢିଆସୁଛି' । ମୁଁ ପଚାରିଲି କୋଉ ସମ୍ବାଦ କଥା କହୁଛନ୍ତି ? ସେ କହିଲେ ଆପଣ ଦେଖିନାହାନ୍ତିକି ଗତ ସପ୍ତାହେ ହେବ ପ୍ରାୟ ପ୍ରତ୍ୟେକ ସମ୍ବାଦ ପତ୍ରରେ ଗୋଟିଏ ପ୍ରମୁଖ ସମ୍ବାଦ ବାହାରିଛି ଯେ ଭୁବନେଶ୍ୱର ମହାନଗର ନିଗମ ନୂଆ କମିଶନର ଭୁବନେଶ୍ୱରର ପ୍ରମୁଖ ଜଳବନ୍ଦୀ ଅଞ୍ଚଳ ବା ସହରୀ ବନ୍ୟା ଦ୍ୱାରା ପ୍ରଭାବିତ ହେଉଥିବା ଅଞ୍ଚଳ ପରିଦର୍ଶନ କରୁଛନ୍ତି, ଆଉ ଜଳବନ୍ଦୀ ସମସ୍ୟା ବା ସହରୀ ବନ୍ୟା ସମସ୍ୟାକୁ ସମାଧାନ କରିବା ନିମନ୍ତେ କର୍ମଚାରୀଙ୍କୁ ଏବଂ ଅଧିକାରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରୁଛନ୍ତି ।

ଆଉ ଏହି ସମ୍ବାଦକୁ ଭଲ କରି ପଢିଲାବେଳେ ଜାଣିଲି ଯେ ୨୦୧୫ ମସିହାରେ ନୂଆ କରି ଆସିଥିବା କମିଶନର ଯେଉଁ ଜଳବନ୍ଦୀ ବା ସହରୀ ବନ୍ୟା ଦ୍ୱାରା ପ୍ରଭାବିତ ହେଉଥିବା ଜାଗା ସବୁ ବୁଲିଥିଲେ, ୨୦୨୨,୨୦୨୪ ଆଉ ୨୦୨୫ ମସିହାରେ ପ୍ରାୟ ଗତ ଦଶ ବର୍ଷ ଭିତରେ ଯେଉଁ ନୂଆ କମିଶନରମାନେ ଭୁବନେଶ୍ୱର ମହାନଗର ନିଗମକୁ ନୂଆ କରି ଆସିଛନ୍ତି ସେମାନେ ସେହି ସମାନ ଜଳବନ୍ଦୀ ବା ସହରୀ ବନ୍ୟାଦ୍ୱାରା ପ୍ରଭାବିତ ସ୍ଥାନଗୁଡିକ ପରିଦର୍ଶନ କରି ସମାନ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି । ତାହା ହେଲେ କ'ଣ ଏହି ସବୁ ସ୍ଥାନମାନଙ୍କରେ ଜଳବନ୍ଦୀ ସମସ୍ୟା ବର୍ତ୍ତମାନ ସୁଦ୍ଧା ସମାଧାନ ହୋଇ ପାରିନାହିଁ, ନା ଗତ ଦଶ ବର୍ଷ ମଧ୍ୟରେ କେବଳ କମିଶନରମାନଙ୍କ ନିର୍ଦ୍ଦେଶ କାଗଜ-କଲମ ଭିତରେ ରହିଯାଇଛି ? ତାଙ୍କ ପ୍ରଶ୍ନ ଶୁଣି ମୁଁ କହିଲି ଆପଣ ଭୁଲ ବୁଝିଛନ୍ତି । ସମସ୍ୟାର ସମାଧାନ ନିଶ୍ଚୟ ହୋଇଥିବା । ହୁଏତ ସେହି ସମାନ ଜାଗାରେ ନୂଆ ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇଥିବ । ଏମିତି ବି ହୋଇପାରେ, ସମସ୍ୟା ଏତେ ଜଟିଳ ହୋଇଥିବ ଯେ ସମାଧାନ ପାଇଁ ସମୟ ବେଶୀ ଲାଗୁଥିବ । ଆପଣ ହୁଏତ ଟିକେ ବେଶୀ ଚିନ୍ତା ପ୍ରକାଶ କରିଛନ୍ତି । ପାଣିଗ୍ରାହୀ ବାବୁଙ୍କୁ ବୁଝାଇବାକୁ ଯାଇ ମୁଁ କହିଲି ଗତ ଅଗଷ୍ଟ ପ୍ରଥମ ସପ୍ତାହରେ ଇଂରାଜୀ ଦୈନିକ 'TIMES of INDIA ' ରେ ଏହି ସ୍ୱତନ୍ତ୍ର ଆଲେଖ୍ୟ ପ୍ରକାଶ ପାଇଛି ଯେ ପଞ୍ଜାବ ଓ ହିମାଚଳ ପ୍ରଦେଶର ପାର୍ବତ୍ୟ ଅଞ୍ଚଳକୁ ରେଳ ଦ୍ୱାରା ସଂଯୋଗ କରିବା ନିମନ୍ତେ ଭାରତ ସରକାର ୧୯୮୧ -୧୯୮୨ ମସିହାରେ ନଙ୍ଗଲ ବନ୍ଧରୁ ତାଲୱାରା ପର୍ଯ୍ୟନ୍ତ ଏକ ରେଳ ବ୍ରିଜ ମଞ୍ଜୁରୀ ଦେଇଥିଲେ ଯାହା ଆଜିପର୍ଯ୍ୟନ୍ତ ମଧ୍ୟ ଶେଷ ହୋଇପାରିନାହିଁ । ପାଖାପାଖି ୪ ଦଶନ୍ଧି ହେଇଗଲାଣି, ସେ ଅଞ୍ଚଳବାସୀ ଏବେ ମଧ୍ୟ ରେଳ ସେବାକୁ ଚାହିଁ ବସିଛନ୍ତି । କୁହାଯାଉଛି ଭାରତବର୍ଷର ଏହି ପ୍ରକଳ୍ପ କୁଆଡେ ସବୁଠାରୁ ଦୀର୍ଘତମ ଅଟକି ରହିଥିବା ରେଳବାଇ ପ୍ରକଳ୍ପ, ତେଣୁ ଆମର ଜଳବନ୍ଦୀ ବା ସହରୀ ବନ୍ୟା ସମସ୍ୟା ସ୍ଥାନଗୁଡିକ ହୁଏତ ସେପରି ଜଟିଳ ହୋଇଥିବ । ତେଣୁ ସମୟ ଲାଗୁଥିବ । ଏଥିରେ ଏମିତି ସମାଲୋଚନା କରିବାର ଆବଶ୍ୟକତା ନାହିଁ । ବରଂ ଅପେକ୍ଷା କରନ୍ତୁ, ଧୈର୍ଯ୍ୟ ଧରନ୍ତୁ ବୋଲି ମୁଁ କହିଲି ।

ମୋ କଥା ଶୁଣି ଶ୍ରୀଯୁକ୍ତ ପାଣିଗ୍ରାହୀ ଏକମତ ହେବା ଅପେକ୍ଷା ଆହୁରି ପ୍ରଶ୍ନ ଠିଆ କଲେ । ସେ କହିଲେ, ମୁଁ ଭାବୁଛି ଆମର ଇଞ୍ଜିନିୟର ଓ ସରକାରୀ ଅଧିକାରୀମାନେ ଆଉ ଯେଉଁମାନେ ଆମ ସହରୀ ବନ୍ୟା ବା ଜଳବନ୍ଦୀ ସମସ୍ୟା ସହ ଜଡିତ ଅଛନ୍ତି, ସେମାନେ ବୋଧେ ଏ ସମସ୍ୟାକୁ ଗମ୍ଭୀରତାର ସହ ନେଇନାହାନ୍ତି, ଅଥବା ନୂଆ କମିଶନରଙ୍କୁ ସେହି ପୁରୁଣା ଜାଗା ଦେଖାଇ ପ୍ରକଳ୍ପକୁ ମଞ୍ଜୁରୀ କରୁଛନ୍ତି ଖାଲି ପ୍ରକଳ୍ପ ଖର୍ଚ୍ଚ ସିନା ବଢୁଛି କିନ୍ତୁ ସମସ୍ୟା ସମାଧାନ ହେଇପାରିନାହିଁ । ତେଣୁ ଜଳବନ୍ଦୀ ସମସ୍ୟା ଅଞ୍ଚଳ ଆଉ ସମ୍ବାଦପତ୍ରର ଶିରୋନାମା ସବୁ ସେମିତି ପୁରୁଣା ଆଉ ନୂଆ ମଧ୍ୟରେ ସୀମିତ ହେଇଛି । ସହରୀ ବନ୍ୟା ଖାଲି ନୂଆ ବୋତଲରେ ପୁରୁଣା ମଦର ସମ୍ଭାର ବୋଲି ଏ ଖବର ଦେଖି ମନେହେଉଛି । ଛେପଢ଼ୋକି ପାଣିଗ୍ରାହୀ ବାବୁ କହିଲେ, ଆପଣ ବିଶିଷ୍ଟ ସାମ୍ବାଦିକ ପି.ସାଇନାଥଙ୍କର ବହି "Everybody Loves a Good Drought' ପଢ଼ିଛନ୍ତି କି ? ମୁଁ କହିଲି ହଁ, ସେ କହିଲେ ତେବେ ଆମ ସହରୀ ବନ୍ୟା ସାଇନାଥଙ୍କ ଉପସ୍ଥାପନା ଭଳି ହୋଇ ନଥିବ ତ । ମୁଁ କହିଲି ନାଇଁ ସେମିତି ନୁହେଁ, ଆପଣ ବେଶୀ ଭାବି ଦେଉଛନ୍ତି ।

ଯେହେତୁ ଜନ ସାଧାରଣଙ୍କ ସ୍ମରଣ ଶକ୍ତି ଖୁବ ସ୍ୱଳ୍ପ ତେଣୁ ସେମାନେ ପୁରୁଣା ନିର୍ଦ୍ଦେଶ ଆଉ ପୁରୁଣା ଜଳବନ୍ଦୀ ଅଞ୍ଚଳ ପରିଦର୍ଶନ କଥା ଭୁଲି ପୁଣି ନୂଆ ନିର୍ଦ୍ଦେଶର ଆଶାରେ ପଚାରୁଛନ୍ତି ସମସ୍ୟାର ସମାଧାନ ହେଇପାରିବ ତ ?, ସମସ୍ୟା କିନ୍ତୁ ଯେଉଁ ତିମିରେକୁ ସେଇ ତିମିରେ । ଏହିକଥା କହି ସେ ବଖାଣିଲେ ଭୁବନେଶ୍ୱର ସହରରେ ଜଳବନ୍ଦୀ ସମସ୍ୟା ସହରୀ ବନ୍ୟାର ପ୍ରମୁଖ କାରଣ-ଭୁବନେଶ୍ୱରରେ ସହରୀ ବନ୍ୟାର ପ୍ରଥମ କାରଣ ହେଉଛି ନକ୍ସା ବିନା ସହରୀକରଣ, ଯେଉଁଥି ପାଇଁ କଂକ୍ରିଟ ସହର ତିଆରି ହୋଇଛି, ସେଥିପାଇଁ ଜମିର ଜଳଧାରଣା କ୍ଷମତା କମିଯାଉଛି । ସହରୀ ବିକାଶରେ ଯେଉଁମାନେ ନକ୍ସା ଆଙ୍କୁଛନ୍ତି, ସେମାନେ ବର୍ତ୍ତମାନ କଥା ଭାବୁଛନ୍ତି, ଭବିଷ୍ୟତକୁ ନେଇ । ଦ୍ୱିତୀୟତଃ ପ୍ରାକୃତିକ ନାଳ ସବୁକୁ ବର୍ତ୍ତମାନ ଅବରୋଧ କରାଯାଉଛି । ଅବରୋଧ କରି ନିର୍ମାଣ ଫଳରେ ଜଳ ପ୍ରବାହ ବନ୍ଦ ହୋଇଯାଉଛି । ଅବରୋଧମୁକ୍ତ କରିବା ନିମନ୍ତେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନି, ରାଜନୈତିକ ପଶାପାଲିରେ ଅବରୋଧ ଉଠିପାରୁନି କି ପ୍ରଭାବଶାଳୀଙ୍କ ଅବରୋଧ ମଧ୍ୟ ହଟିପାରୁନି ତେଣୁ ସମସ୍ୟା ବଢ଼ିଚାଲୁଛି । ତୃତୀୟତଃ, ସହରରେ ବର୍ଜ୍ୟବସ୍ତୁର ମଧ୍ୟ ସଠିକ ପରିଚାଳନା କରାଯାଇପାରୁନାହିଁ । ବର୍ଜ୍ୟବସ୍ତୁ ସବୁ ବର୍ତ୍ତମାନ ସହରର ପ୍ରାକୃତିକ ନାଳଗୁଡିକୁ ପୋତି ପକାଉଛି । ବର୍ଜ୍ୟବସ୍ତୁର ଯଦି ସଠିକ୍ ପରିଚାଳନା ହୁଅନ୍ତା ତେବେ ମଧ୍ୟ ସହରୀ ବନ୍ୟା ଭୁବନେଶ୍ୱରରେ କମିଯାଆନ୍ତା । ସରକାର ଆଉ ମହାନଗର ନିଗମ ଖାଲି ଅର୍ଥଖର୍ଚ୍ଚ କରୁଛନ୍ତି, ଠିକ କାର୍ଯ୍ୟକାରୀତାର ଆବଶ୍ୟକତା ବି ଅଛି ।

> **ଭୁବନେଶ୍ୱରରେ ସହରୀ ବନ୍ୟାର ପ୍ରଥମ କାରଣ ହେଉଛି ନକ୍ସା ବିନା ସହରୀକରଣ, ଯେଉଁଥି ପାଇଁ କଂକ୍ରିଟ ସହର ତିଆରି ହୋଇଛି, ସେଥିପାଇଁ ଜମିର ଜଳଧାରଣା କ୍ଷମତା କମିଯାଉଛି । ସହରୀ ବିକାଶରେ ଯେଉଁମାନେ ନକ୍ସା ଆଙ୍କୁଛନ୍ତି, ସେମାନେ ବର୍ତ୍ତମାନ କଥା ଭାବୁଛନ୍ତି, ଭବିଷ୍ୟତକୁ ନେଇ । ଦ୍ୱିତୀୟତଃ ପ୍ରାକୃତିକ ନାଳ ସବୁକୁ ବର୍ତ୍ତମାନ ଅବରୋଧ କରାଯାଉଛି । ଅବରୋଧ କରି ନିର୍ମାଣ ଫଳରେ ଜଳ ପ୍ରବାହ ବନ୍ଦ ହୋଇଯାଉଛି । ଅବରୋଧମୁକ୍ତ କରିବା ନିମନ୍ତେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନି, ରାଜନୈତିକ ପଶାପାଲିରେ ଅବରୋଧ ଉଠିପାରୁନି କି ପ୍ରଭାବଶାଳୀଙ୍କ ଅବରୋଧ ମଧ୍ୟ ହଟିପାରୁନି ତେଣୁ ସମସ୍ୟା ବଢ଼ିଚାଲୁଛି ।**

**ଚତୁର୍ଥତଃ ଏସବୁ ବାଦ ଆମର ବହୁବର୍ଷ ଧରି ତିଆରି ହୋଇଥିବା ନାଳ ସବୁ ମଧ୍ୟ ପୋତି ହୋଇଗଲାଣି ଏହାକୁ ସଠିକ ଭାବରେ ମରାମତି ଓ ରକ୍ଷଣାବେକ୍ଷଣ କରାଯାଉନାହିଁ । କାଗଜ-କଲମରେ ସବୁ ରକ୍ଷଣାବେକ୍ଷଣ ଚାଲିଛି । ତେଣୁ ଏ ଅବସ୍ଥା ।ଏତେ ସବୁ ଅଭିଯୋଗ ଶୁଣି ତାଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ସେ କହିଲେ, ଆପଣ ଜାଣିଛନ୍ତି କି ନାହିଁ ? ୨୦୨୨ ମସିହାରେ CAG (ମହାଲେଖ ନିୟନ୍ତ୍ରକ ତଥା ମହାସମୀକ୍ଷକ) ତାଙ୍କ ରିପୋର୍ଟରେ ଦର୍ଶାଇଥିଲେ ଯେ, ଭୁବନେଶ୍ୱର ସମେତ ରାଜ୍ୟର ପାଞ୍ଚଟି ସହରରେ ମାଷ୍ଟର ପ୍ଲାନ ନାହିଁ, Sewage Water Management ପାଇଁ କୌଣସି ରେଗୁଲେଟରି ସଂସ୍ଥା ମଧ୍ୟ ନାହିଁ ।**

CAG ଏକଥା ମଧ୍ୟ କହିଛନ୍ତି ଯେ, ଜାତୀୟ ସ୍ତରରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଯେଉଁ ମାର୍ଗଦର୍ଶିକା ଅଛି, ତାକୁ ଭୁବନେଶ୍ୱର ସମେତ ଓଡ଼ିଶାର ଅନେକ ମହାନଗର ମାନୁନଥିବାରୁ ଏପ୍ରକାର ସହରୀ ବନ୍ୟା ସମସ୍ୟା ଉପୁଜୁଛି । ଏତେ ସବୁ ସମସ୍ୟାକୁ ସମାଧାନ କରିବା ନିମନ୍ତେ ଆଜି ପର୍ଯ୍ୟନ୍ତ ଆମେ କୌଣସି ଦୀର୍ଘସ୍ଥାୟୀ ଯୋଜନା ମଧ୍ୟ କରି ପାରିଲୁନି । **ଭୁବନେଶ୍ୱର ସହରର ଦୁଇ ପ୍ରାକୃତିକ ନାଳ 'ଦୟା' ଆଉ 'ଗଙ୍ଗୁଆ' ବର୍ତ୍ତମାନ ପର୍ଯ୍ୟନ୍ତ ଅବରୋଧ ମୁକ୍ତ ହୋଇପାରିଲା ନାହିଁ । ଆଉ ସଫା ହେବ କ'ଣ, ସମସ୍ୟା ସୁଧୁରିବ କ'ଣ, କେତେବେଳେ ଖବରକାଗଜରେ ବାହାରୁଛି ଜଳ ସମ୍ପଦ ବିଭାଗ କରିବ, କେତେବେଳେ ବାହାରୁଛି ମହାନଗର ନିଗମ କରିବ କିନ୍ତୁ ଯେଉଁ ସମସ୍ୟାକୁ ସେହି ସମସ୍ୟା, ତେଣୁ ଖାଲି ନିର୍ଦ୍ଦେଶ ଆଉ ନିର୍ଦ୍ଦେଶ ଭିତରେ ରହିଯାଉଛି । ତେଣୁ ଆପଣ ବୁଝି ପାରୁନାହାନ୍ତି ।** ଆପଣ ଜଣେ ସରକାରୀ କର୍ମଚାରୀ ହୋଇଥିବାରୁ ସତ ଘୋଡାଇବାକୁ ଚେଷ୍ଟା କରୁଛନ୍ତି । ଜୀବନ ଆଉ ଜୀବିକା ଆଉ ନୈତିକତାର ଦୋ'ଛକି ମଧ୍ୟରେ ଆପଣ ଠିଆ ହୋଇଛନ୍ତି । ତେଣୁ ମୋ ପ୍ରଶ୍ନକୁ ଆପଣ ଉପଯୁକ୍ତ ଗୁରୁତ୍ୱ ଦେଇ ପାରୁନାହାନ୍ତି ।

ଏକା ନିଃଶ୍ୱାସରେ ପାଣିଗ୍ରାହୀ ବାବୁଙ୍କ ଏତେ ଅଭିଯୋଗ ଶୁଣି ମୁଁ ଆଶ୍ଚର୍ଯ୍ୟ । ସତରେ ତ ଅନେକ ପ୍ରଶ୍ନ ଯାହାର କୌଣସି ଉତ୍ତର ନାହିଁ । ସଙ୍ଗେ ସଙ୍ଗେ ମୁଁ କହିଲି ଆପଣ ଖବରକାଗଜରେ ପଢିନାହାନ୍ତି ଯେ ଭୁବନେଶ୍ୱରରେ ଡ୍ରେନ ତିଆରି ନିମନ୍ତେ ସରକାର କୋଟି କୋଟି ଟଙ୍କାର ଅନୁଦାନ ଦେଉଛନ୍ତି । ଆଉ ସହରୀ ବନ୍ୟା ନିୟନ୍ତ୍ରଣ କରିବାକୁ ଘର ତିଆରି ନକ୍ସା ଅନୁମୋଦନ ନିୟମକୁ କଠୋର ଭାବେ ପାଳନ କରିବାକୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି । ପ୍ରାକୃତିକ ନାଳକୁ ପୁନର୍ଜୀବିତ କରିବା ନିମନ୍ତେ ଉଭୟ ଜଳସମ୍ପଦ ବିଭାଗ ଓ ଭୁବନେଶ୍ୱରର ମହାନଗର ନିଗମ ଏକାଠି ହୋଇ ଯୋଜନା ପ୍ରସ୍ତୁତ କରୁଛନ୍ତି । ଉଭୟ ବିଭାଗର ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ ମଧ୍ୟ କରୁଛନ୍ତି । ଏସବୁ ଚାଲିଛି ତେଣୁ ଆପଣ ବ୍ୟସ୍ତ ହୁଅନ୍ତୁନି ଖୁବ୍ ଶୀଘ୍ର ସହରୀ ବନ୍ୟା ଆମ ସହରରୁ ଦୂରେଇ ଯିବ । ଆମ୍ଭେମାନେ ଖୁବ ସୁସ୍ଥ ଭାବରେ ବସବାସ କରିବା, ଆପଣ ଏମିତି ଅଧୈର୍ଯ୍ୟ ହେଲେ କ'ଣ ହେବ ? ମୋ କଥା ଶୁଣି ପାଣିଗ୍ରାହୀ ବାବୁ ଆଉ ଚୁପ୍ ରହିବେ କ'ଣ ? ସେ କହିଲେ ଆପଣ ଯେଉଁ ସବୁ ପଦକ୍ଷେପ କଥା କହିଲେ ସେକଥା ମଧ୍ୟ ୨୦୧୫ ମସିହାରୁ ଚାଲୁଛି ଆଉ ଖବରକାଗଜରେ ମଧ୍ୟ ସମାନ ଧରଣର ସମ୍ବାଦ ମୁଁ ପଢିଆସୁଛି ।

ଏକଥା ଶୁଣି ମୁଁ ତାଙ୍କୁ ପଚାରିଲି, ଆପଣ ତ ଜଣେ ବିଶିଷ୍ଟ ସ୍ଥପତି, ସହରୀ ସଭ୍ୟତାକୁ ଏବଂ ସହରୀ ଜୀବନକୁ ତ ଭଲଭାବରେ ଜାଣନ୍ତି ତେବେ କ'ଣ କଲେ ଆମେ ଏସବୁ ସମସ୍ୟାରୁ ମୁକ୍ତି ପାଇପାରିବା, ସେ ସମ୍ବନ୍ଧରେ କହୁନାହାନ୍ତି ?, ମୋର ପ୍ରଶ୍ନ ଶୁଣି ପାଣିଗ୍ରାହୀ ବାବୁ କହିଲେ, ଖାଲି କ୍ଷେତ୍ର ପରିଦର୍ଶନ କଲେ ବା ନିର୍ଦ୍ଦେଶ ଦେଲେ ସମସ୍ୟାର ସମାଧାନ ହେବନି, ଆମକୁ ପ୍ରଥମେ ଭୁବନେଶ୍ୱର ସହର ନିମନ୍ତେ ଏକ ମାଷ୍ଟର ପ୍ଲାନ ତିଆରି କରି ଦୀର୍ଘ ମିଆଦୀ ବ୍ୟବସ୍ଥା ଗ୍ରହଣ କରିବାକୁ ପଡିବ, ଆଉ ତାକୁ ଠିକ ଭାବରେ କାର୍ଯ୍ୟକାରୀ କରିବା ପାଇଁ କଠୋର ପଦକ୍ଷପ ନେବାକୁ ପଡିବ । ଖାଲି ଅର୍ଥ ବରାଦ କଲେ ହେବନି, ଅର୍ଥର ସଠିକ ବ୍ୟୟ ହେଉଛି କି ନାହିଁ ତାର ତୃତୀୟ ପକ୍ଷଦ୍ୱାରା ପରୀକ୍ଷା ହେବା ଉଚିତ, ଆଉ ଗୋଟିଏ ଜାଗାରେ ଦୀର୍ଘ ଦିନ ଧରି ରହିଥିବା କର୍ମଚାରୀ/ ଅଧିକାରୀମାନଙ୍କୁ ଏ ଜାଗାରୁ ହଟାଇବାକୁ ପଡିବ । ନଚେତ୍ ପୁଣି ସେମାନେ ଅପେକ୍ଷା କରିବେ ପର ବର୍ଷ କେଉଁ ନୂଆ ଅଧିକାରୀ ଆସିବେ, ସେମାନଙ୍କୁ ସେହି ପୁରୁଣା ଜଳବନ୍ଦୀ ସମସ୍ୟା ଥିବା ସ୍ଥାନ ଦେଖାଇବେ, ଆଉ ଖବରକାଗଜରେ ଆମେ ଖବର ପଢ଼ିବା ଯେଉଁ ଜଳବନ୍ଦୀ ସମସ୍ୟାକୁ ସେହି ସମସ୍ୟା ରହିଥିବ, ସମସ୍ୟାରେ ପରିବର୍ତ୍ତନ ଆସିବନି ।

*(ଲେଖକ ଜଣେ ସୁଲେଖକ ଓ ସରକାରୀ ପଦାଧିକାରୀ ଭାବେ ପରିଚିତ)*

ଗ୍ରାମ -ବାଲିଆ ,
ଜିଲ୍ଲା- ଜଗତସିଂପୁର,
ପିନ- ୭୫୪୧୦୨
ମୋ- ୯୪୩୭୩୩୭୦୦୦

# ସରିଆ ଧାନ୍‌ରେ ଆମର୍ ନୂଆଁଖାଇ



**ସତ୍ୟ ସୁନ୍ଦର ଭଞ୍ଜ**

ନୂଆଁଖାଇ ହେଉଛି ପଶ୍ଚିମ ଓଡ଼ିଶାର ଏକ ପ୍ରାଚୀନ, ସାମାଜିକ-ସାଂସ୍କୃତିକ ମହାନ କୃଷିଭିତ୍ତିକ ପର୍ବ । ଏହି ପର୍ବ କୃଷକଙ୍କ ପରିଶ୍ରମକୁ ସମ୍ମାନ ଦେଇଥାଏ । ବର୍ଷା, ମାଟି ଓ ଝାଳରେ ଭିଜିଥିବା ଧାନ, ନୂଆଖାଇରେ ପବିତ୍ରତାର ପ୍ରତୀକ ହୋଇଥାଏ, ଯାହାକି ପଶ୍ଚିମ ଓଡ଼ିଶା ଅଞ୍ଚଳର ଲୋକେ ନୂଆ ଅର୍ଥାତ୍ ନୂତନ 'ସରିଆ' (ସରିଆ ଅର୍ଥ ବହୁ କମ୍ ଦିନରେ ଅମଳ ହେଉଥିବା ଧାନ )କୁ ନିଜ ନିଜର ଇଷ୍ଟଦେବୀଙ୍କୁ ପ୍ରଥମେ ଅର୍ପଣ କରିଥାନ୍ତି । ପରେ ପରିବାରର ସଦସ୍ୟମାନେ ଏକାଠି ବସି ନୂଆଁ ଖାଇଥାନ୍ତି । ନୂଆଁଖାଇର ସ୍ୱତନ୍ତ୍ର ଗୁରୁତ୍ୱ ସହ ଧର୍ମୀୟ ଭାବନା ରହିଛି । ନୂଆଁଖାଇରେ ପ୍ରଥମେ ନୂତନ ଧାନକୁ ଦେବୀ-ଦେବତାଙ୍କୁ ଅର୍ପଣ ତଥା ନିବେଦନ କରାଯାଏ, ଯାହାର ଅର୍ଥ ପ୍ରଥମେ ଦେବତା, ପରେ ଲୋକ । ଏହା ଭକ୍ତି ଓ ଆସ୍ଥାର ପ୍ରକାଶ । ଏହି ମହାନ କୃଷିଭିତ୍ତିକ ପର୍ବ ପାଳନର ପ୍ରକ୍ରିୟା ପଶ୍ଚିମାଞ୍ଚଳରେ କିଛି କିଛି ଭିନ୍ନ ରହିଥାଏ । କିନ୍ତୁ ଏହା ହେଉଛି ଭାଇଚାରାର ପର୍ବ । ନୂଆଖାଇ ପାଇଁ ପ୍ରଥମେ ପୂର୍ବରୁ ଏକ ଶୁଭ ମୁହୂର୍ତ୍ତ ନିର୍ଦ୍ଧାରଣ ହୋଇଥାଏ । ଯାହାକୁ 'ଲଗ୍ନ' କୁହାଯାଏ ।

ପ୍ରତିବର୍ଷ ଭାଦ୍ରବ ମାସର ଶୁକ୍ଳ ପଞ୍ଚମୀ ତିଥିରେ ପାଳିତ ହେଉଥିବା ଏହି ପର୍ବଟି କୃଷକ ସମାଜର ପରିଶ୍ରମ, ପ୍ରକୃତିର କୃପା ଓ ସାମାଜିକ ଏକତାର ଏକ ବଡ଼ ବନ୍ଧନ ଓ ପ୍ରତୀକ। ଜନଶୃତି,ଇତିହାସ ଓ ପରମ୍ପରା ନୂଆଖାଇର ମୂଳ ଶୃତିକଥା ପ୍ରାୟ ଶତାବ୍ଦୀ ଆଗରୁ ପାଳନ ହୋଇ ଆସୁଛି । କୃଷିକୁ ପ୍ରଧାନ ଜୀବିକା ଭାବରେ ଗ୍ରହଣ କରୁଥିବା ଓଡ଼ିଆ ଲୋକେ ପ୍ରଥମେ ନୂତନ ଧାନର ସ୍ୱାଦ ଅନୁଭବ କରିବାରୁ ପୂର୍ବରୁ, ତାହାକୁ ଦେବତାଙ୍କୁ ନିବେଦନ କରିବାକୁ ଏହି ପର୍ବ ପ୍ରଚଳିତ କରିଥିଲେ । ଏହା କେବଳ ଧାନର ସ୍ୱାଦ ନୁହେଁ, ଏହାରେ ରହିଛି ପ୍ରକୃତି, ପିତୃପୁରୁଷ ଓ ଦେବଦେବୀଙ୍କ ପ୍ରତି ସମର୍ପଣ ଓ କୃତଜ୍ଞତା । ନୂଆଁଖାଇ ପୂର୍ବରୁ ପ୍ରତ୍ୟେକ ପରିବାରରେ ଗୃହଣୀମାନେ ନୂଆ ଧାନରୁ ପିଠା, ଚୁଡ଼ା, ଖିରି,ଚକୁଳି, ମଣ୍ଡା ଓ ବିଭିନ୍ନ ପ୍ରକାର ସାମଗ୍ରୀ ପ୍ରସ୍ତୁତ କରନ୍ତି । ପରେ ସେହି ସାମଗ୍ରୀଗୁଡ଼ିକୁ ଦେବୀ-ଦେବତାଙ୍କୁ ଅର୍ପଣ କରି, ପରିବାର ସଭ୍ୟମାନେ ଏକାଠି ଆସି ନୂଆ ଧାନର ନୂଆଁ ଖାଇଥାନ୍ତି । ନୂଆଁଖାଇର ସାରା ଦିନଟି ଖୁସି, ଆନନ୍ଦ ଓ ମିଳନରେ ବିତିଥାଏ । ପରିବାରର ଜ୍ୟେଷ୍ଠମାନଙ୍କୁ ପ୍ରଥମେ ମୁଣ୍ଡିଆ ମାରି ବୟସରେ ଯେଉଁମାନେ ସାନ ପରିବାରର ବଡ଼ମାନଙ୍କଠାରୁ ଆଶୀର୍ବାଦ ନେଇଥାନ୍ତି । ଏହି ପର୍ବ ଦ୍ୱାରା ପରିବାର, ଆତ୍ମୀୟ, ପଡ଼ୋଶୀ ସହିତ ସମ୍ପର୍କ ଗଭୀର ଓ ନିବିଡ଼ ହୋଇଥାଏ । ଏହି ମହାନ ପର୍ବର ସାମାଜିକ ଓ ସାଂସ୍କୃତିକ ଗୁରୁତ୍ୱ ରହିଛି । ପରିବାରରେ ଏକତା ଆଣିଥାଏ ନୂଆଁଖାଇ । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏକସାଥିରେ ଖାଇବା ଓ ଏକସାଥିରେ ରହିବା । ବଡ଼-ଛୋଟ ସବୁଠି ଏକ ଅଦୃଶ୍ୟ ସୂତ୍ରରେ ବାନ୍ଧି ରଖିଥାଏ । ନୂଆଁଖାଇ ପରେ ସାମାଜିକ ମିଳନ, ଗାଁ-ଗାଁରେ ମେଳା, ନୃତ୍ୟ-ଗୀତ, ସାମୂହିକ ଆନନ୍ଦ, ଲୋକସଂସ୍କୃତିର ମିଳନ ହୋଇଥାଏ । ଏହି ପର୍ବ ପାଳନ ପରେ ମନୋରଞ୍ଜନ ପାଇଁ ସମ୍ବଲପୁରୀ ନୃତ୍ୟ, କୋଶଳୀ ଗୀତ ଓ ଲୋକକଳାର ନୂତନ ରୂପ ଏଥିରେ ଦେଖାଯାଏ ।



ନୂଆଁଖାଇ କେବଳ ଏକ ପର୍ବ ନୁହେଁ, ଏଥିରେ ଗ୍ରାମୀଣ ଅର୍ଥନୀତିର ପ୍ରଭାବ ରହିଛି । ଏହି ସମୟରେ ବ୍ୟାପାର-ବାଣିଜ୍ୟ, ବିଭିନ୍ନ ପଦାର୍ଥର ବିକ୍ରୟ, ନୂତନ ବସ୍ତ୍ର-ଆଭୂଷଣ କ୍ରୟ-ବିକ୍ରୟ ବଢ଼ିଥାଏ । ଗ୍ରାମୀଣ ମେଳା/ହାଟଗୁଡ଼ିକ ଏକ ସ୍ଥାନୀୟ ବଜାରର ରୂପ ନେଇଥାଏ। ବର୍ତ୍ତମାନ ସହରୀୟ ପରିବେଶରେ ମଧ୍ୟ ନୂଆଖାଇ ପାଳନ ହେଉଛି। ବିଦେଶରେ ଥିବା ଓଡ଼ିଆମାନେ ବି ସମାଜିକ ସଂସ୍ଥାମାନଙ୍କ ମାଧ୍ୟମରେ ଏହି ପର୍ବକୁ ପାଳନ କରୁଛନ୍ତି । ଏହା ତାଙ୍କୁ ମାଟି, ମାଟିର ବାସ୍ନା ଓ ଭଲପାଇବା ଓ ସଂସ୍କୃତି ସହିତ ଯୋଡ଼ି ରଖୁଛି । ଅନ୍ୟ ପକ୍ଷରେ ପଶ୍ଚିମ ଓଡ଼ିଶାର ଯେଉଁ ଗ୍ରାମାଞ୍ଚଳରୁ ନୂଆଁଖାଇ ପୂର୍ବରୁ ପେଟ ପାଇଁ ଦାଦନ ଯାଇଥାନ୍ତି, ସେମାନେ ମଧ୍ୟ ନୂଆଁଖାଇ ଅବ୍ୟବହିତ ପୂର୍ବରୁ ଭିଟାମାଟିକୁ ଫେରିଆସିଥାନ୍ତି । ସେମାନେ ପରିବାର ସହ ନୂଆଁଖାଇବା ପରେ ପୁଣି ଦାଦନ ଖଟିବାକୁ ଯାଇଥାନ୍ତି । ଏଠାରେ କୁହାଯାଇପାରେ ଯେ ଗରିବ ଲୋକ ପାଖରେ ମଧ୍ୟ ନୂଆଁଖାଇ ପର୍ବ ସ୍ୱତନ୍ତ୍ରତା ରଖେ । ପଶ୍ଚିମ ଓଡ଼ିଶାର ଲୋକ ଯେଉଁ ମାନେ ଚାକିରୀ କି ବ୍ୟବସାୟ ପାଇଁ ରାଜ୍ୟ ଓ ଦେଶ ବାହାରେ ରହୁଥିବାରୁ ସେମାନେ ନୂଆଁଖାଇ ସମୟରେ ସମସ୍ତେ ଆସିପାରନ୍ତି ନାହିଁ । ଫଳରେ ନୂଆଁଖାଇର କିଛି ଦିନ ପରେ 'ନୂଆଁଖାଇ ଭେଟ୍‌ଘାଟ୍' ନାମରେ ସେଠାରେ ଏକତ୍ର ହୋଇ ନୂଆଁ ଖାଇବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରି ଉତ୍ସବ ମନାଇଥାନ୍ତି । ଏହି ନୂଆଁଖାଇ ଏବେ ଦରିଆପାରିରେ ମଧ୍ୟ ବେଶ ଧୂମ୍‌ଧାମ୍‌ରେ ପାଳନ ହେଉଛି ।

ନୂଆଁଖାଇ ହେଉଛି କେବଳ ଏକ ପର୍ବ ନୁହେଁ, ଏହା ଏକ ସାମାଜିକ ନବଜୀବନର ପ୍ରତୀକ । ପ୍ରକୃତି ପ୍ରତି ସମର୍ପଣଭାବ ଓ କୃତଜ୍ଞତା । କୃଷକଙ୍କ ପରିଶ୍ରମ ପ୍ରତି ସମ୍ମାନ, ପରିବାରିକ ଏକତା ଓ ସାମାଜିକ ମିଳନ । ଏହି ସବୁର ସଂଘଟିତ ଓ ସାମଗ୍ରିତ ରୂପ ହେଉଛି ନୂଆଁଖାଇ । ସେଥିପାଇଁ ଏହି ପର୍ବଟିକୁ ପଶ୍ଚିମ ଓଡ଼ିଶାର ସବୁଠାରୁ 'ମହାନ ଗଣପର୍ବ' ବୋଲି ଆଖ୍ୟା ଦିଆଯାଇଛି ।

**ସମୟ ସହ-ସମ୍ପାଦକ**
**ମୋ-୯୪୩୭୧-୫୦୬୩୨**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପାଣିଘେରରେ...

ତଳମୁଣ୍ଡ ଗାଈଘାଟ ଠାରେ ବନ୍ୟାଜଳ ବିପଦ ସଙ୍କେତର ଉର୍ଦ୍ଧ୍ୱରେ ପ୍ରବାହିତ ହେଉଥିବାବେଳେ ତାହା କ୍ରମଶଃ ବଢିବାରେ ଲାଗିଛି । ଅନନ୍ତହି ଗ୍ରାମ ସମ୍ପୂର୍ଣ୍ଣ ଜଳବନ୍ଦୀ ଥିବାବେଳେ ପାଖର ବୋଟ ଯୋଗେ ଭଦ୍ରକ ଏଡିଏମ ସରୋଜ କୁମାର ଦଣ୍ଡ ଓ ଧାମନଗର ବିଡିଓ ବନବିହାରୀ ବିଷୋୟୀଠାରେ ପହଂଚି ପାଣିଘେରରେ ଥିବା ଲୋକଙ୍କୁ ଶୁଖିଲା ଖାଦ୍ୟ ଓ ପାଣିବୋତଲ ଯୋଗାଇ ଦେଇଛନ୍ତି । ବନ୍ୟାଘେରରେ ଥିବା ଲୋକଙ୍କୁ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଥିବାବେଳେ କେତେକ ସ୍ଥାନରେ ରନ୍ଧା ଖାଦ୍ୟ ଦିଆଯାଉଥିବା ଜଣାଯାଇଛି । ଅଧିକ କ୍ଷତିଗ୍ରସ୍ତ ୪ଟି ପଞ୍ଚାୟତରେ ଡାକ୍ତରୀ ଦଳ ପହଂଚି କାର୍ଯ୍ୟ କରୁଛନ୍ତି । ଉକ୍ତ ୪ଟି ପଞ୍ଚାୟତର ୨୫ରୁ ଊର୍ଦ୍ଧ୍ୱ ସ୍କୁଲ ପାଣିଘେରରେ ଥିବାବେଳେ ଦୁଇ ଦିନ ପାଇଁ ସମସ୍ତ ସ୍କୁଲ ଛୁଟି ଘୋଷଣା କରାଯାଇଛି । ଆସନ୍ତା ଦୁଇ ତିନିଦିନ ବର୍ଷା ହେବାର ସମ୍ଭାବନା ଥିବାରୁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ୨୭ତାରିଖ ପର୍ଯ୍ୟନ୍ତ ସଜାଗ ରହିବାକୁ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାୟ ନିର୍ଦ୍ଦେଶ ଦେଇଛନ୍ତି । ଦୋବଲ ପ୍ରତିନିଧିଙ୍କ ସୂଚନା ଅନୁଯାଇ ବୈତରଣୀ ବନ୍ୟାରେ ଖଡିପଦା-ଆନନ୍ଦପୁର ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । କାଞ୍ଚିଆପାଳ ଓ କାମଳପୁର ଜଗତରୁ ବିଚ୍ଛିନ୍ନ ହୋଇଛି । ବିଭିନ୍ନ ପଞ୍ଚାୟତର ଅର୍ଦ୍ଧାଧିକ ଗାଁରେ ଘର ଭିତରେ ପାଣି ପଶିଯାଇଛି । ଅନନ୍ତହି ବାଟେ ବୈତରଣୀ ଓ କୋଚିଳାର ବନ୍ୟାଜଳ ଆସିବା ଯୋଗୁଁ ହରମାନବାଦ, ଗୋପଦରଥନଗର, ଅସ୍ତକ, ପଙ୍ଗଣା, ବୃନ୍ଦାରୀ ପାଟଣା, ଅର୍ଜୁନପୁର, ଦାସପାରି, ଶଙ୍ଖଳ ଆଦି ଗାଁରେ ଘର ଭିତରେ ପାଣି ପଶିଛି । ଗରିବ ଲୋକମାନେ ନଦୀବନ୍ଧ, ପଡ଼ୋଶୀଙ୍କ ଛାତ ଉପରେ, ସ୍କୁଲ ଘରେ ଓ ବାତ୍ୟା ଆଶ୍ରୟସ୍ଥଳୀରେ ଯାଇ ରହିଛନ୍ତି । । ସୋମବାର ଅପରାହ୍ନ ୫ଟାରେ ଆଖୁଆପଦା ଠାରେ ନଦୀର ଜଳସ୍ତର ବିପଦସଙ୍କେତ ସ୍ତର ୧୮.୩୩ମିଟରରେ ନିମ୍ନକୁ ଆସି ୧୮.୨୮ ମିଟରରେ ପ୍ରବାହିତ ହେଉଛି । ଜଳସ୍ତର ଘଣ୍ଟାପ୍ରତି ୬ମିମି ବେଗରେ ହ୍ରାସ ପାଉଛି । ସୋମବାର ପ୍ରତ୍ୟୁଷ ୫ଟା ସମୟରେ ନଦୀର ଜଳସ୍ତର ସର୍ବାଧିକ ୧୮.୭ମିଟରରେ ପହଞ୍ଚି ସ୍ଥିର ହୋଇଥିଲା । ସକାଳ ୮ଟାରେ ଜଳସ୍ତର ହ୍ରାସ ପାଇବା ଆରମ୍ଭ କରିଥିଲା । ଗତ ୨୪ ଘଣ୍ଟା ମଧ୍ୟରେ ନଦୀର ଉପର ମୁଣ୍ଡରେ ବଡଧରଣର ବର୍ଷା ହୋଇନଥିବାରୁ ଜଳସ୍ତର ସ୍ୱାଭାବିକ ସ୍ତରକୁ ଆସିବ ବୋଲି ଜଳସମ୍ପଦ ବିଭାଗ ବନ୍ୟା ନିୟନ୍ତ୍ରଣ କକ୍ଷ ପକ୍ଷରୁ ସୂଚନା ଦିଆଯାଇଛି । ନଦୀରେ ଜଳସ୍ତର ହ୍ରାସ ପାଉଥିଲେ ହେଁ କଣ୍ଡିଆଗୋଳରେ ୬ ଫୁଟ ଉଚ୍ଚତାର ବନ୍ୟାଜଳ ଦୁଇବେରାରେ ପ୍ରବେଶ କରି ଖୋଳମପୁର, ମାଳଦା, ରହଣିଆ, ନପଙ୍ଗ, କୁରିଗାଁ ଆଦି ପଞ୍ଚାୟତକୁ ଜଳମଗ୍ନ କରିପକାଇଛି । ଏହି ସବୁ ପଞ୍ଚାୟତର ହଜାର ହଜାର ଚାଷଜମି ବନ୍ୟାଜଳରେ ବୁଡି ରହିଥିବାରୁ ଚାଷ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି । ବିଶେଷ କରି ନଦୀର ଉପକୂଳବର୍ତ୍ତୀ ଅଞ୍ଚଳର ପନପରିବା ଚାଷ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି । ଭଣ୍ଡାରିପୋଖରୀ-ମଣିନାଥପୁର ପୂର୍ତ୍ତ ରାସ୍ତାର ଏକାଧିକ ସ୍ଥାନରେ ବନ୍ୟାଜଳ ପ୍ରବାହିତ ହୋଇ ଯୋଗାଯୋଗରେ ବାଧା ସୃଷ୍ଟି କରିଛି । ସେହିପରି ମାଳଦା-ଚନ୍ଦୁଳିଆପୁର ରାସ୍ତା,ମାଳଦା-ସାରଣା ରାସ୍ତା,ମାଳଦା-ଜଳବନ୍ଦୀ ରାସ୍ତା,ବାହାଣିଆ ଗ୍ରାମ୍ୟ ରାସ୍ତା,ରହଣିଆ କଟେରା ସାହି ରାସ୍ତା,ମୁଣ୍ଡପଦା-ଦାଣ୍ଡକୂଳ ରାସ୍ତା ଉପରେ ବନ୍ୟାଜଳ ସ୍ରୋତ ପ୍ରବାହିତ ହେବା ଯୋଗୁଁ ଗ୍ରାମଗୁଡିକ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି । ବନ୍ୟାଜଳ ନିଷ୍କାସିତ ହେବା ପରେ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଅନୁଧ୍ୟାନ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଅପରପକ୍ଷେ ବୈତରଣୀ ନଦୀରେ ବନ୍ୟାଜଳ ବୃଦ୍ଧି ପାଇ ଏହାର ଶାଖା ନଦୀ କାଣୀ ନଦୀରେ ଦଶରଥପୁର ବ୍ଲକ ଅନ୍ତର୍ଗତ ଅଧିକାଂଶ ପଞ୍ଚାୟତ ବନ୍ୟାକବଳିତ ହୋଇ ଏକ ଘାଇ ସୃଷ୍ଟି ହେଇ ୨୦ଟି ପଞ୍ଚାୟତ ଏବଂ ଯାଜପୁର ବ୍ଲକର ୧ଟି ଫଂଚାୟତ ଜଳବନ୍ଦୀ ହୋଇଛି । ଦଶରଥପୁର ବ୍ଲକର କଷପା, ମଲିକପୁର, ତରପଦା, ସୁଖୁଆ, ଦୁଦୁରାଙ୍ଗଟା, ନିଜାମପୁର, ଦଡପୁର, କର୍ୟା, କମରହିହ, ଖାନନଗର, ଛତିଶା, ମଙ୍ଗଳପୁର, ଯୟରତା, କଟିକଟା ଫଂଚାୟତ ବନ୍ୟାଜଳରେ ପ୍ରଭାବିତ ହୋଇଛନ୍ତି । ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ରିଲିଫ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ବନ୍ୟା ପ୍ରଭାବିତ ଅଂଚଳ ପରିଦର୍ଶନ କରି ରିଲିଫ ଓ ଉଦ୍ଧାର କାର୍ଯ୍ୟ ତଦାରଖ କରୁଛନ୍ତି । ଉକ୍ତ ୨୧ ଟି ପଞ୍ଚାୟତର ୧୮ ୪୩୩ ଜଣ ଲୋକ ପ୍ରଭାବିତ ହୋଇଛନ୍ତି । ୬୧୯୧ଜଣ ଲୋକଙ୍କୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛି । ୧୪ ଟି ରିଲିଫ କେନ୍ଦ୍ର ଖୋଲାଯାଇ ପ୍ରଭାବିତ ଲୋକଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି । ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ୨ଟି ଓଡରାଫ ଓ ୧ଟି ଅଗ୍ନିଶମ ଦଳ ନିୟୋଜିତ ହୋଇଛନ୍ତି । ଦଶରଥପୁର ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆକାଶ ପଟ୍ଟନାୟକ, ତହସିଲଦାର ରଶ୍ମିରଞ୍ଜନ ମଲ୍ଲିକ ପ୍ରଭାବିତ ଅଂଚଳରେ ଉପସ୍ଥିତ ରହି ରିଲିଫ ଓ ଉଦ୍ଧାର କାର୍ଯ୍ୟ ପରିଚାଳନା କରୁଛନ୍ତି । ଜିଲ୍ଲାର ବରିଷ୍ଠ ଅଧିକାରୀ ମାନଙ୍କୁ ବିଭିନ୍ନ ବ୍ଲକରେ ଉପସ୍ଥିତ ରହି ରିଲିଫ ଓ ଉଦ୍ଧାର କାର୍ଯ୍ୟ ତଦାରଖ କରିବାକୁ ଦାୟିତ୍ୱ ପ୍ରଦାନ କରାଯାଇଛି ।

## ସୁବର୍ଣ୍ଣରେଖା...

ଟାଣୁ ଥିବାବେଳେ ଜୁଆରିଆରେ ନଦୀକୁ ଲୁଣିପାଣି ଠେଲୁ ଥିବାରୁ ଚାଷୀଙ୍କ ଧାନ, ପନିପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହେବାର ଆଶଙ୍କା ଦେଖାଦେବାରୁ ଚାଷୀଙ୍କ ମୁଣ୍ଡରେ ଚଡକ ପଡିଛି । ବାଲିଆପାଳ ୬, ବସ୍ତା ବ୍ଲକର ୪ ଓ ଜଳେଶ୍ୱର ବ୍ଲକ ର ୭ ପଞ୍ଚାୟତ ସହ ଭୋଗରାଇବ୍ଲକର ମନୁନଗର, କୁହ୍ଲା, କୁମ୍ଭୀରଗ ମାଟିଖଣା, ନାନକାର, ଖଳାବାଡିଆ, ରସଲପୁର, ସନ୍ତୋଷପୁର, ଗବଗାଁ,ଚିରକୁଲା, ନୀଳପୁରା, ବାରବାଟିଆ, ନାଛିନ୍ଦା, ବଧିଆ, କୃଷ୍ଣପୁର, ପୁରୁଷୋତ୍ତମପୁର, ପୁଟିଣା, କଟିସାହି ଦକ୍ଷିଣ ନାଡବନଣୀ, ଦାରୁହା କୁସୁଟି, ରାମଦେଇଚକ, କୁଳିଦା, ମଧୁପୁର, ମାହାଦିଆ, ପୂର୍ବ ଅନଳିଆ, ବାସୁଳିପାଟ, ଚାନ୍ଦକୁସୁମୀ, ଉପୁଳା ପ୍ରିୟବାଗ ପ୍ରଭୃତି ଗାଁ ଗୁଡିକ ଜଳବନ୍ଦୀ ହୋଇଛନ୍ତି ।ବନ୍ୟାଞ୍ଚଳର ମୁଖ୍ୟ ରାସ୍ତା ଗୁଡିକ ବୁଡ଼ିଯାଇ କେଉଁଠି ଅକାତକାତ ପାଣିର ସ୍ରୋତ ଛୁଟୁଛି ନଦୀକୂଳିଆ ଶତାଧିକ ଗାଁ ଗୁଡିକ ଅବସ୍ଥା ସଙ୍ଗୀନ ହୋଇଥିବାବେଳେ ଭୋଗରାଇ ବ୍ଲକରେ ତଳିଆ ଅଞ୍ଚଳରେ ବନ୍ୟାପାଣି ଲହଡି ଭାଙ୍ଗୁଥିବାରୁ ଲୋକେ ଭୟଭୀତ ହୋଇଛନ୍ତି । ଜିଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଏ ଡ଼ି ଏମ (ସାଧାରଣ) ସୁଧାକର ନାୟକ, ଏ ଡ଼ି ଏମ (ରାଜସ୍ୱ) ହେମନ୍ତ ସିଂ, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ବସ୍ତା ବିଧାୟକ ସୁବାସିନୀ ଜେନା ଓ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ସହ ବାଲିଆପାଳ, ଜଳେଶ୍ୱର, ବସ୍ତା ବିଡ଼ିଓ ଓ ତହସିଲଦାର,ଭୋଗରାଇ ବିଡ଼ିଓ ପ୍ରଶାନ୍ତ କୁମାର ମହାରଣା, ତହସିଲଦାର ସୂର୍ଯ୍ୟ କୁମାର ନାୟକ,ପଞ୍ଚାୟତ ସମିତି ଅଧକ୍ଷ ପ୍ରବୀର କୁମାର ଗିରି ସହ ବହୁ ବରିଷ୍ଠ ଅଧିକାରୀମାନେ ସୋମବାର ପୂର୍ବାହ୍ନରେ ବନ୍ୟାଞ୍ଚଳ ଅନୁଧ୍ୟାନକରି ବନଭାସି ଲୋକଙ୍କ ସହିତ ସମସ୍ୟା ପଚାରି ବୁଝିଛନ୍ତି । ୪ ବ୍ଲକରେ ସହସ୍ରାଧିକ ବିପନ୍ନ ବିଭିନ୍ନ ସ୍ଥାନରେ ରନ୍ଧା ଖାଦ୍ୟ ଦିଆଯାଉଛି ।ଯୁଦ୍ଧ କାଳୀନ ଭିତ୍ତିରେ ଶୁଖିଲାଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ବିଦ୍ୟୁତ ସେବା ଓ ଗୋଖାଦ୍ୟର ବ୍ୟବସ୍ଥା କରାଯାଇଛି ବୋଲି ଜିଲାପାଳ ପ୍ରକାଶ କରିଛନ୍ତି ।

## ବନ୍ୟା ପାଣି...

ଫେରିବା ଯାଏଁ ପ୍ରଶାସନ ପକ୍ଷରୁ ଆଶ୍ରୟସ୍ଥଳୀରେ ବିପନ୍ନଙ୍କୁ ମାଗଣା ରନ୍ଧା ଓ ଶୁଖିଲା ଖାଦ୍ୟ ଦିଆଯିବ ବୋଲି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

ଜଳ ସଂପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି, ସୁବର୍ଣ୍ଣରେଖା ଓ ବୈତରଣୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି । ଭଦ୍ରକ ଆଖୁଆପଦା ଠାରେ ବୈତରଣୀ ଏବଂ ରାଜଘାଟରେ ସୁବର୍ଣ୍ଣରେଖା ବିପଦ ସଙ୍କେତ ଉପରେ ରହିଛି । ଆସନ୍ତାକାଲି (ମଙ୍ଗଳବାର) ବିପଦ ସଙ୍କେତ ତଳକୁ ଖସିବ ବନ୍ୟାଜଳ । ମାତ୍ର ଯାମସୋଲାଘାଟରେ ଲଗାଣ ବର୍ଷା ଯୋଗୁଁ ରାଜଘାଟଠାରେ ସୁବର୍ଣ୍ଣରେଖା ବଢିବ । କାଣୀ ନଦୀରେ ୩୦ ମିଟରର ଘାଇ ହୋଇଛି । ପାଣି କମିଲେ ନଦୀବନ୍ଧ ମରାମତି କାମ ଆରମ୍ଭ ହେବ ।

ସେପଟେ ବର୍ତ୍ତମାନ ହୀରାକୁଦରେ ୧୨ଟି ଗେଟ ଦେଇ ଜଳ ନିଷ୍କାସନ ହେଉଛି । ହୀରାକୁଦକୁ ୨.୧୧ ଲକ୍ଷ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ୨.୨୨ ଲକ୍ଷ କ୍ୟୁସେକ ଜଳ ନିଷ୍କାସିତ ହେଉଛି । ରେଙ୍ଗାଳିର ଦୁଇଟି ଗେଟ୍ ଖୋଲା ଅଛି । ଆବଶ୍ୟକ ପଡିଲେ ରେଙ୍ଗାଳିର ଆଉ ଗୋଟିଏ ଗେଟ୍ ଖୋଲା ହେବ । ଗତକାଲି ସୁବର୍ଣ୍ଣରେଖା ବେସିନରେ ୧୭.୬୩ ମିମି ବର୍ଷା ହୋଇଛି । ଅନ୍ୟ କେଉଁଠି ୧୦ ମିମିରୁ ଅଧିକ ବର୍ଷା ହୋଇନଥିବାରୁ ଆଉ କେଉଁ ନଦୀରେ ବନ୍ୟା ସ୍ଥିତି ନାହିଁ । ସୁବର୍ଣ୍ଣରେଖା ଯୋଗୁଁ ବାଲେଶ୍ୱର ଜିଲ୍ଲାର ଭୋଗରାଇ, ବସ୍ତା, ବାଲିଆପାଳ ପ୍ରଭାବିତ ହୋଇଛି । ବୈତରଣୀ ଯୋଗୁ ଯାଜପୁର ବ୍ଲକ, ଦଶରଥପୁର ଓ ଭଦ୍ରକ ଜିଲ୍ଲାର ଧାମନଗର ପ୍ରଭାବିତ ହୋଇଛି ।

## ୨୬ ନିଖୋଜ...

ଜଣାପଡିଛି। ସୂଚନାଯୋଗ୍ୟ, ଏହି ଅଭିଯାନ ଗତ ୧୮ ରୁ ୨୨ଅଗଷ୍ଟ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇଥିଲା। ତେବେ ସମ୍ବଲପୁର ଜିଲ୍ଲା ପୋଲିସ ଗତ ୨ମାସ ହେବ ଅଭିନବ ପ୍ରବର୍ତ୍ତନ ଅଭିଯାନ ମିଶନ କାର୍ଯ୍ୟକାରୀ କରି ୨୫୨ରୁ ଅଧିକ ମହିଳା, ଯୁବତୀ ଓ ଶିଶୁ ମାନଙ୍କୁ ଉଦ୍ଧାର କରିଛି। ଏହି ସମୟରେ ୫୦୦ରୁ ଉର୍ଦ୍ଧ୍ୱର୍ ଜାମିନ ବିହୀନ ପରୱାନାକୁ କାର୍ଯ୍ୟକାରୀ କରିବା ସହ ୧୮୦ଟି ଅବକାରୀ ମାମଲାରେ ବେଆଇନ ନିଶାଦ୍ରବ୍ୟ ସହ ସଂପୃକ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରିବାରେ ଜିଲ୍ଲା ପୋଲିସ ସକ୍ଷମ ହୋଇଛି ।

## ହାସ୍ୟ...

ହୋଇଥିବା ଯାଚିକାର ଶୁଣାଣି କରିଥିଲେ। ଏଥିରେ ଅଭିଯୋଗ କରାଯାଇଥିଲା ଯେ ହାସ୍ୟ କଳାକାରମାନେ ଦିବ୍ୟାଙ୍ଗମାନଙ୍କୁ କଟାକ୍ଷ କରୁଛନ୍ତି। ଏହି ଯାଚିକାକୁ ଏକାଠି କରି କୋର୍ଟ ଶୁଣାଣି କରୁଥିଲେ। ଫାଉଣ୍ଡେସନ ପକ୍ଷରୁ ବରିଷ୍ଠ ଆଇନ୍‌ଜୀବୀ ଅପରାଜିତା ସିଂହ କହିଥିଲେ ଯେ ଭଲ ଚିନ୍ତାଧାରା ପ୍ରତିଫଳିତ ହେଉ। ମାତ୍ର ସବୁ କମେଡି ଲାଗି କ୍ଷମା ମଗାଯାଉ। ଆଟର୍ଣ୍ଣି ଜେନେରାଲ ଆର୍ ଭେଙ୍କଟରମଣୀ କେନ୍ଦ୍ର ସରକାରଙ୍କ ପକ୍ଷରୁ ପକ୍ଷ ରଖି କହିଥିଲେ ଯେ ହାସ୍ୟ କଳାକାର ଓ ସୋସିଆଲ ମିଡିଆ ବ୍ୟକ୍ତିଙ୍କ ପାଇଁ ଏକ ଗାଇଡ୍‌ଲାଇନ୍ ପ୍ରସ୍ତୁତ କରାଯିବ। ଏଥିପାଇଁ କେନ୍ଦ୍ରକୁ କିଛି ସମୟ ଦେବା ଦରକାର। ଗାଇଡ୍‌ଲାଇନ୍ ଗୋଟିଏ ଘଟଣା ଉପରେ ପର୍ଯ୍ୟବେଶିତ ନ ହେଉ। ଭବିଷ୍ୟତର ଆହ୍ୱାନକୁ ଆଖି ଆଗରେ ରଖି ଗାଇଡ୍‌ଲାଇନ୍ ପ୍ରସ୍ତୁତ ହେବା ଉଚିତ୍। ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଥିଲେ ଯେ କ୍ଷମା ମାଗିବା ଗୋଟିଏ କଥା। ପ୍ରତିଥର ଗୋଟିଏ ଅନୁଷ୍ଠାନ ଏଥିପାଇଁ କ'ଣ କୋର୍ଟକୁ ଆସିବାର ଆବଶ୍ୟକତା ରହିଛି କି? ଯଦି କିଛି ଲୋକ ଏହାର ଶିକାର ହେବେ ତେବେ କଣ କରାଯିବ। ଜଷ୍ଟିସ୍ ବାଗ୍‌ଚୀ କହିଥିଲେ ଯେ ଥଟାମଜା ଜୀବନର ଅଂଶ ବିଶେଷ। ଆମେ ଆମ ନିଜ ଉପରେ ଥଟାକୁ ଗ୍ରହଣ କରିପାରିବା। ଯେତେବେଳେ ଆପଣ ଅନ୍ୟକୁ ପରିହାସ କରିବେ ସେତେ ବେଳେ ସମ୍ବେଦନଶୀଳତା ଉଲ୍ଲଂଘନ କରିବ। ସମ୍ବେଦନଶୀଳତାକୁ ଭଙ୍ଗ କରନ୍ତୁ ନାହିଁ। ବିବିଧତାର ଦେଶ ହେଉଛି ଭାରତ। ଏଠାରେ ଅନେକ ସମ୍ପ୍ରଦାୟ ରହୁଛନ୍ତି। ଏବେ ଅନେକ ଆତ୍ମଘୋଷିତ ଇନ୍‌ଫ୍ଲୁଏନ୍‌ଓପରମାନେ ବୁଝିବା ଦରକାର ବ୍ୟବସାୟିକ ଭାଷଣଗୁଡ଼ିକ ଦାୟିତ୍ୱବାନ ଢ଼ଙ୍ଗରେ ଦିଆଯିବା ଆବଶ୍ୟକ। ଯେତେବେଳେ ବ୍ୟବସାୟିକ ଭାଷଣ ଦେଉଛ ସେତେବେଳେ ଗୋଟିଏ ସମ୍ପ୍ରଦାୟର ଭାବପ୍ରବଣତାକୁ ଆଘାତ କରିପାରିବ ନାହିଁ। ଅଧିକାର ଓ କର୍ତ୍ତବ୍ୟ ମଧ୍ୟରେ ସମତୁଳ ରହିବା ଦରକାର। ହାସ୍ୟ ଅଭିନେତା ସାମ୍ୟା ରଇନା ନିଜ କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗମାନଙ୍କୁ କଟାକ୍ଷ କରିଥିଲେ। ଏହା ବିରୋଧରେ ଯାଚିକା ଦାଏର ହୋଇଥିଲା।

## ଓଡ଼ିଶା...

ଡାଟା ଆନାଲିସିସି, ୫-ଜି ମୋବାଇଲ ଟେକ୍, ଆଇଓଟି, ଡିପ୍ ଲର୍ଣ୍ଣିଂ, ଏଆଇ ଏବଂ ଏମ୍‌ଏଲ୍ ପରି ଉଦୟମାନ ପ୍ରଯୁକ୍ତିକୁ ପ୍ରୋତ୍ସାହିତ କରିବ। ପଲିସି ଆଡଭାଇଜରୀ ଏବଂ ଭିଜନ ଗ୍ରୁପ୍ ଯେଉଁଥିରେ ଏକାଡେମିଆ, ଶିଳ୍ପ ଏବଂ ଗବେଷଣା ବିଶେଷଜ୍ଞମାନେ ଅନ୍ତର୍ଭୁକ୍ତ ନୀତି କାର୍ଯ୍ୟକାରିତାକୁ ମାର୍ଗଦର୍ଶନ କରିବେ। ଓକାକ୍ ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟ କରିବ। ୫୦୦ କୋଟିରୁ ଅଧିକ ନିବେଶ କିମ୍ବା ୧ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଥିବା ମୋଗ ପ୍ରକଳ୍ପ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ସେମାନଙ୍କୁ କଷ୍ଟମାଇଜ୍ ରିହାତି ପ୍ରଦାନ କରାଯିବ। ମେକ୍‌ଇନ୍ ଇଣ୍ଡିଆ ପଦକ୍ଷେପ ସହ ସମନ୍ୱିତ ଏହି ବିସ୍ତୃତ ନୀତି ଓଡ଼ିଶାକୁ ଏକ ଆତ୍ମନିର୍ଭରଶୀଳ ଇଲେକ୍ଟ୍ରୋନିକ୍ସ ଇକୋ ସିଷ୍ଟମ୍ ଗଠନ ଦିଗରେ ଏବଂ ଆର୍ଥିକ ପ୍ରଗତିକୁ ଆଗକୁ ନେବାକୁ ସହାୟକ ହେବ। ସେହିଭଳି କ୍ୟାବିନେଟ୍ ଲୋକସଭା ଆୟୋଗର ସଦସ୍ୟ ଭାବେ ଉଦୟନାରାୟଣ ଦାସ, ମିହିର ପ୍ରସାଦ ମିଶ୍ର, ମନୋଜ ମହାନ୍ତିଙ୍କ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି। ଏହାଛଡା ସେପ୍ଟେମ୍ବର ୧୮ ରୁ ଆରମ୍ଭ ହେବାକୁ ଥିବା ୧୭ତମ ବିଧାନସଭା ଅଧିବେଶନର ଚତୁର୍ଥ ଅଧିବେଶନକୁ ମଧ୍ୟ ଅନୁମୋଦନ କରିଛନ୍ତି ।

## ଏକାଠି...

ମାରି ଆଶୀର୍ବାଦ ନେଇଥାନ୍ତି । ଏହି ଭେଟଘାଟ ପରେ ସାମୁହିକ ପ୍ରସାଦ ସେବନ ହୋଇଥାଏ ।

ଏହା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇ ତାର ମଜା ନେଇଥାନ୍ତି ଉଭୟ ଗ୍ରାମର ବାସିନ୍ଦା । ଭିନ୍ନ ପ୍ରକାରେ ଜଳିଆ ଓ ଡ଼ାହିମାଲ ଗ୍ରାମ ନୂଆଁଖାଇ ପାଳନ ହେଉଥିବାରୁ ଆମ ଗ୍ରାମର ଭାଇଚାରା ଓ ଏକତା ଅତୁଟ ରହିଛି ବୋଲି କହନ୍ତି ଜଳିଆ ବାସିନ୍ଦା ସସପୁନ ଖମାରୀ । ଗୋଟିଏ ପରିବାରରେ ଭାଇ-ଭାଇ ଏକାଠି ଆଲୋଚନା, ଖାଇବା କି କୌଣସି ସାଂସ୍କୃତିକ କି ମାଙ୍ଗଳିକ କାର୍ଯ୍ୟରେ ଏକାଠି ହୋଇପାରୁନଥିବା ବେଳେ ଆମ ଦୁଇ ଗ୍ରାମର ୪ଶହ ପରିବାର ଭାଇଚାରାର ସନ୍ଦେଶ ଦେଉଛି । ଏହି ପରମ୍ପରା ଆଗକୁ ବି ଅତୁଟ ରହିବ ସେହି ବିଶ୍ୱାସ ଆମର ଅଛି ବୋଲି କହିନ୍ତି ଶ୍ରୀ ଖମାରୀ ।

## ପୁରୀ...

ଏମଆରଓ (ରକ୍ଷଣାବେକ୍ଷଣ, ମରାମତି ଏବଂ ନବୀକରଣ) ସେବାଦାତା ଏୟାର ୱାର୍କସ୍ ସହିତ ଏକ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏକ ଆଧୁନିକ ଏମଆରଓ ସୁବିଧା ପ୍ରତିଷ୍ଠା କରାଯିବ । ଏଥି ସହିତ ରାଜ୍ୟର ଯୁବବର୍ଗଙ୍କ ପାଇଁ ଦକ୍ଷତା ବିକାଶ, ପ୍ରଶିକ୍ଷଣ ଓ ଚାକିରି ସୁଯୋଗ ସୃଷ୍ଟି କରିବା ନିମନ୍ତେ ରାଜ୍ୟ ସରକାର ଏୟାର ୱାର୍କସ୍ ସହିତ ଏକ ଚୁକ୍ତି ସ୍ୱାକ୍ଷର କରିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ପୁରୀରେ ବିଶ୍ୱସ୍ତରୀୟ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ହେବାକୁ ଯାଉଛି । ଏହି ବିମାନବନ୍ଦର ସାରା ବିଶ୍ୱର କୋଟି କୋଟି ଜଗନ୍ନାଥ ଭକ୍ତଙ୍କ ପାଇଁ ଏକ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଦ୍ୱାରପଥ ହେବ । ଏଥିସହିତ ଝାରସୁଗୁଡା ବିମାନବନ୍ଦରର ବିସ୍ତାର ପାଇଁ ଜମି ବ୍ୟବସ୍ଥା କରାଯାଇଛି । ନୂଆ ସରକାର ଗଠନର ୧୪ ମାସ ମଧ୍ୟରେ ଓଡିଶାର ବିମାନବନ୍ଦର ଗୁଡ଼ିକୁ ୧୫ଟି ନୂଆ ଗନ୍ତବ୍ୟ ସହିତ ଯୋଡ଼ାଯାଇଛି । ଢେଙ୍କାନାଳ ଜିଲ୍ଲାର ବିରାଶୋଳ ଠାରେ ଏକ ବିଶ୍ୱସ୍ତରୀୟ ବିମାନ ପ୍ରଶିକ୍ଷଣ କେନ୍ଦ୍ର ନିର୍ମାଣ ହେବାକୁ ଯାଉଛି ।

ରାଜ୍ୟର ବିମାନ ବନ୍ଦର ଭିତରେ ଫ୍ଲାଇଂ ପ୍ରଶିକ୍ଷଣ, ଯୁଏଭି ପ୍ରଶିକ୍ଷଣ ଓ ବିମାନ କ୍ରୀଡ଼ା କାର୍ଯ୍ୟକଳାପ ସମ୍ଭବ ହେବ । ରାଜ୍ୟରେ ଯେତେ ସବୁ ଅବ୍ୟବହୃତ ବିମାନ ପଥ "ଏୟାରଷ୍ଟ୍ରିପ୍' ଅଛି, ସେଗୁଡ଼ିକୁ ସରକାର ବିମାନବନ୍ଦର ରୂପେ ବିକଶିତ କରୁଛନ୍ତି । ଏଭଳି ୧୪ଟି ବିମାନବନ୍ଦର ହେବ । ଯେଉଁ ଜିଲ୍ଲାରେ ବିମାନବନ୍ଦର ନାହିଁ, ସେଠାରେ ସମୁଦାୟ ୧୫ଟି ହେଲିପୋର୍ଟ ସ୍ଥାପନ ପାଇଁ ସରକାର କାର୍ଯ୍ୟ କରୁଛନ୍ତି । ପ୍ରଧାନମନ୍ତ୍ରୀଙ୍କର ଅବିରତ ପ୍ରୟାସ ଯୋଗୁ ୨୦୪୭ ମଧ୍ୟରେ ଏକ ବିକଶିତ ଭାରତ ଗଢ଼ିବା ପାଇଁ ଆମକୁ ସଦା ଉତ୍ସାହିତ କରୁଛି । ଆମେ ସମସ୍ତେ ମିଶି ଓଡିଶାର ଯୋଗାଯୋଗ ଓ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଲୋକଙ୍କର ଆକାଂକ୍ଷାକୁ ସାକାର କରିବା ଦିଗରେ ନିରନ୍ତର କାମ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ।

ଏହି କାର୍ଯ୍ୟକ୍ରମରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଶ୍ରୀ ନାଇଡୁ କିଞ୍ଜରପୁ କହିଥିଲେ, ଓଡ଼ିଶାର ବିମାନ ଚଳାଚଳ ଭିତ୍ତିଭୂମି ପାଇଁ ସବୁ ପ୍ରକାର ସହଯୋଗ ଯୋଗାଇ ଦିଆଯିବ । ବିଗତ ୧୧ ବର୍ଷ ମଧ୍ୟରେ ଦେଶର ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ବହୁ ଗୁଣା ଅଭିବୃଦ୍ଧି ଏବଂ ବ୍ୟାପକ ରୂପାନ୍ତରଣ ଦେଖିବାକୁ ମିଳିଛି । ବିମାନ ଚଳାଚଳ ଭିତ୍ତିଭୂମି ଦୁଇଗୁଣିତ ହୋଇଛ । ୨୦୧୪ରେ ଦେଶରେ ମାତ୍ର ୭୪ଟି ବିମାନ ବନ୍ଦର ଥିବା ବେଳେ ବର୍ତ୍ତମାନ ଏଗୁଡ଼ିକର ସଂଖ୍ୟା ୧୬୨ରେ ପହଞ୍ଚିଛି । ଏକ ଦଶନ୍ଧି ମଧ୍ୟରେ ଦେଶରେ ୮୮ଟି ବିମାନ ବନ୍ଦର ପ୍ରତିଷ୍ଠା କରାଯାଇଛି ଅର୍ଥାତ ପ୍ରତି ୪୫ ଦିନରେ ହାରାହାରି ଗୋଟିଏ ନୂଆ ବିମାନ ବନ୍ଦର କାର୍ଯ୍ୟକ୍ଷମ ହୋଇଛି । ୨୦୨୪ରେ ଦେଶରେ ୨୪ କୋଟି ଯାତ୍ରୀ ବିମାନ ଯାତ୍ରା କରିଥିଲେ । ଏହା ବିଗତ ୬୫ ବର୍ଷ ଧରି ବିମାନ ଯାତ୍ରା କରିଥିବା ଘରୋଇ ଯାତ୍ରୀଙ୍କ ସଂଖ୍ୟା ଠାରୁ ଅଧିକ । ୨୦୩୦ରେ ଦେଶର ବାର୍ଷିକ ବିମାନଯାତ୍ରୀଙ୍କ ସଂଖ୍ୟା ୫୦ କୋଟିକୁ ଟପିବା ନେଇ ଆକଳନ କରାଯାଇଥିବା ସେ କହିଛନ୍ତି । ଉଡ଼ାନ ଯୋଜନାରେ ବହୁ ଅପହଞ୍ଚ ସ୍ଥାନକୁ ବିମାନ ଯୋଗାଯୋଗ ସୁବିଧା କରାଯାଇଛି । ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ଦେଶର ୯୨ଟି ବିମାନ ବନ୍ଦରକୁ ସାମିଲ କରାଯିବା ସହ ୬୩୨ଟି ବିମାନ ଚଳାଚଳ ମାର୍ଗକୁ କାର୍ଯ୍ୟକ୍ଷମ କରାଯାଇଛି ।

କାର୍ଯ୍ୟକ୍ରମରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୂରଲୀଧର ମୋହଲ, ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ସମେତ ଓଡ଼ିଶା, ଛତିଶଗଡ଼, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଆଣ୍ଡାମାନ ନିକୋବର ଦ୍ୱୀପସମୂହର ପରିବହନ ମନ୍ତ୍ରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧିକାରୀ ଏବଂ ବିମାନ ଚଳାଚଳ କ୍ଷେତ୍ରର ଅନ୍ୟ ଅଂଶୀଦାରମାନେ ଉପସ୍ଥିତ ଥିଲେ । ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ସଚିବ ସମୀର ସିହ୍ନା ଏବଂ ଓଡ଼ିଶାର ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଉପସ୍ଥିତ ଥିଲେ । ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ ଏବଂ ରାଷ୍ଟ୍ର ମନ୍ତ୍ରୀ ମୂରଲଧର ମୋହଲ ଭୁବନେଶ୍ୱର ବିମାନବନ୍ଦର ପରିସରରେ ଦେଶର ପଞ୍ଚମ ଉଡ଼ାନ ଯାତ୍ରୀ କାଫେ ଏବଂ ଶିଶୁଙ୍କ ଖେଳିବା ସ୍ଥାନକୁ ମଧ ଉଦଘାଟନ କରିଛନ୍ତି ।

## ନବୀନଙ୍କୁ...

ବର୍ତ୍ତମାନ ସ୍ଥିତି ସମ୍ପର୍କରେ ରାଜ୍ୟପାଳଙ୍କୁ ନବୀନ ଅବଗତ କରାଇଥିଲେ । ଏହି ଆଲୋଚନା ସମ୍ପୂର୍ଣ୍ଣ ଭାବେ ଅନୌପଚାରିକ ଥିଲା । ବିରୋଧୀ ଦଳ ନେତାଙ୍କ ଆଶୁ ଆରୋଗ୍ୟ ସହ ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘ ଜୀବନ ପାଇଁ ରାଜ୍ୟପାଳ ପ୍ରାର୍ଥନା କରିଛନ୍ତି । ସୂଚନାଯୋଗ୍ୟ ନବୀନ ହସ୍ପିଟାଲରେ ଭର୍ତ୍ତି ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ତାଙ୍କୁ ଫୋନ୍ କରି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ । ଏଆଇସିସି ସଭାପତି ମଲ୍ଲିକାର୍ଜୁନେ ଖଡ୍‌ଗେ ମଧ୍ୟ ତାଙ୍କ ସହ ଫୋନ୍ ଯୋଗେ ଆଲୋଚନା କରିଛନ୍ତି । ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବୀନ ନିବାସ ଯାଇ ନବୀନଙ୍କୁ ସାକ୍ଷାତ କରି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ ।

## ବେଆଇନ୍..

ପରିସର ଓ ସଲଗ୍ନ ଅଞ୍ଚଳରେ ବେଆଇନ୍ ନିଶାଦ୍ରବ୍ୟ ବିକ୍ରୟ, ସେବନ ଓ କାରବାର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସବୁ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଛାତ୍ରଛାତ୍ରୀଙ୍କ ପାଇଁ ଡ୍ରଗ୍ ଫ୍ରି କ୍ୟାମ୍ପସ କରିବା ପାଇଁ ସଚେତନତା ଉପରେ ଗୁରୁତ୍ୱ ଦିଆଯାଇଛି । ପିତା, ମାତା, ଶିକ୍ଷକ, ଶିକ୍ଷୟତ୍ରୀ, ପ୍ରଧାନ ଶିକ୍ଷକ/ଶିକ୍ଷୟତ୍ରୀ, ଅଧ୍ୟାପକ, ଅଧ୍ୟାପିକାମାନଙ୍କ ସହ ପୋଲିସ ଅଧିକାରୀ ମିଳିତ ଭାବେ ଆଲୋନା କରି ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ପାଇଁ ସ୍ୱତନ୍ତ୍ର ଟ୍ୟାକ୍ସଫୋର୍ସ ଗଠନ କରି କାର୍ଯ୍ୟାନୁଷ୍ଠାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି । ସେହିଭଳି ପୋଲିସ ପ୍ରଶାସନ ସହ ଅବକାରୀ ବିଭାଗ ଓ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗର ମିଳିତ ସହଯୋଗରେ ଟ୍ୟାକ୍ସଫୋର୍ସ ମାଧ୍ୟମରେ ବ୍ୟାପକ ଚଢ଼ାଉ ଓ ସଚେତନତାକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ନିଶା ପ୍ରତି ଯୁବବର୍ଗଙ୍କ ଆକର୍ଷଣ ଯୋଗୁ ଆଇନ୍‌ଶୃଙ୍ଖଳା ଓ ରାଜ୍ୟର ଅର୍ଥନୈତିକ ସ୍ଥିତି ପ୍ରତି ଗଭୀର ଅନ୍ତରାୟ ସୃଷ୍ଟି ହେଉଛି । ବିଦେଶରୁ ଉଚ୍ଚମାନର ମାରିଜୁଆନା, ହାଇଡ୍ରୋକୋନିକ୍ ମାରିଜୁଆନା ନିକଟରେ ଭୁବନେଶ୍ୱର ବିମାନ ବନ୍ଦରରୁ ଜବତ ହୋଇଛି । ଓଡ଼ିଶାରୁ ମଧ୍ୟ ଅନ୍ତଃରୁ ଗଞ୍ଜେଇ ଚୋରା ଚାଲାଣ ଏବେ ପ୍ରମୁଖ ପ୍ରସଙ୍ଗ ହୋଇଛି । ତେବେ ବୈଠକରେ ୨୦୨୫ ଜୁଲାଇ ସୁଦ୍ଧା କେତେ ନିଶାଦ୍ରବ୍ୟ ଜବତ କରାଯାଇଛି ତାହାର ସୂଚନା ଦିଆଯାଇଥିଲା । ଏହି ଘଟଣାରେ କେଉଁମାନଙ୍କୁ ଗିରଫ କରାଯାଇଛି ତାହାର ମଧ୍ୟ ସୂଚନା ଦିଆଯାଇଥିଲା । ବେଆଇନ୍ ମାଦକଦ୍ରବ୍ୟ ଚୋରାଚାଲାଣ ଓ ନିଶାଦ୍ରବ୍ୟ କାରବାର ନେଇ ଉଭୟ ନାର୍‌କୋଟିକ୍ସ ବ୍ୟୁରୋ ଠାରୁ ଆରମ୍ଭ କରି ବିଭିନ୍ନ କେନ୍ଦ୍ରୀୟ ସଂସ୍ଥା, କ୍ରାଇମ୍‌ବ୍ରାଞ୍ଚ, ଏସ୍‌ଟିଏଫ, ଅବକାରୀ ବିଭାଗ, ଜଙ୍ଗଲ ବିଭାଗ, ରାଜସ୍ୱ ବିଭାଗ, ପରିବହନ ବିଭାଗ ସମନ୍ୱୟରେ ଚଢ଼ାଉ କରାଯାଉଛି । ଭୁବନେଶ୍ୱର ଓ କଟକ ସହରର ବିଭିନ୍ନ ସହରରେ ଯେଉଁଠି ମାଦକଦ୍ରବ୍ୟ କାରବାର ବେଆଇନ୍ ଭାବେ ଚୋରା ଚାଲାଣ କରାଯାଉଛି ଚଢ଼ାଉ ଓ ସଚେତନତା ଅଭିଯାନକୁ ବ୍ୟାପକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପୁରୀ, କୋଣାର୍କ ବେଳାଭୂମି ଓ ଚିଲିକା ଅଞ୍ଚଳରେ ରସାୟନିକ ଦ୍ରବ୍ୟରୁ ପ୍ରସ୍ତୁତ ବେଆଇନ୍ ନିଶାଦ୍ରବ୍ୟ ପ୍ରସ୍ତୁତି ପ୍ରତି ସତର୍କଦୃଷ୍ଟି ଓ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

# ଚନ୍ଦ୍ରଭାନୁ ଶତପଥୀଙ୍କୁ ଛତିଶା ନିଯୋଗ ତରଫରୁ ଶ୍ରୀ ଜଗନ୍ନାଥଙ୍କ ଉଲାଗି ଅଙ୍ଗ ବସ୍ତ୍ର ପ୍ରଦାନ



ଭୁବନେଶ୍ୱର (ସବ୍ୟ) : ପୁରୀ ଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟରେ ଅନୁଷ୍ଠିତ ଶ୍ରୀ ଜଗନ୍ନାଥଙ୍କ ନବକଳେବର ସିନେମା ଶ୍ରୀ ସଦାଶିବ ପରିସରରେ ସ୍ୱତନ୍ତ୍ର ଭାବେ ପ୍ରଦର୍ଶିତ ହୋଇଥିଲା ଏହି ଅବସର ରେ ଅତିଥି ଭାବେ ରାଜ୍ୟସଭା ସାଂସଦ ସୁଭାସିସ ଖୁଣ୍ଟିଆ, ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପତାଯୋଷି, ସଦାଶିବ ପରିସର ର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର, ପୂଜାପଣ୍ଡା ନିଯୋଗ ସମ୍ପାଦକ ମାଧବ ଚନ୍ଦ୍ର ପୂଜାପଣ୍ଡା, ପୂର୍ବତନ ପରିଚାଳନା ସଭ୍ୟ ଅନନ୍ତ ତିଆଡି, ଭଗବାନ ସୁଆର ଜଗନ୍ନାଥ ଖୁଣ୍ଟିଆ, ସୋମନାଥ ଖୁଣ୍ଟିଆ, ଜ୍ୟୋତିର୍ମୟୀ ମିଶ୍ର ଉପସ୍ଥିତି ଥିଲେ। ଏହି ପ୍ରଦର୍ଶନକୁ ଛତିଶା ନିଯୋଗ ଏବଂ ସୁଆର ମହାସୁଆର ନିଯୋଗ ଆୟୋଜନ କରିଥିଲେ।

ସୁଆର ମହାସୁଆର ନିଯୋଗ ର ସଭାପତି ପଦ୍ମନାଭ ମହାସୁଆର, ସମ୍ପାଦକ ନାରାୟଣ ମହାସୁଆର ସବୁ ଅତିଥି ମାନଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଏହି ସିନେମା ର କଳାକାର ପିଙ୍କି ପ୍ରଧାନ, କେଦାର ମିଶ୍ର , ରବି ମିଶ୍ର, ସର ଅପା ଉପସ୍ଥିତି ଥିଲେ।

ଏହି ଅବସର ରେ ଛତିଶା ନିଯୋଗ ତରଫରୁ ମାର୍ଗ ଦର୍ଶକ ଓ ପ୍ରେରଣା ପାଇଁ ପରମ୍ ପୂଜ୍ୟ ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀଙ୍କୁ ମହାପ୍ରଭୁ ଅଙ୍ଗବସ୍ତ୍ର ପାଟ ପ୍ରଦାନ କରାଯାଇଥିଲା ଏବଂ ବିନୀ ସାମଲ ଓ ପୁରା ଟିମ୍କୁ ଶ୍ରୀମନ୍ଦିର ଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ର ମୁଖ୍ୟ ସୂତ୍ରଧାର ଅଭିନେତା ଶମ୍ଭୁନାଥ ଖୁଣ୍ଟିଆ ମଞ୍ଚ ପରିଚାଳନା କରିଥିବା ବେଳେ ଡ଼ ବିଶ୍ୱନାଥ ମିଶ୍ର ମଞ୍ଚ ସଂଯୋଜନା କରିଥିଲେ।

# ଆଖୁଆପଦା-ତିନିତର ଘାଟ ନଦୀବନ୍ଧ ସୁଦୃଢ଼ୀକରଣ ଦାବି

ଧୂଷୁରୀ,(ସବ୍ୟ): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅଧୀନସ୍ଥ ଧୂଷୁରୀ ଠାରେ ଥିବା ହୃଦାନନ୍ଦ ପାଠାଗାରରେ ସ୍ଥାନୀୟ ଅଂଚଳର ବୁଦ୍ଧିଜୀବୀଙ୍କ ପକ୍ଷରୁ ଶନିବାର ଅପରାହ୍ନରେ ଧାମନଗର ବ୍ଲକରେ ବନ୍ୟାର ସ୍ଥାୟୀ ପ୍ରତିକାର ଦାବି ନେଇ ଏହି ସାମ୍ବାଦିକ ସମ୍ମିଳନୀର ଆୟୋଜିତ ହୋଇଥିଲା । ୫୦ବର୍ଷ ଧରି ବୈତରଣୀ ନଦୀରେ ଭୀମକୁଣ୍ଡ ଯୋଜନା କାର୍ଯ୍ୟକାରୀ ନହେବା,ବୈତରଣୀ ନଦୀର ଉତ୍ତର ପାର୍ଶ୍ୱ,କୋଚିଳା,ଗେଙ୍ଗୁଟି ନଦୀର ଉଭୟ ପାର୍ଶ୍ୱ ବନ୍ଧକୁ କ୍ୟାପିଟାଲ ଏମାଙ୍କମେଣ୍ଟ କରାଯାଇ ବନ୍ୟା ନିୟନ୍ତ୍ରଣ କରାଯିବା,ଗାନ୍ଧିଘାଟ ଶାସନ ଠାରେ ଘେରିବନ୍ଧ ପ୍ରତିଷ୍ଠା କରାଯାଇ ସ୍ଲଇଚଗେଟ ନିର୍ମାଣ କରିବା,ଆଖୁଆପଦା ଠାରୁ ତିନିତର ଘାଟ ପର୍ଯ୍ୟନ୍ତ ନଦୀବନ୍ଧ ସୁଦୃଢ଼ୀକରଣ କରାଯାଇ ତଳିଆ ଅଂଚଳରେ ବନ୍ଧର ଉଚ୍ଚତା ୬୦ଫୁଟ ଓ ଉପର ଅଂଚଳରେ ୧୫ଫୁଟ ପ୍ରଶସ୍ତ କରାଯିବା।

**AFFIDAVIT**

I Sarata Chandra Sahoo, S/O- Rama Chandra Sahoo, resident of Ward No-11, At-Gopalpur, PO/PS-Raghunathpur, Dist-Jagatsinghapur, Pin-754132 Odisha declare by this affidavit No.434 dtd-25/08/2025 that now onwards I shall be known as **SARAT CHANDRA SAHOO** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, 07/04/2025, I, Purusottam Rout, At-Lankapada, Po- Chhanijanga, Via-Brahmakundi, Dist- Puri, Pin-762023. Declare that I have changed the name of my daughter from (Rupa Sri Rout) to (Rupashree Rout) henceforth, she shall be known as (Rupashree Rout) for all purposes.

**Purusottam Rout**

**AFFIDAVIT**

By virtue of an affidavit sworn before the notary public, Bhubaneswar, dated. 25.08.2025 I, BIJOY NARAYAN RAMANUJDAS, S/O- Jahannath, At-Kataki Math, P.O.- Markandeswar Sahi, Dist-Puri, Pin-752001, Odisha, declare that I have changed my name from Bijay Narayan Upadhyay to BIJOY NARAYAN RAMANUJDAS. Henceforth, I shall be known as BIJOY NARAYAN RAMANUJDAS for all purpose.

**BIJOY NARAYAN RAMANUJDAS**

**AFFIDAVIT**

I, Jyoti Bothra, D/o Kishore Kumar Bothra, resident of Plot No : 58C, Kushal Milap, Jayadurga Nagar, Bomikhal, Po.- Budheswari Colony, PS-Laxmisagar, Bhubaneswar, Pin- 751006, Dist : Khordha, Odisha declare by this affidavit No. 1605 dated. 22.08.2025 that I shall be known as Jyoti Jain for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Jajpur, dated. 25.08.2025 I, Sulochana Behera, Village/P.O.-Kantipur, P.S.- Binjharpur, Dist-Jajpur, Odisha, Pin-755004 declare that I have changed my name from Snehalata Behera to Sulochana Behera. Henceforth, I shall be known as Sulochana Behera for all purposes.

**Sulochana Behera**

**AFFIDAVIT**

By virtue of an affidavit sworn before Executive Magistrate, Jajpur, dated. 25.08.2025 I, Abuala Mohammed Riashat Ali Khan,At-Sultana Residence, Plot No 1158/4004/6668. Raghunath Nagar, Dumduma near Khandual, VCT : Bhubaneswar (M.C), P.O.-Dumduma Housing Board Colony, Dist-Khorda, State-Odisha, Pin-751019 declare that I have changed my name from A.M.R.A. Khan to Abuala Mohammed Riashat Ali Khan. Henceforth, I shall be known as Abuala Mohammed Riashat Ali Khan for all purposes.

**Abuala Mohammed Riashat Ali Khan**

**AFFIDAVIT**

I, Srikanta Behera, S/o-Shabar Behera, At/P.O.-Kiapada, Via-Brahmangan P.S.- Basudevpur, Dist-Bhadrak, Pin-756165, declare by this Affidavit before the Executive Magistrate Basudevpur bearing no-5925 dated - 30 August 2025 that onwards I shall be known as Sukanta Behera for all future purposes.

n-134

**Government of Odisha "e" procurement Notice.**

**INVITATION FOR BIDS (IFB)**

**OFFICE OF THE DISTRICT PROJECT OFFICE,**
**SAMAGRA SHIKSHA, DHENKANAL**

**Bid Identification No.SS/DKL/01/2025-2026**

**Letter No. 1497 / Dt. 28.08.2025**

The District Project Coordinator, Samagra Shiksha, fthenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for building works as detailed below.

1. Name of the work : Building Works
2. No of works : 01 (One) No
3. Amount put to Tender : Rs.1.35 Crore (as given in column no.03 of table)
4. Cost of Tender Paper : Rs. 10,000.00
5. Class of Contractor : 'B' & 'A' Class (as given in column no.07 of table)
6. Period of completion : 09 (Nine Calendar Months) (as given in column no.08 of table)
7. Date & time of availability of the Bid documents in the website : 10.00 AM on dt.02.09.2025 to 5.30 PM on dt.16.09.2025
8. Date of Opening (Technical Bid) : 17.09.2025 at 11.00 AM.

The bidders have to participate in ONLINE biding only further details can be seen from the e-Procurement Portal www.tendersodisha.gov.in. Any addendum/corrigendum/cancellation of tender can also be seen in the said website.

Sd/- District Project Coordinator,
Samagra Shiksha, Dhenkanal

OIPR : 27210/11/0001/2526

# ପୂର୍ବତନ ବିଧାୟକ କରେନ୍ଦ୍ର ମାଝୀଙ୍କ ପରଲୋକରେ ରାଜ୍ୟ ବିଜେପିର ଶୋକ

ଭୁବନେଶ୍ୱର, (ସବ୍ୟୁ): ବାଲିଗୁଡ଼ାର ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେପି ନେତା କରେନ୍ଦ୍ର ମାଝୀଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୫୨ ବର୍ଷ ହୋଇଥିଲା। ତାଙ୍କ ପରଲୋକରେ ରାଜ୍ୟ ବିଜେପି ତରଫରୁ ଗଭୀର ଶୋକବ୍ୟକ୍ତ କରାଯାଇଛି। ସ୍ୱର୍ଗତ ମାଝୀ ବିଜେପି ଦଳରୁ ୨୦୦୪ ଓ ୨୦୦୯ ମସିହାରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। କୁଟିଆ କନ୍ଧ ଆଦିବାସୀ ସମ୍ପ୍ରଦାୟର ସେ ଜଣେ ଜଣାଶୁଣା ନେତା ଥିଲେ। ବିଜେପିକୁ ତୃଣମୂଳସ୍ତରରୁ ସଙ୍ଗଠିତ କରି ମଜ୍‌ବୁତ୍ କରିବାରେ ତାଙ୍କ ଅବଦାନ ଅବିସ୍ମରଣୀୟ ହୋଇରହିବ। ସେ ସବୁବେଳେ ଦୁର୍ଗମ ଗ୍ରାମାଂଚଳର ବିକାଶ ଉପରେ ଗୁରୁତ୍ୱ ଦେଇ ଆସୁଥିଲେ। ତାଙ୍କ ତ୍ୟାଗ ଓ ଉତ୍ସର୍ଗୀକୃତ ମନୋଭାବ କାର୍ଯ୍ୟକର୍ତାଙ୍କ ପାଇଁ ଉଦାହରଣ ସୃଷ୍ଟି କରିବ।



ତାଙ୍କ ବିୟୋଗରେ ରାଜ୍ୟ ତଥା ବିଜେପି ପରିବାର ପାଇଁ ଅପୂରଣୀୟ କ୍ଷତି ହୋଇଛି ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ସ୍ୱର୍ଗତଃ ମାଝୀଙ୍କ ପାର୍ଥିବ ଶରୀର ପହଂଚିବା ପରେ ରାଜ୍ୟ ସଭାପତି ଶ୍ରୀ ସାମଲ, ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକବର୍ଦ୍ଧନ ସିଂହଦେଓ, ମନ୍ତ୍ରୀ ରବି ନାରାୟଣ ନାଏକ, କୃଷ୍ଣଚନ୍ଦ୍ର ପାତ୍ର, ନିତ୍ୟାନନ୍ଦ ଗଣ୍ଡ, ମୁକେଶ ମହାଲିଙ୍ଗ, କୃଷ୍ଣଚନ୍ଦ୍ର ମହାପାତ୍ର, ଗଣେଶ ରାମ ସିଂ ଖୁଟିଆ, ଗୋକୁଳାନନ୍ଦ ମଲ୍ଲିକ, ପୂର୍ବତନ ରାଜ୍ୟ ସଭାପତି ତଥା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସମୀର ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତି, ସାଂସଦ ବଳଭଦ୍ର ମାଝୀ, ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ଶତପଥୀ ପ୍ରମୁଖ ବହୁ ନେତୃବୃନ୍ଦ ପହଂଚି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

## ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ

# ଶୁଳ୍କ ମୁକ୍ତ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସର୍ଭାଇକାଲ୍ କ୍ୟାନ୍ସର ସଚେତନତା ଶିବିର ଓ ଟୀକାକରଣ

ଭୁବନେଶ୍ୱର (ସବ୍ୟୁ): ଏକ ଶୁଳ୍କ ମୁକ୍ତ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସର୍ଭାଇକାଲ୍ କ୍ୟାନ୍ସର ସଚେତନତା ଶିବିର ୨୨ ଓ ୨୩ ଅଗଷ୍ଟ ୨୦୨୫ ରେ ଜନ ଶିକ୍ଷଣ ସଂସ୍ଥାନ, ବଡଗଡ ବ୍ରିଟ କଲୋନି ଭୁବନେଶ୍ୱରରେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆଙ୍କ ପ୍ରମୁଖ ସମର୍ଥନରେ ଏବଂ ସିଆଇଆଇ ୟଙ୍ଗ ଇଣ୍ଡିଆନ୍ସ ସହ ହୃଦାନନ୍ଦ ଶିକ୍ଷା ସଂସ୍ଥାନ ସହଭାଗିତାରେ ଆୟୋଜିତ ହୋଇଥୁଲା । ଏସ୍‌ବିଆଇଙ୍କ ଦୃଢ଼ ସମର୍ଥନରେ ସମ୍ଭବ ହୋଇଥିବା ଏହି ପ୍ରୟାସର ଉଦ୍ଦେଶ୍ୟ ଥିଲା – ସର୍ଭାଇକାଲ୍ କ୍ୟାନ୍ସର, ଯାହା ଟିକାକରଣ ଅ ଦ୍ୱାରା ପ୍ରତିରୋଧ ସେଥିପାଇଁ ନାରୀମାନଙ୍କୁ ଓ ସମାଜକୁ ସଚେତନ କରାଇବା ସହିତ ପ୍ରାରମ୍ଭିକ ସନ୍ଧାନ, ନିୟମିତ ସ୍କିନିଙ୍ଗ ଏବଂ ଟିକାକରଣକୁ



ପ୍ରୋତ୍ସାହିତ କରିବା । ଏସ୍‌ବିଆଇ ଙ୍କ ସକ୍ରିୟ ଭୂମିକାରେ ବିଭିନ୍ନ ଶ୍ରେଣୀର ନାରୀମାନଙ୍କ ସକ୍ରିୟ ସହଭାଗିତା ଦେଖାଗଲା । ସେମାନଙ୍କୁ ପ୍ରତିରୋଧୀ ସ୍ୱାସ୍ଥ୍ୟସେବା ଏବଂ ଏଚ୍‌ପିଭି ଟିକାକରଣର ଜୀବନରକ୍ଷାକାରୀ ଭୂମିକା ବିଷୟରେ ଜଣାଇ ଦିଆଗଲା । ଏହି ଶିବିରରେ ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା ସହ ସର୍ଭାଇକାଲ୍ କ୍ୟାନ୍ସରର ଆଧୁନିକ ସ୍କ୍ରିନିଙ୍ଗ – ଯେପରି ସାଇଟୋଲୋଜି ଓ ମଲେକ୍ୟୁଲାର ପ୍ରୟୋଗ – ସହିତ ୧୦୦ ଜଣ ମହିଳାଙ୍କର ଟିକାଜରଣ କରାଯାଇଥିଲା । ଏହି ଶିବିରଟି ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଅନିଲ କୁମାର ମିଶ୍ର, ଆଞ୍ଚଳିକ ପରିଚାଳକ, ଭୁବନେଶ୍ୱର ନର୍ଥ, ରବାନୀ ଶଙ୍କର ମହାନ୍ତି, ସହାୟକ ମହାପ୍ରବନ୍ଧକ, (ବାଣିଜ୍ୟ ସମ୍ପ୍ରେଷଣ ଓ ସାମାଜିକ ଦାୟିତ୍ୱ), ଅଭିମନ୍ୟୁ ସାହୁ, ମୁଖ୍ୟ ପରିଚାଳନ, ଏବଂ ନିବେଦିତା ନଭୂଲା, ଡିରେକ୍ଟର, ଜନ ଶିକ୍ଷଣ ସଂସ୍ଥାନ ଓ ଡକ୍ଟର ପ୍ରସମିତା ତେଜସ୍ୱିନୀ ହୃଦାନନ୍ଦ ଶିକ୍ଷା ସାସ୍ଥାନ ଙ୍କ ଉପସ୍ଥିତିରେ ଉଦ୍ଘାଟିତ ହୋଇଥୁଲା । ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ସାମାଜିକ ଦାୟିତ୍ୱ ପ୍ରତିବଦ୍ଧତାରୁ ପ୍ରେରିତ, ଏହି ପ୍ରୟାସ ଓଡ଼ିଶାରେ ସର୍ଭାଇକାଲ୍ କ୍ୟାନ୍ସରର ଭାରତ କମାଇବାରେ ଏକ ମହତ୍ୱପୂର୍ଣ୍ଣ ଭୂମିକା ପ୍ରଦାନ କରିବ ।

# କିଟ୍ ଓ କିସ୍ ପରିଦର୍ଶନରେ ୩୫ ଜଣିଆ ଶ୍ରୀଲଙ୍କା ପ୍ରତିନିଧି ମଣ୍ଡଳ

ଭୁବନେଶ୍ୱର, (ସବ୍ୟୁ): ଶ୍ରୀଲଙ୍କା ସରକାରଙ୍କ ଲୋକ ସମ୍ପର୍କ ଅଧିକାରୀ, ଶ୍ରୀଲଙ୍କାର ବୁଦ୍ଧିଜୀବୀ ଓ ନୀତି ନିର୍ଦ୍ଧାରକଙ୍କୁ ନେଇ ଏକ ୩୫ଜଣିଆ ପ୍ରତିନିଧିମଣ୍ଡଳ ଆଜି କିଟ୍ ଓ କିସ୍ ପରିଦର୍ଶନରେ ଆସି ଫେରିଯାଇଛନ୍ତି। ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ ଆନୁକୂଲ୍ୟରେ ଏହି ପ୍ରତିନିଧିମଣ୍ଡଳ ଭାରତ ଗସ୍ତରେ ଆସିଥିବା ବେଳେ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ସଂଯୋଜନାରେ ସେମାନେ ଓଡ଼ିଶା ଆସିଛନ୍ତି। ସେମାନଙ୍କ ଓଡ଼ିଶା ଗସ୍ତସୂଚୀ ପରିପ୍ରେକ୍ଷୀରେ ସେମାନେ ପ୍ରଥମେ କିଟ୍ ଓ କିସ୍ ପରିଦର୍ଶନ କରିଥିଲେ । ସେମାନେ କିଟ୍‌ର ବିଭିନ୍ନ କ୍ୟାମ୍ପସ ପରିଦର୍ଶନ କରିବା




ସହ କିସ୍ ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରିଥିଲେ। କିଟ୍ ଓ କିସ୍ ବିଷୟରେ ଜାଣି ସେମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଏହା ସହ ଜନଜାତି ଛାତ୍ରଛାତ୍ରୀଙ୍କୁ କିସ୍ ମାଧ୍ୟମରେ ଶିକ୍ଷା ଜରିଆରେ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯାଉଥିବା ଜାଣି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ନିଜ ସ୍ୱାଗତ ଭାଷଣରେ ଶ୍ରୀ ସାମନ୍ତ କହିଲେ, ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ବିଭିନ୍ନ ଦୃଷ୍ଟିରୁ ବହୁ ପୁରାତନ ସମ୍ପର୍କ ରହିଆସିଛି। ବହୁ ପୂର୍ବରୁ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ସାଂସ୍କୃତିକ, ପାରମ୍ପରିକ, ବାଣିଜ୍ୟିକ ଓ କୁଟନୀତିକ ସମ୍ପର୍କ ରହିଆସିଛି। ୨୦୧୯ରୁ ଶ୍ରୀଲଙ୍କା ସହ କିଟ୍ ଓ କିସ୍‌ର ସମ୍ପର୍କ ମଧ୍ୟ ଧରି ରହିଆସିଛି ବୋଲି ଶ୍ରୀ ସାମନ୍ତ ସୂଚନା ଦେଇଥିଲେ। କିଟ୍ ବିଶ୍ୱବିଦ୍ୟାଳୟରେ ଶ୍ରୀଲଙ୍କା ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଶ୍ରୀଲଙ୍କାର ବହୁ ବିଶିଷ୍ଟ ବ୍ୟକ୍ତି ଶିକ୍ଷାବିତ୍ ମଧ୍ୟ କିଟ୍ ଓ କିସ୍ ପରିଦର୍ଶନ କରି ଏହାର ଉଚ୍ଚ ପ୍ରଶଂସା କରିଛନ୍ତି ବୋଲି ଶ୍ରୀ ସାମନ୍ତ କହିଥିଲେ। ଏହି କାର୍ଯ୍ୟକ୍ରମରେ କଲମ୍ବୋସ୍ଥିତ ଭାରତ ସରକାରଙ୍କ ଉଚ୍ଚାୟୁକ୍ତ ସୌରଭ ସବଲୋକ, ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟର ବରିଷ୍ଠ ଅଧିକାରୀ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ, କିଟ୍ ଇଂଟରନ୍ୟାସନ୍‌ଲ ବ୍ୟାପାର ମହାନିର୍ଦ୍ଦେଶକ ଦେବରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସମାଜ ଓ ସଂସ୍କୃତି ପକ୍ଷରୁ "ଏଇ ଆମରି ଗାଁ'

ଭୁବନେଶ୍ୱର(ସବ୍ୟୁ): ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ "ସମାଜ ଓ ସଂସ୍କୃତି' ପକ୍ଷରୁ ସଙ୍ଗୀତ କାର୍ଯ୍ୟକ୍ରମ "ଏଇ ଆମରି ଗାଁ' ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ନିଶିକାନ୍ତ ମିଶ୍ର କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସମ୍ପାଦକ ଗିରିଜା ଶଙ୍କର ଦାଶଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜଣାଶୁଣା କ=ଶିଳ୍ପୀମାନେ ଯୋଗ ଦେଇ ସଙ୍ଗୀତ ପରିବେଷଣ କରିଥିଲେ । ମୁଖ୍ୟତଃ ଗ୍ରାମ୍ୟ ଜୀବନ, ପରମ୍ପରା ଓ ସଂସ୍କୃତିକୁ ନେଇ ବିଭିନ୍ନ ସମୟରେ କରାଯାଇଥିବା ମନଛୁଆଁ ଗୀତଗୁଡ଼ିକ ଏଥିରେ ସ୍ଥାନ ପାଇଥିଲା । ସହରବାସୀଙ୍କ




ମଧ୍ୟରେ ଗ୍ରାମ୍ୟ ଜୀବନର ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ଏପରି କାର୍ଯ୍ୟକ୍ରମ ପରିକଳ୍ପନା କରାଯାଇଛି ବୋଲି ସମ୍ପାଦକ ଶ୍ରୀ ଦାଶ କହିଥିଲେ । ଗତ ୧୦ ବର୍ଷ ହେଲା ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱରରେ ଏହିପରି କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଆସୁଛି ।

# ରାୟଗଡ଼ାରେ ବେଦାନ୍ତ ଆଲୁମିନିୟମର ମାଗଣା ଚକ୍ଷୁ ପରୀକ୍ଷା ଶିବିର

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍, ଏଲଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ ସହିତ ମିଶି ରାୟଗଡ଼ାର କାଶୀପୁର ବ୍ଲକର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚସି)ରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରିଥିଲା। ଏହି ପଦକ୍ଷେପ କାଶୀପୁର ବ୍ଲକ ଏବଂ ନିକଟସ୍ଥ ଗ୍ରାମଗୁଡ଼ିକର ୧୬୫ରୁ ଅଧିକ ବାସିନ୍ଦାଙ୍କୁ ଉପକୃତ କରିଥିଲା ।

ଏହି ଶିବିରରେ ମୋତିଆବିନ୍ଦୁ ଏବଂ ଅନ୍ୟାନ୍ୟ ଚକ୍ଷୁ ସମ୍ବନ୍ଧୀୟ ସମସ୍ୟାର ପ୍ରାରମ୍ଭିକ ଚିହ୍ନଟ ଉପରେ ଧ୍ୟାନ ଦିଆଯାଇଥିଲା। କାଶୀପୁରର ଭାରପ୍ରାପ୍ତ ଇନ୍ସପେକ୍ଟର ଦେବବ୍ରତ ମଲ୍ଲିକ, କାଶୀପୁରର ସିଏଚସି ମୁଖ୍ୟ ଡକ୍ଟର ନେତ୍ରାନନ୍ଦ ନାୟକଙ୍କ ଉପସ୍ଥିତିରେ ସ୍ଥାନୀୟ ସ୍ୱାସ୍ଥ୍ୟ କର୍ମୀ ଏବଂ ସମ୍ପ୍ରଦାୟ ପ୍ରତିନିଧିଙ୍କ ସହିତ ଏହାକୁ ଉଦଘାଟନ କରିଥିଲେ।




ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ବେଦାନ୍ତ ଆଲୁମିନିୟମରେ, ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପଲବ୍ଧତା ନିଶ୍ଚିତ କରିବା ଆମର ସମ୍ପ୍ରଦାୟ ବିକାଶ ପ୍ରୟାସର ଏକ ମୂଳଦୁଆ। ଚକ୍ଷୁ ଶିବିର ଭଳି ପଦକ୍ଷେପ ମାଧ୍ୟମରେ, ଆମେ ଅତ୍ୟାବଶ୍ୟକ ଚିକିତ୍ସା ସେବାକୁ ସେହି ସମ୍ପ୍ରଦାୟଗୁଡ଼ିକ ନିକଟକୁ ଆଣିବାକୁ ଚେଷ୍ଟା କରୁଛୁ ଯେଉଁମାନଙ୍କୁ ସେମାନଙ୍କୁ ସବୁଠାରୁ ଅଧିକ ଆବଶ୍ୟକତା ଅଛି। ଏହି ପ୍ରୟାସଗୁଡ଼ିକ ସମାଜକୁ ସୁସ୍ଥ, ଅଧିକ ସୂଚନାପ୍ରଦ ଜୀବନଯାପନ କରିବା ପାଇଁ ସଶକ୍ତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

## ବକ୍ସାଇଟ୍ ଖଣି ଖୋଲିବା ପ୍ରସଙ୍ଗ

# କଳାହାଣ୍ଡିବାସୀଙ୍କ ସ୍ୱର ସହିତ ସ୍ୱର ମିଳାଇଲେ ୩ ବିଧାୟକ

ଭୁବନେଶ୍ୱର, (ସବ୍ୟୁ) : ଆର୍ଥିକ ଅଯୌକ୍ତିକତା ଏବଂ ଆଂଚଳିକ ଅନ୍ୟାୟ ବିରୁଦ୍ଧରେ ଏକ ଜୋରଦାର ଆବେଦନ କରି, ବିଧାୟକ ସୁଧୀର ରଞ୍ଜନ ପଟ୍ଟଜୋଶୀ (ଧର୍ମଗଡ଼) ଏବଂ ନୀଳମାଧବ ହିକକା, ବିଧାୟକ ବିଷମ କଟକ ଲାଞ୍ଜିଗଡ଼ରେ ବକ୍ସାଇଟ୍ ଖଣି ଖୋଲିବା ପାଇଁ କଳାହାଣ୍ଡି ସ୍ଥାନୀୟ ଲୋକଙ୍କ ଦୀର୍ଘ ଦିନର ଦାବିକୁ ରାଜ୍ୟ ନେତୃତ୍ୱଙ୍କ ନିକଟରେ ପହଂଚାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି। ରବିବାର ଏହି ଅଂଚଳରେ ବକ୍ସାଇଟ୍ ଖଣି ତୁରନ୍ତ ଖୋଲିବା ପାଇଁ ହୋଇଥିବା ଦାବି ସୂଚକ ବିକ୍ଷୋଭରେ ଯୋଗଦେଇ, ଲାଞ୍ଜିଗଡ଼ ବିଧାୟକ, ପ୍ରଦୀପ କୁମାର ଦିଶାରୀ ମୁଖ୍ୟମନ୍ତ୍ରୀଙ୍କ ସହ ବ୍ୟକ୍ତିଗତ ଭାବରେ ଏହି ପ୍ରସଙ୍ଗ ଉଠାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଲାଞ୍ଜିଗଡ଼ ଆଂଚଳିକ ବିକାଶ ପରିଷଦ ବ୍ୟାନର ତଳେ ଜାରି ରହିଥିବା ଏହି ପ୍ରଦର୍ଶନ ମଧ୍ୟରେ ସେମାନଙ୍କର ପ୍ରତିଶ୍ରୁତି ଆସିଥିଲା, ଯେଉଁଠାରେ ପ୍ରାୟ



୫,୦୦୦ ଗ୍ରାମବାସୀ, ଯୁବକ, ମହିଳା ଏବଂ ସମ୍ପ୍ରଦାୟ ନେତା ସ୍ଥାନୀୟ ବକ୍ସାଇଟ୍ ଖଣି ତୁରନ୍ତ ଖୋଲିବା ପାଇଁ ଦାବି କରି ଲାଞ୍ଜିଗଡ଼ରେ ଏକ ବିଶାଳ ପ୍ରତିବାଦରେ ଏକତ୍ରିତ ହୋଇଥିଲେ। ଏ କ୍ଷେତ୍ରରେ ବିଳମ୍ବ ଆଉ ଏକ ବିକଳ୍ପ ନୁହେଁ ବୋଲି ଏହା ବାର୍ତ୍ତା ଦେଇଥିଲା।

ଏହି ବିଷୟରେ କହି ଧର୍ମଗଡ଼ର ବିଧାୟକ ସୁଧିର ରଞ୍ଜନ ପାଟଜୋଶୀ କହିଛନ୍ତି, "କଳାହାଣ୍ଡିର ତିନି ଲକ୍ଷରୁ ଅଧିକ ଲୋକଙ୍କ ବଂଚିବା ଏହା

### ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉଠାଇବାକୁ ଦେଲେ ପ୍ରତିଶ୍ରୁତି

ଉପରେ ନିର୍ଭର କରେ। ଆମର ଯୁବକମାନେ ପ୍ରବାସ କରୁଛନ୍ତି, ଆମର ପରିବାର ସଂଘର୍ଷ କରୁଛନ୍ତି ଏବଂ ଆମର ଭବିଷ୍ୟତ ଅନିଶ୍ଚିତ। ଏହି ନ୍ୟାୟପୂର୍ଣ୍ଣ ଦାବିରେ ମୁଁ କଳାହାଣ୍ଡିର ଲୋକଙ୍କ ସହିତ ଦୃଢ଼ ଭାବରେ ଠିଆ ହୋଇଛି ଏବଂ ମୁଁ ଏହି ମାମଲାକୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉଠାଇବି ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେ ଗୁରୁତ୍ୱାରୋପ କରି କହିଥିଲେ ଯେ ଏଠାରେ ଦାୟିତ୍ୱପୂର୍ଣ୍ଣ ଏବଂ ସ୍ଥାୟୀ ଖଣି ଖନନ ହେବା ଆବଶ୍ୟକ ଯାହା ଦ୍ୱାରା ଲାଭ ସିଧାସଳଖ ଆମଦାନି ପରିବର୍ତେ ସ୍ଥାନୀୟ ସମ୍ପ୍ରଦାୟ ପାଖରେ ପହଂଚିପାରିବ। "ଏହା କେବଳ ଏକ କଳାହାଣ୍ଡି ସମସ୍ୟା ନୁହେଁ, ଏହା ରାୟଗଡ଼ା ସମେତ ସମଗ୍ର ଅଂଚଳ ପାଇଁ ଏକ ଜୀବନରେଖା। ଯଦି ସୁପ୍ରିମକୋର୍ଟ ଦ୍ୱାରା ପୂର୍ବରୁ ସ୍ଥିର କରାଯାଇଥିବା ସୁରକ୍ଷା ବ୍ୟବସ୍ଥା ସହିତ ଦାୟିତ୍ୱପୂର୍ଣ୍ଣ ଭାବରେ ଖଣି କାର୍ଯ୍ୟ କରାଯାଏ, ତେବେ ଏହା ନିଯୁକ୍ତି ସୃଷ୍ଟି କରିପାରିବା ସହିତ ଭିତିଭୂମିର ଉନ୍ନତି ତଥା ସ୍ଥାନୀୟ ସମ୍ପ୍ରଦାୟର ଉନ୍ନତି ସାଧିତ ହୋଇପାରିବ। ମୁଁ ଏହି ନ୍ୟାୟପୂର୍ଣ୍ଣ ଦାବିରେ ଲୋକଙ୍କ ସହିତ ଠିଆ ହୋଇଛି ଏବଂ ବିକାଶ ଏବଂ ମର୍ଯ୍ୟାଦା ଉଭୟ ସୁନିଶ୍ଚିତ କରୁଥିବା ସମାଧାନ ପାଇଁ ପ୍ରୟାସ ଜାରି ରଖିବି। ଏହି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥାପନ କରିବି ବୋଲି ବିଧାୟକ ବିଷମକଟକ (ରାୟଗଡ଼ା ଜିଲ୍ଲା) ନୀଳମାଧବ ହିକକା କହିଛନ୍ତି। ତିନି ବିଧାୟକଙ୍କ ପ୍ରତିଶ୍ରୁତି ପରେ କଳାହାଣ୍ଡିର ଲୋକମାନେ ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ଆଶା ପ୍ରକାଶ କରିଛନ୍ତି।

# ସୋଆ କୃଷି କଲେଜରେ ଗାଜର ଘାସ ସଚେତନତା ସପ୍ତାହ ଉଦ୍‌ଯାପିତ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍



ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍) ପକ୍ଷରୁ ଅଗଷ୍ଟ ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ୭ ଦିନ ବ୍ୟାପୀ 'ଗାଜର ଘାସ ସଚେତନତା ସପ୍ତାହ' ପାଳିତ ହୋଇଯାଇଛି। ପାର୍ଥେନିୟମ୍ ଭାବେ ପରିଚିତ ଏହି ଗାଜର ଘାସର ଅନିଷ୍ଟକାରୀ ପ୍ରଭାବ ଓ କୃଷି ପ୍ରତି ଏହା କିପରି କ୍ଷତିକାରକ ଏହି ବିଷୟରେ ଜନ ସଚେତନତା ସୃଷ୍ଟି କରିବା ନିମନ୍ତେ ଏହି ସପ୍ତାହ ପାଳିତ ହୋଇଥିଲା। ଏହି ଉପଲକ୍ଷେ ଶିକ୍ଷାନୁଷ୍ଠାନର କ୍ଷେତ୍ର ବିଜ୍ଞାନ ଓ ଉଦ୍ଭିଦ ଶରୀରତତ୍ୱ ବିଭାଗ ପକ୍ଷରୁ ଏକ କର୍ମଶାଳାର ଆୟୋଜନ କରାଯାଇଥିଲା ଯେଉଁଥିରେ ଉଦ୍ଭିଦ ଶରୀରତତ୍ୱ ବିଭାଗର ମୁଖ୍ୟ ପ୍ରଫେସର ସରୋଜ କୁମାର ମହାନ୍ତି ଓ କ୍ଷେତ୍ର ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ବାସୁଦେବ ବେହେରା ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଫେସର ସତ୍ୟାନନ୍ଦ ଜେନା ଓ ବିଶେଷଜ୍ଞ ବଳରାମ ସୁବୁଦ୍ଧି ବିଷୟଭିତିକ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ସମାପନ ଉତ୍ସବରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ। ଏହାଛଡ଼ା ବିଶ୍ୱବିଦ୍ୟାଳୟର ଜାତୀୟ ସେବା ସଂସ୍ଥା (ଏନ୍‌ଏସ୍‌ଏସ୍) ତରଫରୁ ‚ରଅଗଷ୍ଟ ୧୮ ତାରିଖରେ ଭୁବନେଶ୍ୱର ଉପକଣ୍ଠ କଳିଙ୍ଗନଗର ଠାରେ ଏକ ରାଲି ଆୟୋଜିତ ହୋଇଥିଲା। ଏହି ରାଲିରେ ୧୦୦ ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ତଥା ସ୍ଥାନୀୟ ବିକାଶ ପରିଷଦର କର୍ମକର୍ତା ଯୋଗ ଦେଇଥିଲେ। ସୋଆ ଏନ୍‌ଏସ୍‌ଏସ୍‌ର ସଂଯୋଜକ ଡକ୍ଟର କମଳ ଲୋଚନ ମହନ୍ତ, ସ୍ଥାନୀୟ ୱେଲଫେୟାର ଆସୋସିଏସନ୍‌ର ସଂପାଦକ ଶ୍ରୀ କ୍ଷେତ୍ରମୋହନ ଧଳ, ଡକ୍ଟର ଦୀପ୍ତନୁ ଦତ, ଡକ୍ଟର ମୁକେଶ କୁମାର ପାତ୍ର ଓ ଡକ୍ଟର ନେହା ପ୍ରଧାନ ଏଥିରେ ଅଂଶ ଗ୍ରହଣ କରିଥିଲେ। ରଶ୍ମିପ୍ରଭା ଦାସ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କଳମା ଛକରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଜଣେ ଅଭିଯୁକ୍ତ କୋର୍ଟଚାଲାଣ

ବେତନଟୀ (ସବ୍ୟୁ) : ମୟୂରଭଞ୍ଜ - ବାଲେଶ୍ୱର ଜିଲ୍ଲା ସୀମାବର୍ତ୍ତୀ ଅଞ୍ଚଳ ର ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥର କଳମା ଛକ ନିକଟରେ ଶନିବାର ବିଳମ୍ବିତ ରାତି ସମୟରେ ଜମି ଦଲାଲି ଓ ବାଲି ଚାଲାଣକୁ ନେଇ ବାଲେଶ୍ୱର ଜିଲ୍ଲାର ଦୁଇ ଅଞ୍ଚଳର ଦୁଇ ଗୋଷ୍ଠୀ ମଧ୍ୟରେ ହୋଇଥିବା ଗଣ୍ଡଗୋଳରେ ୬ ଅଭିଯୁକ୍ତ ମଧ୍ୟରୁ ଜଣେ ଅଭିଯୁକ୍ତକୁ କୋର୍ଟଚାଲାଣ କଲା ବୈଶିଙ୍ଗା ପୁଲିସ । ପ୍ରାପ୍ତ ସୂଚନା ମୁତାବକ ଶନିବାର ବିଳମ୍ବିତ ରାତି ସମୟରେ ବାଲେଶ୍‌ବର ଜିଲ୍ଲା ଶିଳ୍ପାଞ୍ଚଳ ଥାନା ଅଧୀନ ଶାସନବାଡ଼ ଓ ସଦର ଥାନା ଅଧୀନ ନହରପାଟଣା ନିକଟସ୍ଥ ଗୋବିନ୍ଦପୁର ଅଞ୍ଚଳର ଦୁଇ ଗୋଷ୍ଠୀ ମଧ୍ୟରେ ଜମି ଦଲାଲି ଓ ବାଲି ଚାଲାଣକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଗୋବିନ୍ଦପୁର ଅଞ୍ଚଳ ଓ ବୈଶିଙ୍ଗା ଥାନା ଅଞ୍ଚଳର ଛଅ ଜଣ ଯୁବକ ଶାସନବାଡ଼ ଅଞ୍ଚଳର ହେମନ୍ତ ପରିଡା(୩୮)ଙ୍କୁ ହଠାତ୍ ତେଲେଙ୍ଗା କଟୁରୀ ଏବଂ ଥଣ୍ଡା ବୋତଲରେ ଆକ୍ରମଣ କରିଥିଲେ। ଏଥିରେ ଶାସନବାଡ଼ ଗ୍ରାମର ସୋମନାଥ ପରିଡ଼ାଙ୍କ ପୁଅ ହେମନ୍ତଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ଖବର ପାଇ ବୈଶିଙ୍ଗା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଆହତ ହେମନ୍ତଙ୍କୁ ବୈଶିଙ୍ଗା ଡାକ୍ତରଖାନାକୁ ନେଇଯାଇଥିଲେ । ଏହା ସହ ହେମନ୍ତଙ୍କ ପାଖରେ ଥିବା ପାଖାପାଖି ୫ଲକ୍ଷ ଟଙ୍କା ସହ ତାଙ୍କ ପାଖରେ ଥିବା ସୁନା ଚେନକୁ ଛଡାଇ ନେଇଯାଇଥିଲେ ।

# କିଟ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପ୍ରେରଣାଦାୟୀ ବକ୍ତୃତା

ଭୁବନେଶ୍ୱର (ସବ୍ୟୁ): କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଛି। ଏହି ଆଲୋଚନା ଚକ୍ରରେ କିଟ୍‌ର ପ୍ରତିଷ୍ଠାତା ସଭ୍ୟ ତଥା ଅନୁଷ୍ଠାନର ସଭାପତି ଡଃ. ଚିତ୍ତ ରଞ୍ଜନ ମିଶ୍ର ଓ ଖଲିକୋଟ ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ଜୀବ ବିଜ୍ଞାନ ବିଭାଗର ପ୍ରାକ୍ତନ ପ୍ରଫେସର ଡଃ ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇଥିଲେ। ଆଲୋଚନାରେ ସଭାପତି ଡଃ. ଚିତ୍ତ ରଞ୍ଜନ ମିଶ୍ର ପିଲାମାନଙ୍କୁ ଶୃଙ୍ଖଳିତ ଜୀବନ ତଥା ଗୁରୁ ଗୁରୁଜନଙ୍କୁ ଭକ୍ତି, ନମ୍ରତା ଓ ସମର୍ପଣ ଭାବ ରହିଲେ ନିଶ୍‌ଚିତ ଭାବରେ ଜଣେ ଉତ୍ତମ ନାଗରୀକ ହୋଇପାରିବେ ବୋଲି କହିଥିଲେ । ସେହିପରି ମୁଖ୍ୟବକ୍ତା ଭାବେ ପ୍ରଫେସର




ଡଃ. ପ୍ରଫୁଲ୍ଲ କୁମାର ମହାନ୍ତି ପିଲାମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ଉତ୍ତମ ମଣିଷ ହେବା ନିମନ୍ତେ କୌଶଳୀ ଅଭିଜ୍ଞତା, ପ୍ରୋତ୍ସାହନ ଏବଂ ଅଭିପ୍ରେରଣା ଉପରେ ଗୁରୁତ୍ୱାରୋପ କରିଥିଲେ । ଶେଷରେ ଉକ୍ତ କାର୍ଯ୍ୟକ୍ରମକୁ ନିୟମିତ ଆୟୋଜନ ଦ୍ୱାରା ଏହା ଅନୁଷ୍ଠାନକୁ ଭିନ୍ନ ଏକ ଅନୁଷ୍ଠାନ ରୂପେ ଗଢିବା ସହ ବିଦ୍ୟାର୍ଥୀଙ୍କ ସମୃଦ୍ଧି ନିମନ୍ତେ ବାଟ କଢାଇବ ବୋଲି ଅଧକ୍ଷ ପ୍ରଫେସର ଉଦୟ ଶଙ୍କର ଆଚାର୍ଯ୍ୟ ଧନ୍ୟବାଦ କ୍ରମରେ ନିଜର ବକ୍ତବ୍ୟ ରଖିଥିଲେ।

# ଗାଜା ହସ୍ପିଟାଲ ଉପରେ ଏୟାର ଷ୍ଟ୍ରାଇକ

## ୪ ସାମ୍ବାଦିକଙ୍କ ସମେତ ୨୦ ମୃତ



ଗାଜା ସିଟି : ଗାଜାରେ ଆକ୍ରମଣକୁ ଜୋରଦାର କରିଛି ଇସ୍ରାଏଲ। ଆଜି ଇସ୍ରାଏଲ ପକ୍ଷରୁ ଗାଜାର ନସୀର ହସ୍ପିଟାଲ ଉପରେ ଏୟାର ଷ୍ଟ୍ରାଇକ କରାଯାଇଛି। ଏହି ଏୟାର ଷ୍ଟ୍ରାଇକରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ୧୫ ଜଣଙ୍କ ଜୀବନ ଯାଇଛି। ମୃତକଙ୍କ ମଧ୍ୟରେ ୪ ଜଣ ସାମ୍ବାଦିକ ରହିଛନ୍ତି। ୪ ସାମ୍ବାଦିକଙ୍କ ମଧ୍ୟରେ ଥିବା ୩୩ ବର୍ଷୀୟ ମାରିଅମ ଡାଗା ଏପି ପାଇଁ ଫ୍ରିଲାନ୍ସର ଭାବେ କାମ କରୁଥିଲେ। ସେହିପରି ଅନ୍ୟମାନେ ଅଲ ଜଜୀରା ଓ ଅନ୍ୟ ଅନ୍ତର୍ଜାତୀୟ ଗଣମାଧ୍ୟମର ସାମ୍ବାଦିକ। ଗାଜାରେ ଇସ୍ରାଏଲ ଆକ୍ରମଣ ଆରମ୍ଭ କରିବା ଦିନ ଠାରୁ ମାରିଅମ ଏପି ପାଇଁ ଖବର ପ୍ରକାଶ କରି ଆସୁଥିଲେ। ନିକଟରେ ନସୀର ହସ୍ପିଟାଲରେ ଅନାହାର ଯୋଗୁ ଛୋଟ ପିଲାମାନଙ୍କୁ ବଞ୍ଚାଇବାରେ ଡାକ୍ତରମାନେ କେମିତି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ସେକଥା ପୂରା ବିଶ୍ୱକୁ ଦେଖାଇଥିଲେ ମାରିଅମ। ଏହାକୁ ନେଇ ବିଶ୍ୱରେ ବେଶ ଚହଳ ସୃଷ୍ଟି ହୋଇଥିଲାଛ ଗାଜାରେ ମାନବୀୟ ସହାୟତା ଯୋଗାଣ ବନ୍ଦ କରିଥିବା ଇସ୍ରାଏଲ ଉପରେ ଅନ୍ତର୍ଜାତୀୟ ସ୍ତରରେ ଚାପ ମଧ୍ୟ ସୃଷ୍ଟି ହୋଇଥିଲା। ସମ୍ଭବତଃ ଏଥିପାଇଁ ଇସ୍ରାଏଲ ନସୀର ହସ୍ପିଟାଲରେ ଏୟାର ଷ୍ଟ୍ରାଇକ କରିଥିବା କୁହାଯାଉଛି। ନସୀର ହସ୍ପିଟାଲ ଷ୍ଟ୍ରାଇକରେ ଅଲ ଜଜୀରାର ସାମ୍ବାଦିକ ମହମ୍ମଦ ସଲାମଙ୍କ ମୃତ୍ୟୁ ହୋଇଥିବା ସଂସ୍ଥା ପକ୍ଷରୁ ନିଶ୍ଚିତ କରାଯାଇଛି। ରୟଟର୍ସ ରିପୋର୍ଟ କରିଛି ଯେ ଆକ୍ରମଣରେ ତା'ର କଣ୍ଟ୍ରାକଫର ହୁସାମ ଅଲ ମସରୀଙ୍କ ମୃତ୍ୟୁ ହୋଇଥିବା ବେଳେ ଫଟୋଗ୍ରାଫର ହାତେମ ଖାଲେଦ ଆହତ ହୋଇଛନ୍ତି।

ଦୀର୍ଘ ୨୨ ମାସ ହେଲାଣି ଇସ୍ରାଏଲ ଓ ହମାସ ମଧ୍ୟରେ ଗାଜା ପଟିରେ ଲେଇ ଚାଲିଛି। ଇତି ମଧ୍ୟରେ ୧୯୨ ଜଣ ଗଣମାଧ୍ୟମ ପ୍ରତିନିଧିଙ୍କ ମୃତ୍ୟୁ ସେଠାରେ ହୋଇ ସାରିଲାଣି। ତେବେ ରୁଷ ଓ୍ୟୁକ୍ରେନ ମଧ୍ୟରେ ସାଢେ ୩ ବର୍ଷ ଧରି ଚାଲିଥିବା ଯୁଦ୍ଧରେ ୧୮ ଜଣ ସାମ୍ବାଦିକ ପ୍ରାଣ ହରାଇଛନ୍ତି।



ରାଷ୍ଟ୍ରପତି ଭବନଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଫିଜି ସାଧାରଣତନ୍ତ୍ରର ପ୍ରଧାନମନ୍ତ୍ରୀ ଏସ୍‌ଏଲ୍ ରାବୁକା ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି।

### ଭାରତୀୟ ରାଷ୍ଟ୍ରଦୂତଙ୍କ ରୋକଠୋକ୍ ଜବାବ୍


# କାହାରି ଚାପକୁ ଭାରତ ଖାତିର କରେ ନାହିଁ



ମସ୍କୋ : ରୁଷିଆରେ ଭାରତୀୟ ରାଷ୍ଟ୍ରଦୂତ ବିନୟ କୁମାର ସ୍ପଷ୍ଟ କରିଛନ୍ତି ଯେ, ଭାରତ ତୈଳ କ୍ରୟ ପ୍ରକ୍ରିୟାରେ କୌଣସି ଚାପ କାମ କରିବ ନାହିଁ। ଭାରତୀୟ କମ୍ପାନିଗୁଡ଼ିକ ଯେଉଁଠାରୁ ସର୍ବୋତ୍ତମ ଡିଲ୍ ପାଇବେ ସେଠାରୁ ତେଲ କିଣିବା ଜାରି ରଖିବେ। ଆମେରିକାକୁ ସମାଲୋଚନା କରି ସେ କହିଛନ୍ତି, ନୂଆଦିଲ୍ଲୀ ନିଜର ଜାତୀୟ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରିବ। ଆମେରିକା ଦ୍ୱାରା ଭାରତ ଉପରେ ଅତିରିକ୍ତ ଶୁଳ୍କ ଘୋଷଣା ନେଇ ବିନୟଙ୍କର ଏହି ମନ୍ତବ୍ୟ ଆସିଛି। ଆମେରିକା କହି'ଲା, ଭାରତ ଉପରେ ଶୁଳ୍କ ଲଗାଇବାର ଉଦ୍ଦେଶ୍ୟ ହେଉଛି ଏହାକୁ ରୁଷିଆରୁ ତେଲ କିଣିବାରୁ ରୋକିବା।

ରୁଷିଆର ସରକାରୀ ସମାଚାର ଏଜେନ୍ସି ଟିଏଏସଏସ ସହିତ ଏକ ସାକ୍ଷାତକାରରେ ବିନୟ କୁମାର ଭାରତର ତୈଳ କ୍ରୟ ଏବଂ ଆମେରିକା ସହିତ ଉତ୍ତେଜନା ବିଷୟରେ କହିଛନ୍ତି। ସେ କହିଛନ୍ତି, ନୂଆଦିଲ୍ଲୀର ପ୍ରାଥମିକତା ହେଉଛି ଦେଶର ୧.୪ ବିଲିୟନ ଲୋକଙ୍କ ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବ। ଭାରତ ଏବଂ ରୁଷିଆ ମଧ୍ୟରେ ବାଣିଜ୍ୟ ପାରସ୍ପରିକ ସ୍ୱାର୍ଥ ଏବଂ ବଜାର କାରକ ଉପରେ ଆଧାରିତ। ଭାରତରଲୋକଙ୍କ ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବାର ସାମଗ୍ରିକ ଉଦ୍ଦେଶ୍ୟ ହାସଲ ପାଇଁ ଏହା କରାଯାଉଛି।ବିନୟ କୁମାର ରୁଷିଆ ସହିତ ନୂଆଦିଲ୍ଲୀର ନିରନ୍ତର ଶକ୍ତି ବାଣିଜ୍ୟର ଜବାବରେ ଭାରତୀୟ ଆମଦାନୀ ଉପରେ ଶୁଳ୍କ ଦ୍ୱିଗୁଣିତ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିଷ୍ପତ୍ତିକୁ କଡ଼ା ସମାଲୋଚନା କରିଛନ୍ତି। ଏପରି ଶୁଳ୍କ ବୃଦ୍ଧି ନ୍ୟାୟପୂର୍ଣ୍ଣ ବାଣିଜ୍ୟର ନୀତିକୁ କ୍ଷୁର୍ଣ୍ଣ କରେଛ ସେ ସ୍ପଷ୍ଟ ଭାବରେ କହିଛନ୍ତି, ଭାରତ ଉପରେ ଶୁଳ୍କ ଲାଗୁ କରିବା ପାଇଁ ଆମେରିକାର ନିଷ୍ପତ୍ତି ଅଯୌକ୍ତିକ ଏବଂ ଅନୁଚିତ।ବିନୟ କୁମାର ଟ୍ରମ୍ପଙ୍କୁ ସିଧାସଳଖ ବାର୍ତ୍ତା ଦେଇ କହିଛନ୍ତି, ଭାରତର ଶକ୍ତି ନୀତି ବାହ୍ୟ ରାଜନୈତିକ ଚାପ ଦ୍ୱାରା ନୁହେଁ, ବରଂ ନିଜର ଲୋକଙ୍କୁ ନିର୍ଭରଯୋଗ୍ୟ ଯୋଗାଣ ସୁନିଶ୍ଚିତ କରିବାର ଆବଶ୍ୟକତା ଉପରେ ଆଧାରିତ ବାଣିଜ୍ୟିକ ଭିତ୍ତିରେ କରାଯାଇଥାଏ। ଭାରତୀୟ କମ୍ପାନିଗୁଡ଼ିକ ଯେଉଁଠାରୁ ସର୍ବୋତ୍ତମ ଡିଲ୍ ପାଇବେ ସେଠାରୁ ତେଲ କିଣିବା ଜାରି ରଖିବେ। ଏହା ବର୍ତ୍ତମାନର ପରିସ୍ଥିତି।ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ମଧ୍ୟ ରୁଷିଆରୁ ତେଲ କିଣିବା ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଜୟଶଙ୍କର ଆମେରିକାର ଶୁଳ୍କ ବୃଦ୍ଧି ପଦକ୍ଷେପକୁ ଅନୁଚିତ ବୋଲି କହିଛନ୍ତି। ସେ କହିଛନ୍ତି ଯେ, ନୂଆଦିଲ୍ଲୀ ଭାରତୀୟ ଚାଷୀ ଏବଂ କ୍ଷୁଦ୍ର ଉତ୍ପାଦକଙ୍କ ସ୍ୱାର୍ଥ ସହିତ କୌଣସି ସାଲିସ୍ କରିବ ନାହିଁ।

# ଉପରାଷ୍ଟ୍ରପତିଙ୍କ ଇସ୍ତଫା : ଉତ୍ତର ରଖିଲେ ଶାହ



ନୂଆଦିଲ୍ଲୀ: ଜୁଲାଇ ୨୧ରେ ମୌସୁମୀ ଅଧିବେଶନର ପ୍ରଥମ ଦିନ ଶେଷ ହେବା ପରେ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ ଜଗଦୀପ ଧନଖଡ଼। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟକୁ ପଠାଇଥିବା ଇସ୍ତଫାପତ୍ରରେ ଜଗଦୀପ ଧନଖଡ଼ ଲେଖିଥିଲେ ଯେ, ଡାକ୍ତରଙ୍କ ପରାମର୍ଶ ଏବଂ ସ୍ୱାସ୍ଥ୍ୟର ଯତ୍ନକୁ ଅଗ୍ରାଧିକାର ଦେଇ ସେ ନିଜ ପଦରୁ ଇସ୍ତଫା ଦେଉଛନ୍ତି। ହଠାତ୍ ତାଙ୍କର ଇସ୍ତଫା ଦେବା ନିଷ୍ପତ୍ତିକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ଏହା ପଛର ପ୍ରକୃତ କାରଣ କଣ ତାହା ଜାଣିବାକୁ ଚାହିଁଥିଲେ ଲୋକେ। ସ୍ୱାସ୍ଥ୍ୟ ସମସ୍ୟା ଏହାର କାରଣ ବୋଲି ଧନଖଡ଼ କହିଥିଲେ ବି କେହି ଏହାକୁ ବିଶ୍ୱାସ କରିନଥିଲେ। ଏବେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ଧନଖଡ଼ଙ୍କ ଇସ୍ତଫା ପଛର କାରଣ ଜଣାଇଛନ୍ତି।କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସୋମବାର କହିଛନ୍ତି ଯେ, ଜଗଦୀପ ଧନଖଡ଼ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଛନ୍ତି ଏବଂ ଏହା ପଛରେ ଅନ୍ୟ କୌଣସି କାରଣ ନାହିଁ। ତାଙ୍କ କହିବା ମୁତାବକ, "ଧନଖଡ଼ଜୀ ଏକ ସାମ୍ବିଧାନିକ ପଦବୀରେ ବସିଥିଲେ ଏବଂ ତାଙ୍କ କାର୍ଯ୍ୟକାଳ ମଧ୍ୟରେ, ସେ ସମ୍ବିଧାନ ଅନୁସାରେ ଭଲ କାମ କରିଥିଲେ। ସେ ତାଙ୍କର ବ୍ୟକ୍ତିଗତ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ଇସ୍ତଫା ଦେଇଛନ୍ତି। ଏହା ଉପରେ ଅଧିକ ତର୍ଜମା କରି କିଛି ଖୋଜିବା ପାଇଁ ଚେଷ୍ଟା କରିବା ଉଚିତ୍ ନୁହେଁ।"ଧନଖଡ଼ଙ୍କ କାର୍ଯ୍ୟକାଳ ଅଗଷ୍ଟ ୨୦୨୭ରେ ଶେଷ ହେବାକୁ ଥିଲା। ପ୍ରାୟ ୨ବର୍ଷ ପୂର୍ବରୁ ଜୁଲାଇ ୨୧ରେ ସେ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ। ତାଙ୍କ ଉତ୍ତରାଧିକାରୀ ବାଛିବା ପାଇଁ ସେପ୍ଟେମ୍ବର ୯ତାରିଖରେ ନିର୍ବାଚନ ହେବାର କାର୍ଯ୍ୟକ୍ରମ ରହିଛି। ଉପ-ରାଷ୍ଟ୍ରପତି ନିର୍ବାଚନରେ ପାଇଁ ମହାରାଷ୍ଟ୍ରର ରାଜ୍ୟପାଳ ସିପି ରାଧାକ୍ରିଷ୍ଣନଙ୍କୁ ଏନଡିଏ ପ୍ରାର୍ଥି କରିଥିବା ବେଳେ ଇଣ୍ଡି ମେଣ୍ଟର ପ୍ରାର୍ଥି ହୋଇଛନ୍ତି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ବି.ସୁଦର୍ଶନ ରେଡ୍ଡୀ।

ଉଲ୍ଲେଖଯୋଗ୍ୟ, ୨୦୨୨ ମସିହା ଅଗଷ୍ଟ ୧୧ରୁ ଧନଖଡ଼ ଉପରାଷ୍ଟ୍ରପତି ଭାବେ କାର୍ଯ୍ୟ କରିଆସୁଥିଲେ। ପୂର୍ବରୁ୨୦୧୯ରୁ୨୦୨୨ ପର୍ଯ୍ୟନ୍ତ ପଶ୍ଚିମବଙ୍ଗର ରାଜ୍ୟପାଳ ଭାବେ କାର୍ଯ୍ୟ କରିଥିଲେ। ୧୯୮୯ରୁ୧୯୯୧ ପର୍ଯ୍ୟନ୍ତ ସେ ଲୋକସଭାର ସଦସ୍ୟ ଥିଲେ। ୧୯୯୦ରୁ ୧୯୯୧ ମଧ୍ୟରେ ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କ ମନ୍ତ୍ରିମଣ୍ଡଳରେ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ୧୯୯୩ରୁ ୧୯୯୮ ପର୍ଯ୍ୟନ୍ତ ସେ ରାଜସ୍ଥାନ ବିଧାନସଭାରେ ବିଧାୟକ ନିର୍ବାଚିତ ହୋଇଥିଲେ। ୧୯୭୯ରେ ଆଇନଜୀବୀ ଭାବେ ସେ ରାଜସ୍ଥାନରୁ ତାଙ୍କର ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ।

## ଅହମଦାବାଦରେ ପ୍ରଧାନମନ୍ତ୍ରୀଙ୍କ ରୋଡ ଶୋ'

ଅହମଦାବାଦ : ଅହମଦାବାଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ରୋଡ ସୋ କରିବା ସହ ଖୋଡାଲଧାମ ଗ୍ରାଉଣ୍ଡରେ ୫୪୦୦ କୋଟି ଟଙ୍କାର ଅନେକ ବିକାଶ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଆୟୋଜିତ ଏକ ଜନସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ ଟ୍ରମ୍ପଙ୍କ ଶୁଳ୍କ ଉପରେ ଏକ ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ ଆଜି ବିଶ୍ୱରେ, ଆମେ ଆର୍ଥିକ ସ୍ୱାର୍ଥର ରାଜନୀତିକୁ ଭଲ ଭାବରେ ଦେଖୁଛୁ, ସମସ୍ତେ ନିଜ ନିଜ କାମ କରିବାରେ ବ୍ୟସ୍ତ ଅଛନ୍ତି। କିନ୍ତୁ 'ଯେତେ ଚାପ ଆସିଲେ ମଧ୍ୟ, ଆମେ ଆମର ଶକ୍ତି ବୃଦ୍ଧି କରିବୁ। ପ୍ରଧାନମନ୍ତ୍ରୀ ମୋଦୀ ସ୍ପଷ୍ଟ କରିଛନ୍ତି ଯେ ଦେଶର ଚାଷୀ ଏବଂ ଗୋପାଳକଙ୍କ ସ୍ୱାର୍ଥ ତାଙ୍କ ପାଇଁ ସର୍ବୋପରି। ସେ କହିଛନ୍ତି, ମୁଁ ଗାନ୍ଧୀଙ୍କ ଭୂମିରୁ କହୁଛି, ମୋ ଦେଶର ଛୋଟ ଉଦ୍ୟୋଗୀ, ଚାଷୀ, ଗୋପାଳକ ହେଉ, ସେମାନଙ୍କ ସ୍ୱାର୍ଥ ମୋ ପାଇଁ ସର୍ବୋପରି। ପ୍ରଧାନମନ୍ତ୍ରୀ ମୋଦୀ ସ୍ପଷ୍ଟ କରିଛନ୍ତି ଯେ ଦେଶର ଚାଷୀ ଏବଂ ଗୋପାଳକଙ୍କ ସ୍ୱାର୍ଥ ତାଙ୍କ ପାଇଁ ସର୍ବୋପରି। ସେ କହିଛନ୍ତି, ମୁଁ ଗାନ୍ଧୀଙ୍କ ଭୂମିରୁ କହୁଛି, ମୋ ଦେଶର ଛୋଟ ଉଦ୍ୟୋଗୀ, ଚାଷୀ, ଗୋପାଳକ ହେଉ, ସେମାନଙ୍କ ସ୍ୱାର୍ଥ ମୋ ପାଇଁ ସର୍ବୋପରି। ମୋ ସରକାର କେବେବି ଛୋଟ ଉଦ୍ୟୋଗୀ, ଚାଷୀ, ଗୋପାଳକଙ୍କ ପ୍ରତି କୌଣସି କ୍ଷତି ହେବାକୁ ଦେବ ନାହିଁ। ଯେତେ ଚାପ ଆସିଲେ ମଧ୍ୟ, ଆମେ ଏହାକୁ ସହ୍ୟ କରିବା ପାଇଁ ଆମର ଶକ୍ତି ବୃଦ୍ଧି କରିବୁ। ସେ ଆହୁରି ମଧ୍ୟ ଲୋକମାନଙ୍କୁ ସ୍ୱଦେଶୀ ସାମଗ୍ରୀ ଖରିଦ କରିବାକୁ ନିବେଦନ କରିଛନ୍ତି। ସେହିପରି ବିଦେଶୀ ସାମଗ୍ରୀ ବିକ୍ରି କରିବାରୁ ବ୍ୟବସାୟୀମାନେ ବିରତ ରହିବା ଆବଶ୍ୟକ ବୋଲି ସେ କହିଛନ୍ତି।

## ଲକ୍ଷ୍ନୌ ଗଲେ, ଘରକୁ ଯାଇପାରିଲେନି ଶୁଭାଂଶୁ



ନୂଆଦିଲ୍ଲୀ: ମହାକାଶରୁ ଫେରିବା ପରେ ଶୁଭାଂଶୁ ଶୁକ୍ଳା ସୋମବାର ତାଙ୍କ ସହର ଲକ୍ଷ୍ନୌରେ ପହଞ୍ଚିଛନ୍ତି। ସେ ସେଠାକୁ ୩ଦିନିଆ ଗସ୍ତରେ ଯାଇଛନ୍ତି। ସାରା ବିଶ୍ୱରେ ନା କରିଥିବା ସୁନା ପୁଅ ଲକ୍ଷ୍ନୌରେ ପହଞ୍ଚିବା ପରେ ପରିବାର ତାଙ୍କୁ ଦେଖି ଖୁବ ଖୁସି ହୋଇଯାଇଥିବା ଜଣାଯାଇଛି। ହେଲେ ଏହି ଖୁସି ଭିତରେ ଏକ ଦୁଃଖ ଖବର ରହିଛି। ତାହା ହେଲା ଶୁଭାଂଶୁ ନିଜ ସହରକୁ ଯାଇ ମଧ୍ୟ ନିଜ ଘରକୁ ଯାଇପାରିବେ ନାହିଁ। ଲକ୍ଷ୍ନୌରେ ତାଙ୍କ ପିତାମାତା, ଭାଇଭଉଣୀ ଏବଂ ଅନେକ ସମ୍ପର୍କୀୟଙ୍କୁ ଭେଟିଥିବା ଶୁଭାଂଶୁ ନିଜ ପିଲାଦିନ କଟାଇଥିବା ଘରକୁ ଯାଇପାରିବେନି ବୋଲି ଜଣାଯାଇଛି। ସୁରକ୍ଷା କାରଣରୁ ପ୍ରଶାସନ ଏହି ନିଷ୍ପତ୍ତି ନେଇଥିବା ସାମ୍ନାକୁ ଆସିଛି। ଶୁଭାଂଶୁ ସୋମବାର ସକାଳ ୮ଟା ୩୦ରେ ଲକ୍ଷ୍ନୌର ଚୌଧୁରୀ ଚରଣ ସିଂହ ବିମାନବନ୍ଦରରେ ପହଞ୍ଚିଥିଲେ, ଯେଉଁଠାରେ ତାଙ୍କ ସ୍କୁଲ ସିଟି ମୋଣ୍ଟେସରିର ଛାତ୍ରଛାତ୍ରୀମାନେ ତାଙ୍କୁ ଫୁଲ ମାଳା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସ୍ୱାଗତ କରିଥିଲେ। ଏହା ପରେ, ଦିନସାରା ବିଭିନ୍ନ ସ୍ଥାନରେ ତାଙ୍କୁ ସ୍ୱାଗତ କରିବା ପାଇଁ ଅନେକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

ମହାକାଶରୁ ଫେରିବା ପରେ ଶୁଭାଂଶୁ ଶୁକ୍ଳା ଗୋଟିଏ ସପ୍ତାହ ପାଇଁ ଦିଲ୍ଲୀରେ ଥିଲେ, ଯାହା ପରେ ସେ ଆଜି ତାଙ୍କ ସହର ଲକ୍ଷ୍ନୌରେ ପହଞ୍ଚିଛନ୍ତି। ଶୁଭାଂଶୁ ଆଜିଠାରୁ ତିନି ଦିନ ପାଇଁ ଏଠାରେ ରହିବେ। ଏଠାରେ ସେ ତାଙ୍କ ପରିବାର ସଦସ୍ୟଙ୍କୁ ଭେଟିପାରିବେ କିନ୍ତୁ ପୁରୁଣା ସ୍ମୃତିକୁ ତାଜା କରିବା ପାଇଁ ତାଙ୍କ ଘରକୁ ଯାଇପାରିବେ ନାହିଁ। ଏହା ପଛରେ ସୁରକ୍ଷା ଏକ ବଡ଼ କାରଣ ବୋଲି କୁହାଯାଉଛି।

### ସୁପ୍ରିମ୍‌କୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଶ୍ୱଶୁର ଘର ଦଖଲ କରିପାରିବେନି ବୋହୂ

ନୂଆଦିଲ୍ଲୀ : ବିହାରର ମୁଜାଫରପୁରରୁ ଏକ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ଏହି ମାମଲାରେ, ବୋହୂଙ୍କ ଦ୍ୱାରା ଶାଶୁ ଏବଂ ଶ୍ୱଶୁରଙ୍କ ଘର ଦଖଲକୁ ନେଇ ମମଲା ଦାଏର ହୋଇଥିଲା। ଶାଶୁ ଏବଂ ଶ୍ୱଶୁରଙ୍କୁ ସୁପ୍ରିମକୋର୍ଟରୁ ନ୍ୟାୟ ମିଳିଛି ଏବଂ ସୁପ୍ରିମକୋର୍ଟ ଜବର ଦଖଲକାରୀ ବୋହୂଙ୍କ ଆବେଦନକୁ ଖାରଜ କରିଛନ୍ତି। ଫଳରେ ଜିଲ୍ଲାର ସଦର ଥାନା ଅଞ୍ଚଳର ଦିଘରାରେ ଶାଶୁ ଏବଂ ଶ୍ୱଶୁରଙ୍କ ଘର ଦଖଲ କରିଥିବା ବୋହୂଙ୍କୁ ସୁପ୍ରିମକୋର୍ଟରୁ ବଡ଼ ଝଟକା ଲାଗିଛି। ଶୀର୍ଷକୋର୍ଟ ପାଟନା ହାଇକୋର୍ଟଙ୍କର ରାୟକୁ କାଏମ୍ ରଖିଛନ୍ତି ଏବଂ ବୋହୂ ନାନସିଙ୍କ ଆବେଦନକୁ ଖାରଜ କରିଛନ୍ତି। କୋର୍ଟ କହିଛନ୍ତି ଯେ, ମହିଳାଙ୍କୁ ତାଙ୍କ ସ୍ୱାମୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ବିକଳ୍ପ ବାସସ୍ଥାନରେ ରହିବାକୁ ପଡ଼ିବ। ବୋହୂ ତାଙ୍କ ଶାଶୁ ଏବଂ ଶ୍ୱଶୁରଙ୍କ ପୈତୃକ ଘରକୁ ଦେଢ଼ ବର୍ଷ ପୂର୍ବେ ଅଧିକାର କରିଥିଲେ। ପ୍ରାୟ ଦେଢ଼ ବର୍ଷ ପୂର୍ବେ ଏକ ବୈବାହିକ ବିବାଦରେ, ବୋହୂ ପୁଲିସ ଉପସ୍ଥିତିରେ ତାଙ୍କ ଶ୍ୱଶୁର ଘର ଉପରେ ବେଆଇନ ଭାବରେ କବ୍ଜା କରିଥିଲେ। ଏହା ପରେ ମାମଲା କୋର୍ଟରେ ପହଞ୍ଚିଥିଲା। ନିମ୍ନ ଅଦାଲତ ପୀଡିତ ଶ୍ୱଶୁର ଘର ସପକ୍ଷରେ ରାୟ ଦେଇଥିଲେ ଏବଂ ବୋହୂଙ୍କୁ ଘର ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିଲେ, କିନ୍ତୁ ବୋହୂ କୋର୍ଟର ଆଦେଶକୁ ପ୍ରତ୍ୟାଖ୍ୟାନ କରି ହାଇକୋର୍ଟକୁ ଯାଇଥିଲେ। କିନ୍ତୁ ବାସଗୃହରେ ଥିବା ବୋହୂ ହାଇକୋର୍ଟରେ ମଧ୍ୟ ହାରିଯାଇଥିଲେ। ହାଇକୋର୍ଟ ତାଙ୍କ ରାୟରେ କହିଥିଲେ ଯେ, ମହିଳାଙ୍କ ତାଙ୍କ ଶ୍ୱଶୁରଙ୍କ ଘର ଦଖଲ କରିବାର କୌଣସି ଅଧିକାର ନାହିଁ। ତାଙ୍କୁ ଘର ଖାଲି କରିବାକୁ ପଡ଼ିବ। ମହିଳା ଜଣକ ଏହା ବିରୁଦ୍ଧରେ ସୁପ୍ରିମକୋର୍ଟରେ ଏକ ଆବେଦନ ଦାଏର କରିଥିଲେ। କିନ୍ତୁ କୋର୍ଟରେ ପ୍ରଥମ ଶୁଣାଣିରେ ହିଁ ଆବେଦନ ଖାରଜ ହୋଇଯାଇଥିଲା। ସୁପ୍ରିମକୋର୍ଟ ହାଇକୋର୍ଟଙ୍କର ରାୟକୁ କାଏମ୍ କରି ବୋହୂଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ସୁପ୍ରିମକୋର୍ଟ ଏହା ମଧ୍ୟ କହିଛନ୍ତି ଯେ, ଯଦି ଉଭୟ ପକ୍ଷ ଚାହିଁବେ,ତେବେ ସେମାନେ ମଧ୍ୟସ୍ଥତା ମାଧ୍ୟମରେ ବିବାଦର ସମାଧାନ କରିପାରିବେ। ଏହା ଜିଲ୍ଲାର ପ୍ରଥମ ଘଟଣା ଯାହା ଦେଶର ସୁପ୍ରିମକୋର୍ଟରେ ପହଞ୍ଚିଛି। ଏପରି ପରିସ୍ଥିତିରେ,ଏହି ମାମଲାକୁ ନେଇ ସମଗ୍ର ଅଞ୍ଚଳରେ ଆଲୋଚନା ହେଉଛି। ସବୁଠାରୁ ବଡ଼ କଥା ହେଉଛି ପୁଲିସ ଉପସ୍ଥିତିରେ ଦଖଲ ଘଟଣା ଘଟିଥିଲା।

### ପ୍ରଧାନମନ୍ତ୍ରୀ ମୋଦିଙ୍କ ଡିଗ୍ରୀ ବିବାଦ

# ରେକର୍ଡ ସାର୍ବଜନୀନ କରିବା ନିର୍ଦ୍ଦେଶ ଖାରଜ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଡିଗ୍ରୀକୁ ନେଇ ଚାଲିଥିବା ବିବାଦରେ ବଡ଼ ଟ୍ୱିଷ୍ଟ ଆସିଛି। ୨୦୧୬ରେ କେନ୍ଦ୍ରୀୟ ସୂଚନା କମିଶନ(ସିଆଇସି) ରେକର୍ଡ ସାର୍ବଜନୀନ କରିବାକୁ ଦେଇଥିବା ନିର୍ଦ୍ଦେଶକୁ ଆଜି ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଛନ୍ତି। ସିଆଇସି ଜଣେ ଆରଟିଆଇ କର୍ମୀଙ୍କୁ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ୧୯୭୮ ମସିହା ବିଏ ରେକର୍ଡକୁ ଯାଞ୍ଚ ପାଇଁ ଅନୁମତି ଦେଇଥିଲେ। ସେହିବର୍ଷ ପ୍ରଧାନମନ୍ତ୍ରୀ ମୋଦି ଗ୍ରାଜୁଏଟ ହୋଇଥିଲେ। ତେଣୁ ତାଙ୍କ ଡିଗ୍ରୀକୁ ମଧ୍ୟ ଆରଟିଆଇ କର୍ମୀ ଦେଖିବାର ଅନୁମତି ପାଇଥିଲେ। କିନ୍ତୁ ଆଜି ଦିଲ୍ଲୀ ହାଇକୋର୍ଟ ଏହି ନିର୍ଦ୍ଦେଶକୁ ଖାରଜ କରିଦେଇଛନ୍ତି। ସିଆଇସି ୨୦୧୬ ଡିସେମ୍ବର ୨୧ରେ ରେକର୍ଡ ଯାଞ୍ଚକୁ ଅନୁମତି ଦେଇଥିଲେ। ଏହା ବିରୋଧରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ପ୍ରଥମ ଶୁଣାଣି ଅର୍ଥାତ ୨୦୧୭ ମସିହା ଜାନୁଆରୀ ୨୪ରେ ହିଁ ଏହି ନିର୍ଦ୍ଦେଶ ଉପରେ କୋର୍ଟ ରୋକ ଲଗାଇଥିଲେ। ଏବେ ଏହାକୁ ବିଧିବଦ୍ଧ ଭାବେ ଖାରଜ କରି ଦିଆଯାଇଛି। ଆରଟିଆଇ କର୍ମୀ ନୀରଜଙ୍କ ଆବେଦନକୁ ଗ୍ରହଣ କରି ସିଆଇସି ପକ୍ଷରୁ ଦିଲ୍ଲୀ ବିଶ୍ୱବିଦ୍ୟାଳୟକୁ ୧୯୭୮ ମସିହାରେ ବିଏ ପରୀକ୍ଷା ପାସ୍ କରିଥିବା ସମସ୍ତ ଶିକ୍ଷାର୍ଥୀଙ୍କ ତଥ୍ୟ ସାର୍ବଜନୀନ କରିବାକୁ କୁହାଯାଇଥିଲା। ରୋଲ ନମ୍ବର, ବାପା ମା'ଙ୍କ ନାଁ ଓ ମାର୍କ ଆଦିର ତଥ୍ୟ ଆବେଦନକାରୀଙ୍କୁ ଦେବାକୁ ସିଆଇସି କହିଥିଲା।ହେଲେ ଏହା ଜଣେ ଶିକ୍ଷାର୍ଥୀଙ୍କ ଗୋପନୀୟତାର ଉଲ୍ଲଙ୍ଘନ କରିବ ବୋଲି ଦାବି କରି ଦିଲ୍ଲୀ ବିଶ୍ୱବିଦ୍ୟାଳୟ ହାଇକୋର୍ଟରେ ପହଞ୍ଚିଥିଲା। ୧୯୭୮ରେ ପରୀକ୍ଷା ଦେଇଥିବା ସମସ୍ତ ଶିକ୍ଷାର୍ଥୀଙ୍କ ବ୍ୟକ୍ତିଗତ ତଥ୍ୟକୁ ବିଶ୍ୱବିଦ୍ୟାଳୟ ସାର୍ବଜନୀନ କରିପାରିବ ନାହିଁ ବୋଲି କହିଥିଲା। ବିଶ୍ୱବିଦ୍ୟାଳୟ ଯୁକ୍ତି ଉପସ୍ଥାପନ କରି କହିଥିଲା ଯେ ଶିକ୍ଷାର୍ଥୀଙ୍କ ତଥ୍ୟ ପ୍ରତ୍ୟେକ୍ଷ କ୍ଷମତାରେ ରଖାଯାଏଛ ଏହା ଆରଟିଆଇ ଆକଟ ଅଧୀନରେ ସାର୍ବଜନୀନ ହୋଇପାରିବ ନାହିଁ। ଏହାକୁ ଆରଟିଆଇରୁ ବାଦ ଦିଆଯାଇଛି।

# ପାକିସ୍ତାନକୁ ମାନବିକତା ଦେଖାଇଲା ଭାରତ



ନୂଆଦିଲ୍ଲୀ : ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ବିଥିବା ଉତ୍ତେଜନା ଏବେ ବି ଠିକ୍ କରି ଥମି ନାହିଁ। ଉତ୍ତେଜନା ଯୋଗୁ ସରକାର ସିନ୍ଧୁ ଜଳ ଚୁକ୍ତିନାମାକୁ ଅସ୍ଥାୟୀ ଭାବରେ ବନ୍ଦ କରିଦେଇଥିଲେ। ଏବେ ଭାରତ ପ୍ରଥମ ଥର ପାଇଁ "ଅପରେସନ ସିନ୍ଦୂର' ପରେ ପରେ ପାକିସ୍ତାନ ସହ ଯୋଗାଯୋଗ କରିଛି। ତାହା ପୁଣି ଏକ ସତର୍କ ସୂଚନା ଦେବା ପାଇଁ।

ସରକାରୀ ସୂଚନା ଅନୁଯାୟୀ, ଭାରତୀୟ ଉଚ୍ଚାୟୋଗ ଇସଲାମାବାଦକୁ ଜଣାଇଥିଲା ଯେ ଜମ୍ମୁର ତାୱି ନଦୀରେ ପ୍ରବଳ ବନ୍ୟା ଆସିବାର ସମ୍ଭାବନା ଅଛି, ଯାହା ପାକିସ୍ତାନରେ ମଧ୍ୟ ଗମ୍ଭୀର ପ୍ରଭାବ ପକାଇପାରେ। ଭାରତର ଏହି ଚେତାବନୀ ପରେ, ପାକ୍ ପ୍ରଶାସନ ମଧ୍ୟ ଏକ ସତର୍କତା ଜାରି କରିଛି।

ସିନ୍ଧୁ ନଦୀ ଅବବାହିକାର ନଦୀଗୁଡ଼ିକ ଭାରତ ଏବଂ ପାକିସ୍ତାନ ଦେଇ ପ୍ରବାହିତ ହୁଏ। ତେଣୁ ଏଠାରେ ବନ୍ୟା ହେଲେ ପାକ୍ ବି ପ୍ରଭାବିତ ହେବ। ଦୁଇ ଦେଶ ମଧ୍ୟରେ ବିବାଦ ଜାରି ରହିଥିବା ସତ୍ତ୍ୱେ, ସାଧାରଣ ଲୋକଙ୍କ ସୁରକ୍ଷାକୁ ଧ୍ୟାନରେ ରଖି ଭାରତ ପାକିସ୍ତାନକୁ ବନ୍ୟା ସତର୍କତା ପଠାଇଛି। ଯାହାକି ଭାରତର ବଡ଼ପଣର ପରିଚୟ।

ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ "ଅପରେସନ ସିନ୍ଦୂର' ଅଧୀନରେ ପାକିସ୍ତାନରେ ଥିବା ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ଧ୍ୱଂସ କରିଥିଲା। କ୍ରୋଧିତ ପାକିସ୍ତାନ ପ୍ରତିଶୋଧ ନେବାକୁ ଚେଷ୍ଟା କରିଥିଲା କିନ୍ତୁ କଡ଼ା ଜବାବ ପାଇଥିଲା।

ଅନ୍ୟପକ୍ଷରେ ଭାରତ ପାକିସ୍ତାନକୁ ସ୍ପଷ୍ଟ ସଙ୍କେତ ଦେଇଛି ଯେ ଯେପର୍ଯ୍ୟନ୍ତ ସେ ସୀମାପାର ଆତଙ୍କବାଦ ବନ୍ଦ କରିବା ପାଇଁ ଗମ୍ଭୀର ପଦକ୍ଷେପ ନ ନିଏ, ସେପର୍ଯ୍ୟନ୍ତ ସିନ୍ଧୁ ଜଳ ଚୁକ୍ତିନାମା ସ୍ଥଗିତ ରହିବ। ସମସ୍ୟାରେ ପଡ଼ିଥିବା ପାକିସ୍ତାନ ଏହି ସମସ୍ୟାର ସମାଧାନ ପାଇଁ ଅନ୍ତର୍ଜାତୀୟ ମଧ୍ୟସ୍ଥତା ଅଦାଲତର ଆଶ୍ରୟ ନେଇଥିଲା, କିନ୍ତୁ ଭାରତ ସ୍ପଷ୍ଟ କରିଦେଇଛି ଯେ ଏହି ମାମଲା କେବଳ ଦ୍ୱିପାକ୍ଷିକ ଆଲୋଚନାର ବିଷୟ ଏବଂ ଏହା କୌଣସି ଅନ୍ତର୍ଜାତୀୟ ଅଦାଲତର ନିଷ୍ପତ୍ତି ଗ୍ରହଣ କରିବାକୁ ବାଧ୍ୟ ନୁହେଁ। ଆତଙ୍କବାଦୀ ଆକ୍ରମଣ ପରେ, ଭାରତ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲା, ଯାହା ପାକିସ୍ତାନର ପରିସ୍ଥିତିକୁ ଆହୁରି ଖରାପ କରିଦେଇଥିଲା।

## ୧୫ତମ କନିଷ୍ଠ ଜାତୀୟ ହକି ଚାମ୍ପିୟନସିପ୍

# ଓଡିଶା ହକି ଦଳକୁ ସମ୍ବର୍ଦ୍ଧନା



ଭୁବନେଶ୍ୱର : ୧୫ ତମ କନିଷ୍ଠ ଜାତୀୟ ହକି ଚାମ୍ପିଅନସିପ୍ ପୁରୁଷ ବିଭାଗରେ ରୌପ୍ୟ ପଦକ ଜିତିଥିବା ଓଡିଶା ହକି ଦଳକୁ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସମ୍ବର୍ଦ୍ଧିତ କରିଛନ୍ତି । କ୍ରୀଡ଼ାମନ୍ତ୍ରୀ ଏହି ସଫଳତା ପାଇଁ ଦଳର ସମସ୍ତ କ୍ରୀଡ଼ାବିମ୍ବାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ଆଗାମୀ ଭବିଷ୍ୟତରେ ମଧ୍ୟ ଉଚ୍ଚକୋଟୀର ପ୍ରଦର୍ଶନ ମାଧ୍ୟମରେ ପଦକ ଅର୍ଜନ କରି ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଅର୍ଜନ କରିବା ନିମନ୍ତେ ସମସ୍ତ କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହିତ କରିଛନ୍ତି । ଏଥିସହ ଆମ କ୍ରୀଡ଼ାବିତ୍ମାନଙ୍କର ବିଜୟର ଗୌରବମୟ ଜୟଯାତ୍ରା ଆଗକୁ ମଧ୍ୟ ଜାରି ରହିବ ବୋଲି ମନ୍ତ୍ରୀ ଶ୍ରୀ ସୂରଜ ଆଶାବ୍ୟକ୍ତ କରିଛନ୍ତି । ଆଜିର ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ହକି ଇଣ୍ଡିଆର ପ୍ରେସିଡେଣ୍ଟ ଶ୍ରୀ ଦିଲୀପ ତିର୍କୀ, କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ଡ଼. ୟେଦୁଲା ବିଜୟ, ହକି ପ୍ରମୋସନ କାଉନସିଲ, ଓଡ଼ିଶାର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଦୀପଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ୨୯ରୁ ୩୧ ଫିଟ୍ ଇଣ୍ଡିଆର କ୍ରୀଡା ଆନ୍ଦୋଳନ

## ନେତୃତ୍ୱ ନେବେ କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡଭ୍ୟ

ନୂଆଦିଲ୍ଲୀ : ଚଳିତ ବର୍ଷର ଜାତୀୟ କ୍ରୀଡା ଦିବସ ୨୦୨୫କୁ ଏକ ପ୍ରକୃତ ଜନ ଆନ୍ଦୋଳନରେ ପରିଣତ କରିବା ପାଇଁ ଗତ ସପ୍ତାହରେ କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡା ଏବଂ ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରୀ ଡକଟର ମନସୁଖ ମାଣ୍ଡଭ୍ୟଙ୍କ ଦ୍ୱାରା ଦିଆଯାଇଥିବା ସ୍ପଷ୍ଟ ଆହ୍ୱାନ ଉପରେ କାର୍ଯ୍ୟ କରି, ସମଗ୍ର ଭାରତରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ଏହି ମେଗା ସର୍ବଭାରତୀୟ ଉତ୍ସବ ପାଇଁ ସେମାନଙ୍କର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ରାଜସ୍ଥାନ, ପଞ୍ଜାବ, ହିମାଚଳ ପ୍ରଦେଶ, ହରିୟାଣା, ଉତ୍ତରାଖଣ୍ଡ, ବିହାର, ଝାଡ଼ଖଣ୍ଡ, ତେଲେଙ୍ଗାନା, ମହାରାଷ୍ଟ୍ର, ମଧ୍ୟ ପ୍ରଦେଶ ଏବଂ ପୁଡୁଚେରୀ, ଚଣ୍ଡିଗଡ଼ ଏବଂ ଦିଲ୍ଲୀର କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକ ପୂର୍ବରୁ ସେମାନଙ୍କ ସମ୍ପୃକ୍ତ ବିଭାଗଗୁଡ଼ିକୁ ପ୍ରସ୍ତୁତି ଆରମ୍ଭ କରିବାକୁ ନିର୍ଦ୍ଦେଶ ଜାରି କରିସାରିଛନ୍ତି । ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ବାର୍ଷିକୀକୁ ମନେ ପକାଇବା ପାଇଁ ପ୍ରତିବର୍ଷ ଅଗଷ୍ଟ ୨୯ ତାରିଖରେ ଜାତୀୟ କ୍ରୀଡା ଦିବସ ପାଳନ କରାଯାଏ । ପ୍ରଥମ ଥର ପାଇଁ ୧୯୯୫ ମସିହାରେ ପାଳିତ ଏବଂ ୨୦୧୨ ମସିହାରୁ ଜାତୀୟ ସ୍ତରରେ ପାଳିତ, ଏହି ଦିବସରେ ୨୦୧୯ ମସିହାରେ ଫିଟ୍ ଇଣ୍ଡିଆ ଆନ୍ଦୋଳନର ଶୁଭାରମ୍ଭ ମଧ୍ୟ ହୋଇଥିଲା, ଯାହା ସେବେଠାରୁ ସାରା ଦେଶରେ ଏକ ଗଣ ଫିଟନେସ୍ ବିପ୍ଳବ ପାଲଟିଛି । ଜାତୀୟ କ୍ରୀଡା ଦିବସ ୨୦୨୫ ପାଳନ ଫିଟ୍ ଇଣ୍ଡିଆ ମିଶନ ଦ୍ୱାରା ନେତୃତ୍ୱ ନିଆଯିବ ଏବଂ ଅଗଷ୍ଟ ୨୯ ରୁ ୩୧ ତାରିଖ ପର୍ଯ୍ୟନ୍ତ 'ଏକ ଘଣ୍ଟା, ଖେଳ କେ ମୈଦାନ ମେଁ' ପ୍ରେରଣାଦାୟକ ଥିମ୍ ଅଧୀନରେ ତିନି ଦିନିଆ, ଦେଶବ୍ୟାପୀ କ୍ରୀଡା ଏବଂ ଫିଟନେସ୍ ଆନ୍ଦୋଳନ ଭାବରେ ଆୟୋଜିତ ହେବ । ଜୀବନଶୈଳୀ ରୋଗକୁ ରୋକିବା ପାଇଁ ଦୈନିକ ଅତି କମରେ ୬୦ ମିନିଟ୍ ଶାରୀରିକ କାର୍ଯ୍ୟକଳାପ ପାଇଁ ଉତ୍ସର୍ଗ କରିବାର ଗୁରୁତ୍ୱ ବିଷୟରେ ସଚେତନତା ପ୍ରସାର କରିବାକୁ ଏହି ଆନ୍ଦୋଳନ ଚେଷ୍ଟା କରେ । କ୍ରୀଡ଼ାର ୨୦୨୫ ର ଆତ୍ମା ଉତ୍କର୍ଷତା, ବନ୍ଧୁତା, ସମ୍ମାନ ଏବଂ ସାହସ, ଦୃଢ଼ ନିଷ୍ଠା, ପ୍ରେରଣା ଏବଂ ସମାନତାର ପାରାଅଲିମ୍ପିକ୍ ମୂଲ୍ୟବୋଧକୁ ମଧ୍ୟ ବିଶେଷ ଶ୍ରଦ୍ଧାଞ୍ଜଳି ପ୍ରଦାନ କରେ । ଏହି ବର୍ଷ, ଏନ୍ଏସ୍ଡି ୨୦୨୫କୁ ପ୍ରକୃତ ଅର୍ଥରେ ଏକ ଜନ ଆନ୍ଦୋଳନ ଭାବରେ ପାଳନ କରାଯିବ, ଯେଉଁଥିରେ ସ୍କୁଲ, କଲେଜ ଏବଂ ବିଶ୍ୱବିଦ୍ୟାଳୟ ୩୫ କୋଟିରୁ ଅଧିକ ଛାତ୍ର, ଯୁବ କ୍ଲବ ଏବଂ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବକ, ବାସିନ୍ଦା କଲ୍ୟାଣ ସଂଘ , ପଞ୍ଚାୟତ, ସହରାଞ୍ଚଳ ସ୍ଥାନୀୟ ସଂସ୍ଥା , କର୍ପୋରେଟ୍, ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗ , ଭାରତୀୟ ଅଲିମ୍ପିକ୍ ସଂଘ , ଭାରତୀୟ ପାରାଅଲିମ୍ପିକ୍ କମିଟି , ଜାତୀୟ କ୍ରୀଡା ମହାସଂଘ , ଭାରତୀୟ କ୍ରୀଡା ପ୍ରାଧିକରଣ , ଏବଂ ଲକ୍ଷ ଲକ୍ଷ ସମ୍ପ୍ରଦାୟ ଗୋଷ୍ଠୀ ଏହାକୁ କ୍ରୀଡା ଏବଂ ଫିଟନେସର ଏକ ଦେଶବ୍ୟାପୀ ମହୋତ୍ସବ କରିବା ପାଇଁ ହାତ ମିଳାଇବେ ।



## ଉତ୍କଳ କ୍ରୀଡା ମିଟ୍ ୨୦୨୫

# ଚମକିଲେ ଅନ୍ୱିତା ପଟ୍ଟନାୟକ



ଭୁବନେଶ୍ୱର, (ସବ୍ୟୁ) : ସେଣ୍ଟ ଜୋସେଫ ସ୍କୁଲର ଜଣେ ଉଜ୍ଜ୍ୱଳ ଯୁବ ପ୍ରତିଭା ଅନ୍ୱିତା ପଟ୍ଟନାୟକ, ଉତ୍କଳ କରାଟେ ସ୍କୁଲ ଦ୍ୱାରା ଆୟୋଜିତ ପ୍ରତିଷ୍ଠିତ ଉତ୍କଳ କ୍ରୀଡା ମିଟ୍ ୨୦୨୫ରେ ଶ୍ରେଷ୍ଠ ସମ୍ମାନ ହାସଲ କରିଛନ୍ତି । ୧୧ ବର୍ଷ ବୟସର ମହିଳା ବର୍ଗରେ ଅଂଶଗ୍ରହଣ କରି, ଅନ୍ୱିତା ୪୦ କିଲୋଗ୍ରାମରୁ କମ୍ ବର୍ଗର କୁମିଟେ କ୍ରୀଡାରେ ସ୍ୱର୍ଣ୍ଣ ପଦକ ଏବଂ କାଟାରେ ଏକ ପ୍ରଭାବଶାଳୀ ରୌପ୍ୟ ପଦକ ହାସଲ କରିଛନ୍ତି, ଯାହା ତାଙ୍କର ସର୍ବାଙ୍ଗୀନ କରାଟେ ଉତ୍କର୍ଷତା ପ୍ରଦର୍ଶନ କରିଛି । ଷଷ୍ଠ ଶ୍ରେଣୀର ଛାତ୍ରୀ ଅନ୍ୱିତା, ପ୍ରଶିକ୍ଷକ କୃଷ୍ଣ ନାୟକ, ମହେଶ ଦୋରା, କୃଷ୍ଣ ମହାରଣା ଏବଂ ଭଗବାନ ରେଡ୍ଡୀଙ୍କ ବିଶେଷଜ୍ଞ ମାର୍ଗଦର୍ଶନରେ କଠିନ ପରିଶ୍ରମ, ଶୃଙ୍ଖଳା ଏବଂ କରାଟେ ପ୍ରତି ଆଗ୍ରହ ତାଙ୍କ ପ୍ରଦର୍ଶନରେ ସ୍ପଷ୍ଟ ଭାବରେ ପ୍ରତିଫଳିତ ହୋଇଥିଲା, ଯାହା ତାଙ୍କୁ ପ୍ରଶଂସା ଆଣିଥିଲା । ଉତ୍କଳ ସ୍ପୋର୍ଟସ ମିଟ୍ ହେଉଛି ଓଡ଼ିଶାର ପ୍ରମୁଖ କରାଟେ ଇଭେଣ୍ଟ ମଧ୍ୟରୁ ଗୋଟିଏ, ଯାହା ରାଜ୍ୟ ସାରାରୁ ଅଂଶଗ୍ରହଣକାରୀଙ୍କୁ ଆକର୍ଷିତ କରିଥାଏ । ଅନ୍ୱିତାଙ୍କ ପ୍ରଶିକ୍ଷକମାନେ ତାଙ୍କ ସଫଳତାରେ ଅତ୍ୟନ୍ତ ଗର୍ବ ପ୍ରକାଶ କରିଥିଲେ, ତାଙ୍କର ଏକାଗ୍ରତା, ଦୃଢ଼ତା ଏବଂ କ୍ରୀଡାପ୍ରେମୀଙ୍କୁ ତାଙ୍କ ସଫଳତାର ପ୍ରମୁଖ ପ୍ରେରକ ଭାବରେ ଉଲ୍ଲେଖ କରିଥିଲେ । ଏହି ବିଜୟ ସହିତ, ଅନ୍ୱିତା ପଟ୍ଟନାୟକ ଯୁବ ମାର୍ଶାଲ ଆର୍ଟ ଖେଳାଳିମାନଙ୍କୁ ପ୍ରେରଣା ଦେଇ ଚାଲିଛନ୍ତି ଏବଂ ଭାରତୀୟ କରାଟେ ଦୃଶ୍ୟରେ ଏକ ଚମତ୍କାର ନାମ ହେବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

## ଜୋନ୍ ବିଦ୍ୟାଳୟ ସ୍ତରୀୟ କ୍ରୀଡା ପ୍ରତିଯୋଗିତା

# ଭାଗ ନେଲେ ୨୧୦ ପ୍ରତିଯୋଗୀ

ବନ୍ତ,(ସବ୍ୟୁ): ଭଦ୍ରକ ଜିଲା ବନ୍ତ ବ୍ଲକ ପଧାନପଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ବନ୍ତ ଜୋନ୍ ବିଦ୍ୟାଳୟ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୭ ବିଦ୍ୟାଳୟର ୨୧୦ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେଥିମଧ୍ୟରୁ ୭୧ ପ୍ରତିଯୋଗୀ ବ୍ଲକ ସ୍ତରକୁ ମନୋନୀତ ହୋଇଥିଲେ। ଉଦଘାଟନୀ ସଭାରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁଭେନ୍ଦୁ ଶେଖର ମହାନ୍ତି ସଭାପତିତ୍ୱ କରିଥିଲେ। ଏଥିରେ ଉଦଘାଟକ ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ସେକ୍ୟାକତ୍ ଅଲ୍ଲୀ, ମୁଖ୍ୟ ଅତିଥି ଭାବେ ବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉତ୍ତମ କୁମାର ଦତ୍ତ, ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ହରେକୃଷ୍ଣ ଆପଟ, ସମ୍ମାନୀତ ଅତିଥି ଭାବେ ବନ ବିହାରୀ ସରକାରୀ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ପୃଷ୍ଟି ଯୋଗ ଦେଇ କ୍ରୀଡା ବକ୍ତବ୍ୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ହେମନ୍ତ କୁମାର ପରିଡା ଅତିଥି ପରିଚୟ ଓ ସହକାରୀ ଶିକ୍ଷକ ଅରୁଣ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଜୋନ୍ କ୍ରୀଡା ସଂଯୋଜକ ଜଗନ୍ନାଥ ଦ୍ୱିବେଦୀ ଓ ଜୋନ୍ କ୍ରୀଡା ସମ୍ପାଦକ ବିଜୟଲକ୍ଷ୍ମୀ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାକୁ କ୍ରୀଡା ଶିକ୍ଷକ ସେକ୍ ଆଜାରୁଦ୍ଦିନ, ଗଙ୍ଗାଧର ରାଉତ, ଚିତ୍ରାବତୀ ବେହେରା, ମନୁବାଳା ସ୍ୱାଇଁ, ସୁଷମା ମଲ୍ଲିକ, ସ୍ନେହଲତା ଖମାରି, ଗୌରୀବାଳା ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷା କର୍ମଚାରୀ ମାନେ ସହଯୋଗ କରିଥିଲେ ।

## ରାଜ୍ୟସ୍ତରୀୟ ଚେସ୍ ଉଦ୍ଯାପିତ

# ଲଳିତ, ଶ୍ରେୟାଂଶ ବିଜେତା

କଟକ, (ସ୍ୱପ୍ର): ଆଇଏସ୍ ଚେସ୍ ସେଣ୍ଟର ଆନୁକୂଲ୍ୟରେ ପଞ୍ଚମ ରାଜ୍ୟସ୍ତରୀୟ ପ୍ୟାରୀମୋହନ ସାମନ୍ତରାୟ ଓପନ୍ ଚେସ୍ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ ହୋଇଯାଇଛି । ମଧୁପାଟଣାର ପ୍ରମିଳା ମଣ୍ଡପରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୮୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରେ ୪୨ ଜଣ ଆନ୍ତର୍ଜାତିକ ରେଟେଡ୍ ଖେଳାଳି ଥିଲେ । ଏଥିରେ କଟକର ଲଳିତ ରଞ୍ଜନ ସାହୁ ମୋଟ ୬.୫ ପଏଣ୍ଟ ପାଇ ଚମ୍ପିଆନ୍ ହୋଇଥିବା ବେଳେ ଏସ.କେ ସୟିଦ ରନର୍ସଅପ୍ ହୋଇଥିଲେ । ସାଇ ଶକ୍ତି ପଣ୍ଡା, ସଂଜୀବନ ନାୟକ, ଏମ ଈଶ୍ୱର ରାଓ, ଆଦିତ୍ୟ ରଞ୍ଜନ ଦାସ, ନାରାୟଣ ସ୍ୱାଇଁ, ଶୁଭାଶିଷ ଷଡଙ୍ଗୀ, ସତ୍ୟମ୍ ସ୍ୱରୂପ ସାହୁ ଓ ଶୁଭେନ୍ଦୁ ପାତ୍ର ୩ୟରୁ ୧୦ମ ସ୍ଥାନରେ ରହିଥିଲେ । ସେହିଭଳି ୧୧ ବର୍ଷରୁ କମ୍ ପ୍ରତିଯୋଗିତାରେ ଶ୍ରେୟାଂଶ ଦାସ ବିଜେତା ହୋଇଥିବାବେଳେ ରାଘବ ବିଶ୍ୱାଳ ୨ୟ ଅତିକ୍ଷ ସାହାଣୀ ପରଂବ୍ରହ୍ମ ରାଉତ, ନିରେକ୍ ପରିଡା, ତୁଷାର ଅଗ୍ରୱାଲ ଶିଭାଦିତ୍ୟ ଦାଶ, ଦିବ୍ୟେଶ ମହାପାତ୍ର ପ୍ରେରଣା ପି ବେହେରା ଓ ଅନନ୍ତ ଜୀତ ୩ୟ ରୁ ୧୦ମ ସ୍ଥାନରେ ରହିଥିଲେ । ବୟସ ବର୍ଗରେ ଅବ୍ନିତ୍ ସାହୁ, କ୍ରିଶ କପାରି, ଗୁନମୟ ପାଣିଗ୍ରାହୀ, ସ୍ରିନିକା ନନ୍ଦ ପ୍ରମୁଖ ପ୍ରଥମ ସ୍ଥାନ ହାସଲ କରି ଥିଲେ । ୬୦ ଜଣ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଟୁର୍ଣ୍ଣାମେଣ୍ଟକୁ ସୁରଜ ମହାରଣା ପରିଚାଳନା କରିଥିଲେ । ଆଇଏସ୍ ଚେସ୍ ସେଣ୍ଟରର ପ୍ରତିଷ୍ଠାତା ତଥା ସମ୍ପାଦକ ଆଡଭୋକେଟ ମାନସ ପାଣିଙ୍କ ଅଧକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସଭାପତି ମନୋଜ କୁମାର ପତି, ବିଜେପି ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ଡକଟର ସୁପ୍ରଭା ଶୁକ୍ଳ, ସାମ୍ବାଦିକ ସମୀର କୁମାର କର ପ୍ରମୁଖ ଉପସ୍ଥିତ ରହି ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ । ଶଙ୍କର ରାଓ, ସୁବ୍ରତ ସାମନ୍ତରାୟ, ଭେଙ୍କଟ ରାଓ, ସୋନାଲି ଦାସ ଓ ପ୍ରତିମା ଆପଟ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।



# ଅନଲାଇନ୍ ଗେମ୍ : ଡ୍ରିମ ୧୧କୁ ମହଙ୍ଗା ପଡିଲା

ନୂଆଦିଲ୍ଲୀ: ଅନଲାଇନ୍ ଗେମିଂ ପ୍ରୋତ୍ସାହନ ଏବଂ ନିୟନ୍ତ୍ରଣ ବିଲ୍, ୨୦୨୫ ପାସ୍ ହେବା ପରେ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)ର ପ୍ରାୟୋଜର୍କ ଡ୍ରିମ ୧୧ର ଖେଳ ଖତମ ହୋଇଛି । ବିସିସିଆଇ ଏବଂ ଡ୍ରିମ୧୧ ଅଲଗା ହେବାକୁ ଯାଉଛନ୍ତି । ବିସିସିଆଇ ସଚିବ ଦେବଜିତ ସାଇକିଆ ଏହି ଘଟଣା ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ଭାରତୀୟ କ୍ରିକେଟ ବୋର୍ଡ ଭବିଷ୍ୟତରେ ଏପରି କୌଣସି ସଂଗଠନ ସହିତ ଲିପ୍ତ ହେବ ନାହିଁ । ବର୍ତ୍ତମାନର ପରିସ୍ଥିତିକୁ ଦେଖି ଏବଂ ବିଲ୍ ଏକ ଆଇନରେ ପରିଣତ ହୋଇଥିବାରୁ ବିସିସିଆଇ ଡ୍ରିମ୧୧ ସହିତ ସଂପର୍କ ଜାରି ରଖିବା ପ୍ରକୃତରେ କଷ୍ଟକର ହେବ । ବିସିସିଆଇ ଏକ ନୂତନ ପ୍ରାୟୋଜକ ସମେତ ଭବିଷ୍ୟତର କାର୍ଯ୍ୟପନ୍ଥା ଖୋଜିବ । ଡ୍ରିମ୧୧ ଏବଂ ମାଇ୧୧ସର୍କିଲ ମିଳିତ ଭାବରେ ଭାରତୀୟ କ୍ରିକେଟ୍ ଦଳ ଏବଂ ଇଣ୍ଡିଆନ୍ ପ୍ରିମିୟର ଲିଗର ଟାଇଟଲ୍ ପ୍ରାୟୋଜକ ମାଧ୍ୟମରେ ବିସିସିଆଇକୁ ପ୍ରାୟ ୧୦୦୦ କୋଟି ଟଙ୍କା ଯୋଗଦାନ କରନ୍ତି । ଡ୍ରିମ୧୧, ବିଶେଷକରି, ଟିମ୍ ଇଣ୍ଡିଆର ଟାଇଟଲ୍ ପ୍ରାୟୋଜକ ଭାବରେ ୨୦୨୩-୨୦୨୬ ଚକ୍ର ପାଇଁ ୪୪ ନିୟୁତ ଆମେରିକୀୟ ଡଲାର (୩୫୮ କୋଟି ଟଙ୍କା) ମୂଲ୍ୟର ଏକ ଚୁକ୍ତି ସ୍ୱାକ୍ଷର କରିଥିଲା ।

## କମନ୍ୱେଲଥ ଚାମ୍ପିଅନସିପ

# ମୀରାବାଈ ଚାନୁଙ୍କୁ ସ୍ୱର୍ଣ୍ଣ



ହାଇଦ୍ରାବାଦ : ମୀରାବାଈ ଚାନୁ ଅହମ୍ମଦାବାଦରେ କମନ୍ୱେଲଥ ଚାମ୍ପିଅନସିପରେ ସ୍ୱର୍ଣ୍ଣ ଜିତି ଏକ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଛନ୍ତି ।ତାଙ୍କର ରେକର୍ଡ ଭାଙ୍ଗିବା ପ୍ରଦର୍ଶନ ଆଗାମୀ ବିଶ୍ୱ ଚାମ୍ପିଅନସିପ ଏବଂ ଏସୀୟ କ୍ରୀଡା ପାଇଁ ଉଚ୍ଚ ଆଶା ସ୍ଥାପନ କରିଛି ।ଟୋକିଓ ଅଲିମ୍ପିକ୍ସ ପଦକ ବିଜୟିନୀ ମୀରାବାଈ ଚାନୁ ସୋମବାର ଅହମ୍ମଦାବାଦରେ କମନ୍ୱେଲଥ ଚାମ୍ପିଅନସିପରେ ସ୍ୱର୍ଣ୍ଣ ପଦକ ଜିତି ପ୍ରତିଯୋଗିତା ମୂଳକ କାର୍ଯ୍ୟରେ ତାଙ୍କର ପ୍ରତ୍ୟାବର୍ତ୍ତନକୁ ଚିହ୍ନିତ କରିଛନ୍ତି । ଭାରତୀୟ ଭାରୋତ୍ତୋଳନ ତାରକା ମହିଳା ୪୮ କିଲୋଗ୍ରାମ ଇଭେଣ୍ଟରେ ପ୍ରାଧାନ୍ୟ ବିସ୍ତାର କରିଥିଲେ, ମୋଟ ୧୯୩ କିଲୋଗ୍ରାମ (୮୪ କିଲୋଗ୍ରାମ ସ୍ନାଚ୍, ୧୦୯ କିଲୋଗ୍ରାମ କ୍ଲିନ୍ ଆଣ୍ଡ ଜର୍କ) ଉଠାଇ ତାଙ୍କ ପ୍ରତିଦ୍ୱନ୍ଦୀଙ୍କୁ ପଛରେ ପକାଇ ଦେଇଥିଲେ । ମୀରାବାଈ କ୍ଷେତ୍ରର ଅନ୍ୟ ସ୍ଥାନ ଅପେକ୍ଷା ଏକ ଶ୍ରେଣୀ ଉପରକୁ ଦେଖାଯାଉଥିଲେ । ପ୍ରତିଯୋଗିତାଟି ପ୍ରଭାବଶାଳୀ ଭାବରେ ତାଙ୍କର ସୀମା ପରୀକ୍ଷା କରିବା ବିଷୟରେ ଥିଲା । ସେ ୪୮ କିଲୋଗ୍ରାମ ବର୍ଗରେ ସ୍ନାଚ୍ ଏବଂ କ୍ଲିନ୍ ଆଣ୍ଡ ଜର୍କ ଉଭୟ ପାଇଁ କମନ୍ୱେଲଥ ' ରେକର୍ଡ ଭାଙ୍ଗି ଦେଇଥିଲେ । ଏହି ବିଜୟ ମୀରାବାଈଙ୍କୁ ୪୮ କିଲୋଗ୍ରାମ ବର୍ଗରେ ତାଙ୍କର ତୃତୀୟ ରାଜ୍ୟଗୋଷ୍ଠୀ ଚାମ୍ପିଅନସିପ୍ ସ୍ୱର୍ଣ୍ଣ ପଦକ ଦେଇଥିଲା, ଯାହା ୨୦୧୩ ଏବଂ ୨୦୧୭ ରୁ ତାଙ୍କର ଟାଇଟଲକୁ ଯୋଡିଥିଲା । ସେ ୨୦୧୫ ରେ ପୁଣେରେ ମଧ୍ୟ ରୌପ୍ୟ ଜିତିଥିଲେ । କମନ୍ୱେଲଥ ଚାମ୍ପିଅନସିପ୍ ଆଗାମୀ ବର୍ଷର ରାଜ୍ୟଗୋଷ୍ଠୀ କ୍ରୀଡା ପାଇଁ ଏକ ଯୋଗ୍ୟତା ଇଭେଣ୍ଟ ଭାବରେ କାର୍ଯ୍ୟ କରେ, ଯେଉଁଠାରେ ମୀରାବାଈ ପୁଣି ଥରେ ପ୍ରିୟଙ୍କ ମଧ୍ୟରେ ରହିବେ ବୋଲି ଆଶା କରାଯାଉଛି । । ତଥାପି ତାଙ୍କର ତୁରନ୍ତ ଧ୍ୟାନ ଚଳିତ ବର୍ଷ ବିଶ୍ୱ ଚାମ୍ପିଅନସିପ୍ ଉପରେ ପଡ଼ିବ, ଯେଉଁଠାରେ ସେ ୪୮ କିଲୋଗ୍ରାମ ବର୍ଗରେ ପୋଡିୟମ୍ ଫିନିଶ୍ ପାଇଁ ଲକ୍ଷ୍ୟ ରଖିବେ । ତାଙ୍କର ଲକ୍ଷ୍ୟ ଆସନ୍ତା ବର୍ଷ ଏସିଆନ୍ ଗେମ୍ସ ଉପରେ ମଧ୍ୟ ରହିଛି, ଯାହା କିଛି ପ୍ରମୁଖ ପ୍ରତିଯୋଗିତା ମଧ୍ୟରୁ ଗୋଟିଏ ଯେଉଁଠାରେ ସେ ଏପର୍ଯ୍ୟନ୍ତ ପଦକ ଜିତି ନାହାଁନ୍ତି ।

# ମୋନିକା ସେଲେସ୍ଙ୍କୁ ପ୍ରଶିକ୍ଷକ ନିଯୁକ୍ତ କରିବେ ଜୋକୋଭିକ୍



ନୂଆଦିଲ୍ଲୀ, ୨୫।୮ (ଏଜେନ୍ସି) : ୨୪ ଥର ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ୍ ନୋଭାକ୍ ଜୋକୋଭିଚ୍ ଏକ ଅନନ୍ୟ ପ୍ରଶିକ୍ଷକ ଧାରଣା ପ୍ରତି ସଙ୍କେତ ଦେଇଛନ୍ତି । ପିଲାଦିନର ଆଇଡଲ୍ ମୋନିକା ସେଲେସ୍ଙ୍କ ସହିତ ପ୍ରାରମ୍ଭିକ ଆଲୋଚନା କରିଛନ୍ତି । ବୋରିସ୍ ବେକର, ଗୋରାନ୍ ଇଭାନିସେଭିଚ୍ ଏବଂ ଆଣ୍ଡି ମୁରେଙ୍କୁ ତାଙ୍କର ପୂର୍ବତନ ପ୍ରଶିକ୍ଷକ ଭାବରେ ରଖି, ଜୋକୋଭିଚ୍ ସେଲେସ୍ଙ୍କ ସହିତ ସମ୍ଭାବ୍ୟ ସହଯୋଗକୁ ଭାବପ୍ରବଣ ଭାବରେ ଅର୍ଥପୂର୍ଣ୍ଣ ବୋଲି ବର୍ଣ୍ଣନା କରିଛନ୍ତି, ଜୋର ଦେଇଛନ୍ତି ଯେ ଏହା ଏକ ସ୍ଥାୟୀ ବ୍ୟବସ୍ଥା ନୁହେଁ । ଜୋକୋଭିଚ୍ ଜୋର ଦେଇଛନ୍ତି ଯେ ତାଙ୍କର ବର୍ତ୍ତମାନର କାର୍ଯ୍ୟସୂଚୀ ପାଇଁ ଜଣେ ପୂର୍ଣ୍ଣକାଳୀନ ପ୍ରଶିକ୍ଷକ ଆବଶ୍ୟକ ନାହିଁ ଏବଂ ଯେକୌଣସି ସମର୍ଥନ ସମ୍ଭବତଃ କ୍ଷଣସ୍ଥାୟୀ ହେବ, ଯାହା କିଛି ଟୁର୍ନାମେଣ୍ଟ ଉପରେ କେନ୍ଦ୍ରିତ ହେବ । ସେଲେସ୍ ଦ୍ୱାରା ପ୍ରେରିତ ହୋଇ ବଡ଼ ହେବା ପରେ - ପ୍ରାରମ୍ଭିକ ପ୍ରଶିକ୍ଷକ ଜେଲେନା ଜେନ୍ସିକ୍ ଙ୍କୁ ଧନ୍ୟବାଦ, ଯିଏ ଉଭୟଙ୍କୁ ପରାମର୍ଶ ଦେଇଥିଲେ - ଜୋକୋଭିଚ୍ କହିଛନ୍ତି ଯେ ସେ ଦୀର୍ଘ ସମୟ ଧରି ଜଣେ ପରାମର୍ଶଦାତା ଅଛନ୍ତି ଏବଂ କଷ୍ଟକର ସମୟରେ ତାଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଛନ୍ତି ।

# କ୍ରୀଡା ଛାତ୍ରାବାସ ସହ ଟେନିସ କୋଟ ଉଦ୍ଘାଟିତ




ସାକ୍ଷୀଗୋପାଳ ,(ସବ୍ୟୁ): ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ ମୁଳ ଅଳସା ଗ୍ରାମରେ ପୂର୍ବ ଭାରତର ସର୍ବ ବୃହତ୍ତମ ଘରୋଇ ଟେନିସ ପ୍ରଶିକ୍ଷଣ କେନ୍ଦ୍ର 'ସାଇ ଏକାଡେମୀ' କ୍ରୀଡା ଛାତ୍ରାବାସ ଏବଂ ଟେନିସ କୋଟ ରବିବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ଯୋଗଦେଇ ୭ଟି ଟେନିସ କୋଟ ସହିତ ୧୨୦ ଜଣ ଛାତ୍ରଛାତ୍ରୀମାନଙ୍କ ପାଇଁ କ୍ରୀଡା ଛାତ୍ରାବାସ ବିଧାୟକ ଉଦଘାଟନ କରିଥିଲେ । ରାଜ୍ୟ ସରକାର ପ୍ରତି ବ୍ଲକ ସ୍ତରରେ ମିନି ଷ୍ଟାଡିୟମ କରିବାପାଇଁ ୧୫ କୋଟି ଟଙ୍କା ଅନୁଦାନ ଯୋଗାଇ ଦେଉଛନ୍ତି । ଏହି କ୍ରୀଡା ଅନୁଷ୍ଠାନ ଜମି ଯୋଗାଇ ଦେଇପାରିଲେ, ଏଠାରେ ସତ୍ୟବାଦୀ ବ୍ଲକସ୍ତରୀୟ ମିନି ଷ୍ଟାଡିୟମ ସମ୍ଭବ ହୋଇ ପାରିବ ବୋଲି ବିଧାୟକ ପ୍ରସ୍ତାବ ରଖିଥିଲେ । ସେହିପରି ରାସ୍ତା ସମ୍ପ୍ରସାରଣ, ପାନୀୟ ଜଳ, ବିଦ୍ୟୁତ ଓ ଆନୁସଙ୍ଗିକ ସୁବିଧା ପାଇଁ ସେ ପ୍ରତିଶୃତି ଦେଇଥିଲେ । ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରକୁ କ୍ରୀଡାବିତ ମାନଙ୍କୁ ପ୍ରସ୍ତୁତ କରିବାକୁ ଏହି ଅନୁଷ୍ଠାନରେ ଲକ୍ଷ୍ୟ ରହିଛି ବୋଲି ସ୍ୱାଗତ ଭାଷଣ ଦେଇ ସାଇ ଏକାଡେମୀ ର ସଭାପତି ସୁଶ୍ରୀ ପ୍ରିୟଦର୍ଶିନୀ ପାଣି କହିଥିଲେ । ସମ୍ମାନିତ ଅତିଥି ଭାବରେ ପୁରୀ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ଟେନିସ ଆସୋସିଏସନ ସମ୍ପାଦକ ସୁନୀଲ କୁମାର ମହାପାତ୍ର, ଓଡ଼ିଶା ଟେନିସ ଆସୋସିଏସନ ଯୁଗ୍ମ ସମ୍ପାଦକ ସମ୍ବିତ ପଟ୍ଟନାୟକ, ଆର୍ ଏସ ଏସ ସହପ୍ରାନ୍ତ କାରଯ୍ୟବାହ ସୁଦର୍ଶନ ଦାଶ, ପ୍ରାନ୍ତୀୟ କାର୍ଯ୍ୟକାରୀ ସଦସ୍ୟ ରାଜକିଶୋର ସାହୁ, ଭାଜପା ପୁରୀ ଜିଲ୍ଲା ସଭାପତି ଦେବେନ୍ଦ୍ର ନାଥ ତରାଇ, ସି ପି ଏସ ପୁରୀର ଅଧ୍ୟକ୍ଷ ଡ. ଅମୀୟ କାନ୍ତ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର ଓ ଜିଲ୍ଲା ପରିଷଦ ସଭ୍ୟା ବିଷ୍ଣୁ ପ୍ରିୟା ବରାଳ ପ୍ରମୁଖ ଯୋଗଦେଇ ପୁରୀ ଜିଲ୍ଲାର ଶ୍ରମିକ ନେତା ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର ଙ୍କ ମହାନ ପ୍ରଚେଷ୍ଟାର ଅନନ୍ୟ ଅନୁଷ୍ଠାନ ସାଇ ଏକାଡେମୀ ଗଠନରେ ସ୍ୱର୍ଗତ ମିଶ୍ରଙ୍କ ପରିବାରକୁ ପ୍ରଶଂସା କରିଥିଲେ । ଉତ୍ସବରେ ଶିକ୍ଷାବିତ ଲୋକନାଥ ପାଣି ଅଧକ୍ଷତା କରିଥିବାବେଳେ ସଂଯୋଜନା କରିଥିଲେ ଶ୍ୟାମ ପ୍ରକାଶ ସେନାପତି ।

## ଓ୍ୱାଇଜିଟିଟିଏ ରାଜ୍ୟ ମାନ୍ୟତା ଟିଟି

# ନେହା, ସାର୍ଥକ ବିଜେତା

କଟକ: ବିଜୁ ପଟ୍ଟନାୟକ ଇନଡୋର ହଲରେ ଚାଲିଥିବା ୩୦ତମ ଓ୍ୱାଇଜିଟିଟିଏ ରାଜ୍ୟ ଓପନ ମାନ୍ୟତା ଟେବୁଲ ଟେନିସ୍ (ଟିଟି) ପ୍ରତିଯୋଗିତା ରବିବାର ଉଦଯାପିତ ହୋଇଛ । ମହିଳା ଏକକ ବର୍ଗରେ ରେଳବାଇର ନେହା କୁମାରୀ ବିଜେତା ଓ ଭୁବନେଶ୍ୱର ଟିଟିଏର ଶ୍ୱେତପଦ୍ମା ଦଳାଇ ଉପବିଜେତା ହୋଇଛନ୍ତି । ପୁରୁଷ ଏକକରେ କଟକର ସାର୍ଥକ ଆର୍ଯ୍ୟ ବିଜେତା ଏବଂ ଶୁଭେନ୍ଦୁ ସହ ଉପବିଜେତା ହୋଇଛନ୍ତି । ବିଭିନ୍ନ ବୟସ ବର୍ଗରେ ଗାୟତ୍ରୀ ପଟ୍ଟନାୟକ, ଅନଭି ସୁଦୀପ କୁମାରୀ, ରୁଦ୍ର ରଣବୀର ଓ ସ୍ୱସ୍ତିକ୍ ସିଂହ, ଶ୍ୱେତା ବର୍ମା ଓ ଆରାଧ୍ୟା ସାହୁ, ଅଭିଷେକ ଦାସ ଓ କେ. ଶିବଶଙ୍କର, ଜିଜ୍ଞାସୁ ସାଇକିରଣ ପ୍ରଧାନ ଓ ସୟଦ ଅର୍ଶ ଅଲ୍ଲୀ, ଉର୍ଜା ବର୍ମା ଓ ଶ୍ୱେତା ବର୍ମା, ବାଳକରେ ଜିଜ୍ଞାସୁ ସାହୁ ଓ ଜିଜ୍ଞାସୁ ସାଇକିରଣ ପ୍ରଧାନ, ଶ୍ୱେତପଦ୍ମା ଦଳାଇ ଓ ସାକ୍ଷୀ ଭଗତ ଏବଂ ସାର୍ଥକ ଆର୍ଯ୍ୟ ଓ ଜିଜ୍ଞାଶୁ ସାହୁ ଶୀର୍ଷ ଦୁଇ ସ୍ଥାନ ଦଖଲ କରି ପୁରସ୍କୃତ ହୋଇଛନ୍ତି । ପୁରସ୍କାର ବିତରଣୀ ଉତ୍ସବରେ ଓଡ଼ିଶା ଅଲିମ୍ପିକ୍ସ ସଂଘ ସମ୍ପାଦକ ଅଭିଜିତ ପାଲ, ରାଜ୍ୟ ଟିଟି ସଂଘ ସମ୍ପାଦକ ରବୀନ୍ଦ୍ର ପରିଡ଼ା, ଅବଦୁଲ ୱାହିଦ, ନିହାର ରଞ୍ଜନ ମିଶ୍ର ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି